# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୦/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, April 10/2019 | ★★★★

୪୫ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






 କ୍ଷମତା ପାଇଁ କଂଗ୍ରେସ ଯେକୌଣସି ଦଳ ସହ ମେଣ୍ଟ କରିପାରେ। କଶ୍ମୀରକୁ ଭାରତରୁ ଅଲଗା କରିବାକୁ ଚାହୁଁଥିବା ଦଳ ସହ କଂଗ୍ରେସ ହାତ ମିଳାଇଛି।
-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ନନ୍ ବଳାତ୍କାର ଘଟଣା ବିଶପ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ

**କୋଟ୍ଟାୟାମ,୯।୪:** କେରଳ ନନ୍ ବଳାତ୍କାର ମାମଲାରେ ଜଳନ୍ଧରର ପୂର୍ବତନ ବିଶପ୍ ଫ୍ରାନ୍‌କୋ ମୁଲାକ୍କାଲଙ୍କ ବିରୋଧରେ ପାଲାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଛି। ମାମଲାର ତଦନ୍ତ କରୁଥିବା ଭାଇକମ୍‌ର ଡେପୁଟି ଏସ୍‌ପି କେ. ସୁଭାଷ ମଙ୍ଗଳବାର ଅପରାହ୍ନରେ ଏହି ଚାର୍ଜଶିଟ୍



ଦାଖଲ କରିଛନ୍ତି। ଏହି ମାମଲାରେ ମେଜର ଆର୍କବିଶପ୍ କାର୍ଡିନାଲ ଜର୍ଜ ଆଲେଚେରୀ, ବିଶପ୍ ଯୋଶେଫ କଲାରାଙ୍ଗଓ, ୨୫ ନନ୍, ୧୧ ପୂଜକଙ୍କ ସମେତ ୮୩ ଜଣ ସାକ୍ଷୀ ରହିଛନ୍ତି। ବିଶପ୍ ଫ୍ରାନ୍‌କୋଙ୍କ ବିରୋଧରେ ଆଇପିସିର ଧାରା ୩୪୨, ୩୭୬(୨)(କେ), ୩୭୬ (୨)(ଏନ୍), ୩୭୬ (ସି)(ଏ), ୩୭୭ ଏବଂ ୫୦୬(୧)ରେ ଅଭିଯୋଗ ହୋଇଛି। ତାହା ପ୍ରମାଣିତ ହେଲେ ବିଶପଙ୍କୁ ୧୦ ବର୍ଷରୁ ଆଜୀବନ ଜେଲ୍‌ଦଣ୍ଡ ମିଳିପାରେ।

### କେ.ଏମ୍.ମଣିଙ୍କ ପରଲୋକ



**କୋଚି,୯।୪(ପି.ଟି.):** କେରଳ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ କେ.ଏମ୍. ମଣିଙ୍କର ମଙ୍ଗଳବାର ସନ୍ଧ୍ୟାରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ୬ ପିଲା ଅଛନ୍ତି। କିଛି ବର୍ଷ ହେଲା ଶ୍ୱାସ ସମସ୍ୟାଜନିତ ରୋଗରେ ପୀଡିତ ଥିଲେ। ସୋମବାର ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ମଣି କ୍ରମାଗତ ଭାବେ ୫ ଦଶନ୍ଧି ଧରି ପାଲା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କେରଳ କଂଗ୍ରେସ(ଏମ୍) ରାଜ୍ୟରେ ୟୁଡିଏଫ୍ ମେଣ୍ଟର ସହଯୋଗୀ ଦଳ ଥିଲା।

### ବିସ୍ଫୋରଣରେ ଇଞ୍ଜିନିୟର ମୃତ, ୮ ଆହତ

**କାନପୁର,୯।୪:** କାନପୁରସ୍ଥିତ ଏକ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ ଘଟି ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ହେବା ସହ ୮ ଜଣ ଆହତ ହୋଇଛନ୍ତି। ଇଞ୍ଜିନିୟର ଜଣକ ଲାଇଟ ଫିଲ୍ଡ ଗନ୍ (ଏଲ୍‌ଏଫ୍‌ଜି) ବ୍ୟାରେଲ୍‌ର ପ୍ରେସର ଯାଞ୍ଚ କରୁଥିବାବେଳେ ଏହା ସହ ସଂଯୁକ୍ତ ନାଇଟ୍ରୋଜେନ୍ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ପୂର୍ବରୁ କେବେ ଏଭଳି ବିସ୍ଫୋରଣ ହୋଇ ନ ଥିଲା ବୋଲି କାରଖାନାର ମୁଖ୍ୟ ପରିଚାଳକ ଏମ୍.କେ. ଗର୍ଗ କହିଛନ୍ତି। ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଜଣାଇ ଦିଆଯାଇଛି। କ'ଣ ପାଇଁ ବିସ୍ଫୋରଣ ଘଟିଲା ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଆହତମାନେ କିଛି ଦୂରକୁ ଛିଟିକି ପଡିଥିଲେ। ସେମାନଙ୍କ ମଧ୍ୟରୁ କେତେକଙ୍କ ଶରୀର ଆଂଶିକ ପୋଡିଯିବା ସହ କେତେଜଣ ବଧିର ହୋଇଯାଇଥିବା କୁହାଯାଉଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଏ.ଏସ୍. ରାଜପୁତ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର ଥିଲେ।

ଇତିହାସର ଆଇନାରେ

### ଏପ୍ରିଲ ୧୦ର ପ୍ରମୁଖ ଘଟଣା

୧୯୭୨ ଏପ୍ରିଲ ୧୦ରେ ଭିଏତନାମ ଯୁଦ୍ଧ ସଂଗଠିତ ହୋଇଥିଲା। ଆମେରିକୀୟ ବୋମାବର୍ଷୀ ବିମାନ ବି-୫୨ ବମ୍ବର୍ସ ଉତ୍ତର ଭିଏତନାମ୍‌ରେ କ୍ରମାଗତ ବୋମା ମାଡ କରିଥିଲା। ଭିଏତନାମ ଯୁଦ୍ଧକୁ ମଧ୍ୟ ଦ୍ୱିତୀୟ ଇଣ୍ଡୋ-ଚାଇନା ଓ୍ୱାର କୁହାଯାଏ। ଉତ୍ତର ଭିଏତନାମ୍ ଏବଂ ଦକ୍ଷିଣ ଭିଏତନାମ ମଧ୍ୟରେ ଏହି ଯୁଦ୍ଧ ହୋଇଥିଲା।

୨୦୧୬ ଏପ୍ରିଲ ୧୦ରେ ଆଫଗାନିସ୍ତାନର ଆଶକଶମରେ ଭୂମିକମ୍ପ ଯୋଗୁ ଭାରତ, ତାଜିକିସ୍ତାନ, ଶ୍ରୀନଗର ଏବଂ ପାକିସ୍ତାନରେ ଏହାର ପ୍ରଭାବ ଅନୁଭୂତି ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲା ୬.୬।



ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ଦିନରେ ମହାରାଷ୍ଟ୍ରର ଲାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ରାଲିରେ ଉଦ୍‌ବୋଧନ ଦେଉଛନ୍ତି।



ଉତ୍ତରପ୍ରଦେଶର ବିଜ୍‌ନୋରଠାରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀଙ୍କ ରୋଡ୍ ଶୋ।

## ୪ ଜନମତ ସର୍ଭେ ରିପୋର୍ଟ

# ଏନ୍‌ଡିଏକୁ ମିଳିବ ସଂଖ୍ୟାଗରିଷ୍ଠତା

ନୂଆଦିଲ୍ଲୀ,୯।୪

**■ଏନ୍‌ଡିଏକୁ ୨୬୭,ଉପାକୁ ୧୪୨ ଆସନ ମିଳିବ: ସି-ଭୋଟର ସର୍ଭେ**

**■ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ସର୍ଭେ: ଏନ୍‌ଡିଏକୁ ୨୭୫, ଉପାକୁ ୧୪୭ ଆସନ**

ଆସନ୍ତା ୧୧ ତାରିଖରୁ ୭ ପର୍ଯ୍ୟାୟରେ ହେବାକୁ ଯାଉଥିବା ଲୋକ ସଭା ନିର୍ବାଚନରେ ଶାସକ ଏନ୍‌ଡିଏ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସଫଳ ହେବ ବୋଲି ୪ଟି ଜନମତ ସର୍ଭେ ରିପୋର୍ଟରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ ମେଣ୍ଟକୁ କୁହୁକ ସଂଖ୍ୟା (୨୭୩)ରୁ ଅଧିକ ଆସନ ମିଳିବ ବୋଲି ଆଶା କରାଯାଉଛି। ୨୦୧୪ ନିର୍ବାଚନରେ ଏନ୍‌ଡିଏ ମେଣ୍ଟକୁ ୩୩୦ରୁ ଅଧିକ ଆସନ ମିଳିଥିଲା। ତେବେ ଗତ ୪ ଦିନ ମଧ୍ୟରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ ପୁଲୱାମା ଆକ୍ରମଣ ଏବଂ ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନରୁ ମୋଦିଙ୍କୁ ଫାଇଦା ମିଳିବାକୁ ଯାଉଛି। ପ୍ରଥମ ଥର ପାଇଁ ନିର୍ବାଚନରେ ଅର୍ଥନୀତି, ନିଯୁକ୍ତି ଆଦି ପ୍ରସଙ୍ଗଠାରୁ ଦୂରେଇ ଯାଇ ବିଭିନ୍ନ ଦଳ ସୁରକ୍ଷାକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି।

ସି-ଭୋଟର ସର୍ଭେ ଅନୁଯାୟୀ ଶାସକ ଏନ୍‌ଡିଏକୁ ୨୬୭ ଆସନ ମିଳିବାକୁ ଥିବାବେଳେ ଟାଇମ୍ସ ନାଓ-ଭିଏମ୍‌ଆର୍ ଓପିନିୟନ ପୋଲ୍‌ରେ ଉକ୍ତ ମେଣ୍ଟକୁ ୨୭୯ ଆସନ ମିଳିବ ବୋଲି କୁହାଯାଇଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ଏହାର ସହଯୋଗୀ ୧୪୧ ଆସନରେ ସୀମିତ ରହିପାରନ୍ତି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ଅଛି। ସି-ଭୋଟର ସର୍ଭେ ଅନୁଯାୟୀ ଉପା ମେଣ୍ଟକୁ ୧୪୨ ଓ ଅନ୍ୟାନ୍ୟ ଦଳକୁ ୧୩୪ ଆସନ ମିଳିବ। ସେହିପରି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ସର୍ଭେରେ ଏନ୍‌ଡିଏକୁ ୨୭୫, ଉପାକୁ ୧୪୭ ଏବଂ ଅନ୍ୟ ଦଳଗୁଡିକୁ ୧୨୧ ଆସନ ମିଳିବ ବୋଲି କୁହାଯାଇଛି। ସେହିପରି ସିଏସ୍‌ଡିଏସ୍-ଲୋକନୀତି ସର୍ଭେରେ ଏନ୍‌ଡିଏକୁ ୨୬୩ରୁ ୨୮୩, ଉପା ମେଣ୍ଟକୁ ୧୧୫ରୁ ୧୩୫ ଏବଂ ଅନ୍ୟ ଦଳଗୁଡିକୁ ୧୩୦ରୁ ୧୬୦ ଆସନ ମିଳିବା ଆଶାବ୍ୟକ୍ତ କରାଯାଇଛି। ଟାଇମ୍ସ ନାଓ-ଭିଏମ୍‌ଆର୍ ସର୍ଭେରେ ଏନ୍‌ଡିଏକୁ ୨୭୯, ଉପାକୁ ୧୪୯ ଏବଂ ଅନ୍ୟ ଦଳକୁ ୧୧୫ ଆସନ ମିଳିବ ବୋଲି କୁହାଯାଇଥିବାବେଳେ ପୋଲ୍ ଅଫ୍ ପୋଲ୍ସ ସର୍ଭେ ଏନଡିଏ, ଉପା ଓ ଅନ୍ୟାନ୍ୟ ଦଳଙ୍କୁ ଯଥାକ୍ରମେ ୨୭୩, ୧୪୧ ଓ ୧୨୯ ଆସନ ମିଳିବ ବୋଲି କହିଛି। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ୯୦ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଯାଉଥିବାବେଳେ ଏହା ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ପ୍ରକ୍ରିୟା ବୋଲି କୁହାଯାଉଛି। ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ଅନେକ ଆକର୍ଷଣୀୟ ପ୍ରତିଶ୍ରୁତି ଦିଆଯାଇଛି।

## ଛତିଶଗଡ ମାଓବାଦୀ ଆକ୍ରମଣର ଘଟଣାକ୍ରମ

- ୨୦୧୩ ମେ ୨୫ରେ ଛତିଶଗଡର ଜିରାମ୍ ଘାଟିରେ ମାଓବାଦୀ ଆକ୍ରମଣ ଯୋଗୁ କଂଗ୍ରେସର ବହୁ ତୁଙ୍ଗ ନେତା ମୃତ୍ୟୁବରଣ କରିଥିଲେ। 'ପିପୁଲ୍ସ ଲିବରେଶନ୍ ଗେରିଲା ଆର୍ମି'ର ଆକ୍ରମଣରେ ବହୁ କଂଗ୍ରେସ ନେତା ନିହତ ହୋଇଥିଲେ।
- ୨୦୧୭ ଏପ୍ରିଲ ୨୪ରେ ଛତିଶଗଡ ସୁକ୍‌ମା ଜିଲାରେ ମାଓବାଦୀମାନେ ସିଆରପିଏଫ୍‌ର ୨୬ ଯବାନ୍‌ଙ୍କୁ ହତ୍ୟା କରିଥିଲେ।
- ୨୦୧୮ ନଭେମ୍ବର ୧୧ରେ ଛତିଶଗଡ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ କାଟାକାଲ ଏବଂ ଗୋମ୍ ଗାଁ ମଧ୍ୟବର୍ତ୍ତୀ ଜଙ୍ଗଲରେ ବିସ୍ଫୋରଣ ଯୋଗୁ ଜଣେ ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିଥିଲା।
- ୨୦୧୮ ନଭେମ୍ବର ୮ରେ ଦାନ୍ତେୱାଡା ଜିଲାରେ ମାଓବାଦୀଙ୍କ ଦ୍ୱାରା ଆଇଇଡି ବିସ୍ଫୋରଣ ଯୋଗୁ ୪ ସାଧାରଣ ଜନତାଙ୍କ ସମେତ ଜଣେ ସିଆଇଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିଥିଲା।
- ୨୦୧୮ ନଭେମ୍ବର ୨ରେ କାଙ୍କର ଜିଲାରେ ରେ ଆଇଇଡି ବିସ୍ଫୋରଣରେ ୨ ବିଏସ୍‌ଏଫ୍ ଯବାନ ପ୍ରାଣ ହରାଇଥିଲେ। ଅକ୍ଟୋବର ୩୦ରେ ଦାନ୍ତେୱାଡା ଜିଲାରେ ୩ ପୋଲିସ ଓ ଦୂରଦର୍ଶନର ଜଣେ କ୍ୟାମେରାମ୍ୟାନ୍ ପ୍ରାଣ ହରାଇଥିଲେ।
- ୨୦୧୮ ଅକ୍ଟୋବର ୨୭ରେ ବିଜାପୁର ଜିଲାରେ ମାଓବାଦୀମାନେ ଯବାନଙ୍କ ବୁଲେଟପ୍ରୁଫ୍ ଭେଇକିଲକୁ ବିସ୍ଫୋରଣରେ ଉଡାଇଦେବାରୁ ୪ ସିଆରପିଏଫ୍ ଯବାନ ପ୍ରାଣ ହରାଇଥିଲେ।
- ୨୦୧୮ ମାର୍ଚ୍ଚ ୧୩ରେ ସୁକ୍‌ମା ଜିଲାରେ କିସ୍ତାରାମ ଅଞ୍ଚଳରେ ସିଆରପିଏଫ୍‌ର ୨୧୨ ବାଟାଲିୟନ୍‌ର ଯବାନ ପାଟ୍ରୋଲିଂ କରୁଥିବା ବେଳେ ଆଇଇଡି ବିସ୍ଫୋରଣ ଯୋଗୁ ୯ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ ହୋଇଥିଲା ଏବଂ ୬ ଯବାନ୍ ଆହତ ହୋଇଥିଲେ।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଆସାମ ହୈଲାକାଣ୍ଡିର ଏକ ନିର୍ବାଚନୀ ସଭାରେ ସ୍ୱାଗତ କରାଯାଉଛି।

### ସିବିଡିଟି ଅଧ୍ୟକ୍ଷ, ରାଜସ୍ୱ ସଚିବଙ୍କୁ ଜବାବ ମାଗିଲେ ଇସି

ନୂଆଦିଲ୍ଲୀ,୯।୪(ପି.ଟି.)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସହଯୋଗୀଙ୍କ ସମେତ ବିଭିନ୍ନ ସ୍ଥାନରେ ଆୟକର ଚଢ଼ାଉ ଘଟଣାରେ ନିର୍ବାଚନ କମିଶନ (ଇସି) ରାଜସ୍ୱ ସଚିବ ଏବଂ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ଙ୍କୁ ଜବାବ ମାଗିଛନ୍ତି। ନିର୍ବାଚନ ବେଳେ ଭଜପା ପ୍ରବର୍ତ୍ତନ ଏଜେନ୍ସିଗୁଡିକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରି ବିରୋଧୀ ଦଳକୁ ଟାର୍ଗେଟ କରୁଥିବା କଂଗ୍ରେସ ଅଭିଯୋଗ କରିବା ପରେ ଇସି ରାଜସ୍ୱ ସଚିବ ଏ.ବି. ପାଣ୍ଡେ ଏବଂ ସିବିଡିଟି ଅଧ୍ୟକ୍ଷ ପି.ସି. ମୋଦିଙ୍କୁ ଚଢ଼ାଉ ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଛନ୍ତି। ନିର୍ବାଚନ ବେଳେ ପ୍ରବର୍ତ୍ତନ ଏଜେନ୍ସିଦ୍ୱାରା ଯେକୌଣସି କାର୍ଯ୍ୟାନୁଷ୍ଠାନ ନିରପେକ୍ଷ ହେବା ଆବଶ୍ୟକ ବୋଲି ଇସି ରବିବାର ଅର୍ଥ ମନ୍ତ୍ରଣାଳୟକୁ ଜଣାଇଥିଲେ। ଆୟକର ବିଭାଗ ପକ୍ଷରୁ ମଧ୍ୟପ୍ରଦେଶ, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶର ବିଭିନ୍ନ ନେତା ଓ ଅଫିସରଙ୍କ ଘରେ ଚଢ଼ାଉ କରାଯିବା ପରେ ଇସି ଉପରୋକ୍ତ ପରାମର୍ଶ ଦେଇଥିଲେ। ଆଦର୍ଶ ଆଚରଣ ବିଧି ମାର୍ଚ୍ଚ ୧୦ରୁ ଲାଗୁ ହୋଇଥିବାରୁ ବିରୋଧୀ ଦଳ ନେତା ଓ ସେମାନଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଶେଷ

ନୂଆଦିଲ୍ଲୀ,୯।୪



ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ନିର୍ବାଚନ ଲାଗି ମଙ୍ଗଳବାର ଅପରାହ୍ନ ୫ଟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୮ଟି ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳର ୯୧ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ଆଣ୍ଡାମାନ ନିକୋବର ଏବଂ ଲାକ୍ଷାଦ୍ୱୀପ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡର ସମସ୍ତ ଆସନରେ ନିର୍ବାଚନ ହେଉଥିବାବେଳେ ଓଡିଶାର ୪ଟି, ଆସାମର ୫, ବିହାରର ୪, ଛତିଶଗଡର ଗୋଟିଏ, ଜମ୍ମୁ-କଶ୍ମୀରର ୨, ମହାରାଷ୍ଟ୍ରର ୭, ମଣିପୁରର ଗୋଟିଏ, ତ୍ରିପୁରାର ଗୋଟିଏ, ଉତ୍ତରପ୍ରଦେଶର ୮ ଓ ପଶ୍ଚିମବଙ୍ଗର ୨ ଆସନରେ ମତଦାନ ହେବ। ଏହା ବ୍ୟତୀତ ଗୁରୁବାର ଆନ୍ଧ୍ରପ୍ରଦେଶ, ସିକ୍କିମ, ଅରୁଣାଚଳପ୍ରଦେଶର ସମସ୍ତ ବିଧାନସଭା ଆସନ ଲାଗି ଭୋଟଗ୍ରହଣ ହେବାକୁ ଥିବାବେଳେ ଓଡିଶାର ୧୪୭ ବିଧାନସଭା ଆସନରୁ ୨୮ଟିରେ ମତଦାନ କରାଯିବ। ଛତିଶଗଡର ମାଓବାଦୀ ପ୍ରବଣ ବସ୍ତର ନିର୍ବାଚନ ମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଥିବାବେଳେ ମୁକ୍ତ ଓ ଅବାଧ ମତଦାନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେଠାରେ ୧୮୦୦ରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ର ମଧ୍ୟରୁ ୫୧୨ଟି ସମ୍ବେଦନଶୀଳ ଏବଂ ୨୨୪ଟି ଅତ୍ୟନ୍ତ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ ହୋଇଛି। ଦୁର୍ଗମ ଅଞ୍ଚଳରେ ଥିବା ୭୨ଟି ବୁଥ୍‌କୁ ହେଲିକପ୍ଟର ଯୋଗେ ପୋଲିଂ ପାର୍ଟିକୁ ନିଆଯାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ଲାଟୁର, ଏବଂ କର୍ନାଟକର ଚିତ୍ରଦୁର୍ଗାରେ ନିର୍ବାଚନୀ ସଭା କରିଥିଲେ। ସେହିପରି ଭାଜପା ଅଧ୍ୟକ୍ଷ ଅମିତ ଶାହ ତେଲେଙ୍ଗାନାର ରାଙ୍ଗାରେଡ୍ଡୀ ଜିଲା ଅନ୍ତର୍ଗତ ଶାମଶାବାଦରେ ପ୍ରଚାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ବିଜ୍‌ନୋରରେ ରୋଡ ଶୋ' କରିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସାମର ହୈଲାକାଣ୍ଡି ଜିଲାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ।

## ■ କିସ୍ତୱାରରେ ଆତଙ୍କବାଦୀ ଆକ୍ରମଣ

# ଆରଏସ୍‌ଏସ ନେତା, ପିଏସ୍‌ଓ ନିହତ,କର୍ଫ୍ୟୁ ଜାରି




ଗୁଳିକାଣ୍ଡ ପରେ କିସ୍ତୱାର ହସ୍ପିଟାଲରେ ଲୋକଙ୍କ ଭିଡ଼।

ଜମ୍ମୁ,୯।୪(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ସହରରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ର ଉପରକୁ ଆତଙ୍କବାଦୀ ଗୁଳି ଚଳାଇବାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଜଣେ ନେତା ଓ ତାଙ୍କର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ନିହତ ହୋଇଛନ୍ତି। ସାମ୍ପ୍ରଦାୟିକ ଦୃଷ୍ଟିରୁ ସମ୍ବେଦନଶୀଳ ଉକ୍ତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯିବା ସହ ଆଇନ ଶୃଙ୍ଖଳା ରକ୍ଷା ଲାଗି ସେନାକୁ ଡକାଯାଇଛି।

ମଙ୍ଗଳବାର ମଧ୍ୟାହ୍ନ ସମୟରେ ଆତଙ୍କବାଦୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ଧସେଇ ପଶି ଆରଏସ୍‌ଏସ୍ ନେତା ଚନ୍ଦ୍ରକାନ୍ତ ଶର୍ମାଙ୍କ ଉପରକୁ ଗୁଳି ଚଳାଇଥିଲେ। ଶର୍ମା ଓ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ରାଜିନ୍ଦର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଗୁଳିମାଡ଼ରେ ପିଏସ୍‌ଓଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଆହତ ଶର୍ମାଙ୍କୁ ଜମ୍ମୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଆକ୍ରମଣ ପରେ ଆତଙ୍କବାଦୀ ପିଏସ୍‌ଓ ରାଜେନ୍ଦ୍ରଙ୍କଠାରୁ ବନ୍ଧୁକ ନେଇ ପଳାଇଯାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତି ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରିଛନ୍ତି। ଆରଏସ୍‌ଏସ୍ ନେତା ଓ ତାଙ୍କ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେମାନେ କହିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୧୯.୦ |
| ଚାନ୍ଦବାଲି | ୩୬.୪ | ୧୯.୭ |
| କଟକ | ୩୬.୬ | ୨୨.୦ |
| ପାରାଦ୍ୱୀପ | ୩୧.୫ | ୨୪.୨ |
| ଭୁବନେଶ୍ୱର | ୩୬.୮ | ୨୨.୮ |
| ଗୋପାଳପୁର | ୩୧.୪ | ୨୫.୩ |
| ପୁରୀ | ୩୨.୬ | ୨୬.୮ |
| ଅନୁଗୋଳ | ୩୭.୧ | ୧୮.୦ |
| ବାରିପଦା | ୩୪.୫ | ୧୯.୫ |
| ଝାରସୁଗୁଡ଼ା | ୩୯.୦ | ୨୨.୧ |
| କେନ୍ଦୁଝର | ୩୬.୫ | ୧୯.୨ |
| ସମ୍ବଲପୁର | ୩୭.୪ | ୨୨.୦ |
| ସୁନ୍ଦରଗଡ଼ | ୩୭.୦ | ୧୯.୦ |
| ହୀରାକୁଦ | ୩୭.୫ | ୨୩.୬ |
| ତାଳଚେର | --- | ୨୧.୩ |
| ଭବାନୀପାଟଣା | ୩୯.୫ | ୨୪.୦ |
| ବଲାଙ୍ଗୀର | ୩୯.୭ | ୨୩.୭ |
| କୋରାପୁଟ | ୩୫.୦ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୦.୦ | ୨୨.୫ |
| ମାଲକାନଗିରି | ୪୦.୪ | ୨୧.୬ |
| ସୋନପୁର | ୩୬.୬ | ୨୨.୮ |
| ଦାରିଙ୍ଗିବାଡ଼ି | ୩୫.୮ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ୧୧ରେ 'ପିଏମ୍ ନରେନ୍ଦ୍ର ମୋଦି' ରିଲିଜ୍ ପାଇଁ ପଥ ପରିଷ୍କାର

**ମୁମ୍ବାଇ,୯।୪(ଆଇଏଏନ୍‌ଏସ୍):** ଲୋକ ସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଦିନ ଏପ୍ରିଲ ୧୧ରେ ଦେଶବ୍ୟାପୀ 'ପିଏମ୍ ନରେନ୍ଦ୍ର ମୋଦି' ରିଲିଜ ହେବାକୁ ଯାଉଛି। ଏହାର ରିଲିଜ ଉପରେ ସ୍ଥଗିତାଦେଶ ଜାରି ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାରୁ ଉକ୍ତ ଫିଲ୍ମ ସହ ଜଡ଼ିତ ଟିମ୍ ବିଚାରବିଭାଗକୁ କୃତଜ୍ଞତା ଜଣାଇଛନ୍ତି। ଅଦାଲତ କହିଥିଲେ, ଲୋକ ସଭା ନିର୍ବାଚନ ବେଳେ ଏହି ଫିଲ୍ମ ରିଲିଜ ହେଲେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଲାଭବାନ୍ ହୋଇପାରେ ବୋଲି ଯେଉଁ ଅଭିଯୋଗ କରାଯାଉଛି ତାହା ଉପରେ ନିଷ୍ପତ୍ତି ନେବା ପାଇଁ ବାସ୍ତବ କର୍ତ୍ତୃପକ୍ଷ ହେଉଛନ୍ତି ନିର୍ବାଚନ କମିଶନ।

ଉକ୍ତ ଫିଲ୍ମରେ ମୋଦି ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଅଭିନେତା ବିବେକ ଆନନ୍ଦ ଓବେରୟ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ଉକ୍ତ ଟିମ୍‌ର ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖିଥିବାରୁ ସେ ଭାରତୀୟ ବିଚାର ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଫିଲ୍ମର ଅନ୍ୟତମ ପ୍ରଯୋଜକ ସନ୍ଦୀପ ସିଂ ବହୁ ଆକାଂକ୍ଷିତ ନ୍ୟାୟ ମିଳିଥିବାରୁ ସୁପ୍ରିମକୋର୍ଟଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ଓମୁଙ୍ଗ କୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଜୀବନ ଆରମ୍ଭଠାରୁ ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ପୂରା କାହାଣୀ ବର୍ଣ୍ଣନା କରାଯାଇଛି। ଉକ୍ତ ଫିଲ୍ମ ଆମେରିକା, ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ ଏବଂ ୟୁନାଇଟେଡ ଆରବ ଏମିରେଟ୍ସ ଭଳି ୩୮ଟି ଦେଶରେ ମଧ୍ୟ ରିଲିଜ ହେବ ବୋଲି ସହ-ପ୍ରଯୋଜକ ଆନନ୍ଦ ପଣ୍ଡିତ ପ୍ରକାଶ କରିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୦/୨୦୧୯ | Bhubaneswar, Wednesday, April 10/2019



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଙ୍କିତା
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





## ସଂକ୍ଷେପରେ

### ହାତୀ ମୃତଦେହ ଠାବ

**ଢେଙ୍କିକୋଟ, ୯।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଦେଓବନ୍ଧ ଫରେଷ୍ଟ ସେକ୍ସନ ବାରବାଙ୍କ ସଂରକ୍ଷିତ ଜଙ୍ଗଲ ମଝିରେ ଏକ ଗର୍ଭବତୀ ହାତୀର ମୃତଦେହ ଠାବ ହୋଇଛି। କିଛିଦିନ ହେବ ହାତୀଟି ମରିପଡ଼ିଥିବା ବେଳେ ମଙ୍ଗଳବାର ଅପରାହ୍ଣରେ ଦେଓବନ୍ଧ ଫରେଷ୍ଟର ମୋହିନୀ ମହାନ୍ତ ଖବର ପାଇଥିଲେ। ଫରେଷ୍ଟର ଗୌରଚନ୍ଦ୍ର ନାୟକ, ଶଶିଭୂଷଣ ବାରିକ, ଫରେଷ୍ଟଗାର୍ଡ଼ ଯୋଗେଶ୍ୱର ମାଝି, ଯୋଗେନ୍ଦ୍ର ନାୟକ, ସାଗରିକା ବେଜେ, ପାରାଷ୍ଟାଫ୍ ଏବଂ ହାତୀ ସ୍କ୍ୱାଡ଼ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଘଟଗାଁ ରେଞ୍ଜର ଅଶୋକ କୁମାର ନାୟକଙ୍କୁ ଏକଥା ଜଣାଇଥିଲେ। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ହେଁ ବନ ବିଭାଗ ତଦନ୍ତ କରିଛି। ହାତୀଟି ଗର୍ଭବତୀ ଥିବା ଜଣାପଡ଼ିଛି। ହାତୀର ବୟସ ୧୫ ବର୍ଷ ବୋଲି ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି।

## କିଛି ତଥ୍ୟ

୨୦୧୭-୧୮ର ତଥ୍ୟ ମୁତାବକ ଏମ୍ଏସ୍ଏମ୍ଇଗୁଡ଼ିକ ପ୍ରାୟ ୩.୬ କୋଟି ନିଯୁକ୍ତି ସୃଷ୍ଟି କରିଛନ୍ତି।
-ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ

# ଭୋଟ ଦେବା ପାଇଁ କର୍ମଚାରୀଙ୍କୁ ଛୁଟି

**ଭୁବନେଶ୍ୱର,୯।୪(ବ୍ୟୁରୋ)**

ଆସନ୍ତା ୧୧, ୧୮, ୨୩ ଏବଂ ୨୯ ତାରିଖରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଯେଉଁ ଅଞ୍ଚଳରେ ମତଦାନ ଅନୁଷ୍ଠିତ ହେବ ସେହି ଦିନ ପ୍ରତ୍ୟେକ ଘରୋଇ ସଂସ୍ଥା, ବ୍ୟାବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଦୋକାନଗୁଡ଼ିକ ସେମାନଙ୍କ କର୍ମଚାରୀମାନଙ୍କୁ ସବୈତନିକ ଛୁଟି ପ୍ରଦାନ କରିବାକୁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ମତଦାତାମାନଙ୍କୁ ଭୋଟ ଦେବା ପାଇଁ ସୁଯୋଗ ଦେବା ସକାଶେ ଏହି ନିର୍ଦ୍ଦେଶନାମାକୁ ପାଳନ କରିବାକୁ କୁହାଯାଇଛି।

# ଏସ୍‌ସିବି ମେଡିକାଲ ରେକର୍ଡ ରୁମ୍‌ରେ ଅଗ୍ନିକାଣ୍ଡ

**କଟକ ଅଫିସ, ୯।୪**

ସୋମବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲ ରେକର୍ଡ ରୁମ୍‌ରେ ନିଆଁ ଲାଗି ଯାଇଥିଲା। ଏଥିରେ ରେକର୍ଡ ରୁମ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏସି ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ରାତି ସାରା ଏସି ଚାଲିବା ଦ୍ୱାରା ନିଆଁ ଲାଗି ଚାରିଆଡକୁ ବ୍ୟାପିଯାଇଥିବା ସନ୍ଦେହ କରାଯାଉଛି। ତେବେ ଏହି ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ଠିକ୍ ମାସକ ତଳେ ଅର୍ଥାତ୍ ମାର୍ଚ୍ଚ ୮ ବିଳମ୍ବିତ ରାତିରେ ମେଡିକାଲର ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ ଘଟି ବହୁ ଟଙ୍କାର ଯନ୍ତ୍ରାଂଶ ପୋଡ଼ି ଯାଇଥିଲା। ଉକ୍ତ ଅଗ୍ନିକାଣ୍ଡର ତଦନ୍ତ ପାଇଁ ମେଡିକାଲ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ ଜନିତ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ସୂଚନାଯୋଗ୍ୟ, ମେଡିକାଲରେ ଏସି ଓ ଅନ୍ୟ ବୈଦ୍ୟୁତିକ ସାମଗ୍ରୀ ଦିନରାତି ଚାଲୁଛି। ଅନାବଶ୍ୟକ ସ୍ଥଳେ ତାହାକୁ ବନ୍ଦ କରାଯିବା ଦରକାର। ମାତ୍ର କର୍ମଚାରୀମାନେ ଖାମଖିଆଲ ହୋଇ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ବାରମ୍ବାର ଅଗ୍ନିକାଣ୍ଡ ପରି ଦୁର୍ଘଟଣା ଘଟୁଛି।


ରେକର୍ଡ ରୁମ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

### ଜଳିଗଲା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

# ପୋଖରୀରେ ବୁଡ଼ି ଶିଶୁ ମୃତ

**ଛେଣ୍ଡିପଦା,୯।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମାର ଗାଁରେ ଥିବା ମନ୍ଦିର ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲା ଖମାର ବରସାହିର ପ୍ରକାଶ ମହାପାତ୍ରଙ୍କ ପୁଅ ସତ୍ୟ ମହାପାତ୍ର (୬)। ସତ୍ୟ ଗାଧୋଇବାକୁ ଯାଇଥିଲା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲା। ନିକଟରେ ଗାଧୋଉଥିବା ଅନ୍ୟମାନେ ତାକୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ହେଲେ ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରୋହିଣୀ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ମନ ପ୍ରଫୁଲ୍ଲ ରହିବ। ସ୍ଥଗତି କାମ ସମ୍ପନ୍ନ କରିବା ସକାଶେ ଉତ୍ସାହ, ଉଦ୍ଦୀପନା ବୃଦ୍ଧି ପାଇବ। ଅର୍ଥ ସଂକଟ ମଧ୍ୟରେ ଆକସ୍ମିକ ଯାତ୍ରା କିମ୍ବା ନୂତନ କର୍ମାରମ୍ଭ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ।

**ବୃଷ** ଲାଭାଧିପ ରବି ଚତୁର୍ଥ କେନ୍ଦ୍ରରେ ରେବତୀ ନକ୍ଷତ୍ରସ୍ଥ ହେତୁ ଅତିଶୀଘ୍ର ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁଙ୍କ ଆକୁଣ୍ଠ ସାହାଯ୍ୟ ଓ ସମର୍ଥନ ଆପଣଙ୍କ ଆଶା ପୂରଣରେ ସହାୟକ ହେବ। ଆଜି ହଠାତ୍ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** ବୃହସ୍ପତି ପାପଗ୍ରହ ଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ବଢ଼ି ଯାଇପାରେ। କାର୍ଯ୍ୟସିଦ୍ଧିରେ ବିଫଳତା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଜମିଜମା ବିବାଦ, ଆଇନ, ଅଦାଲତ କ୍ଷେତ୍ରରେ ତଥା ମାଲିମକଦ୍ଦମାରେ ବିଚାର ସପକ୍ଷରେ ଯାଇପାରେ।

**କର୍କଟ** ବ୍ୟୟଭାବରେ ରାହୁ ଆପଣଙ୍କୁ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବାରେ ବ୍ୟସ୍ତ କରାଇପାରେ। ହାତକୁ ନେଇଥିବା କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି। ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ନିଜର ମନ ଅନୁଯାୟୀ କୌଣସି କାମ ନ ହୋଇପାରିବା କାରଣରୁ ବିଚଳିତବୋଧ କରିବେ। ପାରିବାରିକ କ୍ଷେତ୍ରରେ ମନ କଥାକୁ ମନ ଭିତରେ ରଖି କେତେକ କାମ କରିବାକୁ ବାଧ ହେବେ। ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବାକୁ ପଡ଼ିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ, ଏଜେନ୍ସିପରେ ପ୍ରଶଂସିତ ହେବେ।

**କନ୍ୟା** ବୁଧ କେନ୍ଦ୍ରାଧିପ ବୃହସ୍ପତିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ଶନିଯୁକ୍ତ ହୋଇଥିବାରୁ ବିଜାତୀୟ ବ୍ୟକ୍ତିମାନଙ୍କ ସହ ମିତ୍ରତା ବୃଦ୍ଧି ପାଇବ। ଅନ୍ୟମାନଙ୍କର ସାହାଯ୍ୟ ନେଇ କାମ ହାସଲ କଲେ ମଧ୍ୟ ମାନସିକ ସ୍ତରରେ ଶାନ୍ତି ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** ଭାଗ୍ୟାଧିପ ଚନ୍ଦ୍ର ଅଷ୍ଟମଭାବସ୍ଥ ଯୋଗୁ ଅର୍ଥ ସମ୍ପର୍କ, ଜମିଜମା, କଳକବ୍ଜା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ କାରଣକୁ ନେଇ ମନରେ ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ ବାଧ୍ୟତାମୂଳକ ଭାବରେ କେତେକ କାମ କରିବେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ।

**ବିଛା** ମଙ୍ଗଳ ରୋହିଣୀ ନକ୍ଷତ୍ରରେ ସପ୍ତମଭାବରେ ରହି ଆପଣଙ୍କ ଯାତ୍ରା, ବାଣିଜ୍ୟ, ସମସ୍ୟା ସମାଧାନ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ରାଜନୈତିକ କାରଣକୁ କେନ୍ଦ୍ରକରି ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ** ସ୍ୱରାଶ୍ୟାଧିପ ପାପ ପ୍ରଭାବଯୁକ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟାକୁ ବୃଦ୍ଧି କରିପାରନ୍ତି। କର୍ମକ୍ଷେତ୍ରରେ ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ସମସ୍ୟାକୁ ବୃଦ୍ଧି କରିବାର ଆଶଙ୍କା ମଧ୍ୟ ରହିଛି। ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାର ସମାଧାନ ହୋଇ ନ ପାରେ। କ୍ରୀଡା, କଳା, କାରିଗରି ପ୍ରଭୃତି ପ୍ରତିଯୋଗିତାରେ ସଫଳତା ପାଇବେ।

**ମକର** ଶନି ବ୍ୟୟସ୍ଥାନରେ ରହିଥିଲେ ମଧ୍ୟ ରାଶିର ପୁଷ୍ଟିସାଧନ କରି ସ୍ୱାସ୍ଥ୍ୟ, ସଙ୍ଗଠନ, ଆଇନ, ଅଦାଲତ ସମ୍ବନ୍ଧୀୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପ୍ରଦାନ କରିବେ। ଅର୍ଥବ୍ୟୟ ଶ୍ରମ ବିନିଯୋଗ କରି ବନ୍ଧୁଙ୍କ ସାହାଯ୍ୟରେ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଆନୁଷ୍ଠାନିକ କାମ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ମାନସିକ ସଂଯମତା କାର୍ଯ୍ୟକ୍ଷେତ୍ରରେ ସହାୟକ ହୋଇପାରିବ। ଦୀର୍ଘଦିନରୁ ଭାଙ୍ଗି ଯାଇଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯାଇପାରେ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରରେ ସନ୍ତାନମାନଙ୍କର କିଛିଟା ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହିତ ବ୍ୟବସାୟରେ ଲାଭବାନ୍ ହେବେ।

ଆଜି ଚୈତ୍ର ଶୁକ୍ଳ ୫ମୀ ବୁଧବାର, ଏପ୍ରିଲ ୧୦ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୧।୧୧ମି. ପରେ ମୃଗଶିରା/ବୃଷ, କର୍କଟ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୦୯ମି. ଗତେ ଘ୮।୪୧ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୧ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୯ମି. ମଧ୍ୟେ ଘ୧୦।୧୨ମି. ଗତେ, ଘ୧୧।୪୩ମି. ମଧ୍ୟେ ଘ୪।୧୯ମି. ଗତେ, ଘ୬।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୮ମି. ଗତେ ଘ୧।୨୧ମି. ମଧ୍ୟେ ରାହୁକାଳ।


# classifieds




## BRIDE WANTED

ଇଞ୍ଜିନିୟର ଯୁବକ, ବୟସ୪୧, ଦ୍ୱିତୀୟ ବିବାହ ପାଇଁ କୁମାରୀ, ବିଧବା, ଛାଡ଼ପତ୍ର ପାଇଥିବା, ପାଞ୍ଚଥର ନମାଜ ପଢୁଥିବା, ନିଜ ଧର୍ମରେ ବିଶ୍ୱାସ, ତନୁପାତଳୀ କନ୍ୟାଙ୍କର ବିବାହ ପ୍ରସ୍ତାବ ଆବଶ୍ୟକ। 9985784765. D-12025

Girl for karan 1979/170 cm. M.Tech (IIT Bombay) internship Steinbeis University Germany Commander Indian Navy. Contact. 09438183860. D-12049

Brahmin boy 1989, 5'8'' MBA. Manager Accenture Bangalore "Sunasansar". 9937512659. D- 12050

ତେଲିପାତ୍ର ୫୫ + ମାଟ୍ରିକ୍ କମ୍ପାନୀ ଚାକିରି ପାଇଁ ସହୃଦୟା ମହିଳା ଆବଶ୍ୟକ। 7377316197. D-59930

Brahmin 1989 B.Tech NIT, MBA Xavier, software Bangalore. 6372663936, 9238578599. D- 60121

Khandayat 45/5'7" highly paid software Engineer at America searching for unmarried/ issueless widow/ divorced around 35 Doctor/Engineer/any graduate bride of any caste other than SC/ ST. 8327789819. D-12044

## GROOM WANTED

Divorcee bride CA 40, Doctor 43, Business 36 (caste-no-bar)- 7873374269. D- 66424

Now Matrimonial ads. only on Wednesday & Sunday
Book 1 Get 1 FREE

## real estate

### SALE

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ (**Grand bazar**) **NH5**ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** କିଣନ୍ତୁ। **9938737955.** D-66323

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ସ୍ଥିତିବାନ ଘରବାରି ପ୍ଲଟ ରେଡଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Book 4BHK duplex land area 1750 sqft. and construction area 2400sqft. at Jagamara, Khandagiri, Bhubaneswar. Price- 93 lakhs. 7326084916. D-66074

ନଖରା ତ୍ରିନାଥ ବଜାରଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପୀଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

Plot for sale Patrapada, Bhubaneswar near Inox Mall, gharabari yellowzone, price 849/-: 9437335686,, 7008487006. D-66421

3BHK flat with parking at IRC Village, Nayapalli, Bhubaneswar: 7008899401. D-65633

Plot at Balianta Tahasil, Bhubaneswar. Pay 50% get registration rest in installments first 10 Govt. corporate employees: 7077102741. D- 58075

**Gharabari plot measuring 340 decimal near Pipili checkgate is immediate for sale. 9937162220.** D- 66119

River Bank gharabari farmhouse plot 6050 sqft. at Balianta, 7.5k.m. from Rasulgarh square. Mob: 9437277532. D- 12047

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

2400 sft. GA plot at SUM Hospital, Bharatpur, Bhubaneswar. Contact Deepak- 9937329999 (brokers excuse). D-66214

ଜଟଣୀ ଗେଟ ପାଖରେ NH5 sideରେ ଘରବାରି boundary plot ବିକ୍ରିହେବ। 9778556265. D- 66335

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

Corner developed plots around 1500 sft near Gokul and Avantika Residency, GGP Pandara road. Contact: 9437396718 (office hours) immediately. (brokers excuse) D- 66213

## to-let

New ladies hostel, 60 bed available. Marble room attached latrin bathrooms, Baramunda Bus stand. Student, employees contact: 9438423524. D-11999

1BHK, 2BHK, 3BHK with garage, Soubhagya Nagar, Unit-8, Bhubaneswar for family, office. Contact: 9337435646, 7377471310. D-66073

Independent House 3 Bedroom, 3 Bathroom, Study, Garage at L3/130, Acharya Vihar. Rent Rs.18000/-. Contact 9437366848.D-12023

2 bedroom and 1 hall with 2 toilet, kitchen in first floor having parking in Kalpana square for office, guest house, coaching centre. Contact: 9337116095. D- 65634

2BHK, drawing dining, office/residence, Patia near Big Bazar. Contact: 9853014477 D- 56640

Ground floor 2200 sqft. at Khandagiribari (near Jaydev vatika) suitable for family. 9040590798. D-12051

Ground floor, 3BR, dining, drawing, no car parking, Jagannath Ashram, Tankapani Road, Bhubaneswar. 9438061655. D- 58074

House at Nayapalli near DAV/ Stewart School for family. 9438490107. D-65874

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Experience fullbody massage with us by experts. Enquiry- 0674-2597822, 7377048581. D-66066

Herbal full body massage by smart/expert therapist. Contact: 8338067247. D-66067

Summer special mesmerizing offer expert therapeutic refreshing massage appointment. 9668374480. D-66069

Herbal full body massage with refreshment by well trained therapist. 7381239385, 0674-2540855. D-66065

Ayurvedic full body massage ladies/ gents experts therapist. 8338097451 . D-65871

Newly opening ayurvedic body massage smart therapist Shree herbal. 7750020754.D-66068

Sampark ayurvedic massage club fully relaxed by smart lady, home service available. 8280102993. D-65873

## education

Film making, Acting courses at best Schools of Mumbai. Career at Bollywood. 7978231072. D-66427

## astrology

ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଳେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।


### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୦/୨୦୧୯ | Bhubaneswar, Wednesday, April 10/2019 | ପୃଷ୍ଠା-୧



## ଦୁବାଇ ଚେସ୍‌ରେ ଦେବାଶିଷ ଅପରାଜେୟ

ଦୁବାଇ ଓପନ ଅନ୍ତର୍ଜାତୀୟ ଚେସ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଅପରାଜିତ ରହିଛନ୍ତି ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ।

୧୪

୦୪

## ସାଇନାଙ୍କ ବାୟୋପିକ୍‌ରେ ପରିଣୀତି

ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକା ନେବେ।






**ଆଜିର ସମ୍ପାଦକୀୟ**

ବିରୁଡ଼ି ବସାରେ ହାତ

**ଆଜିର ମନ୍ତବ୍ୟ**

"ପାକିସ୍ତାନ ସୃଷ୍ଟି ପାଇଁ କଂଗ୍ରେସ ଦାୟୀ। ଏହାର ନେତା ବୁଦ୍ଧିମାନର ସହ କାର୍ଯ୍ୟ କରିଥିଲେ ଦେଶ ବିଭାଜନ ହୋଇ ନ ଥାନ୍ତା।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 09.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers

### ଦାନ୍ତେୱାଡ଼ାରେ ମାଓବାଦୀ ଆକ୍ରମଣ

# ଭାଜପା ବିଧାୟକଙ୍କ ସମେତ ୫ ମୃତ



ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଧ୍ୱସ୍ତବିଧ୍ୱସ୍ତ ଗାଡ଼ି ।

**ଦାନ୍ତେୱାଡ଼ା,୯।୪**

ପ୍ରଥମ ପର୍ଯ୍ୟାୟ ନିର୍ବାଚନର ୨ ଦିନ ପୂର୍ବରୁ ଛତିଶଗଡ଼ର ଦାନ୍ତେୱାଡାରେ ମାଓବାଦୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ସ୍ଥାନୀୟ ଭାଜପା ବିଧାୟକ ଭୀମ ମାଣ୍ଡଭିଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ବିଧାୟକ ମାଣ୍ଡଭି କିରଣଡୋଲରୁ ନିର୍ବାଚନ ପ୍ରଚାର ସାରି ଫେରୁଥିବାବେଳେ ତାଙ୍କ ଗାଡ଼ିକୁ ଟାର୍ଗେଟ କରି ମାଓବାଦୀ ରାସ୍ତାରେ ଶକ୍ତିଶାଳୀ ଆଇଇଡି ଖଞ୍ଜିଥିଲେ। ରାଜଧାନୀ ରାୟପୁରଠାରୁ ପାଖାପାଖି ୩୫୦ କିମି ଦୂର ଶ୍ୟାମଗିରି ପାହାଡ ନିକଟରେ ଏହି ବିସ୍ଫୋରଣ ଘଟିଛି। ବିଧାୟକଙ୍କ ଗାଡି ଆସିବାର ପାଖାପାଖି ୨ ଘଣ୍ଟା ପୂର୍ବରୁ ବିସ୍ଫୋରକ ଖଞ୍ଜା ଯାଇଥିବା କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଗାଡ଼ିଟି ଖଣ୍ଡଖଣ୍ଡ ହୋଇ କିଛି ଦୂରକୁ ଛିଟିକି ପଡିବା ସହ ଉକ୍ତ ସ୍ଥାନରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ମୃତକଙ୍କ ମଧ୍ୟରେ ବିଧାୟକ ଏବଂ ୪ ସୁରକ୍ଷା ଯବାନ ଅଛନ୍ତି। ଅନ୍ୟମାନଙ୍କୁ କାରରୁ ବାହାର କରିବାକୁ ଉଦ୍ୟମ କରାଯିବା ବେଳେ ଲୁଚିରହିଥିବା ମାଓବାଦୀମାନେ ଗୁଳି ଚଳାଇଥିଲେ। ଘଟଣା ପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି।

ଇତିମଧ୍ୟରେ ଘଟଣାସ୍ଥଳକୁ ସିଆରପିଏଫ୍ ଯବାନଙ୍କୁ ପଠାଯାଇଛି। ଗତବର୍ଷ ନିର୍ବାଚନରେ ଭୀମ ମାଣ୍ଡଭି ଦାନ୍ତେୱାଡା ଆସନରେ କଂଗ୍ରେସ ପ୍ରାର୍ଥୀ ଦେବତୀ କର୍ମାଙ୍କୁ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଛତିଶଗଡ଼ରେ ୧୧, ୧୮ ଏବଂ ୨୩ ତାରିଖରେ ୩ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନରେ ଭୋଟ ନ ଦେବା ଲାଗି ମାଓବାଦୀ ପୂର୍ବରୁ ସ୍ଥାନୀୟ ଲୋକମାନଙ୍କୁ ଚେତାବନୀ ଦେଇଥିଲେ। ଏନେଇ ବିଭିନ୍ନ ସ୍ଥାନରେ ସେମାନେ ପୋଷ୍ଟର ଲଗାଇଥିଲେ। ସୁରକ୍ଷା ଦୃଷ୍ଟିରୁ ବିଧାୟକଙ୍କୁ ଉକ୍ତ ଅଞ୍ଚଳକୁ ପ୍ରଚାରରେ ନ ଯିବା ଲାଗି କୁହାଯାଇଥିଲେ ହେଁ ସେ ଲୋକଙ୍କ ପାଖରେ ନିଜର ବାର୍ତ୍ତା ପହଞ୍ଚାଇବା ପାଇଁ ଚାହିଁଥିଲେ ବୋଲି ଏକ ସୂତ୍ରରୁ ଜଣାପଡିଛି।

☞ପୃଷ୍ଠା-୧୨

### ୨୦୧୯ ନିର୍ବାଚନ ଲାଗି ବିଜେଡିର ଇସ୍ତାହାର ଜାରି

# କୃଷକ, ନାରୀ, ଯୁବ ସଶକ୍ତୀକରଣକୁ ଗୁରୁତ୍ୱ



ବିଜେଡିର ନିର୍ବାଚନ ଇସ୍ତାହାରକୁ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ଭର୍ତ୍ତୃହରି ମହତାବ ଓ ମହିଳା ବିଜେଡି ସଭାନେତ୍ରୀ ମିନତି ବେହେରା ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଉନ୍ମୋଚନ କରୁଛନ୍ତି।

- କାଳିଆ କମିଶନ ଗଠନ ହେବ
- ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବିଭାଗ
- ମହିଳାଙ୍କ ସ୍ୱାସ୍ଥ୍ୟବୀମା ୧୦ ଲକ୍ଷକୁ ବୃଦ୍ଧି
- ଦ୍ୱୈତନଗରୀରେ ମେଟ୍ରୋ ରେଲୱେ
- ଶିକ୍ଷାନୁଷ୍ଠାନରେ ମାଗଣା ୱାଇ-ଫାଇ

ଭୁବନେଶ୍ୱର, ୯।୪(ବ୍ୟୁରୋ)

ରାଜ୍ୟରେ ଏକ ସଙ୍ଗରେ ହେବାକୁ ଥିବା ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ବିଜେଡି ମଙ୍ଗଳବାର ଇସ୍ତାହାର ଜାରି କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କାର୍ଯ୍ୟାଳୟରେ ତାହାକୁ ଉନ୍ମୋଚନ କରିଛନ୍ତି। ବିଜେଡି ଇସ୍ତାହାରରେ କୃଷକ, ମହିଳା ଏବଂ ଯୁବବର୍ଗଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ ସରକାର ଦ୍ୱାରା ପାଳନ ହୋଇଥିବା କେତେକ ପ୍ରମୁଖ ପ୍ରତିଶ୍ରୁତି ଓ ରାଜ୍ୟ ସରକାରଙ୍କ ସଫଳତାକୁ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପକ୍ଷରୁ ପୂର୍ବ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଦଳ ପକ୍ଷରୁ କୃଷି, ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହିତ ମହିଳାମାନଙ୍କ ସଶକ୍ତୀକରଣ ଦିଗରେ ପଦକ୍ଷେପ ନିଆଯିବ। ବିଜେଡିର ଇସ୍ତାହାର, ସାଧାରଣ ଲୋକଙ୍କ ଇସ୍ତାହାର। ବିଜେଡି ପ୍ରତିଶ୍ରୁତି ପାଳନରେ ଖିଲାପ କରେନାହିଁ। ଏଥର ନିର୍ବାଚନ ପାଇଁ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଜେଡି ସରକାର ଗଢିବାର ପ୍ରଥମ ଦିନ ବାକି ଥିବା କାଳିଆ ଯୋଜନା ସହାୟତା ପ୍ରଦାନ କରାଯିବା ନେଇ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି କାଳିଆ ଯୋଜନାକୁ ସୂଚାରୁରୂପେ କାର୍ଯ୍ୟକାରୀ ଏବଂ ତଦାରଖ କରିବା ପାଇଁ 'କାଳିଆ କମିଶନ' ଗଠନ କରାଯିବ। କୃଷକଙ୍କୁ ଦିଆଯାଉଥିବା ସହାୟତା ରାଶି ୩ ବର୍ଷ ପରେ କେଉଁ ହାରରେ ଲାଗୁ କରାଯିବ ତାହା ଉକ୍ତ କମିଶନ ସୁପାରିସ କରିବ। ସେହିପରି ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶସ୍ୟଋଣ ପ୍ରଦାନ କରାଯିବ। ସାରା ରାଜ୍ୟରେ ୨୪ ଘଣ୍ଟିଆ କୃଷକ ସହାୟତା କେନ୍ଦ୍ର ଏବଂ ଅତ୍ୟାଧୁନିକ ଲଜିଷ୍ଟିକ୍ ସେଟ୍‌ଅପ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରିବାରେ କେନ୍ଦ୍ରରେ ଥିବା ସମସ୍ତ

☞ପୃଷ୍ଠା-୧୨

# ଓଡ଼ିଶା ସୀମାରେ ହାଇ ଆଲର୍ଟ

## ମାଓବାଦୀ ପ୍ରବଣ ଅଞ୍ଚଳରେ ନେତାଙ୍କୁ ସତର୍କ କଲେ ଡିଜିପି

ଭୁବନେଶ୍ୱର,୯।୪ (ବ୍ୟୁରୋ)

- ନେତାଙ୍କ ଗସ୍ତ ପୂର୍ବରୁ ପୋଲିସକୁ ଜଣାଇବାକୁ ନିର୍ଦ୍ଦେଶ
- ସୁରକ୍ଷିତ ନିର୍ବାଚନ ଓ ଆଇନଶୃଙ୍ଖଳା ନେଇ ବୈଠକ
- ଆଗୁଆ ଗୋଇନ୍ଦା ସୂଚନା ଉପରେ ଗୁରୁତ୍ୱାରୋପ

ଛତିଶଗଡ଼ ଦାନ୍ତେୱାଡାରେ ମଙ୍ଗଳବାର ନିର୍ବାଚନୀ ଶୋଭାଯାତ୍ରା ଯାଉଥିବାବେଳେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଭାଜପା ବିଧାୟକ ଭୀମ ମାଣ୍ଡଭି ଓ ୪ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଥିବାରୁ ଓଡ଼ିଶାରେ ମଧ୍ୟ ମାଓବାଦୀମାନେ ଆକ୍ରମଣ ଓ ବିଶୃଙ୍ଖଳା ସୃଷ୍ଟି କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସୀମା ସମେତ ମାଓବାଦୀ ପ୍ରବଣ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ଏଥିସହ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ସେହିଭଳି ସୀମା ଦେଇ ଆସୁଥିବା ଗାଡ଼ିଗୁଡିକୁ ତନ୍ନତନ୍ନ କରି ଯାଞ୍ଚ ଚାଲିଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବା ସହ ମାଓବାଦୀଙ୍କ ଗତିବିଧି ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ଏନେଇ ସମସ୍ତ ଜିଲାର ଏସ୍‌ପିମାନଙ୍କୁ ସତର୍କ କରି ଦିଆଯାଇଛି ବୋଲି ଡିଜିପି ଇନ୍‌ଚାର୍ଜ ବି.କେ. ଶର୍ମା କହିଛନ୍ତି। ସେ କହିଛନ୍ତି, ବିଶେଷକରି ରାଜନେତାଙ୍କ

☞ପୃଷ୍ଠା-୧୨






ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ–ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ।
–ଶ୍ରୀଅରବିନ୍ଦ



# ବିରୁଡ଼ି ବସାରେ ହାତ

ଭାରତୀୟ ଜନତା ପାର୍ଟି(ଭାଜପା) ୮ ଏପ୍ରିଲ ୨୦୧୯ରେ ଜାତୀୟ ସ୍ତରରେ ନିର୍ବାଚନ ଇସ୍ତାହାର ଘୋଷଣା କରିଛି। ଏହି ସଂକଳ୍ପପତ୍ରରେ ଟ୍ୟାଗ୍‌ଲାଇନ୍ ରଖାଯାଇଛି 'ସଂକଳ୍ପିତ ଭାରତ, ସଶକ୍ତ ଭାରତ'। ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା, ସମ୍ବିଧାନର ଧାରା ୩୭୦ ଉଚ୍ଛେଦ, ଏକକ ଦେଓ୍ୱାନି ସଂହିତା ଭଳି ପୂର୍ବ ସଂକଳ୍ପକୁ ଘୋଷଣାପତ୍ରରେ ସ୍ଥାନ ଦିଆଯାଇଥିବା ବେଳେ କୃଷିର ବିକାଶ, ନାରୀ ସଶକ୍ତୀକରଣ ଭଳି ୭୫ଟି ଦିଗ ଏଥିରେ ସ୍ଥାନ ପାଇଛି। ତେବେ ପ୍ରଥମ ଥର ପାଇଁ ଧାରା '୩୫ କ' କୁ ହଟାଇବା ସକାଶେ ଦଳ ସଂକଳ୍ପବଦ୍ଧ ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଧାରା ଅନୁଯାୟୀ ଜମ୍ମୁ ଓ କଶ୍ମୀରରେ କେଉଁମାନେ ସ୍ଥାୟୀ ବାସିନ୍ଦା, ସେମାନଙ୍କୁ ଚିହ୍ନଟ କରିବା ଦାୟିତ୍ୱ ରାଜ୍ୟ ଉପରେ ନ୍ୟସ୍ତ କରାଯାଇଛି। ଏଥିସହିତ ସେଠାକାର ଚାକିରି, ବାସସ୍ଥାନ ଓ ସମ୍ପତ୍ତି ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱତନ୍ତ୍ର ଅଧିକାର ରହିଛି। ଭାଜପା ଅଭିଯୋଗ କରୁଛି ଯେ, ୩୫ କ ଧାରା ଜମ୍ମୁ ଓ କଶ୍ମୀରର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ତାହାର ଉଚ୍ଛେଦ ହେବା ନିହାତି ଜରୁରୀ। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଏପରି ପ୍ରତିଜ୍ଞା ନେଇଥିବାରୁ ଏହାକୁ ଜମ୍ମୁ ଓ କଶ୍ମୀରର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ବିରୋଧ କରିବା ଆରମ୍ଭ କରିଛନ୍ତି। ସମ୍ବିଧାନର ଧାରା ୩୭୦ ଏବଂ ୩୫ କ ଉଚ୍ଛେଦ ହେଲେ ଏହାର ପରିଣାମ ଭାରତକୁ ଭୋଗିବାକୁ ପଡ଼ିବ ଏବଂ କେନ୍ଦ୍ର ସହ ରାଜ୍ୟ ସବୁପ୍ରକାର ସମ୍ପର୍କ ତୁଟାଇଦେବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ସଭାପତି ଫାରୁକ୍ ଅବଦୁଲ୍ଲା ଚେତାବନୀ ଦେଇଛନ୍ତି।

ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣ ଓ ତା' ପରବର୍ତ୍ତୀ ବାଲାକୋଟ୍ କାର୍ଯ୍ୟାନୁଷ୍ଠାନ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଅତିମାତ୍ରାରେ ବିଗିଡ଼ିଯାଇଛି। ଏଭଳିସ୍ଥଳେ ଧାରା ୩୫ କ ପ୍ରସଙ୍ଗକୁ ଭାଜପା ସଂକଳ୍ପପତ୍ରରେ ଆଣି କଶ୍ମୀରବାସୀଙ୍କ ମନରେ ଆହୁରି ଅସନ୍ତୋଷ ସୃଷ୍ଟି କରୁଛି। ବର୍ତ୍ତମାନ କଶ୍ମୀରରେ ସପ୍ତାହରେ ଦୁଇ ଦିନ ପାଇଁ ସାଧାରଣ ନାଗରିକଙ୍କ ଚଳପ୍ରଚଳ ଓ ଯାନବାହନ ଚଳାଚଳ ଉପରେ କେନ୍ଦ୍ର କଟକଣା ଲଗାଇଛି। ଫଳରେ ଏହା ସେଠାକାର ବାଣିଜ୍ୟକୁ ଘୋର କ୍ଷତି ପହଞ୍ଚାଇବା ସହ ଲୋକଙ୍କ ସମସ୍ୟା ବଢ଼ାଇ ଦେଇଛି। ଭାଜପା ପକ୍ଷରୁ ଏହା ଆତଙ୍କବାଦଜନିତ ଆକ୍ରମଣକୁ ରୋକିବା ଦିଗରେ କରାଯାଇଛି ବୋଲି କୁହାଯାଉଥିବା ବେଳେ କଶ୍ମୀରବାସିନ୍ଦା ଏହାର ଉଚ୍ଛେଦ ଦାବି କରୁଛନ୍ତି। ତେବେ କେନ୍ଦ୍ରର ଭାଜପା ସରକାର ବିବାଦୀୟ ପ୍ରସଙ୍ଗକୁ ଉଜ୍ଜୀବିତ କରି ଉପତ୍ୟକାରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି ବୋଲି କଥା ଉଠିଲାଣି। ଭାଜପାର ରାଜନୈତିକ ଉତ୍ଥାନର ଇତିହାସ ଧର୍ମ, ଜାତି ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ଟିହାଇ ଭୋଟ ହାସଲ କରିବାରେ ଭରପୂର। ବିଗତ ନିର୍ବାଚନଗୁଡ଼ିକରୁ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା, ଧାରା ୩୭୦ ଉଚ୍ଛେଦ ଏବଂ ଦେଶରେ ଏକକ ଦେଓ୍ୱାନି ସଂହିତା ଆଣିବା ନେଇ ଭାଜପା ବାରମ୍ବାର କହିଆସୁଛି। ୨୦୧୯ ନିର୍ବାଚନରେ ଏହି ଦଳ ଭୋଟ ଲାଭ କରିବା ସକାଶେ ନୂଆ ଭାବେ ଧାରା '୩୫ କ'କୁ ଯୋଡ଼ିବା ଉଦ୍ଦେଶ୍ୟ ପ୍ରଣୋଦିତ ଜାଣି କଶ୍ମୀରର ରାଜନେତା ଓ ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି। ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଜମ୍ମୁ ଓ କଶ୍ମୀରରେ ଆଖିଦୃଶିଆ ବିକାଶ ଘଟି ନାହିଁ। ବରଂ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବଢ଼ିବା ସହ ସେଠାକାର ନାଗରିକଙ୍କ ମନରେ କେନ୍ଦ୍ର ପ୍ରତି ଅବିଶ୍ୱାସ ବଢ଼ିଛି। ପାକିସ୍ତାନ ସୀମାନ୍ତରେ ଏହି ଉପତ୍ୟକା ଥିବାରୁ ଏହାର ଅଧିବାସୀମାନଙ୍କୁ ସମ୍ବିଧାନରେ ଅଧିକ ସୁବିଧା ଦିଆଯାଇଛି। ସେଠାକାର ବାସିନ୍ଦାଙ୍କ ଜୀବନ ପ୍ରତି ସର୍ବଦା ବିପଦ ଥିବାରୁ ସେମାନଙ୍କୁ ଅଗ୍ରାଧିକାର ଦିଆଯିବାରେ କୌଣସି ଭୁଲ ନାହିଁ। ଜମ୍ମୁ ଓ କଶ୍ମୀରକୁ ସ୍ୱୟଂଶାସିତ ମାନ୍ୟତା ଦିଆଯାଇଥିଲେ ମଧ୍ୟ ପ୍ରତିରକ୍ଷା, ବହିର୍ବ୍ୟାପାର ଏବଂ ଯୋଗାଯୋଗକୁ ଏଥିରୁ ବାଦ୍ ଦିଆଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ଜମ୍ମୁ ଓ କଶ୍ମୀର ସରକାର ପ୍ରମୁଖ କ୍ଷେତ୍ରରେ କେନ୍ଦ୍ର ଉପରେ ନିର୍ଭରଶୀଳ।

ଏହି ପରିପ୍ରେକ୍ଷୀରେ ଏକ ବିବାଦୀୟ ଅଞ୍ଚଳର ଉନ୍ନତି ଦିଗରେ କେନ୍ଦ୍ର ଅଧିକ ସୁବିଧା ସୃଷ୍ଟି କରିବା ପରିବର୍ତ୍ତେ ସେମାନଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କରିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସାଧାରଣରେ ଗ୍ରହଣୀୟ ହୋଇପାରୁ ନାହିଁ। ସହଜେ ଦୀର୍ଘବର୍ଷ ହେଲାଣି ସେନାର ଉପସ୍ଥିତି ଯୋଗୁ କଶ୍ମୀରରେ ଅସନ୍ତୋଷର ବାତାବରଣ ଲାଗି ରହିଛି। ଭାରତୀୟ ସେନା ଏପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ବିଶ୍ୱାସର ସମ୍ପର୍କ ଗଢ଼ିପାରି ନାହିଁ। ଭାଜପା ସମ୍ବିଧାନ ଧାରା '୩୫ କ'କୁ ଉଚ୍ଛେଦ କରିବା ପାଇଁ ଯେଉଁ ସଂକଳ୍ପ ନେଇଛି, ତାହା ଦ୍ୱାରା ଜମ୍ମୁ ଓ କଶ୍ମୀରରେ ଅନ୍ୟ ରାଜ୍ୟର ଲୋକମାନେ ଜମି କିଣିବା ସହ ସ୍ଥାୟୀ ବାସିନ୍ଦା ହୋଇପାରିବେ। ଭାଜପାର ଯୁକ୍ତି ହେଉଛି ଯେ, ୩୫ କ ଉଚ୍ଛେଦ କରାଗଲେ ସେଠାରେ ବିକାଶମୂଳକ କାର୍ଯ୍ୟ ହେବା ସହ ବାସିନ୍ଦାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ। ଦେଖିବାକୁ ଗଲେ କଶ୍ମୀର ସମସ୍ୟାର ସମାଧାନ ଏତେ ସହଜ ନୁହେଁ। ୩୫ କ ଉଚ୍ଛେଦ ଘଟି ସ୍ଥାନୀୟ ବାସିନ୍ଦାଙ୍କୁ ନୂଆକରି ପଞ୍ଜୀକରଣ କରାଗଲେ, ବିରୁଡ଼ି ବସାରେ ହାତ ମାରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ଆସାମରେ ଦେଖାଦେଇଥିବା ସମସ୍ୟା ଏହାର ଏକ ସଦ୍ୟ ଉଦାହରଣ।

## ଚିରନ୍ତନୀ

ଜୀବନ ମନ୍ଦିର ମମ
ଅସୀମ ଆକାଶେ ଟେକି ଶିର
ବିଜୟ ନିଶାଣ ସମ
ସୁମହାନ ରହେ ଉଭା ଚିର। (ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | | | | | | | 5 | | | | | | |
| | 9 | 4 | 1 | | 3 | C | | | | | | | | |
| | 5 | | C | 4 | | 9 | 2 | 6 | | | | | E | |
| | | | | 9 | | E | | | | D | | 7 | | |
| | | | 6 | | | | | 4 | | | 0 | | | D |
| E | | | | 1 | C | 3 | | | | B | | | | |
| | 1 | 7 | | | D | | 0 | | | | | | | 9 |
| | | 5 | 0 | 7 | A | 8 | 6 | | | | | | | |
| B | 3 | | 4 | | | A | | 7 | | | | | 0 | 2 |
| | | | | | | 4 | 9 | C | | | 1 | 5 | | |
| | 0 | D | | | 1 | | 5 | | | | C | | | B |
| 1 | | | 2 | | 9 | | C | | | A | B | | 3 | E |
| | | | | | E | | | | | 3 | 6 | | D | |
| C | | | A | | | | 3 | | | 0 | | | 6 | 5 |
| | 4 | 8 | | D | | 1 | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 3 | 0 | E | A | 9 | 4 | 6 | 2 | D | 1 | 5 | B | 8 |
| 9 | 6 | 8 | 1 | B | 5 | 0 | C | 7 | E | 4 | 3 | 2 | A | D |
| 5 | E | 4 | D | 6 | 2 | A | B | 1 | 0 | 8 | 7 | 9 | C | 3 |
| B | 0 | D | C | 9 | 8 | 2 | 3 | E | 5 | A | 6 | 4 | 1 | 7 |
| 1 | A | 2 | 3 | 4 | 7 | D | 5 | 8 | B | 9 | C | 0 | 6 | E |
| 0 | 8 | 9 | B | D | 6 | 1 | E | C | 7 | 2 | A | 3 | 5 | 4 |
| C | D | B | E | 2 | 4 | 3 | 0 | 5 | 9 | 1 | 8 | A | 7 | 6 |
| 2 | 4 | 6 | 5 | 0 | 1 | 7 | D | A | 3 | B | E | 8 | 9 | C |
| A | 3 | 1 | 7 | C | 9 | 8 | 2 | 4 | 6 | 5 | D | B | E | 0 |
| E | 7 | 5 | A | 8 | 3 | 6 | 9 | B | C | 0 | 4 | 1 | D | 2 |
| 6 | 2 | 7 | 8 | 5 | D | B | A | 3 | 1 | C | 0 | E | 4 | 9 |
| D | 5 | 0 | 4 | 7 | C | E | 1 | 9 | 8 | 3 | B | 6 | 2 | A |
| 8 | B | A | 2 | 1 | E | C | 7 | 0 | 4 | 6 | 9 | D | 3 | 5 |
| 4 | 9 | E | 6 | 3 | B | 5 | 8 | D | A | 7 | 2 | C | 0 | 1 |
| 3 | 1 | C | 9 | A | 0 | 4 | 6 | 2 | D | E | 5 | 7 | 8 | B |

ଗତକାଲିର ଉତ୍ତର

# ସେକ୍ୟୁଲାରିଜମ୍ ଓ ଆମ ସମ୍ବିଧାନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୫୦ ମସିହାରେ ଯେତେବେଳେ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେଲା ସେତେବେଳେ ଏହାର ମୁଖବନ୍ଧରେ 'ସେକ୍ୟୁଲାର' ଶବ୍ଦଟି ନ ଥିଲା। ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନରେ ଏହି ଶବ୍ଦଟି ଯୋଡ଼ି ଦିଆଗଲା। ସମ୍ବିଧାନର ୨୫ରୁ ୨୮ ଧାରାରେ ବିଶ୍ୱାସର ସ୍ୱାଧୀନତା ତଥା ଧାର୍ମିକ ଆଚରଣ ଓ ଧର୍ମପ୍ରଚାରର ସ୍ୱାଧୀନତା କଥା ଉଲ୍ଲେଖ କରାଯାଇଛି। ଭାରତରେ ହିନ୍ଦୁମାନଙ୍କ ବ୍ୟତୀତ ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସୀ ଇତ୍ୟାଦି ବିଭିନ୍ନ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି। ଏହି ସମ୍ପ୍ରଦାୟଗୁଡ଼ିକର ନିଜସ୍ୱ ଈଶ୍ୱର ବିଶ୍ୱାସ ଓ ପୂଜାପଦ୍ଧତି ଅଛି। ଶାସନତନ୍ତ୍ର କୌଣସି ସମ୍ପ୍ରଦାୟ ପ୍ରତି ପକ୍ଷପାତ ନ କରିବା, ଲୋକମାନଙ୍କର ନିଜସ୍ୱ ପୂଜାପଦ୍ଧତି ସମ୍ପର୍କରେ ପକ୍ଷଭୁକ୍ତ ନ ହେବା ହେଉଛି ଭାରତରେ ଧର୍ମନିରପେକ୍ଷତାର ମର୍ମ। ସେକ୍ୟୁଲାର ଶବ୍ଦର ପ୍ରକୃତ ଭାଷାନ୍ତର ପନ୍ଥ ନିରପେକ୍ଷ ବା ସମ୍ପ୍ରଦାୟ ନିରପେକ୍ଷ ହେଲେ ହେଁ ଧର୍ମନିରପେକ୍ଷ ଶବ୍ଦଟି ଏହି ଅର୍ଥରେ ସେକ୍ୟୁଲାର ଶବ୍ଦର ଭାଷାନ୍ତର ଭାବରେ ଗୃହୀତ ହୋଇଗଲାଣି। କେତେକ ନେତା ଓ ରାଜନୈତିକ ଦଳ ନିଜକୁ ଏହି ଅର୍ଥରେ ସେକ୍ୟୁଲାରିଷ୍ଟ ବୋଲି ଘୋଷଣା କରି ଅନ୍ୟ ଦଳକୁ ସାମ୍ପ୍ରଦାୟିକତାବାଦୀ ବା କମ୍ୟୁନାଲିଷ୍ଟ ବୋଲି ଆକ୍ଷେପ କରୁଛନ୍ତି। ମାତ୍ର ଭାରତରେ ସେକ୍ୟୁଲାରିଜମ୍ ଶବ୍ଦର ଅର୍ଥକୁ ନେଇ ରହିଛି ବିଚାର ବିଭ୍ରାଟ।

ଓ୍ୱେବ୍‌ଷ୍ଟର, ଚାମ୍ବର୍ସ, ଅକ୍ସଫୋର୍ଡ ଆଦି ଇଂଲିଶ ଅଭିଧାନରୁ ଜଣାପଡ଼େ ସେକ୍ୟୁଲାର ଶବ୍ଦର ଅର୍ଥ ହେଉଛି ଏହି ସଂସାର ସମ୍ପର୍କିତ, ଆଧ୍ୟାତ୍ମିକ ଜଗତ ସମ୍ପର୍କିତ ନୁହେଁ, ସାଧାରଣ ମଣିଷ ସମ୍ପର୍କିତ, ଧର୍ମ ସମ୍ପର୍କିତ ନୁହେଁ। ସେକ୍ୟୁଲାରିଜମ୍‌ର ତାତ୍ପର୍ଯ୍ୟ ହେଉଛି ମାନବ ଜୀବନର ସମସ୍ୟାଗୁଡ଼ିକରୁ ସମାଧାନର ସୂତ୍ର ଆଧ୍ୟାତ୍ମିକ ଜଗତରେ ନ ଖୋଜି ଏହି ପାର୍ଥିବ ଜଗତରେ ଖୋଜିବା। ଆମେ ଅନେକ ସମୟରେ ଆମ ସମସ୍ୟାଗୁଡ଼ିକୁ ଏକ ଅତି ପ୍ରାକୃତିକ ସତ୍ତାର ପ୍ରଭାବ ବୋଲି ଧରିନେଉ ଓ ସେହି ଜଗତରେ ସମାଧାନର ସୂତ୍ର ଖୋଜୁ। ମାତ୍ର ସେକ୍ୟୁଲାରିଜମ୍ ମଣିଷର ଦୃଷ୍ଟିକୁ ସେଇ ଜଗତରୁ ଫେରାଇ ଆଣି ଏହି ଜଗତରେ ନିବଦ୍ଧ କରିବାକୁ ପରାମର୍ଶ ଦିଏ। ଏଣୁ ସେକ୍ୟୁଲାରିଜମ୍‌ର ଭାଷାନ୍ତରକୁ କେହି କେହି ଇହଲୋକବାଦ ବୋଲି କହନ୍ତି। ଏହି ଇହଲୋକବାଦ ପଶ୍ଚିମ ଜଗତର ଏକ ଧାରଣା। ପ୍ରାଚୀନ କାଳରେ ମଣିଷର ଦୁଃଖ ସମୟରେ ଧର୍ମ ହିଁ ସାନ୍ତ୍ୱନା ଦେଉଥିଲା। ଏହି ଧର୍ମବିଶ୍ୱାସ ସହ ଜଡ଼ିତ ଥିଲା ଅନ୍ଧବିଶ୍ୱାସ। ଖ୍ରୀଷ୍ଟିଆନ ମଠଗୁଡ଼ିକ ଜ୍ଞାନଚର୍ଚ୍ଚାର କେନ୍ଦ୍ର ଥିଲା ଓ ପାଦ୍ରୀମାନେ ସେଗୁଡ଼ିକୁ ନିୟନ୍ତ୍ରଣ କରୁଥିଲେ। ସେମାନେ ଈଶ୍ୱର ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ବେଶି ଗୁରୁତ୍ୱ ଦେଉଥିଲେ ଏବଂ ଇହଲୋକର ମଣିଷ ଜୀବନକୁ ଘୃଣା କରୁଥିଲେ। କ୍ରମେ ଏହି ପ୍ରକାର ସ୍ଥିତି ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା। ଆସିଲା ଏକ ବୌଦ୍ଧିକ ପରିବର୍ତ୍ତନ। ତାକୁ କୁହାଗଲା ରେନେସାଁ ଅର୍ଥାତ୍ ନବଜାଗରଣ। ଏହା ଚତୁର୍ଦ୍ଦଶ ଶତାବ୍ଦୀରୁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା। ଇହଲୋକବାଦ ହେଉଛି ଏହି ରେନେସାଁର ଫଳ। ଏହା ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ଏହି ପୃଥିବୀରେ ବଞ୍ଚିଥିବା ମଣିଷ ଉପରେ ଧ୍ୟାନ କେନ୍ଦ୍ରୀଭୂତ କଲା। ମାନବର ମର୍ଯ୍ୟାଦାକୁ ସ୍ୱୀକୃତି ଦେଇ ତା'ର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସୁଯୋଗ ସୃଷ୍ଟି କଲା। ରାଷ୍ଟ୍ରକୁ ଧର୍ମଠାରୁ ସ୍ୱତନ୍ତ୍ର କଲା। ରାଷ୍ଟ୍ରର ଦାୟିତ୍ୱ ହେଲା ଅତିପ୍ରାକୃତିକ ଶକ୍ତିର ସାହାଯ୍ୟ ଉପରେ ନିର୍ଭର ନ କରି ଏହି ସଂସାରରେ ମିଳୁଥିବା ସମ୍ବଳ ସାହାଯ୍ୟରେ ନାଗରିକମାନଙ୍କର ମଙ୍ଗଳ ବିଧାନ କରିବା।

ମାତ୍ର ଭାରତରେ ସେକ୍ୟୁଲାର ଶବ୍ଦର ମୂଳ ଅର୍ଥ ବିକୃତ ହୋଇଗଲାଣି। ଧର୍ମନିରପେକ୍ଷ ଅର୍ଥରେ ଏହି ଶବ୍ଦ ବ୍ୟବହାର କରାଯାଉଛି ଓ କୁହାଯାଉଛି ରାଷ୍ଟ୍ର କୌଣସି ଧର୍ମୀୟ ପରମ୍ପରା ଓ ରୀତିନୀତିରେ ହସ୍ତକ୍ଷେପ କରିବ ନାହିଁ। ମାତ୍ର ଭାରତରେ ବିଭିନ୍ନ ଧର୍ମାବଲମ୍ବୀ ରହୁଛନ୍ତି। ବେଳେବେଳେ ସେମାନଙ୍କ ମଧ୍ୟରେ ସଂଘର୍ଷ ହେଉଛି। ସେମାନଙ୍କ ମଧ୍ୟରେ କିପରି ସଦ୍‌ଭାବ ରହିବ ଓ ଶାନ୍ତିଶୃଙ୍ଖଳା ବଜାୟ ରହିବ ସେଥିପ୍ରତି ଦୃଷ୍ଟିଦେବା ଧର୍ମନିରପେକ୍ଷ ରାଷ୍ଟ୍ରର ଦାୟିତ୍ୱ। ରାଷ୍ଟ୍ର ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ଜଣେ ନାଗରିକ, ତା'ପରେ ଯେକୌଣସି ଧର୍ମାବଲମ୍ବୀ ହୋଇପାରେ। ଏଣୁ ସେ ଯେଉଁ ଧର୍ମ ଗ୍ରହଣ କଲେ ମଧ୍ୟ ନାଗରିକ ହିସାବରେ ରାଷ୍ଟ୍ରୀୟ ନିୟମକୁ ମାନିବା ପାଇଁ ବାଧ୍ୟ। ମାତ୍ର ଅନେକ ସମୟରେ ଧର୍ମୀୟ ପରମ୍ପରାର ଦାବି ଏତେ ବଳିଷ୍ଠ ହେଉଛି ଯେ, ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ନିଜ ନିୟମର ସୁରକ୍ଷା ପାଇଁ ସଂଗ୍ରାମ କରୁଛନ୍ତି। ଫଳରେ ଭାରତରେ ଏକ ବିଚିତ୍ର ଅବସ୍ଥା ଦେଖିବାକୁ ମିଳୁଛି। ପ୍ରତ୍ୟେକ ବ୍ୟକ୍ତି ନିଜକୁ ପ୍ରଥମେ ଜଣେ ହିନ୍ଦୁ ବା ମୁସଲମାନ ବା ଖ୍ରୀଷ୍ଟିଆନ ବୋଲି ଭାବୁଛନ୍ତି ଓ ପରେ ନିଜକୁ ଜଣେ ନାଗରିକ ଭାବେ ଚିନ୍ତା କରୁଛନ୍ତି।

ଗୋଟିଏ ଦେଓ୍ୱାନୀ ଆଇନ ଦ୍ୱାରା ସମସ୍ତେ ଶାସିତ ହେବା କଥା, ମାତ୍ର ଏଠି ତାହା ହୋଇପାରିନାହିଁ। ପୁଣି ସରକାର ମଧ୍ୟ ନିଜକୁ ଧର୍ମାନୁଷ୍ଠାନଗୁଡ଼ିକରୁ ସମ୍ପୂର୍ଣ୍ଣ ଦୂରେଇ ରଖିବାରେ ସମର୍ଥ ହୋଇନାହାନ୍ତି। ଏହାର କାରଣ ସେମାନଙ୍କ ଭୋଟ ଉପରେ ସେମାନେ ନିର୍ଭର କରୁଛନ୍ତି। ଧର୍ମାନୁଷ୍ଠାନଗୁଡ଼ିକୁ ଅନୁଦାନ ମଧ୍ୟ ଦିଆହେଉଛି। ଓଡ଼ିଶାର ଜଗନ୍ନାଥ ମନ୍ଦିରରେ ସରକାର ପ୍ରଶାସକ ନିଯୁକ୍ତ କରିଛନ୍ତି। ଅନେକ ସମୟରେ ସେବାୟତ ଓ ପ୍ରଶାସନ ମଧ୍ୟରେ ବିବାଦ ଉପୁଜୁଛି। କିଛିମାସ ତଳେ ସାବରୀମାଲା ଘଟଣା ଆଉ ଏକ ବିବାଦ ଛିଡ଼ା କରିଛି। ପରମ୍ପରା ଅନୁଯାୟୀ ୧୦ରୁ ୫୦ ବର୍ଷ ବୟସର ମହିଳାଙ୍କ ପାଇଁ ସେହି ମନ୍ଦିରରେ ପ୍ରବେଶ ନିଷିଦ୍ଧ। ମାତ୍ର ଲିଙ୍ଗଗତ ସମାନତାକୁ କାର୍ଯ୍ୟକାରୀ କରିବା ସମ୍ବିଧାନର ଦାୟିତ୍ୱ। ସୁପ୍ରିମ୍‌କୋର୍ଟ ଏହି ଲିଙ୍ଗଗତ ସମାନତାକୁ ଭିତ୍ତିକରି ଏହି ପରମ୍ପରାକୁ ଉଚ୍ଛେଦ କରିଛନ୍ତି। ମାତ୍ର ଇସ୍‌ଲାମ ଧର୍ମରେ ମଧ୍ୟ ମହିଳାମାନଙ୍କ ମସ୍‌ଜିଦ ପ୍ରବେଶ ଅନୁମତି ନାହିଁ। ସେହି କ୍ଷେତ୍ରରେ ସରକାର ନୀରବ। ପୁନଶ୍ଚ ଅନ୍ୟତ୍ର ରହିଥିବା ଅସମାନତା ପରମ୍ପରା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇନାହିଁ। ଯଥା କେରଳର ଆଟ୍ଟୁକଲ ଭଗବତୀ ମନ୍ଦିର, ରାଜସ୍ଥାନ ପୁଷ୍କରର ବ୍ରହ୍ମା ମନ୍ଦିର, ବିହାର ମୁଜାଫରପୁରର ମାତା ମନ୍ଦିରରେ ପୁରୁଷଙ୍କ ପ୍ରବେଶ ନିଷେଧ। ଏହା ମଧ୍ୟ ଏକ ଲିଙ୍ଗଗତ ଅସମାନତା, ମାତ୍ର ସେ ବିଷୟରେ ସରକାର ବା ସୁପ୍ରିମ୍‌କୋର୍ଟ କିଛି ପଦକ୍ଷେପ ନେଇ ନାହାନ୍ତି। ଏଣୁ ସାବରୀମାଲା ଘଟଣାରେ ଧର୍ମନିରପେକ୍ଷତା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଏକ ପ୍ରଶ୍ନବାଚୀ।

ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ଧର୍ମାବଲମ୍ବୀଙ୍କ ଭୋଟ ଉପରେ ନିର୍ଭର କରୁଥିବାରୁ ଧର୍ମନିରପେକ୍ଷତା ଅବଲମ୍ବନ କରିବା ସମ୍ଭବ ହେଉନାହିଁ। କିଛିମାସ ତଳେ ନୋଇଡାର ଏକ ପାର୍କରେ କିଛି ମୁସଲମାନ ନମାଜ ପଢ଼ିବାରୁ କିଛି ଲୋକ ଏହାକୁ ବିରୋଧ କଲେ ଓ ପୋଲିସର ଦୃଷ୍ଟି ଆକର୍ଷଣ କଲେ। ସେମାନଙ୍କ ଯୁକ୍ତି ହେଲା ପାର୍କ ଏକ ସାର୍ବଜନୀନ ସ୍ଥାନ ହୋଇଥିବାରୁ କୌଣସି ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ପାର୍କରେ କୌଣସି ଧର୍ମାନୁଷ୍ଠାନ କରିବା ଠିକ୍ ନୁହେଁ। ଅପରପକ୍ଷରେ ଆଉ ଏକ ଯୁକ୍ତି ହେଉଛି, ଯଦି ପାର୍କ ଏକ ସାର୍ବଜନୀନ ସ୍ଥାନ ସେଠାରେ ଏକ ନିର୍ଦ୍ଦିଷ୍ଟ ଧର୍ମାନୁଷ୍ଠାନ ମନା, ତା'ହେଲେ ସାର୍ବଜନୀନ କାର୍ଯ୍ୟକ୍ରମ ଯଥା ଶିଳାନ୍ୟାସ, ଉଦ୍‌ଘାଟନ ଆଦି କାର୍ଯ୍ୟକ୍ରମରେ ପୂଜାପାଠ, ନଡ଼ିଆ ଭଙ୍ଗା, ଯଜ୍ଞ ଆଦି ମଧ୍ୟ କରିବା ଠିକ୍ ନୁହେଁ। କିଛିମାସ ତଳେ ସିଙ୍ଗରଭଲି ବିନାୟକ ଶାହ ନାମକ ଜଣେ ବ୍ୟକ୍ତି କେନ୍ଦ୍ରୀୟ ବିଦ୍ୟାଳୟରେ ସଂସ୍କୃତ ଶ୍ଳୋକ 'ଅସତୋ ମା ସଦ୍‌ଗମୟ'ର ଆବୃତ୍ତି ବନ୍ଦ କରିବା ପାଇଁ ସୁପ୍ରିମ୍‌କୋର୍ଟରେ ଅପିଲ କରିଛନ୍ତି। ତାଙ୍କର ଯୁକ୍ତି ହେଲା ଏହା ହିନ୍ଦୁ ଶାସ୍ତ୍ରରୁ ଆନୀତ ଓ ଅନ୍ୟ ଧର୍ମାବଲମ୍ବୀଙ୍କ ଧର୍ମ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଯଦି ଏହି ଯୁକ୍ତିକୁ ଗ୍ରହଣ କରାଯାଏ ତା'ହେଲେ ଭାରତର କୋର୍ଟ ମଧ୍ୟ ଧର୍ମନିରପେକ୍ଷ ନୁହେଁ ବୋଲି କୁହାଯାଇପାରେ, କାରଣ ସେଠି ଲେଖାଯାଇଥିବା 'ସତ୍ୟମେବ ଜୟତେ' ମଧ୍ୟ ହିନ୍ଦୁ ଶାସ୍ତ୍ରରୁ ଆନୀତ। ଏଣୁ ସଂସ୍କୃତରେ କିଛି ଲେଖାଯାଇଛି ବୋଲି ତାକୁ ହିନ୍ଦୁ ଧର୍ମାନ୍ତର୍ଗତ କହିବା ବା ଇଂଲିଶରେ କିଛି ଲେଖା ହୋଇଥିଲେ ତାକୁ ଖ୍ରୀଷ୍ଟିଆନ ଧର୍ମାନ୍ତର୍ଗତ କହିବା ବା ଆରବିକ ଭାଷାରେ ଲେଖା ହୋଇଥିଲେ ତାକୁ ଇସ୍‌ଲାମ ଅନ୍ତର୍ଗତ କହିବା ଦୁର୍ଭାଗ୍ୟଜନକ, କାରଣ ସତ୍ୟ ସର୍ବଦା ଭାଷା ନିରପେକ୍ଷ। ମୋଟ ଉପରେ କହିବାକୁ ଗଲେ, ୟୁରୋପରେ ଯେଉଁ ଅର୍ଥରେ ସେକ୍ୟୁଲାର ଶବ୍ଦଟି ବ୍ୟବହୃତ ହେଉଥିଲା ବା ସେକ୍ୟୁଲାରିଜମ୍ ଏକ ଆନ୍ଦୋଳନ ଭାବରେ ମୁଣ୍ଡ ଟେକିଥିଲା ଭାରତର ଧର୍ମନିରପେକ୍ଷତା ତା'ଠାରୁ ବହୁଦୂରରେ। ୟୁରୋପରୁ ଆନୀତ ଇହଲୋକବାଦ ଓ ବିଭିନ୍ନ ଧର୍ମୀୟ ପରମ୍ପରାର ସଂଘର୍ଷ ମଧ୍ୟରେ ଭାରତୀୟ ସମ୍ବିଧାନ ଅଣନିଃଶ୍ୱାସୀ। ସେକ୍ୟୁଲାର ଶବ୍ଦର ମୂଳ ଅର୍ଥ ଆଜି ବିକୃତ।

ଟିଟିଲାଗଡ଼, ମୋ–୯୪୩୭୩୨୯୨୬୩

# ଡେଙ୍ଗା ତାଳଗଛେ ବାଇଆ ବସା



ଅରୁଣ ଦାସ

ପିଲାଦିନେ ଗାଁ ବିଲ ଓ ରାସ୍ତାଧାରରେ ଯୁଆଡ଼କୁ ଚାହିଁଲେ ଡେଙ୍ଗା ତାଳଗଛ ଆଖିରେ ପଡୁଥିଲା। ସେଇ ଗଛରେ ଗୁଣ୍ଡୁଚି, ବଣି ଇତ୍ୟାଦି ବାସ କରିବା ସହ ବାଇ ଚଢ଼େଇ ବସା ଝୁଲିରହିବାର ଦେଖିବାକୁ ମିଳୁଥିଲା। ମଶାଣିରେ ମଲା ଗୋରୁଙ୍କ ଶବ ପଡ଼ିଲେ ଦଳ ଦଳ ଶାଗୁଣା ଆସି ସେ ସବୁକୁ ଖାଇ ଏଇ ତାଳଗଛରେ ବିଶ୍ରାମ ନେଉଥିଲେ। କିନ୍ତୁ ଦୁର୍ଭାଗ୍ୟ, ଜନସଂଖ୍ୟା ଓ ଜନବସତି ବୃଦ୍ଧି ହେତୁ ସେଇ ତାଳଗଛ ସଂଖ୍ୟା ଏବେ ପ୍ରବଳ ମାତ୍ରାରେ କମିବାରେ ଲାଗିଛି।

ଦିନଥିଲା ତାଳଗଛର ଚେର, ଗଣ୍ଡି, ବାହୁଙ୍ଗା ଓ ଫଳକୁ ବହୁମାତ୍ରାରେ ବ୍ୟବହାର କରାଯାଉଥିଲା। ଏହାର ଫଳକୁ କସିବେଳେ ତାଳସଜ ଭାବେ ଏବଂ ପାଚିଲା ପରେ ତା'ର ରସକୁ ନିଗାଡି ପିଠା ତିଆରି କରି ଖିଆଯାଉଥିଲା। ପାଚିଲା ତାଳର ରସ ଚିପୁଡ଼ି ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଆଯାଏ। ତା'ର ଟାକୁଆ ବା ମଞ୍ଜିକୁ ବାଡ଼ିରେ ପକାଇ ଦିଆଯାଏ ଏବଂ ତାହା ଗଜା ହେଲା ପରେ ସେହି ଗଜାକୁ ଖିଆଯାଏ। ପାଚିଲା ତାଳକୁ ହୁଏ ତ ଆଜିର ଦିନରେ ପୁରୁଣାକାଳିଆ ଖାଦ୍ୟ ଭାବେ ବିବେଚନା କରାଯାଇପାରେ। କିନ୍ତୁ ତାଳସଜ ସର୍ବଦା ଖରାଦିନେ ମଣିଷଙ୍କ ଭୋକ ଓ ଶୋଷ ଉଭୟକୁ ମେଣ୍ଟାଇ ଆସୁଛି। ତାଳଗୁଡ଼ ଓ ତାଳମିଶ୍ରିକୁ କେତେକାଂଶରେ ଲୋକମାନେ ନିୟମିତ ବ୍ୟବହାର କରି ଏବେ ମଧ୍ୟ ଉପକୃତ ହେଉଛନ୍ତି। ଘରର ଆସବାବ ନିର୍ମାଣରେ ମଧ୍ୟ ତାଳଗଛର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଡାଲା, ଚାଙ୍ଗୁଡ଼ି, ଛପା, ବିଞ୍ଚଣା ଓ ବିଭିନ୍ନ ଗୃହସଜ୍ଜା ଉପକରଣ ପାଇଁ ତାଳପତ୍ର ବ୍ୟବହାର କରାଯାଏ। ଗ୍ରାମାଞ୍ଚଳରେ ଏବେ ମଧ୍ୟ ତାଳଗଣ୍ଡିରୁ ଘରର ସେଣି ଓ ଦୁଆର ବନ୍ଧ ଇତ୍ୟାଦି କରାଯାଉଛି।

ସାଧାରଣତଃ ସମୁଦ୍ର ଉପକୂଳ ଓ ସମତଳ ଅଞ୍ଚଳରେ ତାଳଗଛ ବହୁ ସଂଖ୍ୟାରେ ଦେଖାଦେଇ ଉକ୍ତ ଅଞ୍ଚଳର ପରିବେଶ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଏସିଆ ମହାଦେଶର ଛୋଟ ଛୋଟ ଦ୍ୱୀପଦେଶରେ ତାଳ ଗଛ ହିଁ ଏହାର ଜୈବବିବିଧତାରେ ସନ୍ତୁଳନ ରକ୍ଷା କରିଥାଏ। ସେହିପରି ଆଫ୍ରିକା ମହାଦେଶର ମାଡାଗାସ୍କାର ପରି ଦେଶରେ ତାଳଗଛ ବିନା ଜୀବନ ଅସମ୍ଭବ। ଏଠାରେ ପ୍ରତି ବର୍ଗକିଲୋମିଟର ମଧ୍ୟରେ ପ୍ରାୟ ୪୫ ପ୍ରଜାତିର ତାଳଗଛ ଦେଖିବାକୁ ମିଳିଥାଏ। ଏ ଦେଶର ଅଧିକାଂଶ ବନ୍ୟଜନ୍ତୁ ପ୍ରାୟତଃ ପାଚିଲା ତାଳ ଖାଇ ବଞ୍ଚିବା ସହିତ ବିଭିନ୍ନ ପ୍ରକାର ପକ୍ଷୀ, କୀଟ ଓ ସ୍ତନ୍ୟପ୍ରାୟୀ ପ୍ରାଣୀ ଏହି ଗଛରେ ବସା ବାନ୍ଧି ରହିଥାଆନ୍ତି। ବ୍ଲାକ୍ ଲେମୁର ପରି ପ୍ରାଣୀ ବର୍ଷର ଅଧିକାଂଶ ଦିନ ଡାଇପିସିସ୍ ଜାତୀୟ ତାଳ ଗଛର ଖାଦ୍ୟଖାଇ ବଞ୍ଚିବା ସହ ସେଇ ଗଛରେ ବସବାସ କରିଥାଏ। ଇରାକ, ଇରାନ ପରି ଉଷ୍ଣମଣ୍ଡଳୀୟ ଦେଶରେ ବାୟୁମଣ୍ଡଳର ତାପମାତ୍ରା କମେଇବା ପାଇଁ ଖଜୁରି ସହ ତାଳଗଛ ରୋପଣକୁ ମଧ୍ୟ ଗୁରୁତ୍ୱ ଦିଆଯାଏ।

ବିଗତ ବର୍ଷଗୁଡ଼ିକରେ ତାଳଗଛର ଦ୍ରୁତ ହ୍ରାସ ଫଳରେ କିଛି ନିରୀହ ପ୍ରାଣୀ ବିଲୁପ୍ତ ହେବା ଘଟଣା ଆଫ୍ରିକୀୟ ଦେଶଗୁଡ଼ିକରେ ଚିନ୍ତାର କାରଣ ହୋଇଛି। ଭାରତର ସମୁଦ୍ର ଉପକୂଳ ରାଜ୍ୟଗୁଡ଼ିକରେ ନଦୀ କୂଳେ କୂଳେ ଥିବା ତାଳଗଛ ପ୍ରବଳ ମାତ୍ରାରେ କଟାଯିବାରୁ ବାଇ ଚଢ଼େଇମାନେ ଆଉ ଆଗପରି ଦେଖିବାକୁ ମିଳୁନାହାନ୍ତି। ୧୯୯୯ ମହାବାତ୍ୟାରେ ହଜାର ହଜାର ତାଳଗଛ ଉପୁଡ଼ି ପଡ଼ିଲା। ଫଳରେ ବାଇ ଚଢ଼େଇଙ୍କ ଘର ଉଜୁଡ଼ିଗଲା। ଏବେ ଗାଁ ଗଣ୍ଡାରେ ଆଗଭଳି ବାଇ ଚଢ଼େଇ ଦେଖିବାକୁ ମିଳୁନାହାନ୍ତି।

ବାସଗୃହ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ବହୁଳ ଶିଳ୍ପାୟନ ଓ ରାସ୍ତା ସମ୍ପ୍ରସାରଣ ପାଇଁ ତାଳଗଛ ସବୁ କଟାଗଲା, କାରଣ ମଣିଷଙ୍କ ବାସସ୍ଥାନ ଓ ଚଳପ୍ରଚଳ ସ୍ଥାନରେ ତାଳଗଛଟିଏ ରଖିବାକୁ କେହି ଚାହାନ୍ତି ନାହିଁ। ଅନେକ ଗାଁରେ ରହିଥିବା ପୁରୁଣା ତାଳବଣରେ ନାନା ପ୍ରକାର ଜୀବଜନ୍ତୁ ଯଥା କଟାସ, କୋକିଶିଆଳି, ଶାଳିଆପତନି, ଗୁଣ୍ଡୁଚିମୂଷା ଇତ୍ୟାଦି ବାସ କରୁଥିବା ବେଳେ ଏବେ ସେ ସବୁ ପୂରାପୂରି ପଦା ହେବାକୁ ବସିଲାଣି।

ପୃଥିବୀରେ ମରୁଭୂମିଠାରୁ ଆରମ୍ଭକରି ଚିରହରିତ୍ ଜଙ୍ଗଲ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ହଜାର ପ୍ରଜାତିର ବିଭିନ୍ନ ତାଳଗଛ ଦେଖିବାକୁ ମିଳିଥାଏ। କିନ୍ତୁ ଏବେ ଏଥିରୁ କିଛି ପ୍ରଜାତିଙ୍କର ବିଲୁପ୍ତି ଘଟିବା ଓ ଅଧିକାଂଶ ନିଜ ସଂଖ୍ୟା ବଜାୟ ରଖିବାକୁ ସଂଘର୍ଷ କରିବା କଥା ପରିବେଶବିତ୍‌ମାନଙ୍କ ଚିନ୍ତାର କାରଣ ହୋଇଛି। ମେସୋପଟାମିଆ ସଭ୍ୟତାର ଆରମ୍ଭ କାଳରେ ସେଠାକାର ଲୋକମାନେ ତାଳକୁ ହିଁ ମୁଖ୍ୟ ଖାଦ୍ୟ ଭାବେ ଗ୍ରହଣ କରିଥିଲେ। ରୋମ୍‌ରେ ତାଳଗଛର ବାହୁଙ୍ଗାକୁ ଯୁଦ୍ଧ ଓ କ୍ରୀଡ଼ାରେ ବିଜୟର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଯିଶୁଖ୍ରୀଷ୍ଟଙ୍କ ଜେରୁଜେଲମରେ ପ୍ରବେଶ ପରେ ତାଙ୍କୁ ସ୍ୱାଗତ ଜଣାଇ ପାମ୍ ସଣ୍ଡେ ମହୋତ୍ସବ ପାଳନ କରାଯାଇଥିଲା ଓ ଏହାର ପ୍ରାୟ ଗୋଟିଏ ସପ୍ତାହ ପରେ ସେଇ ମହାନ୍ ବ୍ୟକ୍ତିଙ୍କର କ୍ରୁଶବିଦ୍ଧ କରାଯାଇଥିଲା। ସେଇ ତାଳଗଛର ବାହୁଙ୍ଗାରେ ସଜାହୋଇଥିବା ତ୍ୟାଗ ଓ ବଳିଦାନର ସପ୍ତାହ ଏବେ ମଧ୍ୟ ଖ୍ରୀଷ୍ଟିଆନ ଭାଇମାନେ ପାଳନ କରିଆସୁଛନ୍ତି।

ତାଳଗଛ ଯିଏ କି ମଣିଷ, ଜୀବଜନ୍ତୁ ଓ ପରିବେଶର ଉପକାରୀ ବନ୍ଧୁ, ସିଏ ଆଜି ମହା ସଙ୍କଟରେ। ଏବେ ବେଳ ଆସିଛି ଫାଙ୍କା ସ୍ଥାନ ଦେଖି ତାଳଗଛ ଯଥାସମ୍ଭବ ରୋପଣ କରାଯିବା ଉଚିତ। କାରଣ ତାଳଗଛ ସଂଖ୍ୟା ଯେଉଁହାରରେ ହ୍ରାସ ପାଉଛି ଯଦି ସେଇ ତୁଳନାରେ ଏହା କିଛି ମାତ୍ରାରେ ଭରଣା ନ ହୁଏ, ତେବେ ଏହା ନିଶ୍ଚିତ ଭାବରେ ପୃଥିବୀର ସମଗ୍ର ଜୀବଜଗତକୁ ସଙ୍କଟ ମୁହଁକୁ ଟାଣି ନେବ।

ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ–୭୮୭୩୭୧୯୦୫୬

## ଏଇ ଭାରତରେ

ସୋସିଆଲ୍ ମିଡିଆ ଯୋଗୁ ମଧ୍ୟପ୍ରଦେଶର ଇନ୍ଦୋର ନିକଟବର୍ତ୍ତୀ ମହୁ ଅଞ୍ଚଳର ଜଣେ ବ୍ୟକ୍ତି ୨୮ ବର୍ଷ ପରେ ଘରକୁ ବାହୁଡ଼ିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଦତୌଦା ନିବାସୀ ଜୈତ୍‌ରାମ୍ ପାରିବାରିକ କଳହ ଯୋଗୁ ଘର ଛାଡିଥିଲେ। ସେତେବେଳେ ତାଙ୍କ ପୁତ୍ର ବାଳକୃଷ୍ଣର ବୟସ ୩ ବର୍ଷ ହୋଇଥିବାବେଳେ ଝିଅ ମଞ୍ଜୁଙ୍କ ବୟସ ମାତ୍ର ୮ ମାସ ହୋଇଥିଲା। ମା' ଦୁଃଖକଷ୍ଟରେ ମୂଲଲାଗି ପିଲାଙ୍କୁ ପାଳିବା ସହିତ ସେମାନଙ୍କର ବିବାହ କରାଇଥିଲେ। ତେବେ ବାଳକୃଷ୍ଣ ୧୦ମ ପାସ୍ କରିବା ପରେ ବାପାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ବିଭିନ୍ନ ମନ୍ଦିର, ଆଶ୍ରମ ଆଦିରେ ସେ ପିତାଙ୍କୁ ଖୋଜିବା ସହିତ ଚିହ୍ନା ପରିଚିତ ଲୋକଙ୍କୁ ଜୈତ୍‌ରାମ୍‌ଙ୍କ ଫଟୋ ଦେଉଥିଲେ। ଚଳିତ ଏପ୍ରିଲ୍ ୧ରେ ଖଜୁରାମ୍ ମନ୍ଦିରରେ ତାଙ୍କ ବାପାଙ୍କ ଫଟୋ ସହ ମେଳ ଖାଉଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ବାଳକୃଷ୍ଣଙ୍କ ବନ୍ଧୁ ଫୋନ୍ କରି ଜଣାଇଥିଲେ। ସେଠାରେ ପହଞ୍ଚିବା ବେଳକୁ ବ୍ୟକ୍ତି ଜଣକ ସେଠାରୁ ଚାଲିଯାଇଥିଲେ। ଏହାର ଦୁଇଦିନ ପରେ ପୁଣି ଜଣେ ବ୍ୟକ୍ତି ବାଳକୃଷ୍ଣଙ୍କୁ ସେହି ଲୋକଙ୍କ ସମ୍ପର୍କରେ ଖବର ଦେବା ସହିତ ହ୍ୱାଟସ୍‌ଆପ୍‌ରେ ଫଟୋ ଏବଂ ଭିଡିଓ ପଠାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାରେ ଅଟକାଇ ରଖିବା ପାଇଁ ବାଳକୃଷ୍ଣ ଅନୁରୋଧ କରିଥିଲେ। ଏହାପରେ ମା'ଙ୍କୁ ନେଇ ବାଳକୃଷ୍ଣ ସେଠାରେ ପହଞ୍ଚିଥିଲେ। ମା' ବାପାଙ୍କୁ ଚିହ୍ନିବା ସହିତ ତାଙ୍କ ପାଦତଳେ କାନ୍ଦି କାନ୍ଦି ଲୋଟି ପଡ଼ିଥିଲେ। ଏହାପରେ ଜୈତ୍‌ରାମ୍ ଘରକୁ ବାହୁଡ଼ିଥିଲେ। ହ୍ୱାଟ୍‌ସ୍‌ଆପ୍ ଭଳି ସୋସିଆଲ ମିଡିଆ ଯୋଗୁ ଏହା ସମ୍ଭବ ହୋଇପାରିଲା ବୋଲି ଚର୍ଚ୍ଚା ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୯୪

- ରୁଆଣ୍ଡାରେ ଯୁଦ୍ଧର ଅବସାନ ଏବଂ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ ନିମନ୍ତେ ଯୁଦ୍ଧରତ ଦୁଇ ଗୋଷ୍ଠୀ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ।
- ବୟୋଜ୍ୟେଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ସିପିଆଇ ସାଧାରଣ ସମ୍ପାଦକ ଚନ୍ଦ୍ରା ରାଜେଶ୍ୱର ରାଓଙ୍କ ପରଲୋକ।
- ବିଚାରପତି ପ୍ରକାଶ ଚନ୍ଦ୍ର ନାୟକଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ରୂପେ ନିଯୁକ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକର ଉନ୍ନତିରେ ଦେଶର ଉନ୍ନତି

ମହାଶୟ,

୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର କୃଷିଋଣ ଛାଡ଼ ପାଇଁ ଯେଉଁ ପ୍ରତିଯୋଗିତା ଆରମ୍ଭ କରିଛନ୍ତି, ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବା ସଙ୍ଗେସଙ୍ଗେ ଋଣ କରି ନ ଶୁଝିବାକୁ ଦେଶର କୃଷକମାନେ ପ୍ରୋତ୍ସାହିତ ହେବେ। ଦେଶ ଦେବାଳିଆ ହୋଇଯିବ। ଏହା ଯେପରି ଋଣ କରି ଘିଅ ଖାଇବା ସହ ସମାନ। ଯଦି ସରକାର ଚାଷ ଓ ଚାଷୀର ଉନ୍ନତି ଚାହୁଁଛନ୍ତି, ତା'ହେଲେ ବିନା ମୂଲ୍ୟରେ ଉଠା ଜଳସେଚନ ମାଧ୍ୟମରେ ଜଳ, ସ୍ୱଳ୍ପ ମୂଲ୍ୟରେ ଉନ୍ନତ ବିହନ ଓ ସାର ଯୋଗାଇ ଦିଅନ୍ତୁ। ଏହାଦ୍ୱାରା ଦେଶର ଚାଷୀ ଉପକୃତ ହେବେ। ଚାଷ ପ୍ରତି ଚାଷୀର ଆଗ୍ରହ ବଢ଼ିବ। ଚାଷ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବଜାର ମୂଲ୍ୟ ମିଳିବାରେ ସରକାର ସହଯୋଗର ହାତ ବଢ଼ାଇବା ଉଚିତ। ଆବଶ୍ୟକ ସ୍ଥଳେ ବଳକା ଉତ୍ପାଦିତ ଦ୍ରବ୍ୟକୁ ସରକାର କ୍ରୟକରି ତାହାର ସଂରକ୍ଷଣ କରି ପରେ ବିକ୍ରି କରନ୍ତୁ। ବଜାର ଦର ନିୟନ୍ତ୍ରଣ କରି ଚାଷୀ ଓ ଖାଉଟିଙ୍କୁ ସହାୟକ ହୁଅନ୍ତୁ। ପ୍ରତି ପଞ୍ଚାୟତରେ ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ସ୍ଥାପନ କରନ୍ତୁ।

ବଂଶୀଧର ନାୟକ, ଗୋପାଳପୁର, କଟକ

### ଘରେ ନ ପଶୁଣୁ ଚାଳ ବାଜିଲାଣି

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜ୍ୟରେ ରାଜନୈତିକ ଉଷ୍ମତା ସେତିକି ବଢ଼ି ବଢ଼ି ଚାଲିଛି। ତା'ସାଙ୍ଗକୁ ରାଜନୈତିକ ହିଂସା ମଧ୍ୟ ଘଟିଲାଣି। ସଦ୍ୟ କେନ୍ଦୁଝର ଜିଲାର ଘଷିପୁରାରେ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ଘରୁ ଡାକିଆଣି ତାଙ୍କର ଦୁଇହାତ ଓ ଗୋଡ଼କୁ ହାଣି ହତ୍ୟା କରି ଚାଲିଗଲେ। ଏହା ରାଜନୈତିକ ଆକ୍ରୋଶ ଛଡ଼ା ଆଉ କିଛି ନୁହେଁ। ମଣିଷ ଏତେ ହିଂସ୍ର ହୋଇଉଠୁଛି ଯେ ପଦପଦବୀ ଆଗରେ ମଣିଷ ଜୀବନ ତୁଚ୍ଛ ହୋଇଯାଇଛି। ନିର୍ବାଚନ ନ ହେଉଣୁ ଏଭଳି ଘଟଣା ଘଟିଲାଣି। କିଏ କହିବ, ନିର୍ବାଚନ ବେଳେ ଓ ପରେ କେତେଜଣ ହତ୍ୟାର ଶିକାର ହେବେ ?

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ଉପକୂଳ, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୯।୪(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡ଼ା ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ । ଏହି ସମୟରେ ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୨ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଆକାଶ ମେଘୁଆ ରହିବା ସହ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଚାନ୍ଦବାଲି ୧୫.୫, ଭୁବନେଶ୍ୱର ୦.୮, ପାରାଦୀପ ୨.୭, ଗୋପାଳପୁର ୦.୬, ପୁରୀ, ୦.୭, ଅନୁଗୋଳ ୫୮, ବାରିପଦା ୨୪, ଝାରସୁଗୁଡା ୧.୮ ଏବଂ କେନ୍ଦୁଝର ଜିଲାରେ ୮.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୧୩ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହେବାର ସମ୍ଭାବନା ରହିଛି। ଗତ କିଛିଦିନ ହେବ ପାଗ ମେଘୁଆ ରହୁଥିବାରୁ ରାଜ୍ୟରେ ତାତି ମଧ୍ୟ ହ୍ରାସ ପାଇଛି। ତେବେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ୪୦ ଡିଗ୍ରୀ ଉପରେ ରହୁଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ମାଲକାନଗିରି ୪୦.୪, ଭବାନୀପାଟଣା ୩୯.୫, ବଲାଙ୍ଗୀର ୩୯.୭ ଏବଂ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ବୃଦ୍ଧାଙ୍କୁ କଚାଡ଼ି ମାରିଲା ହାତୀ

**ଛେଣ୍ଡିପଦା,୯।୪(ସ୍ୱ.ପ୍ର.)/(ଡି.ଏନ.ଏ.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନିକଟସ୍ଥ ଏମ୍‌ସିଏଲ୍ କୋଇଲା ଖଣି ପାଖରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଙ୍ଗରେ ଥିବା ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛେଣ୍ଡିପଦା ତାଳବୁରୀ ସାହିର ପୁରୀ ପ୍ରଧାନଙ୍କ ସ୍ତ୍ରୀ ଦେବକୀ ପ୍ରଧାନ (୬୫), ନରୋତ୍ତମ ପ୍ରଧାନଙ୍କ ସ୍ତ୍ରୀ ଶାନ୍ତିଲତା ପ୍ରଧାନ(୬୭) ଓ ଲବଙ୍ଗ ବେହେରା ସକାଳ ୭ଟା ବେଳେ ଏମ୍‌ସିଏଲ୍ କୋଇଲା ଖଣି ନିକଟସ୍ଥ ଜଙ୍ଗଲକୁ ମହୁଲ ଗୋଟାଇବା ପାଇଁ ଯାଇଥିଲେ। ଏହି ସମୟରେ ସେମାନେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ପ୍ରଥମେ ଦେବକୀଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# କାଳିଆ ଯୋଜନାକୁ ନେଇ ବିଜେଡି–ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୯।୪(ବ୍ୟୁରୋ)

କାଳିଆ ଯୋଜନା ଟଙ୍କା ଦେବାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଛକାପଞ୍ଝା ଲାଗି ରହିଛି। କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଦେବାକୁ ବିଜେଡି ଜିଦ୍ ଧରିଥିବାବେଳେ ନିର୍ବାଚନ କମିଶନ ଏହା ଉପରେ କଟକଣା ଲଗାଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ କମିଶନ କାଳିଆ ଯୋଜନାରେ ଦିଆଯାଉଥିବା ସହାୟତା ରାଶି ଉପରେ କଟକଣା ଲଗାଇଛନ୍ତି। ଏହାର କିସ୍ତି ଟଙ୍କା ନ ପାଇବାରୁ କାଳେ ଚାଷୀମାନଙ୍କର ଅସନ୍ତୋଷ ବଢ଼ିଯିବ ସେ ନେଇ ବିଜେଡି ଚିନ୍ତାରେ ପଡ଼ିଛି । ତେଣୁ ଏଥିଲାଗି ଅନୁମତି ଦେବା ସକାଶେ ବିଜେଡି ନେତାମାନେ ନିୟମିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏପରି କି ବିଜେଡିର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତକରି କାଳିଆ ଯୋଜନାକୁ ଅନୁମତି ଦେବାକୁ ଭାରତର ନିର୍ବାଚନ କମିଶନଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ଦେଇଥିଲେ। ଏହା ପରେ ଖୋଦ୍ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନରେ ସିଇଓଙ୍କୁ ଭେଟି କାଳିଆ ଯୋଜନାକୁ କାହିଁକି ଅନୁମତି ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେଠାରୁ ଫେରିବା ପରେ ନବୀନ ଗଣମାଧ୍ୟମକୁ କହିଥିଲେ ଯେ କାଳିଆ ଯୋଜନା ଉପରେ କଟକଣା ଲାଗାଇବାକୁ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଆମେ ଦୃଢ଼ ପ୍ରତିବାଦ କରିଛୁ। କାଳିଆ ଯୋଜନା ଟଙ୍କାକୁ ଜାଣିଶୁଣି ଅଟକା ଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନିର୍ବାଚନ ବେଳେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଚାଲୁଥିବାବେଳେ କାଳିଆ ଯୋଜନାକୁ କାହିଁକି ଅଟକା ଯାଉଛି । ଚାଷ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ କାଳିଆ ଟଙ୍କା ଚାଷୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ ।

ଭାଜପା ଅଭିଯୋଗ କରିବା ପରେ ନିର୍ବାଚନ କମିଶନ ଏହି ଯୋଜନା ଉପରେ କଟକଣା ଲଗାଇଥିବା ନବୀନ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ବିଜେଡିର ବରିଷ୍ଠ ନେତା ଭର୍ତ୍ତୃହରି ମହତାବ, ଅମର ପଟ୍ଟନାୟକ, ପ୍ରସନ୍ନ ପାଟଶାଣୀ, ଅରୂପ ପଟ୍ଟନାୟକ, ମିନତି ବେହେରାଙ୍କ ସହ ଅନ୍ୟ ନେତାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସିଇଓଙ୍କୁ ସାକ୍ଷାତ କରିଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଇଓଙ୍କୁ ଭେଟି ଫେରୁଛନ୍ତି।

**ସିଇଓଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ**

**ଭାଜପାର ବିଜୟ ସଂକଳ୍ପ ଯାତ୍ରା**

# ବଡ଼ଦାଣ୍ଡରେ ଶାହଙ୍କ ରୋଡ୍ ଶୋ'

ପୁରୀ ଅଫିସ, ୯।୪

ଭାଜପା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ପୁରୀରେ ଅନୁଷ୍ଠିତ ହୋଇଛି ବିଜୟ ସଂକଳ୍ପ ଯାତ୍ରା। ଏଥିରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଯୋଗଦେଇ ବଡ଼ଦାଣ୍ଡରେ କରିଛନ୍ତି ରୋଡ୍ ଶୋ'। ଶାହ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ମରିଚିକୋଟ୍ ଛକଠାରୁ ଆରମ୍ଭ ହୋଇଥିଲା ରୋଡ୍ ଶୋ'। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସୁସଜ୍ଜିତ ଗାଡିରେ ଥିଲେ ଶାହ। ତାଙ୍କ ସହ ଓଡ଼ିଶା ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର, ପୁରୀ ବିଧାନସଭା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରଣପୁର ପ୍ରାର୍ଥୀ ସୁରମା ପାଢୀ, ନୟାଗଡ଼ ପ୍ରାର୍ଥୀ ଇରାନୀ ରାୟ, ସତ୍ୟବାଦୀ ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ସାମିଲ ଥିଲେ। ବାଜା, ବିଭିନ୍ନ ପ୍ରକାର ମେଢ ନୃତ୍ୟରେ ଉଚ୍ଛୁଳି ପଡିଥିଲା ବଡ଼ଦାଣ୍ଡ । ଗୁଣ୍ଡିଚା ମନ୍ଦିର ଛକ ପର୍ଯ୍ୟନ୍ତ ରୋଡ୍ ଶୋ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ସମୟ ଅଭାବରୁ ମାର୍କେଟ ଛକ ନିକଟରୁ ବିଦାୟ ନେଇଥିଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ। ପରେ ଦଳୀୟ ନେତୃବୃନ୍ଦ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିଜୟ ସଂକଳ୍ପ ଯାତ୍ରା କରିଥିଲେ । ଏଥିରେ ଦଳର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ।

ପୁରୀକୁ ଭାଜପା ଗୁରୁତ୍ୱ ଦେଉଛି। ଅତ୍ୟାଧୁନିକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ସହ ପୁରୀ ଭାରତର ଆଧ୍ୟାତ୍ମିକ ରାଜଧାନୀ ହେବ। ଏହି ସହରକୁ ସ୍ମାର୍ଟ ସିଟି କରାଯିବ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଯାଞ୍ଚ ହେବ। ଏମିତି ବିଭିନ୍ନ ସଂକଳ୍ପ ରଖିଛି ଭାଜପା।

ତେବେ ଏହି ବିଜୟ ସଂକଳ୍ପ ଯାତ୍ରାରେ ଶାହଙ୍କ ରୋଡ୍ ଶୋ' ସେମାନଙ୍କୁ କିଭଳି ପ୍ରଭାବିତ କରିବ ଏବଂ ଆଗାମୀ ଦିନରେ ପୁରୀ କେତେଦୂର ବିକାଶ ପଥରେ ଆଗେଇବ ସେ ନେଇ ଭୋଟର ସେମାନଙ୍କ ମତ ରଖିଛନ୍ତି। ମୋଚିସାହି ଛକରେ ଚା' ଦୋକାନ କରିଥିବା ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ଶାହଙ୍କ ରୋଡ୍ ଶୋ ଦେଖିବାକୁ ମୋ ପାଖରେ ବେଳ କାହିଁ? ଯାଇଥିଲେ ୨/୩ ଘଣ୍ଟା ସମୟ ନଷ୍ଟ ହୋଇଥାନ୍ତା। ବଡ଼ବଡ଼ିଆ ନେତା ଆସିଲେ ଆମ ଗରିବ ଗୁରୁବାଙ୍କ ଦୁଃଖ ପରିବର୍ତ୍ତନ ହେବନି। ଚା' ଦୋକାନ ଖୋଲିଲେ ପରିବାର ଚଳିବ, ରୋଡ୍ ଶୋ'କୁ ଯାଇ ଲାଭ କଣ? ସବୁ ଦଳ ପକ୍ଷରୁ ଏମିତି ସଭା, ସମିତି, ରୋଡ୍ ଶୋ' ହେଉଛି । କ୍ଷମତାକୁ ଆସିଲେ ଏୟା କରିଦେବୁ ସେୟା କରିଦେବୁ ବୋଲି ବଡ଼ ବଡ଼ ଭାଷଣ ଦେଉଛନ୍ତି। ତେବେ କ୍ଷମତାରେ ଥିଲା କିଏ? ରାଜ୍ୟରେ ବିଜେଡିକୁ ୧୯ବର୍ଷ ଏବଂ କେନ୍ଦ୍ରରେ ଭାଜପାକୁ ୫ବର୍ଷ କ'ଣ କମ୍ ହୋଇଗଲା? ସେମାନେ ଚାହିଁଥିଲେ ପୁରୀ ସହରର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥାନ୍ତା। କିନ୍ତୁ ସେମିତି କିଛି ହୋଇନି। ଆମର ସ୍ଥାନୀୟ ନେତା ତ ଆମ ପାଇଁ କିଛି କଲେନି। ଶାହଙ୍କଠାରୁ ଆଉ କ'ଣ ଆଶା ରଖିବା। ଯଦି ଇଚ୍ଛା ହେବ ଗାଁକୁ ଯାଇ ଭୋଟ ଖଣ୍ଡିଏ ଦେବି। କିଏ କଣ ରାଜନୀତି କରୁଛି ସେଥିରେ ମୋର କିଛି ମତଲବ ନାହିଁ। ସେହିପରି ବ୍ରହ୍ମଗିରିର ସନ୍ଦୀପ ଜେନା କହିଛନ୍ତି, ମୋଦିଙ୍କ ନେତୃତ୍ୱରେ ଭାରତରେ ବିକାଶର ଧାରା ଚାଲିଛି। ଦେଶର ସମୃଦ୍ଧି ପାଇଁ ଭାଜପା କ୍ଷମତାକୁ ଆସିବା ଦରକାର। ଶାହଙ୍କ ଏହି ରୋଡ୍ ଶୋ ନିଶ୍ଚିତ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ସକାରାତ୍ମକ ପ୍ରଭାବ ପକାଇବ।

ପୁରୀର ଯୁବ ସାମାଜିକ କର୍ମୀ ସନ୍ତୋଷ ଶେଖର ମହାନ୍ତିଙ୍କ ମତରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ପ୍ରାର୍ଥୀଙ୍କ ପାଇଁ ଶାହ ରୋଡ୍ ଶୋ କରିଛନ୍ତି। ଏଭଳି ଦଳୀୟ ସଭା, ସମିତିକୁ ଯିବା ଅପେକ୍ଷା ନିଜ କାମରେ ସମୟ ଦେବା ଭଲ। କେନ୍ଦ୍ର ସରକାର ପୁରୀ ପାଇଁ ହୃଦୟ, ଅମୃତ, ପ୍ରସାଦ, ଆଇକନ ସିଟି ଭଳି ଏକାଧିକ ଯୋଜନା କରିଛନ୍ତି। ଏଥିପାଇଁ ଆସୁଥିବା ଅନୁଦାନ ଠିକ୍ ଭାବେ ଖର୍ଚ୍ଚ ହେଉଛି କି ନାହିଁ ତାହାର ତଦାରଖ ହେଲା ନାହିଁ। ରାଜ୍ୟ ସରକାର ବି ପୁରୀକୁ ଅଣଦେଖା କରିଚାଲିଛନ୍ତି। ଜିଲାରେ କୌଣସି ଶିଳ୍ପ କାରଖାନା ନାହିଁ। ନିର୍ବାଚନ ସମୟ ଥିବାରୁ କେବଳ ପୁଳା ପୁଳା ପ୍ରତିଶ୍ରୁତି ହିଁ ମିଳିବ। ତେଣୁ କୌଣସି ଦଳକୁ ଭରସା କରିବା ଠିକ୍ ନୁହେଁ। ଡେଲାଙ୍ଗ ଅଞ୍ଚଳର ଜିତେନ୍ଦ୍ର ପ୍ରଧାନଙ୍କ କହିବାନୁଯାୟୀ, ରାଜ୍ୟରେ ନେତୃତ୍ୱର ପରିବର୍ତ୍ତନ ଆବଶ୍ୟକ। କଂଗ୍ରେସ ପରେ ୧୯ବର୍ଷ ଧରି କ୍ଷମତାସୀନ ବିଜେଡି ସରକାର ଦୁର୍ନୀତିରେ ବୁଡ଼ି ରହିଛି । ତେଣୁ ରାଜ୍ୟରେ ଭାଜପାକୁ ଥରେ ସୁଯୋଗ ଦିଆଯିବା ଦରକାର।



ରୋଡ୍ ଶୋ'ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଓ ଅନ୍ୟ ନେତାମାନେ।

**ଭୋଟରଙ୍କ ମିଶ୍ର ପ୍ରତିକ୍ରିୟା**

- ଶାହଙ୍କୁ ଦେଖିଲେ ଦୁଃଖ ଦୂର ହେବନି
- ରାଜ୍ୟରେ ନେତୃତ୍ୱର ପରିବର୍ତ୍ତନ ଦରକାର

# 'ଲଗାମଛଡ଼ା ଅଧିକାରୀ ବିଜେଡି ପାଇଁ କାମ କରୁଛନ୍ତି'

ଭୁବନେଶ୍ୱର,୯।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲାରେ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ଲଗାମ ଛଡ଼ା ଅବସ୍ଥାରେ ରହିଛନ୍ତି। ସବୁ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରି ରାଜନୈତିକ କର୍ମୀଭାବେ କାର୍ଯ୍ୟ କରୁଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ନେଇ ଭୟ ଓ ଆଶଙ୍କା ଦେଖା ଦେଇଛି। ବୁଥ୍ ଗୁଡ଼ିକରେ କିପରି ଲୁଟ୍ କିମ୍ବା ଆତଙ୍କ ପରିସ୍ଥିତି ସୃଷ୍ଟି ନ ହେବ ତା' ଉପରେ ଦୃଷ୍ଟି ଦେବାକୁ ମଙ୍ଗଳବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅନୁରୋଧ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସିଇଓଙ୍କୁ ସାକ୍ଷାତ୍ କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ ସୋମବାର ଗଞ୍ଜାମ ଜିଲାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ଚିକିଟି ବିଧାନସଭାରେ ସ୍ଥାନୀୟ ପ୍ରଶାସନ ସହାୟତାରେ ଶାସକ ଦଳ ଆତଙ୍କବାଦ ଚଳେଇ ଆସୁଥିବାର ଦେଖାଯାଇଥିଲା। ସେଥିରୁ ରାଜ୍ୟରେ ଆଇନ ଶୃଙ୍ଖଳା ନ ଥିବା ଅନୁମାନ କରାଯାଉଛି। ସୋମବାର ଗଞ୍ଜାମରୁ ଫେରିବା ପରେ ମଧ୍ୟ ଏ ବାବଦରେ ସିଇଓଙ୍କୁ ଦଳ ପକ୍ଷରୁ ଅବଗତ କରାଯାଇଥିଲା। ମଙ୍ଗଳବାର ଭାଜପା ସଦସ୍ୟମାନେ ଡିଜିପିଙ୍କୁ ଭେଟି ଏ ବିଷୟରେ ଅବଗତ କରିବା ସହ ଏ ବିଷୟରେ ସିଇଓଙ୍କୁ ଅବଗତ କରାଯାଇଛି। ସ୍ଥାନୀୟ ସ୍ତରରେ ବୁଥ୍‌ଗୁଡ଼ିକରେ ଲୁଟ୍ କିମ୍ବା ଆତଙ୍କରାଜ ଭଳି ପରିସ୍ଥିତି ନ ହେବା ପାଇଁ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ତତ୍ତ୍ୱାବଧାନରେ ଦୃଷ୍ଟିଦେବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି । କାଳିଆ ଯୋଜନା ପ୍ରସଙ୍ଗରେ ଧର୍ମେନ୍ଦ୍ର କହିଛନ୍ତି ଯେ ଗଞ୍ଜାମ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କାଳାହାଣ୍ଡି ଏବଂ ନୂଆପଡ଼ାରେ ସରକାରୀ ଅଧିକାରୀଙ୍କୁ ଭୟ ଦେଖାଇବା ପାଇଁ ମୁଖ୍ୟମନ୍ତ୍ରୀ ସିଇଓଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କାଳିଆ ଶାସକ ଦଳ ପାଇଁ କାଳ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଉଭୟ ବଜେଟରେ ଟଙ୍କା ଓ ତାଲିକା ଅଛି। ମାତ୍ର କାଳିଆ ଯୋଜନାରେ ଏହି ବ୍ୟବସ୍ଥା ରାଜ୍ୟ ସରକାର କରି ନାହାନ୍ତି। ଏହା କେବଳ ଓଡ଼ିଆ ଲୋକଙ୍କୁ ଭୁଆଁ ବୁଲାଇବା ଛଡ଼ା କିଛି ନୁହେଁ। କାଳିଆ ଯୋଜନାରେ କିଏ ଟଙ୍କା ପାଉଛନ୍ତି, ଆଉ କିଏ ଟଙ୍କା ପାଇବେ ସେ ତାଲିକା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ଏହି ଯୋଜନାରେ ମନ୍ତ୍ରୀ, ବିଧାୟକଙ୍କ ପରିବାର ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାକୁ ସରକାର ହଟାଇ ନେଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟ ସରକାର ତାଲିକା ଦେଉ ନାହାନ୍ତି କି ୫ ଏକର ଜମିରୁ କମ୍ ଥିବା ୪୫ ଲକ୍ଷ ପରିବାରଙ୍କର ତାଲିକା ନ ଥିବାରୁ ଏହି ଯୋଜନାର ଲାଭ ରାଜ୍ୟ ପାଇ ପାରୁ ନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

**ସିଇଓଙ୍କ ନିକଟରେ ଫେରାଦ ହେଲେ ଧର୍ମେନ୍ଦ୍ର**

### ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

# ବିଜୁବାବୁ ସିନେମାକୁ ସମସ୍ତ ହଲରୁ ହଟାଯାଉ

ଭୁବନେଶ୍ୱର,୯।୪(ବ୍ୟୁରୋ)

ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉପରେ ଆଧାରିତ ବିଜୁବାବୁ ସିନେମା ଭୋଟରମାନଙ୍କୁ ପ୍ରଭାବିତ କରୁଛି । ଏହି ସିନେମା ମାର୍ଚ୍ଚ ୧ ତାରିଖରୁ ରିଲିଜ୍ ହୋଇଥିବାବେଳେ ଏଥିରେ ମୁଖ୍ୟ ନାୟକ ଭାବେ ଅନୁଭବ ମହାନ୍ତି ଅଭିନୟ କରିଛନ୍ତି। ଅନ୍ୟପଟେ କେନ୍ଦ୍ରାପଡ଼ା ଲୋକ ସଭା ମଣ୍ଡଳୀ ପାଇଁ ବିଜେଡି ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରାଇଛି । ଚଳଚ୍ଚିତ୍ରର ନାଁ ବିଜୁବାବୁ ଏବଂ ଦଳର ନାଁ ବିଜୁ ଜନତା ଦଳ। ଆଦର୍ଶ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ସିନେମା ମାଧ୍ୟମରେ ବିଜେଡି ପ୍ରାର୍ଥୀ ଅଭିନୟ କରି ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଛନ୍ତି । ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜୁବାବୁ ସିନେମାକୁ ସମସ୍ତ ଫିଲ୍ମ ହଲରୁ ହଟାଇବାକୁ ଦାବି କରିଛନ୍ତି । ବିଜୁବାବୁ ସିନେମା ମାଧ୍ୟମରେ ଭୋଟ ହାତେଇବାକୁ ପ୍ରୟାସ କରିଛି ବିଜେଡି। ବିଜୁ ପଟ୍ଟନାୟକଙ୍କ ନାଁ ରେ ଏହି ସିନେମା ହୋଇଥିବାରୁ ସାଧାରଣ ନିରୀହ ଲୋକମାନେ ଏଥିରେ ପ୍ରଭାବିତ ହେଉଛନ୍ତି। ଏହା କେବଳ ସିନେମା ନୁହେଁ। ବିଜୁ ନାଁ ରେ ବିଜେଡି ନିର୍ବାଚନ ପ୍ରଚାର କରୁଛି । ଏହା ସମ୍ପୂର୍ଣ୍ଣ ରୂପେ ବେଆଇନ ଏବଂ ଭାରତୀୟ ଦଣ୍ଡ ବିଧାନ ଧାରା ୧୭୧(ମ) ଏବଂ ୧୭୧(ଲ) ଅନୁଯାୟୀ ଆଇନତଃ ଅପରାଧ । ଏହି ସିନେମାଟି ବେନିୟମ ଏବଂ ବିଜେଡିର ପ୍ରଚାର ପାଇଁ ରିଲିଜ୍ ହୋଇ ସମଗ୍ର ଓଡ଼ିଶାର ଭୋଟରଙ୍କୁ ପ୍ରଭାବିତ କରୁଛି ବୋଲି ପ୍ରତିନିଧି ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ସିକନ୍ଦର ଅଲ୍ଲୀ ପ୍ରମୁଖ ସାମିଲ ଥିଲେ ।

# ଫୁଲ ନେତା ଉଭାନ୍



ହଟିଲେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡ୍‌ଭାନୀ



ବିଜୁ ଅଦୃଶ୍ୟ



ଇନ୍ଦିରା, ରାଜୀବ ଓ ସୋନିଆ ଗାନ୍ଧୀ ନାହାନ୍ତି

# ସାଇନାଙ୍କ ବାୟୋପିକ୍‌ରେ ପରିଣୀତି




ମୁମ୍ବାଇ: ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି। ତେଣୁ ସେ ପ୍ରତିଦିନ ନେହ୍ୱାଲ୍‌ଙ୍କ ମ୍ୟାଚ୍ ଫୁଟେଜ୍ ଦେଖିବା ପାଇଁ ଦୁଇଘଣ୍ଟା ବ୍ୟୟ କରୁଛନ୍ତି। 'ଇଶ୍କଜାଦେ'ର ଅଭିନେତ୍ରୀ ପରିଣୀତି ନେହ୍ୱାଲ୍‌ଙ୍କ ଚରିତ୍ରରେ ଅଭିନୟ କରିବା ପାଇଁ ପୂରା ପ୍ରସ୍ତୁତିରେ ଲାଗି ପଡିଛନ୍ତି। ନେହ୍ୱାଲ୍ ଖେଳପଡିଆରେ କିମ୍ବା ପଡିଆ ବାହାରେ କିପରି ଆଚରଣ କରନ୍ତି ଏବଂ ତାଙ୍କର ଦେହର ପରିଭାଷା କିପରି ସେ ସବୁକୁ ନିଖୁଣ ଭାବରେ ଅନୁକରଣ କରୁଛନ୍ତି ପରିଣୀତି। ନିଜ ପ୍ରସ୍ତୁତି ବିଷୟରେ କହନ୍ତି, ନେହ୍ୱାଲ୍‌ଙ୍କ ଆକ୍ସନ୍ ଦେଖି ଦେଖି ଶିଖିବାକୁ ପଡୁଛି। ସେ ଏ ତାଲିମ ସମ୍ପର୍କରେ ଅମୋଲ ଗୁପ୍ତେଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଗ୍ରହଣ କରିଛନ୍ତି। ସାଇନାଙ୍କ ବାୟୋପିକ୍ କରିବାକୁ ହେଲେ ତାଙ୍କ ମ୍ୟାଚ୍ ଦେଖିବା ଜରୁରୀ ହୋଇପଡ଼ିଛି। ସାଇନା କିପରି ପାଦ ପକାଉଛନ୍ତି, କିପରି ହାତ ବ୍ୟବହାର କରୁଛନ୍ତି, ର୍‍ୟାକେଟ କିପରି ବ୍ୟବହାର କରୁଛନ୍ତି ସେ ସବୁକୁ ଲକ୍ଷ୍ୟକରି ସେଭଳି ଆକ୍ସନ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତାଙ୍କର ସବୁ ମ୍ୟାଚ୍ ଓ ଭିଡିଓକୁ ଭଲଭାବେ ନିରୀକ୍ଷଣ କରିବା ଜରୁରୀ ହୋଇପଡିଛି। ଟି-ସିରିଜ୍‌ର ଭୂଷଣ କୁମାର ଏବଂ ଦିବ୍ୟ ଖୋସ୍‌ଲାଙ୍କ ପ୍ରଯୋଜନାରେ ହେଉଥିବା ଏହି ବାୟୋପିକ୍ ଆସନ୍ତାବର୍ଷ ରିଲିଜ୍ ହେବାର ଅଛି।

# ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

ଭୁବନେଶ୍ୱର୯।୪(ବ୍ୟୁରୋ)-ଆସନ୍ତା ୧୧ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ସେଥିପାଇଁ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ପ୍ରଚାର ଶେଷ ହୋଇଛି। ମତଦାନ ପରିଚାଳନା କରିବା ପାଇଁ କର୍ମଚାରୀମାନେ ନିର୍ବାଚନ ସାମଗ୍ରୀ ଧରି ଗନ୍ତବ୍ୟ ସ୍ଥଳକୁ ଗସ୍ତ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି ଯେ ଚଳିତ ନିର୍ବାଚନରେ ୬୦ ଲକ୍ଷ ୩ ହଜାର ୭୦୭ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟ ମତଦାନ ପାଇଁ ୪୭ ହଜାର ୮୦୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ସକାଶେ ୭୨୩୩ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ଭୋଟ ସାମଗ୍ରୀ ନେବା ପାଇଁ ୮୮୭୭ ଯାନବାହନ ନିୟୋଜିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ଏହା ଅଧିନ ୨୮ଟି ବିଧାନସଭା ଆସନ ଲାଗି ଭୋଟଗ୍ରହଣ ହେବ।

# ତୃଣମୂଳସ୍ତରରେ ଦଳ ଦୁର୍ବଳ

ସୁନୀତ୍ ମିଶ୍ର
ଭୁବନେଶ୍ୱର, ୯।୪:

ଓଡ଼ିଶା ରାଜନୀତିରେ ଭାଜପା ନିଜକୁ ଶାସକ ବିଜେଡିର ବିକଳ୍ପ ବୋଲି ପ୍ରଚାର କରୁଛି। ୨୦୧୯ ନିର୍ବାଚନରେ ଦଳ ସରକାର କରିବାର ଦୃଢୋକ୍ତି ମଧ୍ୟ ରଖୁଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ବିଗତ ଦିନରେ ରାଜ୍ୟରେ ୧୨୦ ପ୍ଲସ୍ ଆସନ ପାଇ ଭାଜପା ସରକାର କରିବ ବୋଲି କହିଥିଲେ। ଏହାପରେ ଦଳର ଅନ୍ୟ କେନ୍ଦ୍ରୀୟ ନେତା ଓ ରାଜ୍ୟ ନେତୃବୃନ୍ଦ ବାରମ୍ବାର ସମାନ କଥା ଦୋହରାଇ ଚାଲିଛନ୍ତି। ମାତ୍ର ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆସନ୍ତା ନିର୍ବାଚନରେ ଭାଜପା ଉପରେ ନକାରାତ୍ମକ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ଥିବା ଚର୍ଚ୍ଚା ଜୋର୍ ଧରିଛି। ଭାଜପା ରାଜ୍ୟର ବହୁ ଆସନରେ ବିଜେଡି ଓ କଂଗ୍ରେସରୁ ଆମଦାନୀ କରିଥିବା ନେତାଙ୍କୁ ପ୍ରାର୍ଥୀ କରି ଏହା ପ୍ରମାଣ କରିଦେଇଛି। ଯେତେ ପ୍ରଚାର କଲେ ମଧ୍ୟ ଦଳ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇପାରି ନ ଥିବା ରାଜନୈତିକ ମହଲରେ ଶୁଣିବାକୁ ମିଳୁଛି।

୨୦୧୪ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଭାଜପା ସରକାରକୁ ଆସିବା ପରଠାରୁ ଓଡ଼ିଶାକୁ ବେଶ୍ ଗୁରୁତ୍ୱ ଦେଇ ଆସୁଛି। ସାଙ୍ଗଠନିକ କ୍ଷେତ୍ରରେ ସେତେଟା ସଫଳ ହେଉ ନ ଥିଲେ ମଧ୍ୟ ପ୍ରଚାର, ପ୍ରସାର ଜରିଆରେ ଏହି ଦଳ ଆଗକୁ ଯିବାକୁ ପ୍ରୟାସ କରୁଛି। କେନ୍ଦ୍ରୀୟ ନେତାମାନେ ମଧ୍ୟ ଗତ ସାଢ଼େ ୪ବର୍ଷ ହେବ ଘନଘନ ଗସ୍ତରେ ଆସୁଛନ୍ତି। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ୍ ଶାହ ବହୁଥର ଆସି ଓଡ଼ିଶାରେ ଦଳ ସରକାର କରିବା ନିଶ୍ଚିତ ବୋଲି କହିଯାଉଛନ୍ତି। ହେଲେ ଏତେସବୁ କାର୍ଯ୍ୟକ୍ରମ ସତ୍ତ୍ୱେ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନରେ ଦଳ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଭାବେ ନିଜକୁ ପ୍ରସ୍ତୁତ କରିପାରି ନ ଥିବା ଜଣାପଡିଛି। ଦଳରେ ବହୁ ବରିଷ୍ଠ ନେତା ଥିଲେ ମଧ୍ୟ କାହାରି ଜଣଙ୍କ କଥା ମାନି ସମସ୍ତେ ସୁସଙ୍ଗଠିତ ହୋଇପାରି ନାହାନ୍ତି। ବିଗତ ଦିନରେ ମିଶ୍ରଣ ପର୍ବ ନାଁରେ ଅନ୍ୟ ଦଳର ଯେତେସବୁ ନେତାଙ୍କୁ ଆଣି ଭାଜପାରେ ସାମିଲ କରାଯାଉଥିଲା ଏହା କେବଳ ନାଟକବାଜି ଥିଲା ବୋଲି କେତେଜଣ ଦଳୀୟ ନେତା କହିବା ଆରମ୍ଭ କରିଦେଲେଣି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ପରେ ଏଭଳି କଥା ବେଶି ଶୁଣିବାକୁ ମିଳୁଛି।

ରାଜ୍ୟରେ ୪ ପର୍ଯ୍ୟାୟରେ ନିର୍ବାଚନ ହେବ। ମଙ୍ଗଳବାର ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି। ଏପରି କି ପ୍ରଥମ ପର୍ଯ୍ୟାୟ ମତଦାନ ସକାଶେ ପ୍ରଚାର କାର୍ଯ୍ୟ ମଧ୍ୟ ଶେଷ ହୋଇଯାଇଛି। ହେଲେ ଶେଷ ପର୍ଯ୍ୟନ୍ତ ଭାଜପା ସବୁ ଆସନରେ ପ୍ରାର୍ଥୀ ଦେବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରି ନ ଥିଲା। ବାଲେଶ୍ୱରର ଭୋଗରାଇ ଆସନରେ ଶେଷ ସମୟରେ ଅର୍ଥାତ୍ ଗତ ସୋମବାର ଦଳ ମାନସ ମହାନ୍ତିଙ୍କୁ ପରିବର୍ତ୍ତନ କରି ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ କରିଥିବା ଜଣାପଡିଛି। ହେଲେ ଏନେଇ ଦଳ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ୧୪୭ ବିଧାନସଭା ଆସନ ପାଇଁ ଦଳ ପ୍ରାର୍ଥୀ ଦେବାକୁ ନାକେଦମ ହୋଇପଡିଛି। ଅଧିକାଂଶ ସ୍ଥାନରେ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ନେତାଙ୍କୁ ଭାଜପା ପ୍ରାର୍ଥୀ କରିଛି। ଯେଉଁଥିଲାଗି ଭାଜପାର ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା ନେତାମାନେ ଅନ୍ୟ ଦଳକୁ ଚାଲିଯାଇଛନ୍ତି। ଏହାସହ ଟିକେଟ ପାଇବା ପରେ ମଧ୍ୟ କେତେଜଣ ନେତା ବିଜେଡିରେ ସାମିଲ ହୋଇ ପ୍ରାର୍ଥୀ ହୋଇଛନ୍ତି। ଅର୍ଥାତ୍ ଭାଜପାରେ ରହି କାର୍ଯ୍ୟକରୁଥିବା ନେତାମାନେ ଯେ, ଦଳର ଭବିଷ୍ୟତ ସଫଳତା ସମ୍ପର୍କିତ ପ୍ରଚାରକୁ ବିଶ୍ୱାସକୁ ନେଇପାରି ନାହାନ୍ତି ତାହା ସାଧାରଣରେ ଆଲୋଚନା ହେଉଛି।

କାକଟପୁର ଆସନରେ ଭାଜପା ତୁଷାରକାନ୍ତି ବେହେରାଙ୍କୁ ପ୍ରାର୍ଥୀ କରିସାରିଥିଲା। ହେଲେ ସେ ଟିକେଟ ଫେରାଇ ବିଜେଡି ପ୍ରାର୍ଥୀ ହେଲେ। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ଆସନରେ ଭାଗୀରଥି ସେଠୀଙ୍କୁ ଦଳ ପ୍ରାର୍ଥୀ କରିଥିଲା। କିନ୍ତୁ ଏହି ସ୍ଥାନରେ ମଧ୍ୟ ଦଳକୁ କାକଟପୁର ଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା। ବିଜେଡିରୁ ଯୋଗାଯୋଗ ପାଇବା ମାତ୍ରେ ଭାଗୀରଥି ଭାଜପା କ୍ୟାମ୍ପରୁ ଡିଆଁ ମାରିଥିଲେ। ସମାନଭାବେ ପାରାଦୀପ ବିଧାୟକ ଦାମୋଦର ରାଉତ ଭାଜପାରେ ଯୋଗଦେବା ପରେ ତାଙ୍କ ଦାବି ଅନୁଯାୟୀ ଦଳ ତାଙ୍କୁ ବାଲିକୁଦା-ଏରସମାରୁ ପ୍ରାର୍ଥୀ କରିଛି। ଯେଉଁଥିପାଇଁ ଏହି ଆସନରୁ ଭାଜପା ଟିକେଟ ପାଇଁ ଆଶାୟୀ ଥିବା ରଘୁନନ୍ଦନ ଦାଶ ଦଳର ରାଜ୍ୟ ନେତୃବୃନ୍ଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ବିଜେଡିରେ ଯୋଗଦେଲେ। ବିଜେଡି ରଘୁନନ୍ଦନଙ୍କ ଉପରେ ବିଶ୍ୱାସ କରି ବାଲିକୁଦା-ଏରସମା ପାଇଁ ଟିକେଟ ଦେଇଛି। ଏତିକି ନୁହେଁ ଜଟଣୀ ବିଧାନସଭା ଆସନ ପାଇଁ ଭାଜପା ଜ୍ୟୋତିରିନ୍ଦ୍ରନାଥ ମିତ୍ର(ଜିତୁ)ଙ୍କୁ ପ୍ରାର୍ଥୀ କରିଥାନ୍ତା। ହେଲେ ସେ ମଧ୍ୟ ଦଳ ଛାଡି ବିଜେଡି ପ୍ରାର୍ଥୀ ହେଲେ। ମୟୂରଭଞ୍ଜର ମୋରଡା ଆସନରେ ରାଜ କିଶୋର ଦାଶ ପ୍ରାର୍ଥୀ ହେବାର ଥିଲା। କିନ୍ତୁ ସେ ମଧ୍ୟ ବିଜେଡିରେ ଯୋଗଦେଲେ। ସେହିପରି ଆହୁରି ବହୁ ନେତାଙ୍କୁ ଭାଜପାର ମଙ୍ଗୁଆଳମାନେ ସମ୍ଭାଳି ପାରିଲେ ନାହିଁ। ଅନ୍ୟପକ୍ଷରେ ୨୧ ଲୋକ ସଭା ଆସନ ମଧ୍ୟରୁ ୬ ଆସନରେ ଭାଜପା ଅନ୍ୟ ଦଳରୁ ଆମଦାନୀ କରିଥିବା ନେତାଙ୍କୁ ପ୍ରାର୍ଥୀ କରିଛି। ଜଗତ୍‌ସିଂହପୁର ଆସନରେ ଶେଷ ସମୟ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରି ନ ଥିବା ଭାଜପା ଶେଷରେ କଂଗ୍ରେସ ନେତା ବିଭୁ ପ୍ରସାଦ ତରାଇଙ୍କୁ ଟିକେଟ ଦେଇଛି। ଦଳରେ ସାମିଲ ହେବାର ଗୋଟିଏ ଦିନ ପରେ ବିଭୁଙ୍କୁ ଦଳ ଟିକେଟ ଦେଇଛି। ଏଥିରୁ ଭାଜପା ସବୁ ଆସନରେ ନିର୍ବାଚନ ପର୍ଯ୍ୟନ୍ତ ପ୍ରାର୍ଥୀ ସୃଷ୍ଟି କରିପାରି ନ ଥିବା ବୁଝାପଡୁଛି।

ଉପରୋକ୍ତ ଘଟଣାବଳୀକୁ ଲକ୍ଷ୍ୟ କଲେ ବୁଝାପଡୁଛି, ଭାଜପା ଓଡ଼ିଶାର ସବୁ ଆସନରେ ପ୍ରାର୍ଥୀ ଦେବା ଲାଗି ଶେଷ ଯାଏ ପ୍ରସ୍ତୁତ ହୋଇପାରି ନ ଥିଲା। କୁହାଯାଉଛି ସ୍ଥାନୀୟ ନେତାଙ୍କ ଦୁର୍ବଳତା ଏହାର ପ୍ରମୁଖ କାରଣ। ଦଳର ମଙ୍ଗ ଧରିଥିବା ସବୁ ନେତା ଏତେଦିନ ମଧ୍ୟରେ ଏକାଠି ନ ହୋଇ ଅହଂଭାବରେ ରହିଲେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଗତ ବର୍ଷଗୁଡ଼ିକରେ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରି ଯେଉଁ ଦିଗ୍‌ଦର୍ଶନ ଦିଆଯିବା କଥା ତାହା ହୋଇପାରି ନାହିଁ। ଶୀର୍ଷରେ ଥିବା ନେତୃବୃନ୍ଦଙ୍କ ବିବାଦ ତଳସ୍ତରରେ ଅଧିକ ପ୍ରଭାବ ବିସ୍ତାର କରିଥିବା ନିକଟ ଅତୀତରେ ଘଟିଯାଇଥିବା ମିଶ୍ରଣ ପର୍ବ ଓ ଟିକେଟ ବଣ୍ଟାରୁ ସ୍ପଷ୍ଟ ହୋଇଛି। ତୃଣମୂଳସ୍ତରରେ ସଙ୍ଗଠନ ଅତ୍ୟନ୍ତ ଦୁର୍ବଳ ବୋଲି ଗତ ୧୫ଦିନର କସରତରୁ ବାରି ହୋଇପଡୁଛି। ଦାୟିତ୍ୱ ତୁଲାଇଥିବା ନେତୃବୃନ୍ଦଙ୍କ ସାଙ୍ଗଠନିକ ଦକ୍ଷତା, ପ୍ରାର୍ଥୀ ଚୟନର ଚତୁରତା କେତେ ସଫଳ ହେଉଛି ତାହା ଆସନ୍ତା ମେ ୨୩ ଭୋଟ ଗଣତି ପରେ ଜଣାପଡିବ।

## ଶ୍ରୀ ବଳଦେବଜୀଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

# ୬ ଘଣ୍ଟା ବନ୍ଦ ରହିଲା ଶ୍ରୀଜୀଉଙ୍କ ନୀତିକାନ୍ତି

କେନ୍ଦ୍ରାପଡା ଅଫିସ, ୯।୪

କେନ୍ଦ୍ରାପଡା ଜିଲା ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ମଙ୍ଗଳବାର ଜଣେ ଅଣହିନ୍ଦୁ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଶ୍ରୀଜୀଉଙ୍କ ନୀତିକାନ୍ତି ୬ ଘଣ୍ଟା ଧରି ବିଳମ୍ବ ହେବା ସହ ମନ୍ଦିର ବନ୍ଦ ରହିଥିଲା। କେନ୍ଦ୍ରାପଡା ଲୋକସଭା ଓ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ବିଜେଡି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବାକୁ ଯିବା ପୂର୍ବରୁ ଏହି ଅଘଟଣ ହୋଇଥିଲା। ଫଳରେ ପୂର୍ବାହ୍ନ ୧୧ଟା ବେଳର ଧୂପ ଅପରାହ୍ନ ୪ଟା୧୫ରେ ହୋଇଥିଲା। ଏହି ଘଟଣାରେ ଛାତ୍ର ବିଜେଡିର ଜଣେ ସଂଖ୍ୟାଲଘୁ ନେତାଙ୍କୁ ଟାଉନ ଥାନାକୁ ନିଆଯାଇ ପଚରାଉଚୁରା କରାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଶଶୀଭୂଷଣ ବେହେରା ସେମାନଙ୍କ ନାମାଙ୍କନ ପତ୍ର ଦାଖଲର ଶୋଭଯାତ୍ରା ପୂର୍ବରୁ ବଳଦେବଜୀଉଙ୍କ ମନ୍ଦିରକୁ ଯାଇଥିଲେ।

ଏହି ସମୟରେ ଶୋଭଯାତ୍ରାରେ ସାମିଲ ହେବା ପାଇଁ ଆସିଥିବା ସଂପୃକ୍ତ ସଂଖ୍ୟାଲଘୁ ନେତା ମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ। ତାଙ୍କୁ ମନ୍ଦିର ପରିସରରେ ଥିବା ତୁଳସୀ ଚଉଁରା ନିକଟରେ ଦେଖି ମନ୍ଦିର ସେବାୟତ ସନା ସୁଆରଙ୍କ ସନ୍ଦେହ ଜାତ ହୋଇଥିଲା। ସୁଆର ତାଙ୍କୁ ପଚରାଉଚୁରା କରିବା ପରେ ସେ ଅଣହିନ୍ଦୁ ବୋଲି ଜଣାପଡିଥିଲା । ଏନେଇ ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀଙ୍କୁ ଅବଗତ କରାଯିବା ପରେ ତାଙ୍କୁ ଟାଉନ ଥାନା ପୋଲିସ ଜିମାରେ ଦିଆଯାଇଥିଲା। ଏହାପରେ ମନ୍ଦିରକୁ ଶୋଧ କରାଯିବା ସହ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକୁ ନଷ୍ଟ କରିଦିଆଯାଇଥିଲା । ପରେ ରୋଷଇ ଶାଳକୁ ଶୋଧ କରାଯାଇ ମନ୍ଦିରରେ ଆବଶ୍ୟକ ନୀତିକାନ୍ତି ଆରମ୍ଭ ହୋଇଥିଲା । ଏ ସମ୍ପର୍କରେ ମନ୍ଦିର ଏଣ୍ଡାଉମେଣ୍ଟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କୁହନ୍ତି ଯେ, ଘଟଣା ଜଣାପଡିବା ପରେ ମନ୍ଦିରକୁ ଶୋଧ କରାଯାଇଛି । ଏହି ବିଭ୍ରାଟ ସମୟରେ ମନ୍ଦିରରେ ହୋଇଥିବା ଖର୍ଚ୍ଚର ଭରଣା ଦେବାକୁ ବିଜେଡିର କର୍ମକର୍ତ୍ତାମାନେ କହିଛନ୍ତି। ଏଥିସହ ବିଜେଡିର କେତେଜଣ ନେତା ସଂପୃକ୍ତ ସଂଖ୍ୟାଲଘୁ ନେତାଙ୍କୁ ପିଆରବଣ୍ଡରେ ନେଇଥିବା ଥାନା ଅଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଣିଷ ପ୍ରକୃତି ମଲେ ତୁଟେ
ଘୁଷୁରି ପ୍ରକୃତି ପଙ୍କରେ ଲୋଟେ ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପରମ୍। ଘୁଷୁରିର ପ୍ରକୃତି ପଙ୍କରେ ଲୋଟିବା ଭଳି ମଣିଷ ତା'ର ଚିରାଚରିତ ପ୍ରକୃତିକୁ ଛାଡ଼ି ପାରି ନ ଥାଏ। ଯାହାର ଯାହା ଜନ୍ମଗତ ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମିଆଁ ବିବି ରାଜି
କ୍ୟା କରେଗା ପାଜି ।**

ଉଭୟେ ଉଭୟ ପ୍ରତି ଯେତେବେଳେ ସମର୍ପିତ ସେତେବେଳେ ଆଉ କାହାର ଆପତ୍ତି କରିବାର ମାନେ କିଛି ରହି ନ ଥାଏ। ଉଭୟ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବା ବେଳେ ସେଠାରେ ଅନ୍ୟର ସମର୍ଥନ ପାଇଁ କୌଣସି ଅପେକ୍ଷା କରିବାର ପ୍ରୟୋଜନ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address:
Narsingpur, Bhogarai, Balasore
Mob: 8860754194, 7835948917

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ।
ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ /ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କରାଯାନ୍ତୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday

## ସଂକ୍ଷେପରେ

### ନିର୍ବାଚନୀ ଧରପଗଡ଼, କାରରୁ ୧.୭୦ ଲକ୍ଷ ଜବତ

ପାରାଦୀପ,୯।୪(ସ୍ୱ.ପ୍ର.): ପାରାଦୀପରେ ସାଧାରଣ ନିର୍ବାଚନ ଆଉ ୨୦ଦିନ ଥିବାବେଳେ ପୋଲିସ ପକ୍ଷରୁ ଜୋରଦାର ଧରପଗଡ଼ ଚାଲିଛି। ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପ ଲକ୍ ଥାନା ପୋଲିସ ୫ନଂ. (କ) ଜାତୀୟ ରାଜପଥ ଭୂତମୁଣ୍ଡାଇ ପୋଲ ପାଖରେ ଯାଞ୍ଚ କରୁଥିବାବେଳେ ପାରାଦୀପରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ କାରରୁ ୧.୭୦ଲକ୍ଷ ଟଙ୍କା ଜବତ କରିଛି। ଉକ୍ତ କେଉଁ କାମରେ ଯାଉଥିଲା ତାହା ଯାଞ୍ଚ କରାଯାଉଛି। ଏଥିସହ ଟଙ୍କା ଜବତ ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଭାସ ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ଓଡି୦୨ଏଚ୍୪୧୫୫ ନମ୍ବର ବିଶିଷ୍ଟ ଉକ୍ତ କାରରେ ଅନନ୍ତ ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ଏହି ଟଙ୍କା ନେଇ ଯାଉଥିଲେ। ଏହି ଟଙ୍କା ସେ ନିଜ ଠିକା କାମ ପାଇଁ ଶ୍ରମିକଙ୍କୁ ଦେବା ଓ ସରଞ୍ଜାମ କିଣିବା ପାଇଁ ନେଉଥିବା କହିଛନ୍ତି। ତେବେ ଏନେଇ କୌଣସି କାଗଜପତ୍ର ତାଙ୍କ ପାଖରେ ନାହିଁ ବୋଲି ପୋଲିସ କହିଛି।

### ନାଟ୍ୟକାର ଧୀରେନ ମହାପାତ୍ର ଥିଲେ କଳାର ପୂଜାରୀ

ତିର୍ତ୍ତୋଲ,୯।୪(ଡି.ଏନ.ଏ.): ନାଟ୍ୟ ଜଗତର ଉଜ୍ଜ୍ୱଳ ନକ୍ଷତ୍ର, କୁମାର ଉତ୍ସବ ସମିତିର ବର୍ଷିୟାନ କଳାକାର, ଭବାନୀ ଗଣନାଟ୍ୟର ସ୍ୱତ୍ତ୍ୱାଧିକାରୀ ସ୍ୱର୍ଗତ ଧୀରେନ କୁମାର ମହାପାତ୍ରଙ୍କ ଏକାଦଶାହ ଅବସରରେ ତିର୍ତ୍ତୋଲସ୍ଥିତ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ଅଧକ୍ଷତା କରିଥିଲେ। ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଧୀରେନ ବାବୁ କଳାର ପୂଜାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସାରଦା ପ୍ରସନ୍ନ ମହାପାତ୍ର, ଅକ୍ଷୟ ଦାସ, ପ୍ରଫୁଲ୍ଲ ଦାସ, ସୁବାସ ଚନ୍ଦ୍ର ସାହୁ, ଅଜିତ ସ୍ୱାଇଁ, ସବ୍ୟସାଚୀ କାନୁନ୍‌ଗୋ, ଅନୀଲ ମହାପାତ୍ର, ସାଗର ମହାପାତ୍ର, ବିଜୟା ମହାନ୍ତି, ଗୋଲୋକ ବିହାରୀ ପଲାଇ, ଅନୀଲ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ବିମଳ ମହାପାତ୍ରଙ୍କ ସଂଯୋଜନାରେ ପତ୍ରିକା 'ସ୍ମୃତିରେ ଧୀରେନ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

### ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ

ପାରାଦୀପ,୯।୪(ସ୍ୱ.ପ୍ର.): ପାରାଦୀପ ବନ୍ଦର ଦ୍ୱାରା ପରିଚାଳିତ ପୁରାତନ ଅନୁଷ୍ଠାନ ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଛି। ଏହି ଉତ୍ସବରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ଅଏଲ ପାଇପଲାଇନ ନିର୍ବାହୀ ନିର୍ଦ୍ଦେଶକ ପି.ଏଲ. ଚୌବେ, ଡିଜିଏମ ଏନ୍.ଏସ୍.କୁମାର, ବନ୍ଦର କ୍ୟାପ୍‌ଟେନ ତଥା ଅନୁଷ୍ଠାନର ସଭାପତି ଅତୁଲ୍ୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଅନୁଷ୍ଠାନରେ ନୃତ୍ୟ, ସଙ୍ଗୀତ, ବାଦ୍ୟ, ଅଭିନୟ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥାଏ। ବନ୍ଦର ଭିତ୍ତିକ ଶିଳ୍ପ ସହରରେ କଳାକୁ ଉଜ୍ଜୀବିତ ରଖିବାକୁ ଏହି ଅନୁଷ୍ଠାନ ଚଳାଇଥିବା ପ୍ରୟାସକୁ ଅତିଥି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଜ୍ୟୋତ୍ସ୍ନା ଦାସ, ନିରୋଜ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ ବଳ ପ୍ରମୁଖ ସଂଚାଳନା କରିଥିଲେ।

### ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଘାଟିତ

ତିର୍ତ୍ତୋଲ,୯।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଚାନ୍ଦପୁର ମହିଳୋ ଗ୍ରାମରେ ମଙ୍ଗଳବାର ଶ୍ରୀରାମ ନବମୀ ମହୋତ୍ସବ ଓ ବିଶ୍ୱରକ୍ଷା ମହାଯଜ୍ଞ ଉଦ୍‌ଘାଟିତ ହୋଇଛି। କଚାନ୍ଦପୁରସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଓ ରଘୁନାଥଜୀଉଙ୍କ ପୀଠରେ ଅନୁଷ୍ଠିତ ଏହି ଆଧାତ୍ମିକ ସାରସ୍ୱତ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ଶ୍ରୀରାମ ନବମୀ ଦିନ ଉଦ୍‌ଯାପିତ ହେବ। ବାଣୀକ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଉଦ୍‌ଘାଟନ ଉତ୍ସବରେ ଅମର ବିଳାସ ଗୀତିନାଟ୍ୟ ଅନୁଷ୍ଠିତ ହୋଇଛି। ୧୦ରେ ଓଁ ସ୍ୱସ୍ତି ଭଜନ ସନ୍ଧ୍ୟାର ସମାରୋହ ଓ ରାତି ୧୦ଟାରେ ସୁଶୀଲ ମାଳତି ଗୀତିନାଟ୍ୟ ପରିବେଷଣ କରାଯିବ। ୧୧ ଓ ୧୨ ତାରିଖ ରାତ୍ରରେ ଶ୍ରୀରାମ ଲୀଳାମୃତ ନାଟକ ପରିବେଷଣ କରାଯିବ। ଏହି ଉପଲକ୍ଷେ ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଦୈତାରୀ ରଥ, ରବିନାରାୟଣ ରଥ, ଚାନ୍ଦପୁର ଓ ମହିଳୋର ଗ୍ରାମବାସୀ ପରିଚାଳନାରେ ସହାୟତା କରୁଛନ୍ତି।

# ୪ ଏମପି, ୧୩ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ





ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ କଂଗ୍ରେସର ଦେବୀ ପ୍ରସାଦ ମଲ୍ଲିକ ଓ ଜଗତ୍‌ସିଂହପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ସରିଲା ପ୍ରାର୍ଥୀପତ୍ର ଦାଖଲ**

- ମୋଟ ୩୮ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ
- ପ୍ରଶାନ୍ତଙ୍କ ଶୋଭାଯାତ୍ରା ବେଳେ ଟ୍ରାଫିକ ଜାମ୍

ଜଗତ୍‌ସିଂହପୁର ଅଫିସ,୯।୪

ଚଳିତ ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ଥିଲା ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ସୋମବାର ଜଗତସିଂହପୁର ଲୋକସଭା ଆସନ ଓ ଏହା ଅଧୀନ ବିଧାନସଭା ଆସନ ପାଇଁ ଅଧିକାଂଶ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିସାରିଥିବାରୁ ଶେଷ ଦିନରେ ଅଳ୍ପ ସଂଖ୍ୟକ ପ୍ରାର୍ଥୀ ନାମାଙ୍କନ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଶେଷ ଦିନରେ ଏମ୍‌ପି ସିଟ୍ ପାଇଁ ୬ ଓ ବିଧାନସଭା ଆସନ ପାଇଁ ୧୩ ପ୍ରାର୍ଥୀପତ୍ର ଦାଖଲ ହେବା ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି। ମୋଟ ୩୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ଶୋଭାଯାତ୍ରା ସମୟରେ ସହରରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପ୍ରାୟ ୨ ଘଣ୍ଟା ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଅନୁଯାୟୀ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ପାଇଁ ଫ୍ରି ଥଟ୍ ଅଫ ଇଣ୍ଡିଆର ପ୍ରାର୍ଥୀ ଭାବେ ଅନୀଲ କୁମାର ବେହେରା, ଆମ୍ବେଡକରିତ ପାର୍ଟି ଅଫ ଇଣ୍ଡିଆର ପୀୟୁଷ ଦାସ, ଅଖିଳ ଭାରତ ହିନ୍ଦୁ ମହାସଭାର ଦୀପକ କୁମାର ଦାସ, ଜୟ ପ୍ରକାଶ ଜନତା ଦଳର ଜଗନ୍ନାଥ ମେଘ, ବହୁଜନ ସମାଜ ପାର୍ଟିର ବିଭୂତି ଭୂଷଣ ଦାସ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସସ୍ମିତା ଦାସ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଗୁହା ପୁନମ ତାପସ କୁମାରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ସମେତ ବହୁଜନ ସମାଜ ପାର୍ଟିର ପରିନା ବିବି, ଜୟପ୍ରକାଶ ଜନତା ଦଳର ସୌଭାଗିନୀ ବେହେରା ଓ ଇଣ୍ଡିଆନ ସିଟିଜେନ୍ସ ପାର୍ଟିର ପ୍ରାର୍ଥୀ ନୃସିଂହ ଚରଣ ବାରିକ ଉପଜିଲାପାଳ ତଥା ଆର୍‌ଓ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ବାଲିକୁଦା-ଏରସମା ବିଧାନସଭା ଆସନ ପାଇଁ ଜାତୀୟବାଦୀ କଂଗ୍ରେସ ପାର୍ଟିର ପ୍ରାର୍ଥୀ ବିକ୍ରମ କୁମାର ସ୍ୱାଇଁ, ଅନାରକ୍ଷିତ ସମାଜ ପାର୍ଟିର ମୃତ୍ୟୁଞ୍ଜୟ ସ୍ୱାଇଁ, ଇଣ୍ଡିଆନ ସିଟିଜେନ୍ସ ପାର୍ଟିର ବୀରବର ଦଳାଇ ଓ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ପରିଡ଼ା ମଧ୍ୟ ଉପଜିଲାପାଳ ତଥା ଆର୍‌ଓ ମହାନ୍ତିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପାରାଦୀପ ବିଧାନସଭା ଆସନ ପାଇଁ ଆମ୍ବେଡ଼କର ଜାତୀୟ କଂଗ୍ରେସ ପାର୍ଟିର ପ୍ରାର୍ଥୀ ଦୀପ୍ତିରଞ୍ଜନ ନାୟକ, ସ୍ୱାଧୀନ ବଲ୍ଲଭ କର, ଅନୁପ କୁମାର ପଟ୍ଟନାୟକ, ତିର୍ତ୍ତୋଲ ବିଧାନସଭା ଆସନରେ ଭାରତୀୟ ଜାତୀୟ କଂଗ୍ରେସର ଦେବୀ ପ୍ରସାଦ ମଲ୍ଲିକ ଓ ବହୁଜନ ସମାଜ ପାର୍ଟିର ରବୀନ୍ଦ୍ର ନାଥ ସେଠୀ ଅତିରିକ୍ତ ଜିଲାପାଳ ତଥା ଆର୍‌ଓ ସଚ୍ଚିଦାନନ୍ଦ ସାହୁଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାଯାଇଛି। ମୋଟ ଉପରେ ଏମ୍‌ପି ସିଟ୍ ପାଇଁ ୯, ପାରାଦୀପ ବିଧାନସଭା ଆସନ ପାଇଁ ୯, ତିର୍ତ୍ତୋଲ ୪, ବାଲିକୁଦା-ଏରସମା ୯ ଓ ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ବିରୋଧୀଙ୍କ ଶୋଭାଯାତ୍ରାରେ ବିଜୁ ଯୁବ ବାହିନୀ କର୍ମୀ

ପାରାଦୀପ,୯।୪(ସ୍ୱ.ପ୍ର.)

ବିଜେଡି ପାଇଁ ଚଳିତ ନିର୍ବାଚନ ସବୁଠୁ ଅଧିକ କଷ୍ଟକର ହେବ ବୋଲି କୁହାଯାଉଛି। ଦଳୀୟ ଟିକେଟ ବଣ୍ଟନରେ ତାରତମ୍ୟ ଯୋଗୁ ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ବିଦ୍ରୋହ ଦେଖାଦେଇଛି। ଏହି କ୍ରମରେ ପାରାଦୀପ ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟଙ୍କ ପାଇଁ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଚିନ୍ତାର ବିଷୟ ହୋଇଛି। ଗତ ମାସ ୨୯ ତାରିଖ ପ୍ରାର୍ଥୀ ଘୋଷଣା ଦିନଠାରୁ ଦଳରେ ବିଦ୍ରୋହ ଲାଗି ରହିଛି। ଦଳର ଅନ୍ୟତମ ଆଶାୟୀ ତଥା ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଭୁବନେଶ୍ୱର ଯାଇ ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟତମ ଆଶାୟୀ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯଦିଓ ବିଦ୍ରୋହ କରିନାହାନ୍ତି, ତେବେ ତାଙ୍କ ସମର୍ଥକମାନେ ଏବେ ସୁଦ୍ଧା ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିଜେଡିର ଅନେକ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ନିଭାଉଥିବା ବିଜୁ ଯୁବବାହିନୀର ପ୍ରାୟ ୨୫୦ରୁ ଅଧିକ ସଦସ୍ୟା ସଦସ୍ୟ ଅଛନ୍ତି। ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା ସମ୍ବିତ ମନାଇପାରି ନ ଥିବା ଜଣାଯାଇଛି। ଏଥିପାଇଁ ସେହି ଯୁବ ବାହିନୀର କେତେକ ସଦସ୍ୟ ସୋମବାର କଂଗ୍ରେସ ପ୍ରାର୍ଥୀଙ୍କ ବାଇକ ଶୋଭାଯାତ୍ରାରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ଏପରିକି ସେମାନେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଖୋଲାଖୋଲି ବିଦ୍ରୋହ କରିବା ସହ ଅନ୍ୟ ଦଳରେ ମିଶିବେ ବୋଲି କହିଲେଣି। ଏଥିରେ ଛାତ୍ର ବିଜେଡି, ଯୁବ ବିଜେଡି କର୍ମୀ ଥିବା ଜଣାଯାଏ। ଜଣେ ଆଗଧାଡ଼ିର ଯୁବ ବିଜେଡି ନେତା କହିଛନ୍ତି ଯେ ଖୁବ୍ ଶୀଘ୍ର ଗଣମାଧ୍ୟମକୁ ବଡ଼ ଖବର ମିଳିବ। ତେବେ ଏ ସମ୍ପର୍କରେ ସମ୍ବିତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତାଙ୍କ ସମର୍ଥକମାନେ କହିଛନ୍ତି ଯେ, ଦଳରେ କୌଣସି ବିଭେଦ ନାହିଁ। ଯେଉଁମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି, ତାହା ସାମୟିକ।

### ଯକ୍ଷ୍ମାରେ ଆକ୍ରାନ୍ତ ସଙ୍ଗୀତାଙ୍କ ଚିକିତ୍ସାରେ ଅର୍ଥ ବାଧକ

## ୩ ବର୍ଷ ହେଲା ହୁଇଲ୍ ଚେୟାରରେ କଟୁଛି ଦିନ

ତିର୍ତ୍ତୋଲ,୯।୪(ଡି.ଏନ.ଏ.)

ବୟସ ମାତ୍ର ୨୮ ବର୍ଷ। ଏହି ବୟସରେ ମେରୁଦଣ୍ଡ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ନିଶ୍ଚଳ ହୋଇପଡିଛନ୍ତି ଜଣେ ମହିଳା। ନା ଚାଲିପାରୁଛନ୍ତି ନା ହାତଗୋଡ଼ ହଲାଇ ନିଜ କାମ କରିପାରୁଛନ୍ତି। ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଜୀବନ ସହ ସଂଘର୍ଷ କରୁଥିବା ଏହି ମହିଳା ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗରେଇ ପଞ୍ଚାୟତ ବିବଛପୁର ଗ୍ରାମର ସଙ୍ଗୀତା ବସନ୍ତିଆ। ଦୀର୍ଘ ୩ ବର୍ଷ ହେଲା ହୁଇଲ୍ ଚେୟାରରେ ବସି ସେ ଦିନ କାଟୁଛନ୍ତି। ଅର୍ଥ ଅଭାବରୁ ତାଙ୍କ ଚିକିତ୍ସା ହୋଇପାରୁ ନ ଥିବା ସ୍ୱାମୀ ପ୍ରକାଶ ବସନ୍ତିଆ କହିଛନ୍ତି। ମେରୁଦଣ୍ଡ ଅପରେଶନ ପାଇଁ ଡାକ୍ତର ପରାମର୍ଶ ଦେଇଥିବାବେଳେ ଅର୍ଥ ସଂଗ୍ରହ କରି ନ ପାରି ସେ ନିରୁପାୟ ହୋଇପଡିଛନ୍ତି। ପ୍ରକାଶ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ସ୍ତ୍ରୀଙ୍କ ଚିକିତ୍ସା ଖର୍ଚ୍ଚ ଭରଣା କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଏଥିସହ ସ୍ତ୍ରୀଙ୍କ ନିତ୍ୟକର୍ମ କରାଇବା, ଖାଇବା ପିଇବାକୁ ଦେବା ଆଦି ସବୁ କାମ ତାଙ୍କୁ କରିବାକୁ ପଡୁଛି। ସେଥିପାଇଁ ସବୁ ସମୟରେ କାମକୁ ଯାଇପାରୁନାହାନ୍ତି। ଫଳରେ ଆର୍ଥିକ ଅନଟନରେ ଚଳୁଛନ୍ତି। ଏପଟେ ପରିବାର ଚିନ୍ତା ଓ ସେପଟେ ସ୍ତ୍ରୀଙ୍କ ଚିକିତ୍ସା ବୋଝ ପାଇଁ ସର୍ବସ୍ୱାନ୍ତ ହୋଇପଡ଼ିଲେଣି ପ୍ରକାଶ। ତେଣୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ଓ ସଙ୍ଗୀତାଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।



ସଙ୍ଗୀତା ବସନ୍ତିଆ।

## ଭାଜପାର ବିଜୟ ସଙ୍କଳ୍ପ ସମାବେଶ



ସମାବେଶରେ ଯୋଗଦେଇଥିବା ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ।

କୁଜଙ୍ଗ,୯।୪(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ କୋଠି ପଞ୍ଚାୟତରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଦଳର ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଯୋଗଦେଇ ଚଳିତ ନିର୍ବାଚନରେ ଦଳ ବେଶ୍ ଭଲ ପ୍ରଦର୍ଶନ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ବିଭିନ୍ନ ଦଳର କର୍ମକର୍ତ୍ତା ଓ କର୍ମୀ ଭାଜପାରେ ମିଶୁଥିବାରୁ ଦଳ ପୂର୍ବ ଅପେକ୍ଷା ଅଧିକ ମଜଭୁତ ହେଉଥିବା ସେ ପ୍ରକାଶ କରିଛନ୍ତି। ସମାବେଶରେ ମଣ୍ଡଳ ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ, ଉପସଭାପତି ଅଞ୍ଜନ କୁମାର ଅଚାର୍ଯ୍ୟ, ଚନ୍ଦ୍ରମଣି ଦାସ, ପଞ୍ଚାୟତ ସମ୍ପାଦକ ଉମେଶ ବାରିକ, କୋଠି ସମିତି ସଭ୍ୟ ଅରକ୍ଷିତ ଦାସ, ମହିଳା ମୋର୍ଚ୍ଚା ନେତ୍ରୀ ସଞ୍ଜୁକ୍ତା ସାମଲ, ଯୁବମୋର୍ଚ୍ଚା ସଭାପତି ବାବୁ ରଞ୍ଜନ ପ୍ରଧାନ, ସୁବାସ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ ଆଚାର୍ଯ୍ୟ, ସୁଦର୍ଶନ ଖଣ୍ଡୁଆଳ, ଅଜୟ ନାୟକ, ଅଜୟ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଜେଡି ଓ କଂଗ୍ରେସ ଛାଡ଼ି ବହୁ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ପ୍ରଭାତ ଦାସ, ତପନ ବେହେରା, ନାଉଡିଆର ମନୋଜ ଛାଟୋଇ, ମନୋଜ ସ୍ୱାଇଁ, ଅଭିମନ୍ୟୁ ପରିଡା, ମନୋଜ ଦାସ, ଲୁଣ୍ଡୁକୁଆର ମନୋଜ ତରାଇ, ସଞ୍ଜୟ ତରାଇ, ରାଜକିଶୋର ତରାଇ, ସୁଶାନ୍ତ ବେହେରା, ଜିତେନ୍ଦ୍ର ପରିଡା ପ୍ରମୁଖ ସମ୍ପଦଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ।

## କଂଗ୍ରେସ ପ୍ରାର୍ଥୀ ଦେବୀ ପ୍ରସାଦଙ୍କ ଶୋଭାଯାତ୍ରା

ବିରିଡ଼ି/ବାଲିଆ,୯।୪(ଡି.ଏନ୍.ଏ.)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସେ ବିରିଡ଼ିରୁ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ଦେବୀଙ୍କ ସହ ଜଗତ୍‌ସିଂହପୁର ଲୋକସଭା ପ୍ରାର୍ଥୀ ପ୍ରତିମା ମଲ୍ଲିକ, ବିରିଡ଼ି ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ବ୍ଲକ କଂଗ୍ରେସ କମିଟି ୧ ନଂ ଜୋନ ସଭାପତି ସୀତାଂଶୁ ସେଖର ରାୟ, ଜୋନ ୨ ସଭାପତି ଚନ୍ଦ୍ର ଶେଖର ଦାଶ, କଂଗ୍ରେସ ନେତା ଲିଙ୍ଗରାଜ ମଲ୍ଲ, ପୂର୍ବତନ ସରପଞ୍ଚ ବଳରାମ ମଲ୍ଲିକ, ଓବିସି ସେଲ ଅଧକ୍ଷ ଗୋପବନ୍ଧୁ ସ୍ୱାଇଁ, ସେବାଦଳ ଅଧକ୍ଷ ପବିତ୍ର ପ୍ରଧାନ, ହରିଜନ ସେଲ ଅଧକ୍ଷ ଟୁଟୁ ମଲ୍ଲିକ, ସରପଞ୍ଚ ଅଶୋକ ଜେନା, ବାବୁଲି ସ୍ୱାଇଁ, ବିମଳ ସେଠୀ, ଜୋତ୍ସ୍ନାରାଣୀ ବେହେରା, ଯୁବ ସଙ୍ଗଠକ ଉଦ୍ଧବ ଚରଣ ବେହେରା, ସମୀର ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ।

## ନୂତନ ଜିଲା ବିଜେଡି ସଭାପତିଙ୍କୁ ସ୍ୱାଗତ

ବାଲିଆ,୯।୪

ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ଭାବେ ଅମରେନ୍ଦ୍ର ଦାସଙ୍କୁ ନିଯୁକ୍ତ କରାଯିବା ପରେ ତାଙ୍କ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ନୂତନ ସଭାପତି ଦାସଙ୍କୁ ବିରିଡ଼ି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ସାମାଜିକ କର୍ମୀ ରାସବିହାରୀ ଦାସ, ବ୍ଲକ ମହିଳା ସଭାନେତ୍ରୀ ମହେଶ୍ୱତା ଜେନା, ଜ୍ୟୋତି ଫେଡେରେଶନର ସମ୍ପାଦିକା ସବିତା ଦାସ, ବୈଜୟନ୍ତୀ ମହାନ୍ତି, ବ୍ଲକ ବିଜେଡି ଯୁବ ସଭାପତି ପୁଷ୍ପପ୍ରକାଶ ପ୍ରଧାନ, ଜିଲା ସମ୍ପାଦକ ପବିତ୍ର ପଶାୟତ, ପୂର୍ବତନ ଉପାଧକ୍ଷ ଶିବପ୍ରସାଦ ଜେନା, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କୃଷକ ସାମୁଖ୍ୟ ସଭାପତି ନିହାର ସ୍ୱାଇଁ, ବ୍ଲକ କୃଷକ ସାମୁଖ୍ୟ ସଭାପତି ବିଧାନ ଜେନା ଶୁଭେଚ୍ଛା ଜଣାଇବା ସହ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୀଳକଣ୍ଠେଶ୍ୱର ମନ୍ଦିରରେ ମହାବିଷ୍ଣୁ ଯଜ୍ଞ

ବିରିଡି,୯।୪(ଡି.ଏନ୍.ଏ.)

ବିରିଡ଼ି ବ୍ଲକ ୨୨ମୌଜା ରାୟ ରଘୁନାଥପୁର ଶାସନଠାରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହା ବିଷ୍ଣୁ ଯଜ୍ଞ ବୁଧବାର ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସର୍ବଦେବଦେବୀ ଆହୁତି, ସୂର୍ଯ୍ୟପୂଜା, ଅଷ୍ଟଶମ୍ଭୁଙ୍କ ଜନ୍ମ ଉତ୍ସବ ଆଦି କରାଯାଇଥିଲା। ରାୟ ରଘୁନାଥପୁର ଶାସନ ଓ କୂଳସାହି ଚାଷୀଖଣ୍ଡର ଅଧିବାସୀ ପରିଚାଳନା କରିଥିଲେ।

## ୭୬ ବୁଥ୍‌ରୁ ୧୫ ଉତ୍ତେଜନା ପ୍ରବଣ

ନାଉଗାଁ,୯।୪(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ୪ ର୍ଥ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୨୯ରେ ଭୋଟ ଗ୍ରହଣ କରାଯିବ। ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି ବ୍ଲକରେ ମୋଟ୍ ୭୬ ମତଦାନ କେନ୍ଦ୍ର ରହିଥିବାବେଳେ ସେଥିମଧ୍ୟରୁ ୧୫ଟି ଉତ୍ତେଜନା ପ୍ରବଣ ଚିହ୍ନଟ କରାଯାଇଛି। ସେଗୁଡିକ ହେଲା ବଛାଳୋ ପଞ୍ଚାୟତର ଅଲଣା ୟୁପି ସ୍କୁଲ, ଗଜରାଜପୁର ପଞ୍ଚାୟତର ଗଜରାଜପୁର, ଗଳଦାରୀ ପଞ୍ଚାୟତର ଏରେଡା, ଏରେଡା-୨, ଗଳଦାରୀ, ରୋହିଆ ପଞ୍ଚାୟତର ଅରଖକୁଦ, ଅରଖକୁଦ-୨, ରୋହିଆ, ରୋହିଆ-୨, ନାରସିମା, ଜାମୁଗାଁ ପଞ୍ଚାୟତର ଜାମୁଗାଁ, କଣ୍ଟୁଣିଆ, ଘୋଡାଂଶ ପଞ୍ଚାୟତର ଘୋଡାଂଶ, ଡେରିକି ପଞ୍ଚାୟତର ଡେରିକି ବୁଥ। ଏହି ଉତ୍ତେଜନା ପ୍ରବଣ ବୁଥରେ ମତଦାନ ସମୟରେ ଭିଡିଓ ଗ୍ରାଫି, ଲାଇଭ ଟେଲିକାଷ୍ଟ, ସିସି କ୍ୟାମେରା ବ୍ୟବସ୍ଥା କରାଯିବ। ଏଥିସହ ବୁଥ୍ ନିକଟରେ ଅଧିକ ପୋଲିସ ମୁତୟନ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜିପିଓ ଦିନେଶ କୁମାର ରାୟ ପ୍ରକାଶ କରିଛନ୍ତି। ସେହିପରି ଗତ ଏପ୍ରିଲ ୫ ତାରିଖରେ ଉତ୍ତେଜନା ପ୍ରବଣ ବୁଥଗୁଡିକୁ ଏସପି ସୁଧା ସିଂ ବୁଲି ଯାଞ୍ଚ କରିଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ପ୍ରକାଶ କରିଛନ୍ତି। ଶୃଙ୍ଖଳାର ସହିତ ମତଦାତାମାନେ ନିଜ ପରିଚୟ ପ୍ରମାଣପତ୍ର ଦେଖାଇବା ସହ ଧାଡିରେ ଠିଆ ହୋଇ ଭୋଟ ଦେବା, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧଙ୍କୁ ସୁବିଧା ପ୍ରଦାନ କରିବା ଆଦି ନିମନ୍ତେ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ଗୋବିନ୍ଦପୁର ଚାମ୍ପିୟନ

କୁଜଙ୍ଗ,୯।୪(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୁଆମୁଣ୍ଡା ଗ୍ରାମରେ ୫ମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୟ ଜଟବାବା ଡ୍ରାମାଟିକ କ୍ଲବ୍ ଓ ଗୁଆମୁଣ୍ଡା ଗ୍ରାମ୍ୟ କମିଟି ମିଳିତ ପରିଚାଳନାରେ ଆୟୋଜିତ ଉତ୍ସବରେ ୩ଟି ଡ୍ରାମା ଟିମ୍ ଭାଗ ନେଇଥିଲେ। ପ୍ରଥମ ରଜନୀରେ ତିର୍ତ୍ତୋଲ ନାଟ୍ୟ ଦଳ ଚାବୁଲା ମହାନ୍ତିଙ୍କ ନିର୍ଦ୍ଦେଶିତ ଗୁପ୍ତ ସମ୍ପର୍କ, ୨ୟ ରଜନୀରେ ଗୋବିନ୍ଦପୁର ନାଟ୍ୟ ଦଳ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ତୋ ନାମରେ ମୋ ନାମକୁ ଦେଇଛି ଯୋଡି ଓ ୩ୟ ରଜନୀରେ ପାନପୁଲୀ ନାଟ୍ୟ ଦଳ ଅମୀୟ ସାମନ୍ତରାୟଙ୍କ ନିର୍ଦ୍ଦେଶିତ କିଣି ନେଲା ମନ କଳା ନାଗର ମଞ୍ଚସ୍ଥ କରିଥିଲେ। ପ୍ରତିଯୋଗିତାରେ ମା' ମଙ୍ଗଳା ୟଙ୍ଗ୍ ଷ୍ଟାର୍ କ୍ଲବ୍ ଗୋବିନ୍ଦପୁର ଚାମ୍ପିୟନ ହୋଇଥିବାବେଳେ ପାନପୁଲୀ ଡ୍ରାମାଟିକ୍ କ୍ଲବ୍ ରନର୍ସ ଅପ୍ ହୋଇଛି। ଗୋବିନ୍ଦପୁରର ରଞ୍ଜନ ବର୍ଦ୍ଧନ ଶ୍ରେଷ୍ଠ ନିର୍ଦ୍ଦେଶକ, ସଞ୍ଜିତ ପାତ୍ର ଶ୍ରେଷ୍ଠ ପାର୍ଶ୍ୱ ନାୟକ, କୈଳାସ ପରିଡା ଶ୍ରେଷ୍ଠ ଚରିତ୍ର ଅଭିନେତା, ଅତୁଲ୍ୟ ବର୍ଦ୍ଧନ ଶ୍ରେଷ୍ଠ ହାସ୍ୟ ଅଭିନେତା, ଡଲି ଶ୍ରେଷ୍ଠ ନାୟିକା, ଗୁଡି ଶ୍ରେଷ୍ଠ ପାର୍ଶ୍ୱ ନାୟିକା, ଟିକନା ଶ୍ରେଷ୍ଠ ହାସ୍ୟ ଅଭିନେତ୍ରୀ ଓ ଅଞ୍ଜନ କୁମାର ଶ୍ରେଷ୍ଠ ସଙ୍ଗୀତ ପୁରସ୍କାର ପାଇଛନ୍ତି। ସେହିପରି ପାନପୁଲୀର ଅମିୟ ସାମନ୍ତରାୟ ଶ୍ରେଷ୍ଠ ନାୟକ, ଡଲି ଶ୍ରେଷ୍ଠ ଖଳନାୟିକା, ସାବିତ୍ରୀ ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ, ଗାୟକ ଭାବେ ବୀରକିଶୋର, ଗାୟିକା ଭାବେ ସରୋଜିନୀ ପୁରସ୍କୃତ ହୋଇଛନ୍ତି। ତିର୍ତ୍ତୋଲ ଦଳର ଶଶିକାନ୍ତ ସାହୁ ଶ୍ରେଷ୍ଠ ଖଳନାୟକ ପୁରସ୍କାର ପାଇଥିବାବେଳେ ଏହି ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ରୂପେ ପୁରସ୍କୃତ କରାଯାଇଛି। ବିଚାରକ ଭାବେ ବଗୁଲା ନାଥ, ଦୀପୁ ସାର୍ ନାଟକର ମୂଲ୍ୟାୟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଏରସମା ବ୍ଲକ୍ ଉପାଧକ୍ଷା ପୁଷ୍ପାଞ୍ଜଳି ବେହେରା ମୁଖ୍ୟଅତିଥି, ଭିତର ଅନ୍ଧାରୀ ପଞ୍ଚାୟତର ବିଜେଡି ସଭାପତି ସମୀର ଶେଖର ସ୍ୱାଇଁ, ପୂର୍ବତନ ସରପଞ୍ଚ ଜଟାଧାରୀ ସ୍ୱାଇଁ, ସାମାଜିକ କର୍ମୀ ବିଷ୍ଣୁ ଚରଣ ମହାନ୍ତି ଓ ପୂର୍ବତନ ସରପଞ୍ଚ ଗୁଣନିଧି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଗୋଲେଖ ଦାସ କାର୍ଯ୍ୟକ୍ରମ ସଂଚାଳନା କରିବା ସହିତ ସଭା ପରିଚାଳନା କରିଥିଲେ। ଜଟବାବା କ୍ଲବ୍‌ର ସମ୍ପାଦକ ପପୁନୀ କୁମାର ପ୍ରଧାନ, ପ୍ରସାଦ ସ୍ୱାଇଁ, ପୁରୁଷୋତ୍ତମ ରାଉତ, ବିଜୁନା, ସରୋଜ, ମିଟୁନା, ଟୁଲୁ, ପିଟୁଆ, ଅନନ୍ତ ଓ ହରିହର ସ୍ୱାଇଁ ଉତ୍ସବ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ କୃତୀ କଳାକାରମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ନୂଆ ଓଡ଼ିଶା ପାଇଁ ସଂକଳ୍ପ

ସୁଭଦ୍ରା ସମୃଦ୍ଧି ଯୋଜନାରେ କନ୍ୟା ସନ୍ତାନ ଜନ୍ମ ହେଲେ ବ୍ୟାଙ୍କ ଖାତା ଖୋଲି ଗ୍ରାଜୁଏସନ୍ ନାମ ଲେଖାଇବା ପର୍ଯ୍ୟନ୍ତ ବ୍ୟାଙ୍କ ଖାତାରେ ବିଭିନ୍ନ କିସ୍ତିରେ ୫୦,୦୦୦ ଟଙ୍କା

ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

# ପାରାଦୀପରେ ଏଥର ତ୍ରିମୁଖୀ ଲଢେଇ

■ପୂର୍ବ ୨ ନିର୍ବାଚନରେ ହୋଇଛି ଦ୍ୱିମୁଖୀ ଲଢେଇ
■ସମ୍ପଦ ଓ ସମ୍ବିତ ନୂଆ ମୁହଁ
■ବ୍ୟକ୍ତିତ୍ୱ ଦେଖୁଛନ୍ତି ସଚେତନ ଭୋଟର

ପାରାଦୀପ, ୯।୪(ସ୍ୱ.ପ୍ର)


ଅରିନ୍ଦମ ସର୍ଖେଲ


ସମ୍ପଦ ସ୍ୱାଇଁ


ସମ୍ବିତ୍ ରାଉତରାୟ

ପାରାଦୀପ ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନରେ ଜୋରଦାର ତ୍ରିମୁଖୀ ଲଢେଇ ହେବ ବୋଲି କୁହାଯାଉଛି। ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ, କଂଗ୍ରେସର ଅରିନ୍ଦମ ସର୍ଖେଲ ଓ ଭାଜପାର ସମ୍ପଦ ସ୍ୱାଇଁ ସୋମବାର ଗୋଟିଏ ଦିନରେ ନାମାଙ୍କନପତ୍ର ଦାଖଲ କରିବା ପରେ ଉଭୟଙ୍କ ଶକ୍ତି ପ୍ରଦର୍ଶନକୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି। ଏହି ୩ ପ୍ରାର୍ଥୀଙ୍କ ବ୍ୟତୀତ ଯଦିଓ କେତେଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି, ତେବେ ଏହି ୩ ପ୍ରମୁଖ ଦଳ ମଧ୍ୟରେ ଲଢେଇ ହେବ। ସେମାନଙ୍କ ମଧ୍ୟରୁ ସମ୍ବିତ ଓ ସମ୍ପଦ ଚଳିତ ନିର୍ବାଚନରେ ନୂଆ ମୁହଁ ହୋଇଥିବାବେଳେ ସର୍ଖେଲ ପୁରୁଣା। ସେମାନଙ୍କ ସମର୍ଥକମାନେ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଜୋରଦାର ପ୍ରଚାର ଚଳାଇଛନ୍ତି। ତେବେ ସଚେତନତ ଭୋଟରମାନେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ପରଖି ଭୋଟ୍ ଦେବେ ବୋଲି ମତବ୍ୟକ୍ତ କଲେଣି। ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳ ସମେତ କୁଜଙ୍ଗ ବ୍ଲକର ୨୮ ପଞ୍ଚାୟତ ଓ ତିର୍ତ୍ତୋଲ ବ୍ଲକର ୭ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏହି ଅଞ୍ଚଳରେ ବହୁବିଧ ସମସ୍ୟା ରହିଛି। ସେଥିମଧ୍ୟରେ ନିଯୁକ୍ତି ଓ ପ୍ରଦୂଷଣ ମୁଖ୍ୟ ପ୍ରସଙ୍ଗ। ୩ ପ୍ରାର୍ଥୀଙ୍କ ମଧ୍ୟରୁ ଯିଏ ଆଞ୍ଚଳିକ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବେ, ତାଙ୍କୁ ହିଁ ଭୋଟର ଚୟନ କରିବେ ବୋଲି ମତବ୍ୟକ୍ତ କରୁଛନ୍ତି। ତେବେ ପୂର୍ବ ନିର୍ବାଚନଗୁଡ଼ିକୁ ବିଶ୍ଳେଷଣ କଲେ ଜଣାଯାଏ, ପାରାଦୀପରେ ସାଧାରଣତଃ ଦ୍ୱିମୁଖୀ ଲଢେଇ ହୋଇଆସିଛି। କିନ୍ତୁ ପରିବର୍ତ୍ତିତ ରାଜନୈତିକ ଘଟଣା ଚକ୍ରରେ ୨୦୧୯ ନିର୍ବାଚନରେ ତ୍ରିମୁଖୀ ଲଢେଇ ହେବ। ସୂଚନା ଅନୁଯାୟୀ, ୨୦୦୯ରେ ବିଜେଡି ୬୬୮୬୩, କଂଗ୍ରେସ ୧୩୭୧୮, ଭାଜପା ୩୬୫୨ ଓ ସ୍ୱାଧୀନ ପ୍ରାର୍ଥୀ ୩୬୫୧୨ ଭୋଟ୍ ପାଇଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡି ୮୫୨୦୬, କଂଗ୍ରେସ ୪୬୬୦୬ ଓ ଭାଜପା ମାତ୍ର ୫୮୩୨ ଭୋଟ୍ ପାଇଥିଲା। ତେବେ କେନ୍ଦ୍ରର ଏନ୍‌ଡିଏ ସରକାର ଆସିବା ପରେ ଭାଜପା ନିଜର ଉପସ୍ଥିତି ଜାହିର କରିବାରେ ଲାଗିଛି। ୨୦୧୫ ପୌର ନିର୍ବାଚନରେ ବିଜେଡି ପରେ ଭାଜପାକୁ ଦ୍ୱିତୀୟ ସର୍ବାଧିକ ଭୋଟ୍ ମିଳିଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀ ଅଧୀନ ୨ ଜିଲା ପରିଷଦ ଜୋନ୍ ଭାଜପା ହାତେଇଥିଲା। ସେହିପରି ସୋମବାର ନାମାଙ୍କନପତ୍ର ଦାଖଲ କରିବାକୁ ଯିବା ସମୟରେ ସମ୍ପଦ ଆଖିଦୃଶିଆ ଶୋଭାଯାତ୍ରା କରି ଅନ୍ୟ ଦୁଇ ଦଳକୁ ଭିନ୍ନ ବାର୍ତ୍ତା ଦେଇଥିବା କୁହାଯାଉଛି। ସେହିପରି ଭାଜପା ଆଗୁଆ ପ୍ରାର୍ଥୀ ଘୋଷଣା କରିବା ମଧ୍ୟ ସମ୍ପଦଙ୍କୁ ସୁହାଇଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ସର୍ଖେଲ ବିଳମ୍ବରେ ଟିକେଟ ପାଇଥିଲେ ମଧ୍ୟ ଗତ ୫ ବର୍ଷ ମଧ୍ୟରେ ଅନେକ ସାଂଗଠନିକ କାର୍ଯ୍ୟ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ଅବସରରେ ସେ ମଧ୍ୟ ଭଲ ଶୋଭାଯାତ୍ରା କରିଥିଲେ। ପାରାଦୀପରେ ତାଙ୍କର ଏକାଧିକ ସଙ୍ଗଠନ ରହିଛି। ତେବେ ଆପରାଧିକ ପୃଷ୍ଠଭୂମିରେ ତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବିରୋଧୀ ତାହାକୁ ଅସ୍ତ୍ର କରିଛନ୍ତି। ସେହିପରି କଂଗ୍ରେସ ନେତା ତଥା ଅନ୍ୟତମ ଆଶାୟୀ ପ୍ରମୋଦ ଜେନା ବିଜେଡିରେ ମିଶିବା ମଧ୍ୟ ତାଙ୍କ ପାଇଁ କିଛିଟା ପ୍ରତିବନ୍ଧକ ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡି ଚଳିତଥର ବରିଷ୍ଠ ନେତା ଦାମୋଦର ରାଉତଙ୍କ ପୁଅ ସମ୍ବିତଙ୍କୁ ପ୍ରାର୍ଥୀ କରିଛି। ଯଦିଓ ପାରାଦୀପରେ ବିଜେଡିର ଦଳୀୟ ଭୋଟ୍ ଅଧିକ, ତେବେ ସମ୍ବିତଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଦାମଙ୍କ ଦଳ ବଦଳି, ପୁତ୍ରକୁ ଥଇଥାନ ଆଦି ପ୍ରସଙ୍ଗକୁ ନେଇ କେତେଜଣ କର୍ମକର୍ତ୍ତା ଅସନ୍ତୁଷ୍ଟ ଅଛନ୍ତି। ତେବେ ସେମାନଙ୍କୁ ମନାଇବାକୁ ସମ୍ବିତ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଅବଶ୍ୟ ଭାଜପା ନେତା ଗତିକୃଷ୍ଣ ଶତପଥୀ ଓ କଂଗ୍ରେସ ନେତା ପ୍ରମୋଦ ଜେନା ଆସି ବିଜେଡିରେ ମିଶିବା ତାଙ୍କ ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି। ଦାମ ମଧ୍ୟ କାଳେ ପୁଅକୁ ଜିତାଇବା ପାଇଁ ଭିତିରିଆ ଉଦ୍ୟମ ଚଳାଇଛନ୍ତି। ତେଣୁ ଏସବୁ ଦୃଷ୍ଟିକୁ ବିଚାରକୁ ନେଲେ ଚଳିତଥର ଏଠାରେ ତ୍ରିମୁଖୀ ଲଢେଇ ହେବା ସ୍ପଷ୍ଟ ହୋଇଛି।

## ବିଜେଡିରେ ସାମିଲ ହେଲେ କଂଗ୍ରେସ କର୍ମୀ

ବାଲିଆ,୯।୪

ବିରିଡ଼ି ରୋଡର ବିଜୁ ଭବନଠାରେ ସୋମବାର ସନ୍ଧ୍ୟାରେ ବିଜେଡିର ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ କୁଳକଇଜଙ୍ଗା ପଞ୍ଚାୟତର ସୁଶାନ୍ତ ପରିଡା, ଲକ୍ଷବଳ ମଲ୍ଲିକ, ପତତ ପାବନ ସାହୁ, ବିଶ୍ୱନାଥ ତରାଇ, ଜଗନ୍ନାଥ ବେହେରାଙ୍କ ସମେତ କେତେଜଣ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ପୂର୍ବତନ ବ୍ଲକ ସଭାପତି ବିଭୁଦତ୍ତ ସାହୁ, ଧନଞ୍ଜୟ ରାଉତ, ଭାସ୍କର ବେହେରା, ବିଜୁ ଯୁବ ଛାତ୍ର ଜନତା ଦଳ ସଭାପତି ପ୍ରଦୀପ୍ତ ଭୂୟାଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଜେଡିର ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସ୍ୱାଗତ କରିବା ସହ ଏହି ମିଶ୍ରଣ କାର୍ଯ୍ୟକ୍ରମ ପରେ ଉକ୍ତ ପଞ୍ଚାୟତରେ ଦଳ ଅଧିକ ମଜଭୁତ ହେବ ବୋଲି କହିଛନ୍ତି। ପରେ ଦାସ ୨୨ ମୌଜାର ଶିଦ୍ଧେଶ୍ୱର ମନ୍ଦିରଠାରେ କାଳନ୍ଦି ବସ୍ତିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ସେହିପରି ହାଜିପୁର ପଞ୍ଚାୟତ ବିଜେଡି କର୍ମୀମାନଙ୍କ ଏକ ବୈଠକରେ ଯୋଗଦେଇ ଚଳିତ ନିର୍ବାଚନରେ ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲିଆ,୯।୪

୨୦୧୮-୧୯ରେ ଅନୁଷ୍ଠିତ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବିରିଡ଼ି ବ୍ଲକ ଶଙ୍ଖାରିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ବାସୁଦେବ ଦାସ କୃତୀତ୍ୱ ଅର୍ଜନ କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଶ୍ୟାମସୁନ୍ଦର ପାଇକରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବାସୁଦେବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଲିଙ୍ଗରାଜ ରାଉତ, ଜୟନ୍ତ ଭୂୟାଁ, କୃଷ୍ଣଚନ୍ଦ୍ର ପାଇକରାୟ, ଅକ୍ଷୟ ଭୋଇ, କେସବ ସାହୁ, ପରିଚାଳନା କମିଟି ସଦସ୍ୟ ପ୍ରଦୀପ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାସୁଦେବଙ୍କୁ ପାଠ୍ୟ ପୁସ୍ତକ, କଲମ ସହ କିଛି ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀ ମହାରଣା, ତନ୍ମୟୀ ରାଉତ, ମମତା ମଲ୍ଲିକ, ବାଇଧର ମୁର୍ମୁ, ସ୍ୱରୁପ ରଞ୍ଜନ ସ୍ୱାଇଁ, କବିତା ଭଞ୍ଚାରିଆ, ନିର୍ମଳା ଭୋଇ, ସୁଶାନ୍ତ ଭୋଇ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦକ୍ଷିଣେଶ୍ୱରୀ ପୀଠରେ ଦଣ୍ଡଯାତ୍ରା

ତିଗିରିଆ,୯।୪(ଡି.ଏନ.ଏ.)

ତିଗିରିଆ ବ୍ଲକ ନୂଆପାଟଣା ଦକ୍ଷିଣେଶ୍ୱରୀ ଦେବୀଙ୍କ ପୀଠରେ ନବଦିନାଙ୍କ ଘଟପୂଜା ଓ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଶନିବାର ମଧ୍ୟରାତ୍ରିରେ ପୁରୁଣା ପୋଖରୀରୁ ନୂତନ ଘଟ ଉଠିବା ପରେ ଏହା ଦକ୍ଷିଣେଶ୍ୱରୀଙ୍କ ମନ୍ଦିରରେ ପ୍ରତିଷ୍ଠା ହୋଇ ପୂଜା ଆରମ୍ଭ କରାଯାଇଥିଲା। ୧୩ରୁ ଊର୍ଦ୍ଧ୍ୱ ଦଣ୍ଡଧାରୀ ନବଦିନ ବ୍ୟାପୀ ପ୍ରତ୍ୟେହ ଥରେ ପ୍ରସାଦ ପାଇ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରୁଛନ୍ତି। ମହାବିଷୁବ ସଂକ୍ରାନ୍ତିରେ ଦକ୍ଷିଣେଶ୍ୱରୀଙ୍କ ହେବାକୁ ଥିବା ଖଣ୍ଡାପାଟ ଯାତ୍ରାରେ ଚଳିତ ବର୍ଷ ପାଇଁ ପାଟୁଆ ରହିଥିବା ନୂଆପାଟଣା ସୁରେନ୍ଦ୍ରପାଟଣାର ସୁବାସ ଚନ୍ଦ୍ର ବେହେରା ମଧ୍ୟ ବ୍ରତପାଳନ କରୁଛନ୍ତି। ଘଟପୂଜା ଓ ଦଣ୍ଡଯାତ୍ରାରେ ବିଶେଷ ଆକର୍ଷଣ ସ୍ୱରୂପ ପ୍ରତ୍ୟେହ ମଧ୍ୟରାତ୍ରିରେ ନୂଆପାଟଣାର ଏକ ନିର୍ଦ୍ଦିଷ୍ଟ ବଂଶର ସଦସ୍ୟ ଦକ୍ଷିଣେଶ୍ୱରୀ ବେଶ ଧାରଣ କରି ବ୍ରତଧାରୀ ଦଣ୍ଡୁଆଙ୍କ ସହ ଗ୍ରାମର ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି। ସେଠାରେ ପୂଜାର୍ଚ୍ଚନା ସାଙ୍ଗକୁ ନୃତ୍ୟ ପରିବେଷଣ କରାଯାଉଛି। ପୀଠ ପରିସରରେ ରାତ୍ରିରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହେଉଛି। ଗ୍ରାମ ପରିଚାଳନା କମିଟି ତତ୍ତ୍ୱାବଧାନରେ ଏହି ଯାତ୍ରା ଚାଲୁ ରହିଛି। ଯାତ୍ରାପରେ ଗତ ବର୍ଷର ପୁରୁଣା ଘଟକୁ ବିସର୍ଜନ କରାଯାଇ ନୂତନ ଘଟକୁ ମନ୍ଦିର ପରିସରରେ ରହିଥିବା ସ୍ୱତନ୍ତ୍ର ସ୍ଥାନରେ ପ୍ରତିଷ୍ଠା କରାଯିବ।

■ ପ୍ରଶାସନିକ ଅବହେଳା, ୪୦ ଲକ୍ଷ ବର୍‌ବାଦ

# ମଇଁଷି ଗୋଠ ପାଲଟିଛି ବଜାର କମିଟି


ବଜାର କମିଟି ଗୃହ ଆଗରେ ଗଦା ହୋଇ ରହିଥିବା ଛଣ ଓ ଘସି।

ପାଟକୁରା, ୯।୪ (ଡି.ଏନ୍.ଏ.)

ଗରଦପୁର ବ୍ଲକ ଅଧୀନ ତିକନପୁର ପଞ୍ଚାୟତ ହରିପୁର ଗ୍ରାମରେ କେନ୍ଦ୍ରାପଡ଼ା ନିୟନ୍ତ୍ରୀତ ବଜାର କମିଟି ଆର୍ଥିକ ସହାୟତାରେ ନିର୍ମିତ ଦୋକାନ ଘର ଏବେ ମଇଁଷି ଗୋଠ ପାଲଟିଛି। ୪୦ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ୧୭ଟି ଦୋକାନ ଗୃହ ଓ ଦୁଇଟି ପିଣ୍ଡି ନିର୍ମାଣ କରାଯାଇଛି। ପ୍ରାୟ ୫ବର୍ଷ ହେବ ଏହି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ବ୍ୟବସାୟୀମାନଙ୍କୁ ଗୃହ ବଣ୍ଟନ କରାଯାଇନାହିଁ। ଗୃହଗୁଡ଼ିକ ତାଲା ପଡ଼ି ରହିଥିବା ବେଳେ ଘର ବାରଣ୍ଡା ଓ ଦୁଇଟି ଯାକ ପିଣ୍ଡି ଏବେ ମଇଁଷି ଗୋଠ ପାଲଟିଛି। ଏଠାରେ ମଇଁଷି ବନ୍ଧା ହେଉଥିବା ବେଳେ ସ୍ଥାନୀୟ ଏବେ ଏଠାରେ ଘସି ପକାଇବା ସହ ଛଣ, କୁଟା ଗଦା କରି ରଖିଛନ୍ତି। କୋରୁଆ ବଜାର ନିକଟରେ ଏହି ଦୋକାନ ଘରଗୁଡ଼ିକ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ବେକାରୀ ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରାଯିବା ଉଦ୍ଦେଶ୍ୟରେ ଏହି ଗୃହଗୁଡ଼ିକ ବଣ୍ଟନ କରାଯାଇଥିଲେ ଅଞ୍ଚଳବାସୀ ଉପକୃତ ହୋଇପାରିଥାନ୍ତେ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ କରାଯାଇ ଆବଣ୍ଟନ କରା ନଯିବା ଦ୍ୱାରା ଏହା ଗୃହଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ରହିଛି। ପ୍ରଶାସନିକ ଅବହେଳା ଯୋଗୁ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବା ଯୋଜନାଟି ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚି ପାରିଲା ନାହିଁ।

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସାଲେପୁର,୯।୪(ଡି.ଏନ.ଏ.)

ସାଲେପୁର ଥାନା ପୋଲିସ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଶୁଆ ଗ୍ରାମର ବାବୁଲି ବେହେରା। ସୂଚନା ଅନୁସାରେ, ଦୁଇଦିନ ତଳେ ବାବୁଲିଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷରେ ଗୀତାଞ୍ଜଳିଙ୍କ ମା' ଶକୁନ୍ତଳା ତାଙ୍କ ଝିଅକୁ ଶାଶୁଘର ଲୋକେ ପୋଡ଼ି ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ-୭୯/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ବାବୁଲି ସମ୍ପୃକ୍ତ ଥିବା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ସାଲେପୁର,୯।୪(ଡି.ଏନ.ଏ.)

ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ନରଦା ପଞ୍ଚାୟତ ନାନପୁର ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ଅଲେଖ ଚନ୍ଦ୍ର ମହାରଣାଙ୍କ ପୁଅ ବସନ୍ତ ମହାରଣା(୨୭)। ସୋମବାର ରାତିରେ ବସନ୍ତ ଖାଇପିଇ ଶୋଇଥିଲେ। ସକାଳୁ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବାଡ଼େଇ ଥିଲେ। ହେଲେ କବାଟ ଖୋଲି ନ ଥିଲା। ଶେଷରେ କବାଟ ଭାଙ୍ଗି ଦେଖିବାବେଳକୁ ବସନ୍ତ ବେକରେ ଲୁଙ୍ଗି ବାନ୍ଧି ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା।

## ଭାଜପାର ମିଶ୍ରଣ ପର୍ବ

ତିର୍ତ୍ତୋଲ,୯।୪(ଡି.ଏନ୍.ଏ.)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ ତେରତାଙ୍ଗଠାରେ ଭାଜପାର ଏକ ମିଶ୍ରଣ ପର୍ବ ଜିଲା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ତେନ୍ତୁଳିପଦା ଓ ତରଜଙ୍ଗାର ବିଜେଡି ଓ କଂଗ୍ରେସର ବହୁ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ସାମରିକ କର୍ମଚାରୀ ବୀରେନ କୁମାର ପାଳ, ଆଇନଜୀବୀ ଅମରଜିତ ପରିଜା, ନରେନ୍ଦ୍ର ସାହୁ, ଦିଗଜୟ ପରିଜା, ରମେଶ ଭୋଇ, ତ୍ରିନାଥ ବାରିକ, ସଞ୍ଜୟ ପରିଜା, ପ୍ରୀତିରଞ୍ଜନ ପଣ୍ଡା, ସନ୍ଦୀପ ପଟ୍ଟନାୟକ, ସରୋଜ ମହାନ୍ତି, ରବୀନ୍ଦ୍ର ସିଂ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା।

BOARD OF REVENUE : ODISHA : CUTTACK
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
No.VIIA-02/2017- 1864/Niz., Date.09.04.2019
QUOTATION / TENDER CALL NOTICE
Sealed Quotation / Tenders are invited from interested reputed Travel Agencies / Tour Operators or Private individuals for providing 02 (two) indigo-eCS model Diesel driven cars for the Addl. Commissioner in the Addl. Revisional Court at Bhubaneswar having sitting capacity not more than ten including driver, which shall conform to the Terms & Conditions for Official use on monthly rent basis. The Tender / Quotation Notice in this regard has already been published in the website of Board of Revenue, Odisha (www.boardodisha.nic.in).
The interested parties may refer the website for detail terms and conditions for submission of Tender / Quotations to the Deputy Secretary, Nizarat, Board of Revenue on or before 22.04.2019 by 2:00 P.M.
By Order of the Secretary,
Board of Revenue, Odisha, Cuttack.
Sd./- Deputy Secretary (Niz.)

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବାସୁଦେବ ସାହୁ
ଆବିର୍ଭାବ - ୨୪.୦୫.୧୯୪୦
ତିରୋଧାନ- ୨୧.୦୩.୨୦୧୮
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା ଆପଣଙ୍କ ଅନୁପସ୍ଥିତି ସମସ୍ତେ ମନେପକାଉଛୁ । ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ-
ସାହୁ ପରିବାର, ଆତ୍ମୀୟ ସ୍ୱଜନ ଏବଂ ପ୍ରିୟଜନବୃନ୍ଦ
ଧ-୧୨୦୫୨

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]
ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଶରତ କୁମାର ପରିଡା, ମାର୍ଫତ: ନିଳମଣୀ ପରିଡା, ସା: କୁରୁମବାଙ୍କତରା, ପୋ: ରବିଗାଡିଆ, ଓଡଗାଁ, ଜିଲ୍ଲା: ନୟାଗଡ | ଜାମିନ୍‌ଦାର: ଶ୍ରୀମତୀ ତୁଳସୀ ପରିଡା, ସା: କୁରୁମବାଙ୍କତରା, ପୋ: ରବିଗାଡିଆ, ଓଡଗାଁ, ଜିଲ୍ଲା: ନୟାଗଡ / ସମ୍ପତ୍ତିର ମାଲିକ: ଶ୍ରୀମତୀ ତୁଳସୀ ପରିଡା | ଶ୍ରୀମତୀ ତୁଳସୀ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କୁରୁମବାଙ୍କତରା, ଥାନା: ଓଡଗାଁ, ଜିଲ୍ଲା: ନୟାଗଡ, ଖାତା ନଂ.: ୧୯୦, ପ୍ଲଟ୍ ନଂ.: ୧୭୬, କ୍ଷେତ୍ର: ଏକର୦.୦୧୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ନିଜସ୍ୱ, ଦକ୍ଷିଣ: ସନାତନ ଡାକୁଆ, ଉତ୍ତର: ନିଜସ୍ୱ | ୧୩.୦୧.୨୦୧୫ | ୦୫.୦୪.୨୦୧୯ | ୦୯.୦୧.୨୦୧୫ ସୁଦ୍ଧା ଟ.୨୭,୫୮,୪୬୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରିନା ଦାସ, ସ୍ୱାମୀ: ଅଲେଖ ଚନ୍ଦ୍ର ଦାସ, ୨) ଶ୍ରୀ ଅଲେଖ ଦାସ, ପିତା: ନିଧି ଦାସ, ଉଭୟଙ୍କ ଠିକଣା- ସା: କେ. ବି. ପାଟଣା, ପୋ: କଣ୍ଡିଲୋ, ଜିଲ୍ଲା: ନୟାଗଡ | ସମ୍ପତ୍ତିର ମାଲିକ: ଶ୍ରୀମତୀ ରିନା ଦାସ, ସ୍ୱାମୀ: ଅଲେଖ ଚନ୍ଦ୍ର ଦାସ | ଶ୍ରୀମତୀ ରିନା ଦାସ, ସ୍ୱାମୀ: ଅଲେଖ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଣ୍ଡିଲୋ, ଥାନା: ଖଣ୍ଡପଡା, ତହସିଲ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୧୩୦୫/୨୪୦, ପ୍ଲଟ୍ ନଂ.: ୧୪୮୧, କ୍ଷେତ୍ର: ଏକର୦.୦୨ଡିସିମିଲି (ଘରବାରି), ଏହାର ଚାରିପାର୍ଶ୍ୱରେ- ପୂର୍ବ: ବଳରାମ ବେହେରା, ପଶ୍ଚିମ: ନବୀନ ସାହୁ, ଦକ୍ଷିଣ: ରାସ୍ତା, ଉତ୍ତର: ରାସ୍ତା | ୨୯.୦୧.୨୦୧୪ | ୦୫.୦୪.୨୦୧୯ | ୨୨.୦୧.୨୦୧୪ ସୁଦ୍ଧା ଟ.୧୩,୪୬,୨୨୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୫.୦୪.୨୦୧୯, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଭଦ୍ରକ
ସଂଖ୍ୟା: ୨୩୮୯/ନିର୍ବାଚନ
ତାରିଖ: ୦୮।୦୪।୨୦୧୯
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭଦ୍ରକ ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୧୯ ପରିଚାଳନା ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଅଛି। ସାଧାରଣ ଜନତା, ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗର ତଥ୍ୟ ନିମ୍ନଲିଖିତ ନମ୍ବରରେ ଜଣାଇ ପାରିବେ।

| କ୍ର. ନମ୍ବର | ବିଧାନସଭା/ ଲୋକସଭା | ପର୍ଯ୍ୟବେକ୍ଷକଙ୍କ ନାମ | ପଦବୀ | ମୋବାଇଲ ନମ୍ବର |
|---|---|---|---|---|
| ୧ | ୪୧- ସୋରୋ ବିଧାନସଭା<br>୪୨- ସିମୁଳିଆ ବିଧାନସଭା<br>୪୪- ଭଦ୍ରକ ବିଧାନସଭା<br>୪୫- ବାସୁଦେବପୁର ବିଧାନସଭା | ଶ୍ରୀ ହଉଲିଆଁଲାଲ ଗୁଲଟେ, ଆଇ.ଏ.ଏସ୍. | ସାଧାରଣ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୫୩୭ |
| ୨ | ୪୩- ଭଣ୍ଡାରିପୋଖରୀ ବିଧାନସଭା<br>୪୬- ଧାମନଗର ବିଧାନସଭା<br>୪୭-ଚାନ୍ଦବାଲି ବିଧାନସଭା | ଶ୍ରୀ ଏଥେଲବର୍ଟ ଖରମଇକି, ଆଇ.ଏ.ଏସ୍. | ସାଧାରଣ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୫୩୮ |
| ୩ | ୭-ଭଦ୍ରକ, ଲୋକସଭା | ଶ୍ରୀ ସନ୍ତୋଷ ସିଂ, ଆଇ.ପି.ଏସ୍. | ପୋଲିସ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୭୮ |
| ୪ | ୭-ଭଦ୍ରକ, ଲୋକସଭା | ଶ୍ରୀ ବରୁଣ ରଙ୍ଗାସ୍ୱାମୀ, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୯୮ |
| ୫ | ୪୩- ଭଣ୍ଡାରିପୋଖରୀ ବିଧାନସଭା<br>୪୬-ଧାମନଗର ବିଧାନସଭା<br>୪୭- ଚାନ୍ଦବାଲି ବିଧାନସଭା | ଶ୍ରୀମତୀ ଡି.ବବିଥା, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୧୯ |
| ୬ | ୪୪- ଭଦ୍ରକ ବିଧାନସଭା<br>୪୫- ବାସୁଦେବପୁର ବିଧାନସଭା | ଶ୍ରୀମତୀ ସ୍ୱର୍ଣ୍ଣଶ୍ରୀ ରାଓ ରାଜଶେଖର, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୬୧୯ |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଭଦ୍ରକ

### କଳାହାଣ୍ଡିର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

# ମହିଳାଙ୍କୁ ସଶକ୍ତ କରିବା ହେବ ମୋ ସରକାରର ପ୍ରାଥମିକତା

**ଭବାନୀପାଟଣା/ଲାଞ୍ଜିଗଡ଼,୯।୪(ଡି.ଏନ.ଏ.)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କଳାହାଣ୍ଡି ଲୋକ ସଭା ଆସନ ସମେତ କଳାହାଣ୍ଡି ଓ ନୂଆପଡା ଜିଲାର ୭ ବିଧାନସଭା ଆସନ ନିମନ୍ତେ ୧୧ ତାରିଖରେ ଭୋଟ ଗ୍ରହଣ ହେବ। ଏଥିଲାଗି ୯ ତାରିଖ (ମଙ୍ଗଳବାର) ସନ୍ଧ୍ୟାରେ ପ୍ରଚାର ଶେଷ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି




ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଜିଲା ଜୟପାଟଣା ବ୍ଲକ ଅଁଳାଭଟା, ନର୍ଲା ବ୍ଲକ ତୁଲାପଡା ଏବଂ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। କେନ୍ଦ୍ରର ଅବହେଳା ଯୋଗୁ ମୋ ଲୋକେ ଆଜି ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି, କିନ୍ତୁ ମୁଁ ଏହା ହେବାକୁ ଦେବିନାହିଁ। ଏଥର ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ କାଳିଆ ଯୋଜନାର ଦୁଇଟି କିସ୍ତି ଅନୁଦାନ ଦିଆଯିବ। ମହିଳାମାନଙ୍କୁ ସଶକ୍ତ କରିବା ହେବ ମୋ ସରକାରର ପ୍ରାଥମିକତା। ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ବିନା ସୁଧରେ ଋଣ ପ୍ରଦାନ ବ୍ୟବସ୍ଥା କରାଯିବ। ମହିଳାମାନଙ୍କ ସ୍ୱାସ୍ଥ୍ୟ ବୀମାରାଶିକୁ ୧୦ ଲକ୍ଷ ଟଙ୍କା ଯାଏଁ ବୃଦ୍ଧି କରାଯିବ। ଝିଅମାନଙ୍କୁ କେଜିରୁ କଲେଜ ଯାଏଁ ମାଗଣା ଶିକ୍ଷା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଦଳୀୟ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀ ଓ ଏମ୍‌ପି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଭୋଟଭିକ୍ଷା କରିଛନ୍ତି।

ବିଜେଡି ଜିଲା ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ. ଫକୀରମୋହନ ମାଝି, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ମହିଳା ନେତ୍ରୀ ସରସ୍ୱତୀ ମୁଣ୍ଡା, ପ୍ରଦୀପ ଘଡେଇ, ଚନ୍ଦ୍ରଧ୍ୱଜ ପେସନିଆ, ଚନ୍ଦ୍ର ମହାପାତ୍ର, ଲାଞ୍ଜିଗଡ ରୋଡ ସରପଞ୍ଚ ଟଙ୍କଧର ମାଝି ପ୍ରମୁଖ ଯୋଗଦେଇଥିଲେ। ସଭା ପରିଚାଳନା କରିଥିଲେ ଶ୍ରୀମୟୀ ମିଶ୍ର ଓ ଗୋପାଳଦାସ ମହାନନ୍ଦ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଆଖି ଆଗରେ ରଖି ଡିଆଇଜି ହିମାଂଶୁ ଲାଲଙ୍କ ନେତୃତ୍ୱରେ ୬ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

ମଙ୍ଗଳବାର ସକାଳେ ମୁଖ୍ୟମନ୍ତ୍ରୀ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିଥିଲେ। ପରେ ସକାଳ ସାଢେ ୮ଟାରେ ହେଲିକପ୍ଟର ଯୋଗେ ଆସି ଜୟପାଟଣା, ତୁଲାପଡା ଓ ଲାଞ୍ଜିଗଡରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସୋମବାର ବି ନବୀନ ନୂଆପଡା ଓ କଳାହାଣ୍ଡି ଜିଲା ଗସ୍ତ କରି ବିଭିନ୍ନ ସ୍ଥାନରେ ରୋଡ୍ ଶୋ କରିଥିଲେ। ସନ୍ଧ୍ୟାରେ ଭବାନୀପାଟଣାରେ ପହଞ୍ଚି ରାତ୍ରି ଯାପନ କରିଥିଲେ। ମୁଖ୍ୟମନ୍ତ୍ରୀ ସୋମବାର ଏକ ସ୍ୱତନ୍ତ୍ର ବସ୍‌ରେ ଭବାନୀପାଟଣାରେ ରାତି ପ୍ରାୟ ୮ଟା ୪୫ ମିନିଟ୍‌ରେ ପହଞ୍ଚିଥିଲେ। ଭବାନୀପାଟଣାର ନାକଟିଗୁଡା ଛକ, ଘୋଡାଘାଟ ଛକ, ଷ୍ଟାଚ୍ୟୁ ଛକ, ମାଣିକେଶ୍ୱରୀ ସ୍କୁଲ ଛକ, ଇରିଗେସନ ଛକ ଓ କଲେଜ ଛକରେ ରୋଡ ଶୋ କରିଥିଲେ। ନବୀନଙ୍କ ରୋଡ୍ ଶୋରେ ଲୋକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ, ଧର୍ମଗଡ ବିଧାୟକ ପ୍ରାର୍ଥୀ ମୌଷଧି ବାଗ, ଜୁନାଗଡ ବିଧାୟକ ପ୍ରାର୍ଥୀ ଦିବ୍ୟଶଙ୍କର ମିଶ୍ର, ଭବାନୀପାଟଣା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ଛାଡ଼ିଲେ ସୁମିତ୍ରା, ବିଜେଡିରେ ସାମିଲ

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

- ପୁରୀ ଜିଲା କଂଗ୍ରେସ ସଭାପତି ରମ୍ମୁ ପାତ୍ର ବି ଦଳ ଛାଡ଼ିଲେ
- ପ୍ରତିଶୋଧ ନେବାକୁ ଯୋଜନା କରୁଛନ୍ତି ନିରଞ୍ଜନ



ପ୍ରଦେଶ କଂଗ୍ରେସ କମିଟି(ପିସିସି)ରେ ଟିକେଟ ବଣ୍ଟନକୁ ନେଇ ଆରମ୍ଭ ହୋଇଥିବା କଳି ବର୍ତ୍ତମାନ ଚରମସୀମାରେ ପହଞ୍ଚିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଦଳର ବରିଷ୍ଠ ନେତାମାନେ ଟଙ୍କା ନେଇ ସେ ଟିକେଟ ବାଣ୍ଟୁଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା କିନ୍ତୁ ନିରଞ୍ଜନଙ୍କ ଟିକେଟ ବାଣ୍ଟିବା ଫର୍ମୁଲାର ଆହୁରି ବଡ ଗୁମର ଖୋଲିଛନ୍ତି। ଯାହାକୁ ନେଇ ନିରଞ୍ଜନଙ୍କ ପାଇଁ ବର୍ତ୍ତମାନ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୋଗ ଆଣିବା ପରେ ସୁମିତ୍ରା ମହିଳା ସଭାନେତ୍ରୀ ପଦ ଏବଂ ଦଳ ଛାଡିବାକୁ ମଙ୍ଗଳବାର ଘୋଷଣା କରିଛନ୍ତି। ଶେଷରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। କେବଳ ସୁମିତ୍ରା ନୁହନ୍ତି ପୁରୀ ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ(ରମ୍ମୁ) ପାତ୍ର ମଧ ଦଳ ଛାଡିଛନ୍ତି।

ମଙ୍ଗଳବାର ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁମିତ୍ରା କହିଛନ୍ତି ଯେ, ଯେଉଁମାନେ କଂଗ୍ରେସ ପତାକା ଧରିନାହାନ୍ତି ପିସିସି ସଭାପତି ତାଙ୍କୁ ଟିକେଟ ଦେଇଛନ୍ତି। ଯେଉଁମାନଙ୍କ ପାଖରେ ପ୍ରଚୁର ଟଙ୍କା, ମଦ ଦୋକାନ ଅଛି, ଯେଉଁ ମହିଳାମାନେ ସୁନା ମଣ୍ଡି ହୋଇ ଆସୁଛନ୍ତି, ସୁନ୍ଦରୀ ଅଛନ୍ତି ସେମାନଙ୍କୁ ଟିକେଟ ମିଳୁଛି। କଂଗ୍ରେସ ଛାଡିବାକୁ ଇଚ୍ଛା ନାହିଁ। ହେଲେ ନିରଞ୍ଜନ ମନମୁଖି କାର୍ଯ୍ୟ କରୁଥିବାରୁ ଦଳ ଛାଡିବାକୁ ବାଧ ହେଉଛି। ବିଜେଡିକୁ ଜିତାଇବା ସକାଶେ ନିରଞ୍ଜନ ଯୋଜନା କରିଥିବା ଅନୁଭବ କରୁଛି। ସେ କଂଗ୍ରେସକୁ ଶକୁନି ହୋଇ ଆସି ପ୍ରତିଶୋଧ ନେବାକୁ ପ୍ରୟାସ କରୁଛନ୍ତି। ଦ୍ରୌପଦୀଙ୍କ ଲୁହରେ କୁରୁବଂଶ ନଷ୍ଟ ହେବା ଭଳି ଓଡିଶା କଂଗ୍ରେସ ମହିଳାମାନଙ୍କ ଲୁହରେ ଧ୍ୱଂସ ହୋଇଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁମାନେ କଂଗ୍ରେସ ଭବନରେ ତାଙ୍କ ଉପରେ ଆକ୍ରମଣ କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଟିକେଟ ଦିଆଯାଇଛି। ନିରଞ୍ଜନ ନିଜ ବ୍ୟବସାୟିକ ବନ୍ଧୁଙ୍କୁ ଟିକେଟ ବାଣ୍ଟିଛନ୍ତି। ସେ ମୋତେ ମହିଳା ସଭାପତି କରିଥିଲେ ବୋଲି ଯଦି କହୁଛନ୍ତି, ନିରଞ୍ଜନ ମଧ ଆମ ପାଇଁ ପିସିସି ଦାୟିତ୍ୱ ପାଇଥିଲେ। ବହୁ ଷଡଯନ୍ତ୍ର କରି ସେ ସଭାପତି ହୋଇଛନ୍ତି ବୋଲି ସୁମିତ୍ରା କହିଛନ୍ତି। ସୂଚନାଯୋଗ୍ୟ ଯେ, ସୁମିତ୍ରା ଭଦ୍ରକ ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ଇଚ୍ଛା କରିଥିଲେ। ହେଲେ ନିରଞ୍ଜନ ନିଜ ଘନିଷ୍ଠ ସହଯୋଗୀ ନଳିନିକାନ୍ତ ମହାନ୍ତିଙ୍କୁ ଟିକେଟ ଦେବାକୁ ଚାହିଁଲେ। ଯେଉଁଥିପାଇଁ ନିରଞ୍ଜନ ଓ ସୁମିତ୍ରାଙ୍କ ମଧ୍ୟରେ ଅସନ୍ତୋଷ ବଢି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ସେହିପରି ନିମାପଡା ଆସନରୁ ଦିଲୀପ ନାୟକଙ୍କୁ ଟିକେଟ ଦେବାକୁ ନିରଞ୍ଜନ ଇଚ୍ଛା କରୁଥିଲେ। ଏଥିଲାଗି ନାମାଙ୍କନ ପାଇଁ ଦିନେ ବାକି ଥିବାବେଳେ ପୁରୀ ଜିଲା ସଭାପତି ଥିବା ରମ୍ମୁ ପାତ୍ରଙ୍କୁ ଟିକେଟ ଦିଆଯାଇଥିଲା। ହେଲେ ନିରଞ୍ଜନ ଏଥିପାଇଁ ଯୋଜନା କରି ଜାଣିକି ଏଭଳି କରିଥିବାରୁ ରମ୍ମୁ ଟିକେଟ ଫେରାଇ ଦେଇଥିଲେ। ସୋମବାର ସେ ଜିଲା ସଭାପତି ପଦରୁ ଇସ୍ତଫା ଦେଇଥିବା ବେଳେ ମଙ୍ଗଳବାର ଦଳ ଛାଡିଥିବା ଜଣାପଡିଛି।

ଏନେଇ ନିରଞ୍ଜନ ପଟ୍ଟନାୟକ କହିଛନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଆସନ୍ତା ନିର୍ବାଚନ ପାଇଁ ଦଳ ୯୦ଜଣ ନୂଆ ମୁହଁକୁ ପ୍ରାର୍ଥୀ କରିଛି। ତେଣୁ ଦଳରେ ଏହିସବୁ ଆସନରେ ରହିଥିବା ବରିଷ୍ଠ ନେତାମାନେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ସୁମିତ୍ରା ଯେଉଁ ଅଭିଯୋଗ କରୁଛନ୍ତି ସେନେଇ କିଛି ଜାଣି ନ ଥିବା ନିରଞ୍ଜନ କହିଛନ୍ତି।

# ଭାଜପାକୁ ମିଳିବ ଅଭୂତପୂର୍ବ ସଫଳତା

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

### ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ନେଇ ଧର୍ମେନ୍ଦ୍ରଙ୍କ ଦୃଢୋକ୍ତି

ଓଡିଶାରେ ମୋଦି ଲହର ଆରମ୍ଭ ହୋଇଗଲାଣି। ରାଜ୍ୟବାସୀ କେନ୍ଦ୍ର ଓ ଓଡିଶାରେ ନିର୍ଣ୍ଣୟ ନେଉଥିବା ସରକାର ପାଇଁ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନର ଅନୁରୋଧକୁ ଏଥର ଗ୍ରହଣ କରିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭାଜପାକୁ ଅଭୂତପୂର୍ବ ସଫଳତା ମିଳିବ। ଭାଜପା ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ଷମତାରୁ ହଟାଇବା ସହ ବିଜେଡି ଦୁର୍ନୀତିର ପର୍ଦ୍ଦାଫାଶ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ଦଳ ସରକାରକୁ ଆସିଲେ ଚିଟଫଣ୍ଡ ମୁଖ୍ୟ ଅଭିଯୁକ୍ତ ଓ ଖଣି ଦୁର୍ନୀତିର ମୁଖ୍ୟ କାର୍ପଟଦାରଙ୍କୁ ଜେଲ ପଠାଯିବ। ଏହି ଭୟରେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଭୟଭୀତ। ଏଥିଲାଗି ଭାଜପା ଆଡୁ ବିପଦ ଥିବା କହି ଆଗୁଆ ମୁଖ୍ୟମନ୍ତ୍ରୀ ପରାଜୟକୁ ସ୍ୱୀକାର କଲେଣି। ଚିଟ୍‌ଫଣ୍ଡରେ ସଂଶ୍ଳିଷ୍ଟ ସରୋଜ ସାହୁ କିଏ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ସମ୍ପର୍କ କ'ଣ ବୋଲି ମଧ ସେ ପ୍ରଶ୍ନ ଉଠାଇଛନ୍ତି। ଭୂତ କମ୍ପାନୀକୁ ଖଣି ଆବଣ୍ଟନ କିଏ କରିଥିଲା ଉକ୍ତ ମାମଲାରେ ସିବିଆଇ ଜେରା ଚାଲିଛି। ତେଣୁ ଏ ମାମଲାରେ ତାଙ୍କୁ ଡର ମାଡିବା ସ୍ୱାଭାବିକ। ଚିଟ୍‌ଫଣ୍ଡରେ ଲୋକଙ୍କୁ ଠକି ଟଙ୍କା ଫେରାଇବେ କହି ଆଉ ଫେରାଇଲେ ନାହିଁ। ଭାଜପା ସଙ୍କଳ୍ପ ନେଇଛି ରାଜ୍ୟରେ ସରକାରକୁ ଆସିଲେ ଚିଟ୍‌ଫଣ୍ଡ ଟଙ୍କା ଲୋକଙ୍କୁ ଫେରାଇବ। ବେବିନା, କୁନ୍ଦୁଲି, ମାଧବୀଲତାଙ୍କ ହତ୍ୟାକାରୀ ଆଉ ବଳାତ୍କାରୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବୁ। କୁନ୍ଦୁଲି ଏବଂ ବେବିନା ଘଟଣାର ଫାଇଲ ପୁନର୍ବାର ଖୋଲାଯିବ। ୧୯ବର୍ଷ ଶାସନରେ ଜଳସେଚନ କରିପାରିଲେ ନାହିଁ ଏବଂ ବିଲକୁ ପାଣି ଦେଇପାରିଲେ ନାହିଁ। ହେଲେ ଓଡିଶାରେ ଭାଜପା ଶାସନକୁ ଆସିଲେ ୫ବର୍ଷରେ ୧,୦୦,୦୦୦ କୋଟି ଟଙ୍କାର ଏକ ଉତ୍ସର୍ଗୀକୃତ ପାଣ୍ଠି ଜରିଆରେ ସବୁ କ୍ଷେତକୁ ପାଣି ଯୋଗାଇବ। ଏକଥା ଶୁଣି ମୁଖ୍ୟମନ୍ତ୍ରୀଙ୍କୁ ଡର ଲାଗିବା ସ୍ୱାଭାବିକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମହିଳାଙ୍କୁ ଲଜ୍ଜିତ କରିଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଟିକେଟ ଦେଇଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

ମହିଳା ଉତ୍ପୀଡନକାରୀ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାରୀ ସଶକ୍ତିକରଣ ଅଭିଯାନର ସାରଥୀ ସାଜିଛନ୍ତି। ନବୀନ ମହିଳାଙ୍କ ପାଇଁ ଘୋଷଣା କରିଥିବା ପ୍ରସଙ୍ଗରେ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ର କହିଛନ୍ତି, ଆସନ୍ତା ୫ବର୍ଷରେ ଓଡିଶା ମା'ଭଉଣୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଣ କରିବେ ବୋଲି ତଥ୍ୟ ରଖିଲେ। ହେଲେ ୧୯ବର୍ଷ ହେଲା ମହିଳାଙ୍କ ପାଇଁ କଣ କରିଛନ୍ତି ତାହାର ତଥ୍ୟ ରଖୁନାହାଁନ୍ତି। ନାରୀ ସଶକ୍ତିକରଣ କଥା କହୁଛନ୍ତି। ରାଜ୍ୟକୁ ନିନ୍ଦିତ କରିଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏକ ଆସନରୁ ଟିକେଟ୍ ଦେଇଛନ୍ତି। ମହିଳା ଉତ୍ପୀଡନକାରୀ ଓ ଓଡିଶାକୁ ଲଜ୍ଜିତ କରିଥିବା ବ୍ୟକ୍ତିମାନଙ୍କୁ ବିଧାନସଭା ଟିକେଟ ଦେବା ସମ୍ମାନ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ପିପିଲି ଗଣବଳାତ୍କାର ଅଭିଯୁକ୍ତ ମୁଖ୍ୟ ସଂରକ୍ଷକ, ମହିଳାଙ୍କୁ ଅକଥନୀୟ ଅତ୍ୟାଚାରର ପ୍ରତିଛବି ଭୁବନେଶ୍ୱରର ନେତା, ନବୀନ ନିବାସ ଆଗରେ ଆତ୍ମହୁତି ଉଦ୍ୟମ କରିଥିବା ମହିଳାଙ୍କୁ ଅସଦାଚରଣ କରିଥିବା ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବା ମହିଳାଙ୍କୁ ସମ୍ମାନ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମହିଳାଙ୍କ ପାଇଁ କ'ଣ ବ୍ୟବସ୍ଥା କରିବେ ବୋଲି ସୋମବାର ମୁଖ୍ୟମନ୍ତ୍ରୀ କହିଥିଲେ। ଭାଜପା ନିର୍ବାଚନୀ ଇସ୍ତାହାର ଆଣିବାପରେ ମୁଖ୍ୟମନ୍ତ୍ରୀ ଏହାକୁ କପି କରି କହିବା ଆରମ୍ଭ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପଦ୍ମ ଧରିଲେ ରବି ପାଣି

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

ପୂର୍ବତନ ଏମ୍‌ପି ତଥା ବିଧାୟକ ରବି ପାଣି ମଙ୍ଗଳବାର ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ରବି ପାଣିଙ୍କ ନେତୃତ୍ୱରେ ପାଲଲହଡା ବ୍ଲକର ପୂର୍ବତନ ଚେୟାରମାନ କ୍ଷୀରୋଦ୍ରି ବେହେରା, ସରୋଜ ଭୂୟାଁ, ବଡିସୁଆଁ ସରପଞ୍ଚ ଅଞ୍ଜଳି କିଷାନ, ନାଏବ ସରପଞ୍ଚ ନିଗମାନନ୍ଦ ସାହୁ ପ୍ରମୁଖ ଶତାଧିକ କର୍ମୀ ମଧ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ତାଳଚେର ନିର୍ବାଚନମଣ୍ଡଳୀର ବଡଚିତୋଡା ଗ୍ରାମର ବିଜୁ ଯୁବ ବାହିନୀ ସଦସ୍ୟ ବାବୁଲା ବେହେରା, ଦୀପୁ ବେହେରା, ବିନୋଦ ବେହରା, ରବିନାରାୟଣ ଦେହୁରୀ ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳକୁ ସ୍ୱାଗତ କରିଛନ୍ତି। ରାଜ୍ୟ ଉପ ସଭାପତି ସମୀର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ମୋଦିଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୦୯ ନିର୍ବାଚନରେ ଧର୍ମେନ୍ଦ୍ରଙ୍କୁ ପରାଜିତ କରି ରବି ବିଜୟୀ ହୋଇଥିଲେ। ସେତେବେଳେ ଧର୍ମେନ୍ଦ୍ରଙ୍କୁ ବିଭିନ୍ନ ପ୍ରସଙ୍ଗ ନେଇ ରବି ବହୁବାର ଭର୍ତ୍ସନା କରିଥିବା ମଧ ଦେଖିବାକୁ ମିଳିଥିଲା। ହେଲେ ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ରବି ଓ ଧର୍ମେନ୍ଦ୍ର ଏକ ହୋଇଛନ୍ତି। ଯାହା ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

# ପିଣ୍ଟୁଙ୍କ ପ୍ରଚାର ଗାଡ଼ି ଥାନାରେ ଅଟକ

**ବ୍ରହ୍ମପୁର ଅଫିସ୍,୯।୪**

ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ମେୟର୍ ଶିବ ଶଙ୍କର ଦାସ(ପିଣ୍ଟୁ)ଙ୍କ ୮ଟି ପ୍ରଚାର ଗାଡ଼ିକୁ ମଙ୍ଗଳବାର ଗୋସାଇଁନୂଆଗାଁ ପୋଲିସ ଥାନାରେ ରଖିଛି। ଏହାକୁ ନେଇ ପିଣ୍ଟୁଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ପିଣ୍ଟୁଙ୍କ ସ୍ତ୍ରୀ ତଥା ପ୍ରଚାର ମଙ୍ଗ ଧରିଥିବା ଆଶା କୁମାରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପିଣ୍ଟୁଙ୍କ ପ୍ରଚାର ଆରମ୍ଭରୁ ପୋଲିସ ବିଭିନ୍ନ ଉପାୟରେ ହଇରାଣ କରୁଛି। ଯେଉଁମାନେ ପ୍ରଚାରରେ ବୁଲୁଛନ୍ତି, ସେମାନଙ୍କ ଗିରଫ କରାଯିବ ବୋଲି ଚେତାବନୀ ଦିଆଯାଉଛି। ମଙ୍ଗଳବାର ସକାଳେ ପୋଲିସ ଘରକୁ ଆସି ୮ ଗାଡ଼ିକୁ ନେଇଯାଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ ବେଳେ ଗାଡ଼ି ଛାଡ଼ିଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ସନ୍ଧ୍ୟା ସୁଦ୍ଧା ଗାଡ଼ି ଛଡ଼ାଯାଇନାହିଁ। ପିଣ୍ଟୁଙ୍କ ପ୍ରଚାରକୁ ପ୍ରଭାବିତ କରିବା ପାଇଁ ପୋଲିସ ଏଭଳି କାର୍ଯ୍ୟ କରୁଛି, କାହା ପ୍ରରୋଚନରେ ଏଭଳି ହେଉଛି, ସମସ୍ତେ ଜାଣିଛନ୍ତି। ବ୍ରହ୍ମପୁର ଜନସାଧାରଣ ପିଣ୍ଟୁଙ୍କୁ ଯେଭଳି ସମର୍ଥନ ଦେଉଥିଲେ, ତାହା ଜାରି ରଖନ୍ତୁ ବୋଲି ଆଶା କୁମାରୀ ନିବେଦନ କରିଛନ୍ତି। ବାର୍ କାଉନସିଲ୍ ସଦସ୍ୟ ଦୀପକ ପଟ୍ଟନାୟକ କହିଛନ୍ତି, ଯଦି ପୋଲିସ କ୍ଷମତା ବାହାରକୁ ଯାଇ କୌଣସି କାର୍ଯ୍ୟ କରିଛି, ତେବେ ଆଇନ୍‌ର ଆଶ୍ରୟ ନିଆଯିବ। ଏହି ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀଙ୍କ ସମେତ ପିଣ୍ଟୁଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ। ଏନେଇ ଗୋସାଇଁନୂଆଗାଁ ଥାନା ଆଇଆଇସି ସୁମିତ କୁମାର ସୋରେନ୍ କହିଛନ୍ତି, ନିର୍ବାଚନ ଅବଜର୍‌ଭର୍ ନୋଟିସ୍ କରିଥିଲେ। ନିର୍ବାଚନ ଖର୍ଚ୍ଚର ବିବରଣୀ ମଗାଯାଇଥିଲା। ଏଣୁ ଗାଡ଼ି ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଶୀଘ୍ର ଗାଡ଼ିଗୁଡ଼ି ଛଡ଼ାଯିବ ବୋଲି ସେ କହିଛନ୍ତି।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଶେଷ

**ଭୁବନେଶ୍ୱର,୯।୪(ବ୍ୟୁରୋ)**

- ବିଧାନସଭା ୩୮୪, ଲୋକ ସଭା ପାଇଁ ୬୧ ପ୍ରାର୍ଥୀ
- ୨.୩୧ କୋଟି ଟଙ୍କା ଜବତ

ରାଜ୍ୟରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଶେଷ ଦିବସରେ ବିଧାନସଭା ଆସନ ପାଇଁ ୧୭୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ଲୋକସଭା ଆସନ ପାଇଁ ୨୯ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ମୋଟ ୩୮୪ ଜଣ ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ୬ ଲୋକ ସଭା ଆସନରେ ମୋଟ ୬୧ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୮୬୬୦ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୬ ଅନୁଯାୟୀ ୪୭୫୩୨ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୫୦୪୪ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୧୪ ଟି ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଡାଉ ଫଳରେ ୧୧୨୫୧୯.୯୪୫ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ କୋଟି ୩୧ ଲକ୍ଷ ୯୧ ହଜାର ୨୬୫ ଟଙ୍କା ହେବ। ଫ୍ଲାଇଂ ସ୍କ୍ୱାଡ ଏବଂ ପୋଲିସ ଦ୍ୱାରା ଏ ପର୍ଯ୍ୟନ୍ତ ୨ କୋଟି ୩୧ ଲକ୍ଷ ୧୯ ହଜାର ୪୦୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୩୪ ଲକ୍ଷ ୪୧ ହଜାର ୭୮୮ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ୨ ଲକ୍ଷ ୯୦ ହଜାର ୩୨୯ ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ କାଢ଼ିଦିଆଯାଇଛି।

# ପିସିସି ବିରୋଧରେ ମୁହଁଖୋଲି ନିଲମ୍ବିତ ହେଲେ ଦୀପକ, ବିଶ୍ୱଜିତ

**ବ୍ରହ୍ମପୁର ଅଫିସ୍,୯।୪**



ଦୀପକ ପଟ୍ଟନାୟକ



ବିଶ୍ୱଜିତ ପାତ୍ର

ଚଳିତ ନିର୍ବାଚନରେ ଟିକେଟ୍ ବଣ୍ଟନରେ ପାତରଅନ୍ତର ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି)କୁ ସମାଲୋଚନା କରିଥିବା ଗଞ୍ଜାମ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଦୀପକ ପଟ୍ଟନାୟକ ଏବଂ ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ରଙ୍କୁ ଦଳ ନିଲମ୍ବନ କରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟଙ୍କୁ ନିଲମ୍ବନ କରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ନିଲମ୍ବନ କରାଯାଇଥିବା ପିସିସି ତରଫରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

ଗତ ୨୯ତାରିଖରେ ଉଭୟ ଦୀପକ ଏବଂ ବିଶ୍ୱଜିତ ଏକ ଖବରଦାତା ସମ୍ମିଳନୀରେ ଟିକେଟ୍ ବଣ୍ଟନକୁ ନେଇ ପିସିସି ନେତୃତ୍ୱକୁ ଟାର୍ଗେଟ୍ କରିଥିଲେ। ଯେଉଁମାନେ ଦୀର୍ଘ ବର୍ଷ ହେଲା କଂଗ୍ରେସ ପାଇଁ କାମ କରୁଛନ୍ତି, ସେମାନଙ୍କ ବଦଳରେ ଦଳ କେତେକ ବ୍ୟବସାୟୀଙ୍କୁ ଟିକେଟ୍ ଦେଇଛି। ଏପରିକି ଓଡ଼ିଆ ଜାଣି ନ ଥିବା ଭି.ଚନ୍ଦ୍ରଶେଖର ନାଇଡୁଙ୍କୁ ବ୍ରହ୍ମପୁର ଲୋକ ସଭା ପାଇଁ ଦଳ ପ୍ରାର୍ଥୀ କରିଛି। ପିସିସି ପଦାଧିକାରୀମାନେ ନିଜ ପୁଅଙ୍କୁ ଟିକେଟ୍ ଦେଇଛନ୍ତି। ସେହିଭଳି ଜିଲା କଂଗ୍ରେସ କମିଟିକୁ ମଧ ସମାଲୋଚନା କରାଯାଇଥିଲା। ଟିକେଟ୍ ବଣ୍ଟନରେ କିଭଳି ପ୍ରିୟାପ୍ରୀତି ତୋଷଣ ହୋଇଛି, ଏନେଇ ଏଆଇସିସି ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଅବଗତ କରାଯିବ ବୋଲି ଉଭୟ ନେତା ଚେତାବନୀ ଦେଇଥିଲେ। ପିସିସିକୁ ଖୋଲାଖୋଲି ଟାର୍ଗେଟ୍ କରିବା ଉଭୟ ନେତାଙ୍କୁ ମହଙ୍ଗା ପଡ଼ିଥିଲା। ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା, ଯାହାର ଉତ୍ତର ଉଭୟ ରଖିଥିଲେ। ଗତ ୧ ତାରିଖରେ ବିଶ୍ୱଜିତ ବ୍ରହ୍ମପୁର ବିଧାନସଭା ବିଜେଡ଼ି ପ୍ରାର୍ଥୀ ବିକ୍ରମଙ୍କ ପାଇଁ ବିଜିପୁର ଅଞ୍ଚଳରେ ପ୍ରଚାର କରିଥିଲେ। ଗତ ୬ ତାରିଖରେ ବିଶ୍ୱଜିତ ବିଧିବଦ୍ଧ ଭାବେ ନିଜ ପଦବୀରୁ ଇସ୍ତଫା ଦେବା ସହ କଂଗ୍ରେସ ଦଳ ଛାଡ଼ିବା ପରେ ୭ ତାରିଖରେ ବିଜେଡ଼ିରେ ସାମିଲ ହୋଇଥିବା ନେଇ ଘୋଷଣା କରିଥିଲେ। ପୂର୍ବରୁ ବିଶ୍ୱଜିତ କଂଗ୍ରେସ ଛାଡ଼ି ଦେଇଥିବା ବେଳେ ଦୀପକ କଂଗ୍ରେସ ସଂଗଠନଠାରୁ ନିଜକୁ ଦୂରେଇ ରଖିଥିଲେ। ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ମେୟର୍ ଶିବ ଶଙ୍କର ଦାସ(ପିଣ୍ଟୁ)ଙ୍କୁ ସମର୍ଥନ ଜଣାଇଥିଲେ। ମଙ୍ଗଳବାର ଦୀପକ ଏବଂ ବିଶ୍ୱଜିତଙ୍କୁ କଂଗ୍ରେସରୁ ନିଲମ୍ବନ କରାଯାଇଛି।

# ସୁନ୍ଦରଗଡ଼ରେ କଂଗ୍ରେସ ପ୍ରାର୍ଥୀ ବୋଲି ଦର୍ଶାଉଥିବା ନେତାଙ୍କୁ କାରଣ ଦର୍ଶାଅ ନୋଟିସ

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ସିପିଆଇ(ଏମ୍) ସହ ବୁଝାମଣା କରି ନିର୍ବାଚନ ଲଢୁଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ସୁନ୍ଦରଗଡ ଜିଲା ବଣେଇ ବିଧାନସଭା କ୍ଷେତ୍ରରେ ସିପିଆଇ(ଏମ୍)କୁ ଦଳୀୟ ପ୍ରାର୍ଥୀ କରିଛି। ହେଲେ ଜଣେ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ କଂଗ୍ରେସ ଦଳର ଲୋକ ସଭା ପ୍ରାର୍ଥୀଙ୍କ ଫଟୋ ତାଙ୍କ ପୋଷ୍ଟରରେ ଛାପି ପ୍ରଚାର ଚଳାଇଛନ୍ତି। ସମ୍ପୃକ୍ତ ପ୍ରାର୍ଥୀଙ୍କୁ କଂଗ୍ରେସ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି ବୋଲି ପିସିସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ବିଜୁ ଜନତା ଦଳ ସରକାର ଗଠନର
ପ୍ରଥମ ଦିନରେ ହିଁ ବାକି ଥିବା
୨୫ ଲକ୍ଷ ଚାଷୀ 'କାଳିଆ' ଯୋଜନାର
ଦୁଇ କିସ୍ତି ୧୦ ହଜାର ଟଙ୍କା
ଏକା ଥରକେ ପାଇବେ ।

ମା' ମାନେ ହେଉଛନ୍ତି ବିକାଶର
ପ୍ରକୃତ ଡବଲ ଇଞ୍ଜିନ ।
ମିଶନ ଶକ୍ତିର ମା' ମାନଙ୍କୁ ମିଳିବ ବର୍ଷକୁ
୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ସରକାରୀ କାମ ।
ଗରିବ ଝିଅ ବାହାଘର ପାଇଁ
୨୫ ହଜାର ଟଙ୍କା ସହାୟତା ।
ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ
ରଣ ଓ ଦୁର୍ଘଟଣା ବୀମା ।
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ
୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ।
ସବୁ ଝିଅଙ୍କ ପାଠ ପଢା ମାଗଣା,
କେଜି ରୁ କଲେଜ, ମେଡିକାଲ,
ଇଞ୍ଜିନିୟରିଙ୍ଗ୍ ପର୍ଯ୍ୟନ୍ତ ।



ବିଜୁ ଜନତା ଦଳ

ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ । ଦୁଇଥର ।
ଥରେ ଏମ୍. ପି. ପାଇଁ । ଥରେ ଏମ୍. ଏଲ୍. ଏ ପାଇଁ ।

Issued by Biju Janata Dal, Odisha



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା
ଉଦ୍ୟମଶୀଳ ହେବା ଉଚିତ।
-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପ୍ରଥମ କିନ୍ନରଭାବେ ନାମାଙ୍କନ ଭରିଲେ କାଜଲ

କୋରେଇ,୯।୪(ସ୍ୱ.ପ୍ର.)- ଓଡ଼ିଶାରେ ପ୍ରଥମ କିନ୍ନର ବିଧାୟିକା ପ୍ରାର୍ଥିନୀ ଭାବେ ମଙ୍ଗଳବାର କାଜଲ ନାୟକ ନାମାଙ୍କନ ଭରିଛନ୍ତି। ସେ କୋରେଇ ନିର୍ବାଚନମଣ୍ଡଳୀର ବିଏସ୍‌ପି ତରଫରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରଥମେ ଶଙ୍ଖଚିଲାସ୍ଥିତ ମା’ ହିଙ୍ଗୁଳା ପୀଠର ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ସମର୍ଥକଙ୍କ ଗହଣରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କାଜଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନ ବୈତରଣୀ ପାର ହେବେ ବୋଲି ମତ ରଖିବା ସହ କୋରେଇରେ ବିଜୟୀ ହେଲେ ସମ୍ପୂର୍ଣ୍ଣ ମାଫିଆରାଜ ହଟାଇ କୋରେଇରେ ସୁଶାସନ ଆଣିବେ ବୋଲି କହିଥିଲେ।

### ଭାଜପାରେ ଯୋଗଦେଲେ ସଂଖ୍ୟାଲଘୁ ସମ୍ପ୍ରଦାୟ

ଯାଜପୁରରୋଡ,୯।୪(ନି.ପ୍ର.)- ବ୍ୟାସଦେବ ମଣ୍ଡଳ ତରଫରୁ ବ୍ୟାସନଗର ସହର ଅନ୍ତର୍ଗତ ଫେରୋକ୍ରୋମ୍ ନିକଟ ପନାସିଆ ଶିବ ମନ୍ଦିର ପ୍ରାଙ୍ଗଣରେ ଶନିବାର ପ୍ରତିଷ୍ଠା ଦିବସ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ମିଶଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ନଂ. ୱାର୍ଡର ଭାଜପା ବ୍ୟାସଦେବ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଲିକ ସଭାପତିତ୍ୱ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ଅଲେ ଜହୁରଖାନଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବଦୁଲ ଆରଫାନ, ଏମ.ଡି ସାମିମ୍, ଅଲେ ତୁହାର ଖାନ, ଏମ.ଡି ମୁରସାଦ ଆଲାମ, ଏମ.ଡି ସେହେବାଜ ଆଲାମ, ଏସ.କେ ସେହେବାଜ ଆଲାମ, ଏସ.କେ ଫାରୁକ ମହୁରମ ପ୍ରମୁଖ ଭାଜପାର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିଲେ। ଶତାଧିକ କର୍ମୀଙ୍କ ସହ ବରିଷ୍ଠ ଭାଜପା ନେତା ଓ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ମଣ୍ଡଳ ଉପସଭାପତି ସରୋଜ କୁମାର ଦେ, ଯଶୋବନ୍ତ ମଲ୍ଲିକ, ମଣ୍ଡଳ ସମ୍ପାଦକ ଅସିତ କୁମାର ଦାସ, ଯୁବ ଆଇନଜୀବୀ ଭାଗ୍ୟଧର ମଲ୍ଲିକ, ଦୀପ୍ତିରଞ୍ଜନ କର ଓ ବୁଥ୍ ସଭାପତି ଯୁବ ଆଇନଜୀବୀ ବିଦ୍ୟାଧର ମହାନ୍ତି, ୨ ନଂ. ବୁଥ୍ ସଭାପତି ସଞ୍ଜୟ କୁମାର ମହାନ୍ତି, ମହିଳା ମୋର୍ଚ୍ଚା ବ୍ୟାସଦେବ ମଣ୍ଡଳ ସଭାପତି ସବିତା ଖୁଣ୍ଟିଆ ଓ ସାଧାରଣ ସମ୍ପାଦକ ମିଳି ମହାଲିକ ନୂତନ କର୍ମୀଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଦୀପ୍ତିରଞ୍ଜନ ମଙ୍ଗାଣିଆ ଧନ୍ୟବାଦ ଦେଇଥିଲେ।

## ହଜିଯାଉଛି କୌଳିକ ବୃତ୍ତି, ଅନ୍ୟ ବ୍ୟବସାୟ ପଡୁଛି ମହଙ୍ଗା

# ଜୀବନ ନେଉଛି ଋଣ ଚାପ

■ ଅଧିକାଂଶ ଯୁବକ ଦାଦନ ମୁହାଁ
■ ଆଉ ଏକ ଆୟ ପନ୍ଥା ପାଇଁ ନେଉଛନ୍ତି ଋଣ
■ ଶୁଝି ନ ପାରି ମାନସିକ ସନ୍ତୁଳନ ହରାଉଛନ୍ତି ଯୁବ ବ୍ୟବସାୟୀ

ରସୁଲପୁର,୯।୪(ଡିଏନଏ)

ଧୀରେଧୀରେ ଲୋପ ପାଇଯାଉଛି କୌଳିକ ବୃତ୍ତି। ଗାଁରେ ରହି କୌଳିକ ବୃତ୍ତିକୁ ପେସା କରି ପରିବାର ଭରଣପୋଷଣ କରୁଥିବା ପରମ୍ପରା ହଜିଯାଉଛି। ଭିତ୍ତିଭୂମି ଓ କଞ୍ଚାମାଲ ଅଭାବ ଯୋଗୁ କୌଳିକ ବୃତ୍ତିରୁ ପରିବାର ପ୍ରତିପୋଷଣ କରିବା ଆଉ ସମ୍ଭବପର ହେଉନାହିଁ। ପେଟ ଚାଖଣ୍ଡ ପାଇଁ ଅଧିକାଂଶ ଯୁବପିଢ଼ି ହୋଇଛନ୍ତି ଦାଦନମୁହାଁ। ଆଉ କେତେଜଣ ଗାଁରେ ରହି ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ ହେଁ ସେଥିରେ ପେଟ ପୂରୁନି। ଆଉ ଏକ ଆୟ ପନ୍ଥା ଆଶାରେ ବିଭିନ୍ନ ସ୍ଥାନରୁ ଅର୍ଥ ଧାରକରଜ କରି ଋଣଗ୍ରସ୍ତ ହେଉଛନ୍ତି। ପରବର୍ତ୍ତୀ ଅବସ୍ଥାରେ ଋଣ ଶୁଝି ନ ପାରି ଚାପରେ ରହୁଛନ୍ତି। ଏହା ସହିତ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ନାଲିଆଖି ଋଣଗ୍ରହୀତାଙ୍କ ମାନସିକ ଚାପ ବଢାଇ ଦେଉଛି। ମାନସିକ ସନ୍ତୁଳନ ହରାଇ ଅନେକ ଯୁବକ ଆତ୍ମହତ୍ୟାକୁ ବିକଳ୍ପ ଭାବେ ବାଛି ନେଉଛନ୍ତି। ଏହାର ଅନେକ ଉଦାହରଣ ରହିଛି। ଏହାର ଏକ ସଦ୍ୟ ଉଦାହରଣ ରସୁଲପୁର ବ୍ଲକର ଅର୍ଥଗାଁ ପଞ୍ଚାୟତ ଅଳପୁଆ ଗାଁରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ଏହି ଗାଁର ଗୁଣ୍ଡୁଚି ଦଳେଇ ନାମକ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଘରୋଇ ଋଣ ଲଗାଣକାରୀ ସଂସ୍ଥାଠାରୁ ବ୍ୟବସାୟ ପାଇଁ ଟଙ୍କା ଆଣି ଶୁଝି ନ ପାରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ରସୁଲପୁର ବ୍ଲକର ଉଭୟ ପାର୍ଶ୍ୱରେ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ବହି ଯାଇଛି। ଉଭୟ ନଦୀ ଅବବାହିକାରେ ଶତାଧିକ ଧୀବର ପରିବାର ବସବାସ କରୁଛନ୍ତି। ସେହି କ୍ରମରେ ଗୁଣ୍ଡୁଚି ପରିବାର ବ୍ରାହ୍ମଣୀ ନଦୀ ଅବବାହିକାରେ ବସବାସ କରୁଛନ୍ତି। ମୃତ ଯୁବକଙ୍କ ପୂର୍ବପୁରୁଷ ନଦୀରୁ ମାଛଧରି ତାହାକୁ ବିକ୍ରି କରି ପରିବାର ପୋଷୁଥିଲେ। କାଳକ୍ରମେ ଏହା ବନ୍ଦ ହୋଇଯାଇଛି। ସବୁ ଋତୁରେ ନଦୀରେ ଜଳ ପ୍ରବାହ ବନ୍ଦ ହୋଇଯିବା ଯୋଗୁ କୌଳିକ ବୃତ୍ତି ଲୋପ ପାଇଯାଇଛି । ଏହି ପରିପ୍ରେକ୍ଷୀରେ ଗୁଣ୍ଡୁଚିଙ୍କ ପରିବାର ଭୂମିହୀନ ହୋଇଥିବାରୁ ଚାଷ କାର୍ଯ୍ୟ ତାଙ୍କ ପାଇଁ ସମ୍ଭବପର ହୋଇପାରୁ ନାହିଁ। ମୃତ ଯୁବକଙ୍କ ପରିବାରର ୬ପ୍ରାଣୀ କୁଟୁମ୍ବ ଭରପୋଷଣ ପାଇଁ ଦିନ ମଜୁରିଆ ଭାବେ କାର୍ଯ୍ୟ କରିବାକୁ ଏକମାତ୍ର ବିକଳ୍ପ ପନ୍ଥା ଭାବେ ବାଛି ନେଇଥିଲେ। ମଜୁରିବାବଦକୁ ମିଳୁଥିବା ଅର୍ଥରେ ପରିବାର ଚଳାଇବା କଷ୍ଟକର ହୋଇପଡୁଥିଲା। ଅନ୍ୟ ବ୍ୟବସାୟିକ ସଂସ୍ଥା ସ୍ଥାପନ ପାଇଁ ଘରୋଇ ସଂସ୍ଥାଠାରୁ ଋଣ ସଂଗ୍ରହ କରିଥିଲେ। ବ୍ୟବସାୟ ପାଇଁ ବ୍ୟାଙ୍କରୁ ଋଣ ମିଳିବା ସମ୍ଭବପର ନ ହେବାରୁ ସେ ବାଧ ହୋଇ ଘରୋଇ ସଂସ୍ଥାଠାରୁ ଅଧିକ ସୁଧ ହାରରେ ଋଣ ଗ୍ରହଣ କରିଥିଲେ। ମୂଳ ଓ ସୁଧ ସହ ଟଙ୍କା ଶୁଝିବା ପାଇଁ ମାସିକିଆ କିସ୍ତି ଆକାରରେ ଅର୍ଥ ପୈଠ କରୁଥିଲେ। ହେଲେ ସ୍ୱଳ୍ପ ମଜୁରିରୁ ଘର ଚଳାଇବା ସହ ବକେୟା ଋଣ ପରିଶୋଧ ସମ୍ଭବପର ହେଉ ନ ଥିଲା। ଅଭାବ ଅନଟନ ଯୋଗୁ ଅନେକ ସମୟରେ ପରିବାରରେ ଅସନ୍ତୋଷ ଦେଖାଯାଉଥିଲା। ଏସବୁ ଘଟଣାକୁ ନେଇ ଗୁଣ୍ଡୁଚି ଚାପରେ ରହୁଥିଲେ। ଫଳରେ ଶୁକ୍ରବାର ସେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଭୁଶୁଡି ପଡିଛି। ହେଲେ ଏଥିପାଇଁ କାହାକୁ ଦୋଷୀ କରାଯିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏହି ଗ୍ରାମର ପବିତ୍ର ଦାସ କବାଡିଆ ବ୍ୟବସାୟ କରିବା ସକାଶେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣିଥିଲେ। ତାକୁ ଶୁଝି ନ ପାରି ସେ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ୨୦୧୪ ମେରେ ଘଟିଥିଲା। ଏହି ବ୍ଲକରେ ଆଉ ଏକ ଘଟଣା ଘଟିଥିଲା ବଣ୍ଟରା ଗ୍ରାମରେ। ଗନ୍ଧଣ ପଞ୍ଚାୟତ ଏହି ଗ୍ରାମର ଚାଷୀ ଟିମା ଓରଫ ଘନଶ୍ୟାମ ମହାନ୍ତି ଋଣଭାର ସହି ନ ପାରି ଆତ୍ମହତ୍ୟା କରିଥିଲେ। ସେ ସମବାୟ ସମିତିରୁ ଋଣ ଆଣିବା ସହ ଘରୋଇ ଓ ହାତ ଉଧାରି ବାବଦକୁ ଲକ୍ଷାଧିକ ଟଙ୍କା ଆଣି ଚାପରେ ଥିଲେ। ଏପରିକି ଜମି ବିକ୍ରି କରି ଋଣ ଶୁଝିବାକୁ ପ୍ରୟାସ କରିଥିଲେ। ମାତ୍ର ସୁଧ ପରିମାଣ ଏତେ ବଢି ଯାଇଥିଲା ଯେ ସେ ଋଣ ଶୁଝିବାକୁ ସକ୍ଷମ ହୋଇପାରି ନ ଥିଲେ। ପରିଣାମ ସ୍ୱରୂପ ତାଙ୍କୁ ଆତ୍ମହତ୍ୟା କରିବାକୁ ପଡିଥିଲା। ଖାଲି ସେତିକି ନୁହେଁ, ଆହୁରି ଅନେକ ଗରିବ, ଭୂମିହୀନ ପରିବାର କୌଳିକ ବୃତ୍ତି ହରାଇବା ପରେ ଅଭାବ ଅନଟନରୁ ମୁକୁଳି ନ ପାରି ଆତ୍ମହତ୍ୟାକୁ ଶେଷ ବାଟ ଭାବରେ ବାଛି ନେଉଛନ୍ତି । ଏ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। ବିକାଶର ଡିଣ୍ଡିମ ପିଟୁଛନ୍ତି । ହେଲେ କୌଳିକ ବୃତ୍ତି ହରାଉଥିବା ପରିବାର ପାଇଁ ସରକାରଙ୍କ ପଦକ୍ଷେପ ନୈରାଶ୍ୟଜନକ ରହିଥିବା ପରିଲକ୍ଷିତ ହୋଇଛି। ଫଳରେ ସମାଜରେ ଏହିଭଳି କରୁଣ ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଏହାକୁ ରୋକିବା ସହ କୌଳିକ ବୃତ୍ତି ହରାଉଥିବା ପରିବାରର ମୂଳ ପେସାକୁ ଫେରାଇ ଆଣିବା ଦିଗରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି । ନଚେତ୍ ସମାଜରେ ଆର୍ଥିକ ବୈଷମ୍ୟତା ସୃଷ୍ଟି ହେବା ଭଳି ବହୁ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତ ପ୍ରକାଶ ପାଇଛି।

## ଭାଜପାରେ ମିଶିଲେ ବିଭିନ୍ନ ଦଳର କର୍ମୀ

ଚଣ୍ଡିଖୋଲ,୯।୪(ଡି.ଏନ.ଏ.)

ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି। ବଡ଼ଚଣା ନିର୍ବାଚନମଣ୍ଡଳୀରେ ଭାଜପା ଓ ବିଜେଡି ଦଳରେ ଛକପଞ୍ଝା ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ଭାଜପା ପକ୍ଷରୁ ରବିବାର ଦର୍ପଣ ପଞ୍ଚାୟତରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଦୀର୍ଘଦିନ ଧରି କଂଗ୍ରେସରେ ଥିବା ଜିଲା ସହସମ୍ପାଦକ ନିହାର ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଲୋକ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟନ୍ତ ବିଶ୍ୱାଳ, ହିମାଂଶୁ ଶେଖର ପାତ୍ର, ପ୍ରଫୁଲ୍ଲ ମହାରଣା, ସେକ ରଫିକ, ଗୋପିନାଥ ସାହୁ, ସେଖ ଜାନୁ, ସେକ ହିରୁ, ସେକ ନୋସାତ, ଫଗୁ ଦେହୁରୀ ଓ କାଇମାଟିଆ ପଞ୍ଚାୟତର ବିଜେଡି ନେତା ନିରଞ୍ଜନ ବିରୁଆ ପ୍ରମୁଖ ବହୁ କର୍ମୀ ଭାଜପାରେ ଯୋଗଦେଇଥିଲେ। ଭାଜପା ପ୍ରାର୍ଥୀ ଅମର ନାୟକ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲ୍ଲୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ଜିଲା ଉପସଭାପତି ଜ୍ଞାନରଞ୍ଜନ ସାହୁ, ମହିଳା ଉପସଭାନେତ୍ରୀ ଦେବଜାନୀ ପ୍ରଧାନ, ଯୁବନେତା ପ୍ରମୋଦ ଜେନା, ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେହିପରି ଚମ୍ପାପୁର, ବାଲିଚନ୍ଦ୍ରପୁର, ସାଉଡିଆ ଓ ବୈରୀ ପଞ୍ଚାୟତରେ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ।



ଦଳରେ ଯୋଗ ଦେଇଥିବା ନୂତନ କର୍ମୀ ।

## କୋରେଇ ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

କୋରେଇ,୯।୪(ସ୍ୱ.ପ୍ର.)

କୋରେଇ ପୋଲିସ ପକ୍ଷରୁ ଥାନା ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। କୋରେଇ ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଜଳଛତ୍ର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ସଲିଲ କୁମାର ମଲ୍ଲିକ, ଦୁଃଶାସନ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଦୀପ୍ତିରଞ୍ଜନ ଗିରି, ସର୍ବେଶ୍ୱର ପଣ୍ଡା, ଶରତ କୁମାର ଜେନା, ବୁଦ୍ଧିରାମ ପୃଷ୍ଟି, ବୁଦ୍ଧଦେବ ସେଠୀ, କଳ୍ପନା ମଲିକ, ବନାନି ପରିଡା, ଅଜୁ ସାହୁ ଓ ଆମ ପୋଲିସ ସଦସ୍ୟ ଉପସ୍ଥିତ ରହି ପଥଚାରୀଙ୍କୁ ଦହିପାଣି ପ୍ରଦାନ କରିଥିଲେ। ଗ୍ରୀଷ୍ମ ଋତୁ ସରିବା ପର୍ଯ୍ୟନ୍ତ ଏହି ଜଳଛତ୍ର କାର୍ଯ୍ୟକ୍ରମ ଜାରି ରହିବ ବୋଲି ଥାନାଧିକାରୀ ମହାନ୍ତି କହିଛନ୍ତି।

## ଶ୍ରୀରାମଚରିତ ମାନସ ପାରାୟଣ

ସିଂହପୁର,୯।୪(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନିଳିମା ଆଶ୍ରମ ପରିସରରେ ଆଧାତ୍ମିକ ପରିବେଶରେ ମଙ୍ଗଳବାର ଶ୍ରୀରାମଚରିତ ମାନସ ପାରାୟଣ ଓ ଶ୍ରୀବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରାଜୀବ ନାରାୟଣ ଦେବଙ୍କ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଭଜନ ସମାରୋହ ଓ ପ୍ରବଚନ ଆଦି ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ

କୋରେଇ,୯।୪(ସ୍ୱ.ପ୍ର.)

ପାଣିକୋଇଲିର ଅଗ୍ରଣୀ ସଙ୍ଗଠନ ବରିଷ୍ଠ ନାଗରିକ ମଞ୍ଚର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ନୃସିଂହ ଚରଣ ଦଳାଇ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପଞ୍ଜୀକରଣରେ ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଉପଜିଲାପାଳଙ୍କୁ ଭେଟି ଏହାକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଚଳିତ ମାସରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ଓଡ଼ିଆ ନବବର୍ଷରେ ଜଳଯୋଗାଣ କେନ୍ଦ୍ର ଖୋଲାଯିବାକୁ ଆଲୋଚନା ହୋଇଥିଲା। ଉମାକାନ୍ତ ଖଡାଇ, ନାରାୟଣ ସାହୁ, ବ୍ରଜବନ୍ଧୁ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପ୍ରହରାଜ, ନରେନ୍ଦ୍ର ମଳିକ, ରାମଚନ୍ଦ୍ର ମଳିକ, ମଧୁସୂଦନ ରାଉତ, ମିର୍ଜା ଆଲାଉଦ୍ଦିନ, ନରେନ୍ଦ୍ର ଘଡାଇ, ପୁରୁଷୋତ୍ତମ ବେହେରା, ଶତ୍ରୁଘ୍ନ ନାୟକ, ବିଦ୍ୟାଧର ବେହେରା, ଉତ୍ସବ ମହାରଣା, ଗୋକୁଳାନନ୍ଦ ମହାରଣା, ସୋମନାଥ ନାୟକ, ନିରଞ୍ଜନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

REQUIRED
Special Teacher required for Class - VI, DAV School, Chandrasekharpur, Bhubaneswar
9337336614
7008967858

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ହୋଣ୍ଡା ସିଟି କାର ଡ୍ରାଇଭର। ରୋଷେୟା। ଅଫିସ୍ ଆସିଷ୍ଟାଣ୍ଟ। ଚାକର। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ: 9884761210

SURAVI HOSTEL
ଆବଶ୍ୟକ- ରୋଷେୟା, ଡ୍ରାଇଭର, ହେଲ୍‌ପର, କଟାଳି, ସୁଇପର, ୱାର୍ଡେନ (ପୁରୁଷ/ମହିଳା), ସୁପରଭାଇଜର ଭୁବନେଶ୍ୱର
9439250219,9437002619

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : +2/Graduation
Salary : Rs.14500 - Rs.25000)
Mob : 9090391585, 9090732106

REQUIRED
TEACHER'S REQUIRED FOR ST. XAVIER'S KID CARE, SATYA NAGAR BHUBANESWAR. ENGLISH MEDIUM IS ESSENTIAL.
CONTACT- 9439159798
8895964339

SRI SAI WORLD SCHOOL
(CBSE) NURSERY TO V
Mugakani, Rajnagar, Kendrapara.
for Principal, Nursery Teacher, PRT, CLERK, PEON,
SEND C.V Within 7 days.
srisaiworldschool@gmail.com
Mob - 7008127035, 7978725083
Scrutinised candidates will be called for Interview.

DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Dubai Based Leading MNC Motor Cycle Lubricant Brand Require DSA At Block Level in Odisha. Minimum Guaranted Income Rs.20,000/- Per Month.
Contact.-9338579645

REQUIRED
SALES REPRESENTATIVES
A REPUTED FOOD PROCESSING UNIT REQUIRES SALES REPRESENTATIVES FOR ANGUL (ଅନୁଗୁଳ)
CONTACT NO.- 9437056613

DRIVER
For Mini Truck Mahindra Dost wanted. Salary Rs. 12000/- Plus.
Contact:
9437027670 & 9437047010

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା– 8th to 10th & above.
Contact: 8339922964

ନିଶ୍ଳୁକ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur
Chhak, Behind Reliance Fresh, Bhubaneswar
Ph : 7992848615, 9114237051

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

DHARITRI Oriya daily
ଆବଶ୍ୟକ କରୁଛି
ଡ୍ରାଇଭର
ଜଳ ବିତରଣ ଗାଡ଼ି ଚଳାଇବା ପାଇଁ ଠିକା ଭିତ୍ତିରେ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

WANTED
BOSCH Kitchen Appliances Require A Sales In Charge For All Odisha With Full Experience In This Trade. He Will Be In Company Payroll.
Candidates Send CV
E-Mail:- rajmohanrohit@Gmail.Com
Contact Mob- 8249250386(11AM TO 2PM)

ଆବଶ୍ୟକ
ଓଁ ସାଇ ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ପୁଅ ଓ ଝିଅ ଆବଶ୍ୟକ। ରହିବା ଓ ଖାଇବାର ସୁବିଧା ଅଛି। ଦରମା Rs.6,000/-
ଯୋଗାଯୋଗ:-9556896471
9583125591

Urgently Required
Bhubaneswar based Timber Company required 2 Nos. **Managers** having Graduate or +2 Qualification, **Helper**- 2 Nos.
Please Contact: **Hota Associates**, VSS Nagar, Bhubaneswar.
Ph: 7978802641

All Odisha Aadarsha Vidyalaya Vacancy
Post- SECURITY GUARD, DATA ENTRY, PEON, SWEEPER (Male / Female)
Sal-10000/ Above, Qual-8th/Above
Contact : 8018036092

ଲଣ୍ଡ୍ରି କମ୍ପାନୀରେ କାମ କରିବା ପାଇଁ
ଆବଶ୍ୟକ
୧.ଡ୍ରାଇଭର (ମ୍ୟାଜିକ୍ ଏବଂ ଅଟୋ)
୨. ଆଇରନ କାରିଗର
୩. ମହିଳା / ପୁରୁଷ
Contact - 8018172594
9078000108

ଆବଶ୍ୟକ
ଭୁବନେଶ୍ୱରରେ ଏକ ଆୟୁର୍ବେଦିକ କ୍ଲିନିକ୍‌ରେ କାମ କରିବା ପାଇଁ ଝିଅପିଲା ଆବଶ୍ୟକ। ରହିବା ଖାଇବା ବ୍ୟବସ୍ଥା ଅଛି।
Samantarapur, Bhubaneswar
7749975576

ନୋଟିସ୍:
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

Saraswati Vidya Mandir
Neelakantha Nagar, BERHAMPUR-2
Mob.: 9861057946, 6372823122
degreevidyamandir@gmail.com
(For +2 & +3 Science) RECRUITMENT (Apply by E-Mail) before 17.04.2019
• MATHEMATICS • PHYSICS • CHEMISTRY • BOTANY • ZOOLOGY
(Faculty Posts apply by E-mail, Date of Interview will be intimated by Phone)
Walk in interview on 21.04.2019 10.00 A.M for (Non - Teaching Post)
• Clerk/ DTP Operator
Hostel Warden (M/F)

WANTED
DHARITRI Oriya daily
is looking for
CIRCULATION EXECUTIVES
- Graduates, having good communication skills. Experience in Sales/ Recovery in media will be given preference.
- Good working knowledge of Computers (Excel & Word) will be required.

RECOVERY & PR EXECUTIVES
- MBA candidates should have at least 1 year+ experience in field collection.
- Good communication skills and zeal for work will be rewarded.

Apply immediately to :
recruitment@dharitri.com
Attractive salary commensurate with experience

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଏନଜେନ କର୍ମଚାରୀ ଗୁରୁତର

ରାଜନଗର,୯।୪(ଡିଏନଏ) ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ଏନଜେନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଅଧୀନ ଦେବେନ୍ଦ୍ର ନାରାୟଣପୁର ଗାଁର ଜଗବନ୍ଧୁ ବୈଦ୍ୟ (୪୦) ଏନଜେନରେ ଲାଇନମ୍ୟାନ ଭାବେ କାମ କରନ୍ତି। ଅପରାହ୍ନ ୫ ଟା ସମୟରେ ତାଙ୍କ ଗାଁର ହଲର ନିକଟରେ ଥିବା ଟ୍ରାନ୍ସଫର୍ମର ଉପରେ ଚଢି ଲାଇନ କାମ କରୁଥିଲେ। ଏଥିପାଇଁ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସଟ୍ ଡାଉନ ନେଇଥିଲେ। ମାତ୍ର ହଠାତ୍ ଲାଇନ ଚାର୍ଜ ହୋଇଯିବାରୁ ଜଗବନ୍ଧୁ ବିଦ୍ୟୁତ୍ ଆଘାତ ପାଇ ଟ୍ରାନ୍ସଫର୍ମର ଉପରେ ଓହଳି ରହିଥିଲେ। ଗ୍ରାମବାସୀ ଫୋନ କରିବା ପରେ ଲାଇନ କଟାଯାଇଥିଲା। ଗୁରୁତର ଅବସ୍ଥାରେ ଜଗବନ୍ଧୁଙ୍କୁ ଉଦ୍ଧାର କରାଯାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କର ବାମହାତ ଓ ଜଙ୍ଘ ୫୦ ଭାଗ ପୋଡିଯାଇଛି। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୯।୪ (ସ୍ୱ.ପ୍ର.): ଡେରାବିଶ ବ୍ଲକ ରଘୁଦେଈପୁର ପଞ୍ଚାୟତ ବେଲାରପୁର ଛକଠାରେ ସୋମବାର ଅପରାହ୍ନରେ ଦୁଘର୍ଟଣା ଘଟି ୨ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧରୁ ମଙ୍ଗଳବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅକ୍ଷୟ ମହାଳି(୨୮)। ସୂଚନାଯୋଗ୍ୟ, ସୋମବାର ଅକ୍ଷୟଙ୍କ ସହ ପ୍ରମୋଦ ପତି(୨୫) ଓ ଟୁଲୁ (୩୩) ଏକ ବାଇକ୍‌ରେ ଲକ୍ଷ୍ମୀନାରାୟଣପୁରରୁ ବେଲାରପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ପ୍ରମୋଦ ଓ ଅକ୍ଷୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଉଭୟଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରମୋଦଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ମଦ ଜବତ, ୩ ଗିରଫ

ପଟ୍ଟାମୁଣ୍ଡାଇ,୯।୪ (ସ୍ୱ.ପ୍ର.) - ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ସହ ବିଅର୍ ଜବତ କରାଯାଇଛି । ପଟ୍ଟାମୁଣ୍ଡାଇ ଅବକାରୀ ସବ୍‌ଇନ୍ସପେକ୍ଟର ଅଂଶୁମାନ ଜେନାଙ୍କ ନେତୃତ୍ୱରେ ସାୟଦ ନୁର ରହିମ, ଜଗନ୍ନାଥ ବେସ୍‌ରା, ଦେବକାନ୍ତ ଆଚାର୍ଯ୍ୟ, ସୁନୀଲ ମିଶ୍ର, ଟୁକୁନା ପ୍ରଧାନ, ଭାରତୀ ନାୟକ ପ୍ରମୁଖ ମିଳିତ ଭାବେ ବଡମୂଳବସନ୍ତ ଗ୍ରାମର ରଞ୍ଜନ ସାହୁଙ୍କ ଘରେ ଚଢାଉ କରିଥିଲେ । ଚଢାଉ ସମୟରେ ୧୪.୩୦୦ ଲିଟର ବିଅର, ୨.୮୦୦ ଲିଟର ଦେଶୀ ମଦ ଜବତ କରିବା ସହିତ ରଞ୍ଜନଙ୍କୁ ଗିରଫ କରିଥିଲେ । ସେହିପରି ଭେଡିସାହିର କାଶୀନାଥ ସେଠୀଙ୍କ ଘରେ ଚଢାଉ କରି ୧୨.୪୦୦ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ପଟ୍ଟାମୁଣ୍ଡାଇ ଧୋୟାଅଁଳ ପେଣୁପାଳ ଗ୍ରାମର ସୁଶାନ୍ତ ସାମଲଙ୍କ ଘରେ ଚଢାଉ କରି ୭.୨୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ସୂଚନାଯୋଗ୍ୟ ଯେ, ପଟ୍ଟାମୁଣ୍ଡାଇ ସହର ସମେତ ସହର ତଳି ଓ ଗ୍ରାମାଞ୍ଚଳରେ ଚୋରା ମଦ କାରବାର ହେଉଥିବା ଗୁରୁତର ଅଭିଯୋଗ ହୋଇଆସୁଛି । ତେବେ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ କାଁ ଭାଁ ଚଢାଉ କରାଯାଉଥିବା ବେଳେ ଏହାକୁ ଜୋରଦାର କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସାଲେପୁର,୯।୪(ଡି.ଏନ.ଏ.): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଙ୍ଗଳବାର ଜଣେ ଯୁବକ ଚିକିତ୍ସା ନିମନ୍ତେ ଆସିଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ପରୀକ୍ଷା କରିବା ପରେ ଏକଥା କହିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଘଟଣା ସମ୍ପର୍କରେ ସାଲେପୁର ପୋଲିସ୍‌କୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ରଘୁଦେଇପୁର ଗ୍ରାମର ଅକ୍ଷୟ ମାହାଳି(୨୫)। ସେ ଚିକିତ୍ସା ନିମନ୍ତେ କଟକ ଯାଉଥିବା ବେଳେ ହଠାତ୍ ଅଧିକ ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୭/୧୯ରୁଜୁ କରି ତଦନ୍ତ ଚଳାଇଛି।


ଡା. ସିପ୍ରା ମଲ୍ଲିକ ରିଟର୍ନିଂ ଅଫିସର ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।


ରବୀନ୍ଦ୍ର ମୁଦୁଲି ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।


ସୁମିତ୍ରା ସେଠୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ମମତା ସାମନ୍ତରାୟ ରିଟର୍ନିଂ ଅଫିସର ପ୍ରଣୟ କୁମାର ଜେନାଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।

# ଶେଷ ଦିବସରେ ୨୫ ପ୍ରାର୍ଥୀପତ୍ର ଦାଖଲ

କେନ୍ଦ୍ରାପଡା ଅଫିସ, ୯।୪

କେନ୍ଦ୍ରାପଡା ଜିଲାରେ ନାମାଙ୍କନପତ୍ର ଦାଖଲର ଶେଷ ଦିବସରେ ୨୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । କେନ୍ଦ୍ରାପଡା ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଭାବେ ସନ୍ତୋଷ କୁମାର ଦାସଙ୍କ ସମେତ ସମାଜବାଦୀ ପାର୍ଟିରୁ ରବୀନ୍ଦ୍ର ନାଥ ବେହେରା, ରାଷ୍ଟ୍ରୀୟ ସ୍ୱାଧୀନ ମୋର୍ଚ୍ଚାରୁ ବିଶ୍ୱନାଥ ପ୍ରଧାନ, ବିଏସ୍‌ପିରୁ ପ୍ରଦୀପ କୁମାର ମଲ୍ଲିକ ରିଟର୍ନି ଅଫିସର ତଥା ଜିଲାପାଳ ଦାଶରଥି ଶତପଥୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ମହାକାଳପଡା ବିଧାନସଭା ଆସନ ପାଇଁ ଆମ୍ବେଡ଼କର ଜାତୀୟ କଂଗ୍ରେସରୁ ଆଶୁତୋଷ ମହାରଣା, ସ୍ୱାଧୀନ ପ୍ରାର୍ଥୀଭାବେ ମମତା ସାମନ୍ତରାୟ,ଦେବେନ୍ଦ୍ର ରାଉତ, ଆମ୍ବେଡ଼କର ଜାତୀୟ କଂଗ୍ରେସରୁ ପ୍ରମୋଦ କୁମାର ଦାଶ, ବିଏସ୍‌ପିରୁ ସମରେନ୍ଦ୍ର ଜେନା ଏବଂ ଓଡିଶା ପ୍ରଗତି ଦଳରୁ ବିଜୟଲକ୍ଷ୍ମୀ ସ୍ୱାଇଁ ରିଟର୍ନି ଅଫିସର ତଥା ସହକାରୀ ଉପଜିଲାପାଳ ପ୍ରଣୟ କୁମାର ଜେନାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଆଳି ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା ଓ ସ୍ୱାଧୀନ ପ୍ରାର୍ଥୀ ସୁଜାତା ବାରିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏଥିସହ ରାଜନଗର ବିଧାନସଭା ପାଇଁ ବିଏସ୍‌ପି ପ୍ରାର୍ଥୀ ଅନିରୁଦ୍ଧ ସେଠୀ, ଏସ୍‌ପି ପ୍ରାର୍ଥୀ ସୁଦର୍ଶନ ପ୍ରଧାନ, ଆମ୍ବେଡ଼କର ନ୍ୟାସନାଲ କଂଗ୍ରେସ ପ୍ରାର୍ଥୀ ଟୁନି ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀ ସୁନୀତା ପ୍ରଧାନ ରିଟର୍ନିଂ ଅଫିସର ତଥା ଏଡିଏମ ବସନ୍ତ କୁମାର ରାଉତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । କେନ୍ଦ୍ରାପଡା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରା, ସ୍ୱାଧୀନ ପ୍ରାର୍ଥୀ ଭାବେ ଡ. ସିପ୍ରା ମଲ୍ଲିକ, ଉର୍ମିଳା ସେଠୀ, ପ୍ରତାପ କୁମାର ମଲ୍ଲିକ, ରବୀନ୍ଦ୍ର ମୁଦୁଲି, ଅଶୋକ କୁମାର ଜେନା, ଭାରତୀୟ ସିଟିଜେନ ପାର୍ଟିରୁ ନରେନ୍ଦ୍ର କୁମାର ମଲ୍ଲିକ, ଆମ୍ବେଡକର ଜାତୀୟ କଂଗ୍ରେସ ନାରାୟଣଚନ୍ଦ୍ର ଦାସ ପ୍ରାର୍ଥୀପତ୍ର ରିଟର୍ନିଂ ଅଫିସର ତଥା ଉପା ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ପ୍ରଦାନ କରିଛନ୍ତି । ଶେଷ ଦିନରେ ପାଟକୁରା ବିଧାନସଭା ଆସନ ପାଇଁ କୌଣସି ପ୍ରାର୍ଥୀପତ୍ର ଦାଖଲ କରାଯାଇ ନାହିଁ।


ଦେବେନ୍ଦ୍ର ଶର୍ମା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

## ମହିଳା କାର୍ଡ ଖେଳିଲେ ସିପ୍ରା ମଲ୍ଲିକ

କେନ୍ଦ୍ରାପଡା ଅଫିସ, ୯।୪

ନାମାଙ୍କନପତ୍ର ଦାଖଲର ଶେଷଦିନରେ ମଙ୍ଗଳବାର ବିଭିନ୍ନ ଦଳର ଅସନ୍ତୋଷ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଭାଜପାର ଦୁଇ ବରିଷ୍ଠ ନେତ୍ରୀ ଉର୍ମିଳା ସେଠୀ ଓ ସୁଜାତା ବାରିକ ଯଥାକ୍ରମେ କେନ୍ଦ୍ରାପଡା ବିଧାନସଭା ଆସନ ଓ ଆଳି ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କର୍ମକର୍ତ୍ତାଙ୍କ ମନମୁଖୀ ବ୍ୟବହାରରେ ଅତିଷ୍ଠ ହୋଇ ସେମାନେ ଦଳ ଛାଡି ସ୍ୱାଧୀନ ଭାବେ ଛିଡା ହୋଇଥିବା ପ୍ରକାଶ କରିଛନ୍ତି । ସେହିପରି ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ କେନ୍ଦ୍ରାପଡା ବିଧାନସଭାରୁ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରି ମହିଳାକାର୍ଡ ଖେଳିଛନ୍ତି । ପ୍ରାର୍ଥୀପତ୍ର ଦାଖଲ ପରେ ସେ କହିଛନ୍ତିଯେ, ବିଧାୟିକା ଥିବା ସମୟରେ ସେ ନିର୍ବାଚନ ମଣ୍ଡଳୀର ବହୁ ଉନ୍ନୟନ କାର୍ଯ୍ୟ କରିଛନ୍ତି । ଚଳିତ ନିର୍ବାଚନରେ ଏହି ବିଧାନସଭା ପ୍ରାର୍ଥୀ ହେବାକୁ ସ୍ଥାନୀୟ ଲୋକେ ଜିଦ୍ ଧରିଛନ୍ତି । ବିଜେଡି ଏହି ଜିଲାର ମହିଳାଙ୍କୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ନଦେବା ସବୁଠୁ ଦୁଖଦାୟକ ବୋଲି ସେ କହିଛନ୍ତି ।



କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉ ମନ୍ଦିରରେ ମଙ୍ଗଳବାର ଅଣହିନ୍ଦୁ ପ୍ରବେଶ ପରେ ନଷ୍ଟ କରିଦିଆଯାଇଥିବା ଭୋଗ।

## ଗ୍ରୀଲ ତାଡ଼ି ୧୨ ଭରିରୁ ଉର୍ଦ୍ଧ୍ୱ ସୁନା, ଟଙ୍କା ଚୋରି

ଆଳି, ୯।୪ (ଡି.ଏନ୍.ଏ.)

ଆଳି ଅଞ୍ଚଳରେ ଗତ କିଛିଦିନ ହେବ ପୁଣି ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଦୁଇ ଦୁଇଟି ସ୍ଥାନରୁ ଚୋରି ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ପୋଲିସ କାହାକୁ ଧରି ପାରିନାହିଁ। ସୋମବାର ରାତିରେ ବ୍ଲକ ଅଧୀନ ଦେମାଳ ପଞ୍ଚାୟତ ମୂଳସାହି ଗ୍ରାମର ପୀତାମ୍ବର ପାତ୍ରଙ୍କ ଘରେ ଚୋରମାନେ କଳାକନା ବୁଲାଇଛନ୍ତି। ୧୨ ଭରିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ସହ ନଗଦ ୧୦ହଜାର ଟଙ୍କା, ମୋବାଇଲ ଫୋନ୍ ଆଦି ଚୋରି ହୋଇଥିବା ଘରମାଲିକ ଥାନାରେ ଅଭିଯୋଗ କରିଛନ୍ତି।



ଅଭିଯୋଗ ମୁତାବକ, ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଘର ପଛପଟ ଗ୍ରୀଲ ତାଡି ଟଙ୍କା, ସୁନା ଗହଣା, ମୋବାଇଲ ଆଦି ନେଇଯାଇଥିଲେ। ଭୋରରୁ ପରିବାର ଲୋକେ ଉଠିବା ପରେ ବାଡ଼ିପଟ ଗ୍ରୀଲ ତଡ଼ା ହୋଇଥିବା ଦେଖିଥିଲେ। ଚୋରମାନେ ଗ୍ରୀଲ ତାଡି ଘର ଭିତରେ ପଶି ଗଡରେଜ ଭାଙ୍ଗି ସେଥିରୁ ସୁନା, ଟଙ୍କା ଚୋରି କରିଥିଲେ। ଏଥିସହ ଘରେ ଥିବା ଏକ ଆଟାଚକୁ ଚୋରମାନେ ଘରଠାରୁ କିଛି ଦୂରରେ ଫୋପାଡ଼ି ଦେଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଆଳି ପୋଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଫେରିଛନ୍ତି।

ସୂଚନାଥାଉ କି, ଗତ ବୁଧବାର ରାତିରେ ଆଳି ଥାନା ଅଧୀନ ମାନପୁର ଗ୍ରାମର ପ୍ରହଲ୍ଲାଦ ସାମଲଙ୍କ ଘରେ ପଶି ଦୁର୍ବୃତ୍ତମାନେ ଟଙ୍କା, ସୁନା ଲୁଟି ଦେଇଥିଲେ। ଏହି ଘଟଣାରେ ଏ ପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିପାରିନାହିଁ।

## ୩ ପର୍ଯ୍ୟବେକ୍ଷକ ନିଯୁକ୍ତ

କେନ୍ଦ୍ରାପଡା ଅଫିସ, ୯।୪

ଚଳିତ ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରାପଡା ଜିଲାରେ ଜାତୀୟ ନିର୍ବାଚନ କମିଶନ ପକ୍ଷରୁ ୨ ଜଣ ସାଧାରଣ ଓ ଜଣେ ପୋଲିସ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଆଇଏଏସ ଶାନ୍ତନୁ ଶର୍ମା ଓ ଏନବି ଉପାଧ୍ୟାୟ ସାଧାରଣ ପର୍ଯ୍ୟବେକ୍ଷକ ଥିବାବେଳେ ଆଇପିଏସ ବିକାଶ କୁମାର ମଙ୍ଗଳବାରଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପର୍ଯ୍ୟବେକ୍ଷକମାନେ ନିର୍ବାଚନ ସରିବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରହି ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିବେ। ଏନେଇ ୩ଟି ମୋବାଇଲ ନମ୍ବର ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଛି ।

## ପ୍ରାର୍ଥୀପତ୍ର ଦାଖଲ କରିପାରିଲେନି ସୁବାସ

କେନ୍ଦ୍ରାପଡା ଅଫିସ, ୯।୪

ମହାକାଳପଡା ବିଧାନସଭା ଆସନ ପାଇଁ ମଜଦୁର ବିକାଶ ଦଳ ପକ୍ଷରୁ ବଡତୋଟା ଛପାଲିର ସୁବାଶ ମଲ୍ଲିକ ମଙ୍ଗଳବାର ପ୍ରାର୍ଥୀପତ୍ର କିଣିଥିଲେ । ଫର୍ମ ପୂରଣ ଓ ଆନୁଷଙ୍ଗିକ କାର୍ଯ୍ୟପୂରଣ କରିବାରେ ବହୁ ସମୟ ନଷ୍ଟ ହୋଇଥିଲା । ଅପରାହ୍ନରେ ମହାକାଳପଡା ରିଟର୍ନିଂ ଅଫିସର ତଥା ସହକାରୀ ଉପଜିଲାପାଳ ପ୍ରଣୟ କୁମାର ଜେନାଙ୍କ ନିକଟରେ ପହଞ୍ଚିଥିଲେ । ସେହି ସମୟରେ ଅନ୍ୟ ଜଣେ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରୁଥିଲେ । ମାତ୍ର ସୁବାସଙ୍କୁ ନିୟୋଜିତ ପୋଲିସ କର୍ମଚାରୀ କାର୍ଯ୍ୟାଳୟରୁ ଠେଲି ବାହାର କରିଦେଇଥିଲେ। ଏଥିପାଇଁ ସେ ପ୍ରାର୍ଥୀପତ୍ର ଦାଖଲ କରିପାରିଲେ ନାହିଁ ବୋଲି ସୁବାସ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ରିଟର୍ନିଂ ଅଫିସର ଜେନା କୁହନ୍ତିଯେ, ସେ ଅପରାହ୍ନ ୩ଟା ବାଜିବାକୁ ୧୦ ମିନିଟ ଥିବା ସମୟରେ ସୁବାସ ଆସିଥିଲେ। ଏଥିସହ ଆହୁରି ଅଧ ଘଣ୍ଟାଏ ଫର୍ମପୂରଣ ପାଇଁ ସମୟ ମାଗିଥିଲେ । ସମୟ ସୀମା ୩ଟା ଥିବାରୁ ପ୍ରାର୍ଥୀପତ୍ର ଗ୍ରହଣ କରାଯାଇ ନାହିଁ। ଅପରପକ୍ଷରେ ସୁବାସଙ୍କୁ ଟୋକନ ଦିଆଯାଇ ନ ଥିବାରୁ ସମର୍ଥକମାନେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି ।

## ଇଲେକଶନ ଡ୍ୟୁଟି ପଡିବାରୁ ଚାକିରିରୁ ଇସ୍ତଫା

ପଟ୍ଟାମୁଣ୍ଡାଇ,୯।୪ (ସ୍ୱ.ପ୍ର)

ଇଲେକଶନ୍ ଡ୍ୟୁଟି ନ କରିବା ପାଇଁ ଜଣେ କଲେଜ କର୍ମଚାରୀ ନିଜ ଚାକିରିରୁ ଇସ୍ତଫା ଦେଇଛନ୍ତି। ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ପଟ୍ଟାମୁଣ୍ଡାଇ ଜୁନିୟର ମହିଳା କଲେଜର ଲାବରେଟୋରି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ଶୁଭାଶିଷ ନାୟକଙ୍କ ନିକଟକୁ କେନ୍ଦ୍ରାପଡା ଜିଲାପାଳଙ୍କ ପକ୍ଷରୁ କଲେଜକୁ ଚିଠି ଆସିଥିଲା । ଜୁନିୟର କଲେଜ ଅଧ୍ୟକ୍ଷ ଅଜୟ କୁମାର ନାୟକ ଇଲେକସନ୍ ଡ୍ୟୁଟି ସମ୍ପର୍କରେ ଶୁଭାଶିଷଙ୍କୁ ଜଣାଇ ଚିଠି ନେବାକୁ କହିଥିଲେ। ମାତ୍ର ସେ ଚିଠି ଗ୍ରହଣ କରି ନ ଥିଲେ। ଚାକିରି ଛାଡି ଦେବି ପଛେ ଇଲେକସନ୍ ଡ୍ୟୁଟି କରିବି ନାହିଁ ବୋଲି ଅଧ୍ୟକ୍ଷଙ୍କୁ କହି ଚାଲିଯାଇଥିଲେ।ଗତ ଶନିବାର ଶୁଭାଶିଷ ନିଜର ଇସ୍ତଫାପତ୍ର ଅଧ୍ୟକ୍ଷ ନାୟକଙ୍କୁ ଦେଇଥିଲେ। ଅଧ୍ୟକ୍ଷ ନାୟକ ଏହି ଇସ୍ତଫା ପତ୍ରକୁ ଜୁନିୟର ମହିଳା କଲେଜ ସଭାପତି ତଥା କେନ୍ଦ୍ରାପଡା ଅତିରିକ୍ତ ଜିଲାପାଳ ବସନ୍ତ ରାଉତଙ୍କ ନିକଟକୁ ପଠାଇ ଦେଇଥିବା ଜଣାଯାଇଛି। କଲେଜ ମ୍ୟାନେଜମେଣ୍ଟ ଜରିଆରେ ଶୁଭାଶିଷ ନିଯୁକ୍ତି ପାଇଥିଲେ । ତେବେ ଇଲେକସନ ଡ୍ୟୁଟି କରିବାକୁ ସେ ମନା କରି ଇସ୍ତଫା ଦେଇଥିବା କହିଛନ୍ତି ।

## ପ୍ରାର୍ଥୀପତ୍ର କିଣିଲେ, ଦାଖଲ କଲେନି କିଶୋର

କେନ୍ଦ୍ରାପଡା ଅଫିସ, ୯।୪

କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ ଚଳିତ ନିର୍ବାଚନର ଭାଗ ନେବା ପାଇଁ ନିଜର ଓ ସ୍ତ୍ରୀ ବବିତାଙ୍କ ନାମରେ ଦୁଇଟି ପ୍ରାର୍ଥୀପତ୍ର କିଣିଥିଲେ । ସୋମବାର ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରାଙ୍କ ନାମ ବିଜେଡି ପକ୍ଷରୁ ଘୋଷଣା କରାଯାଇଥିଲା। ଏନେଇ ମଙ୍ଗଳବାର ସକାଳୁ କିଶୋର ଓ ସମର୍ଥକମାନଙ୍କ ସହ ମିଶି ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ ପାଇଁ ସହରର ବାଲାବାବାଜୀ ମନ୍ଦିରରୁ ବାହାରିବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ମାତ୍ର ମହାକାଳପଡା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ତାଙ୍କୁ ବୁଝାଇବା ପରେ ସେ ପ୍ରାର୍ଥୀପତ୍ର ଦାଖଲରୁ ଓହରିଯାଇଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ସରିଲା ଇନ୍ଦୁପୁର ବାରୁଣୀ ଯାତ୍ରା

ଡେରାବିଶ, ୯।୪ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ବହୁ ପ୍ରାଚୀନ ଇନ୍ଦୁପୁର ବାରୁଣୀ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସାତଦିନ ଧରି ଚାଲିଥିବା ଏହି ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଗତବର୍ଷ ତୁଳନାରେ ଏବର୍ଷ ଅଧିକ ଲୋକ ମେଳାକୁ ଆସିଥିଲେ। ଏହି ମେଳା ପାଇଁ ୭ଦିନ ଧରି ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା। ଯାତ୍ରା ପଡ଼ିଆରେ ଭଳିକି ଭଳି ଖାଇବା ଦୋକାନଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ, ଦୋଳି, ପଥରର ଶିଳ, ଚକି ଆଦି ଦୋକାନରେ ପ୍ରବଳ ଭିଡ଼ ଜମିଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ନିକିରାଇ ଥାନା ପକ୍ଷରୁ ଯାତ୍ରାସ୍ଥଳରେ ଏକ ଅସ୍ଥାୟୀ ଶିବିର କରାଯାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ଓ ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ୧୦ ଜଣ ପୋଲିସ୍ ଅଧିକାରୀଙ୍କ ସମେତ ଦୁଇ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ଥିଲେ। ବିରୂପା ନଦୀର ବାରୁଣୀ ଘାଟ ଓ ଯାତ୍ରାସ୍ଥଳରେ ଜିଲା ଅଗ୍ନିଶମ ଅଧିକାରୀ ବୀରଭଦ୍ର ଟୁଡୁଙ୍କ ସମେତ ଅଗ୍ନିଶମ ସେବା ସଂସ୍ଥାର ଏକ ଗାଡ଼ି ରହିଥିଲା। ତେବେ ଶାନ୍ତି ଶୃଙ୍ଖଳାର ସହ ମଙ୍ଗଳବାର ବାରୁଣୀ ଯାତ୍ରା ଶେଷ ହୋଇଛି। ତେବେ ଏଥର ଲଳିତଗିରି ପଥର ତିଆରିର ଅନେକ ସାମଗ୍ରୀ ପଡ଼ିଥିବା ବେଳେ ଏହାକୁ କିଣିବାକୁ ଲୋକଙ୍କ ମଧ୍ୟରେ ଖୁବ୍ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଯାତ୍ରା ଶେଷ ଦିନରେ ପଥର ବ୍ୟବସାୟୀଙ୍କ ନିକଟରେ ଆଉ ସାମଗ୍ରୀ ନ ଥିବା ଦେଖି ବହୁ ଲୋକ ମନ ଦୁଃଖରେ ଫେରୁଥିବା ଦେଖାଯାଇଥିଲା। ଇନ୍ଦୁପୁର ହାଇସ୍କୁଲ ସ୍କାଉଟ୍‌ଗାଇଡ୍‌ସ, ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକଙ୍କ ନେତୃତ୍ୱରେ ଓ ପାୟଲ ମ୍ୟୁଜିକ୍ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରମାନେ ଯାତ୍ରାକୁ ଆସୁଥିବା ଲୋକମାନଙ୍କୁ ଜଳଛତ୍ର ପ୍ରଦାନ କରିବା ସହ ସେବା କାର୍ଯ୍ୟରେ ନିୟୋଜିତ ଥିଲେ।


ଯାତ୍ରା ଶେଷ ଦିନରେ ଲୋକଙ୍କ ଭିଡ଼।



ପାୟଲ ମ୍ୟୁଜିକ୍ ପକ୍ଷରୁ ଯାତ୍ରା ପଡ଼ିଆରେ ଜଳଛତ୍ର ବଣ୍ଟନ।

### ଏମାନେ କୁହନ୍ତି...

ଏହି ଯାତ୍ରାରେ ଭଳି କି ଭଳି ଘରକରଣା ସାମଗ୍ରୀ ମିଳୁ ଥିବାରୁ ମୁଁ ଆଗରୁ ତାଲିକା ପ୍ରସ୍ତୁତ କରି ରଖିଥିଲି। ଏଥର ଲଳିତଗିରି ପଥରରେ ନିର୍ମିତ ଶିଳ ଓ ଚକି ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ କିଣିଛି।

– କମଳା ସାମଲ, ଗୃହିଣୀ, ଇନ୍ଦୁପୁର

ଏହି ଯାତ୍ରାରେ ଠୁଙ୍କାପୁରୀ ଦୋକାନ ପଡ଼ିଥିବାରୁ ସବୁ ସନ୍ଧ୍ୟାରେ ଆମେ ସାଙ୍ଗମାନେ ଯାଇ ଚାଓମିନ୍ ଓ ଠୁଙ୍କାପୁରୀ ଖାଇବାର ମଜା ନେଇଥିଲୁ।

– ଖୁସିପ୍ରଜ୍ଞା ରଣା, ଛାତ୍ରୀ, ବିରୂପା ମହାବିଦ୍ୟାଳୟ

ଏହି ଯାତ୍ରା ଆମ ଅଞ୍ଚଳରେ ଭାଇଚାରାର ବାର୍ତ୍ତା ବହନ କରିଛି। ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମସ୍ଥଳୀରେ ଅନୁଷ୍ଠିତ ଏହି ଯାତ୍ରାରେ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଲୋକମାନେ ଯେପରି ଅପେକ୍ଷା କରି ରହିଥାନ୍ତି। ଚଳିତ ବର୍ଷ ଏହା ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଉଛି।

– ନରହରି ପାଣି, ସରପଞ୍ଚ, ଧୁମାତ

ବିରୂପା ନଦୀକୂଳରେ ଥିବା ପରମ ଆରାଧ୍ୟ ମା' ଚଣ୍ଡୀ ଆମ ଅଞ୍ଚଳର ଭକ୍ତି ଓ ବିଶ୍ୱାସର ପ୍ରତୀକ। ବାରୁଣୀ ଘାଟରେ ସ୍ନାନ କରି ମା'ଙ୍କ ଦର୍ଶନ ଲାଭ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି।

–ରଘୁନାଥ ସାହୁ, ଇନ୍ଦୁପୁର

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ଏପ୍ରିଲ, ୨୦୧୯



## ଆତ୍ମନିଯୁକ୍ତି ନିମନ୍ତେ
# ଲାଖ ଚାଷ





ଜଙ୍ଗଲ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ଲଘୁବନଜାତ/ଅଣକାଷ୍ଠ ଦ୍ରବ୍ୟ ଲୋକଙ୍କର ଜୀବନ ଜୀବିକାର ଆଧାର ହୋଇ ରହିଆସିଛି। ଏହା ମଧ୍ୟରୁ ଲାଖ ଅନ୍ୟତମ। ଲାଖ ଚାଷ ସମ୍ପ୍ରତି ଭାରତର ଅନେକ ରାଜ୍ୟ ଯଥା: ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଆଦି ରାଜ୍ୟଗୁଡ଼ିକରେ ଏକ ପ୍ରମୁଖ ଚାଷ ରୂପେ ପରିଗଣିତ ହୋଇଛି। ଏକଦା ଲାଖ ଉତ୍ପାଦନରେ ଓଡ଼ିଶା ଭାରତବର୍ଷରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ମାତ୍ର ବର୍ତ୍ତମାନ ଚାଷୀମାନଙ୍କର ଏହି ଚାଷ ପ୍ରତି ଉଦାସୀନତା ଯୋଗୁ ଆମ ରାଜ୍ୟରେ ଉତ୍ପାଦନ କମିଯାଇଛି। କଥାରେ ଅଛି, କର୍ପୂର ଉଡ଼ିଗଲେ ମଧ୍ୟ କପଡ଼ା ପଡ଼ି ରହିଥାଏ। ତାହାର ପ୍ରମାଣ ସ୍ୱରୂପ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଜିଲା ଯଥା: କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ସୁନ୍ଦରଗଡ଼, ବାଲେଶ୍ୱର, କଳାହାଣ୍ଡି ଆଦି ଜିଲାରେ ଚାଷ ହେଉଛି। ଏଥିପାଇଁ ଚାଷୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ, ସଚେତନତା ଓ କ୍ଷେତ୍ର ପ୍ରଦର୍ଶନୀ କରାଇ ଏହି ଚାଷର ପ୍ରଚାର ଓ ପ୍ରସାର କରିବା ଅପରିହାର୍ଯ୍ୟ ହୋଇପଡ଼ିଛି।

**ଲାଖ :** ସରଳ ଭାବରେ କହିବାକୁ ହେଲେ, ଲାଖ ହେଉଛି ଲାଖକୀଟ ଶରୀରରୁ ନିର୍ଗତ ହେଉଥିବା ରସ। ଲାଖକୀଟ ଦେହରୁ ଅଠା ପରି ଏକପ୍ରକାରର ରସ ନିର୍ଗତ କରିଥାଆନ୍ତି, ତାହା ବାୟୁ ସଂସ୍ପର୍ଶରେ ଆସି ଟାଣ ହୋଇଯାଏ ଏବଂ ତାହାକୁ ପରବର୍ତ୍ତୀ ସମୟରେ ଲାଖ କହନ୍ତି। ଗେଣ୍ଡା ଯେପରି ନିଜର ସୁରକ୍ଷା ପାଇଁ ଖୋଳଟିଏ ତିଆରି କରିଥାଏ, ଲାଖକୀଟ ନିଜ ଲାଗି ସେପରି ସୁରକ୍ଷା କବଚଟିଏ ଗଢ଼ିବା ଉଦ୍ଦେଶ୍ୟରେ ଦେହରୁ ଏକପ୍ରକାର ରସ(ରେଜିନ) କ୍ଷରଣ କରାଇଥାଏ।

**ଲାଖ ଚାଷ କାହିଁକି କରିବେ:** ଓଡ଼ିଶାର କୃଷି ଜଳବାୟୁ ଲାଖ ଚାଷ ପାଇଁ ଉପଯୁକ୍ତ ଅଟେ।

- ଆମ ରାଜ୍ୟରେ ପାରମ୍ପରିକ ଲାଖ ଚାଷ ବିଭିନ୍ନ ଆଦିବାସୀ ଜିଲାରେ ଦେଖିବାକୁ ମିଳେ ଓ ଲାଖରା/ଶଙ୍ଖରୀ ଜାତି ଲାଖକୁ ନେଇ ସେମାନଙ୍କର ଜୀବିକା ନିର୍ବାହ କରିଥାଆନ୍ତି।
- ଏହା ଏକ ଲାଭଦାୟକ ଚାଷ, ଖର୍ଚ୍ଚ ତୁଳନାରେ ଲାଭ ଅଧିକ ହୋଇଥାଏ।
- ଏହା ପରିବାରର ମହିଳା, ବୟସ୍କ ଲୋକମାନଙ୍କୁ ବର୍ଷସାରା କ୍ରମାଗତ ଭାବେ କାମ ଯୋଗାଇଥାଏ।
- ଅନ୍ୟ ଚାଷ ତୁଳନାରେ ଲାଖ ଚାଷରେ କମ୍ ମୂଳଧନ ଦରକାର ହୁଏ।
- ଜଙ୍ଗଲ ତଥା ଅଣଜଙ୍ଗଲରେ ଥିବା ପଳାସ, କୁସୁମ, ବରକୋଳି ଆଦି ଗଛର ଉପଯୁକ୍ତ ବିନିଯୋଗ।
- ଲାଖ ଚାଷ ପାଇଁ ପଳାସ, କୁସୁମ, ବରକୋଳି ଆଦି ଗଛର ନୂଆ ଜଙ୍ଗଲ ସୃଷ୍ଟି ହେବ ଓ ଜୈବ ବିବିଧତାର ସୁରକ୍ଷା ହେବ।
- ଏହି ଚାଷ ଯେକୌଣସି ଅକାମୀ (ଅବ୍ୟବହୃତ), ଉଚ୍ଚା, ପାହାଡ଼ିଆ, ନଷ୍ଟ ହୋଇଥିବା ଜଙ୍ଗଲ ଜମିରେ କରାଯାଇପାରେ। ଏହା ବିଭିନ୍ନ ପ୍ରକାରର ମୃତ୍ତିକା ଓ ଅଣଜଳସେଚିତ ଜମିରେ ହୋଇପାରେ।
- ଲାଖ ଚାଷ ବନସୁରକ୍ଷା ସମିତିର ସଭ୍ୟା/ସଭ୍ୟ, ନାମମାତ୍ର ଚାଷୀ, କ୍ଷୁଦ୍ର ଚାଷୀ, ଭୂମିହୀନ, ତଫସିଲଭୁକ୍ତ ଜାତି ଏବଂ ଉପଜାତିର ଲୋକଙ୍କୁ ଭଲ ସୁହାଇବା ସହିତ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହୁଏ।
- ଅନ୍ୟ ଚାଷରେ ମରୁଡ଼ି ଯୋଗୁ କିଛି ଫସଲ ମିଳେ ନାହିଁ। ମାତ୍ର ଲାଖ ଚାଷରୁ ଆୟ ମିଳିଥାଏ।
- ଏହା ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କ ପାଇଁ ଏକ ଆତ୍ମନିଯୁକ୍ତିର ପନ୍ଥା।
- ଲାଖ ଚାଷ ଦ୍ୱାରା ଆମେ ପରିବେଶ ସୁରକ୍ଷାରେ ସାମିଲ ହୋଇ ଜଳବାୟୁ ପରବର୍ତ୍ତନକୁ ରୋକିପାରିବା।

**ଲାଖକୀଟ ଓ ପ୍ରକାର ଭେଦ:** ଲାଖ କୀଟ ଏକ ଶୋଷକ କୀଟ ଅଟେ। କୀଟମାନେ ପୋଷକ ବା ଆଶ୍ରୟ ଗଛର କଅଁଳିଆ ଡାଳରୁ ରସ ଶୋଷି ଖାଇଥାଆନ୍ତି। ଲାଖ ଫସଲ ଦୁଇ ପ୍ରକାର। ପ୍ରଥମଟି ହେଲା ରଙ୍ଗିଣୀ ଓ ଦ୍ୱିତୀୟଟି କୁସୁମୀ। ରଙ୍ଗିଣୀ କିସମ କୀଟ ପଳାସ, ବରକୋଳି, ଆକାଶିଆ, ଭାଲିଆ, ବାବୁଲ, ଖଇର ଆଦି ଗଛରେ ଚାଷ କରାଯାଏ। ବର୍ଷକୁ ଦୁଇଥର ଏହି କିସମର ଲାଖ ଚାଷ କରାଯାଏ। ଏହାକୁ କାର୍ତ୍ତିକ ଓ ବୈଶାଖୀ ଚାଷ ହିସାବରେ ନାମିତ କରାଯାଇଛି।

କାର୍ତ୍ତିକ ଫସଲରେ ଜୁନ୍-ଜୁଲାଇ ମାସରେ ବିହନ କୀଟ ଛଡ଼ାଯାଏ ଏବଂ ଅକ୍ଟୋବର-ନଭେମ୍ବର ମାସରେ ଅମଳ କରାଯାଏ। ଅମଳ ମାସର ନାମ ଅନୁସାରେ ଏହାର ନାମକରଣ କରାଯାଇଥାଏ। କାର୍ତ୍ତିକ ଫସଲର ବ୍ୟବଧାନ ୪-୫ ମାସ। ବୈଶାଖୀ କିସମରେ ଅକ୍ଟୋବର-ନଭେମ୍ବର ମାସରେ ବିହନ କୀଟ ସଞ୍ଚରଣ କରାଯାଇ ଜୁନ୍-ଜୁଲାଇ ମାସରେ ଅମଳ କରାଯାଏ। ବୈଶାଖୀ ଚାଷର ବ୍ୟବଧାନ ହେଉଛି ୭ ରୁ ୮ ମାସ।

କୁସୁମୀ କିସମର ଲାଖ କୀଟ କୁସୁମ, ବରକୋଳି, ସେମିଆଲତା ଆଦି ଗଛରେ ବଢ଼ିଥାଆନ୍ତି। କୁସୁମ ଗଛରେ ଏହି କୀଟ ଖୁବ୍ ଭଲ ଭାବରେ ବଢ଼ି ପାରୁଥିବାରୁ ଏହାକୁ କୁସୁମୀ ଲାଖ କହନ୍ତି। ଏହି କୁସୁମୀ ଲାଖ ମଧ୍ୟ ବର୍ଷକୁ ଦୁଇଥର ଚାଷ କରାଯାଏ। ପ୍ରଥମ ଚାଷରେ ଜୁନ୍-ଜୁଲାଇ ମାସରେ ବିହନ ସଞ୍ଚରଣ କରି ଜାନୁୟାରୀ-ଫେବୃୟାରୀ ମାସରେ ଅମଳ କରାଯାଏ। ଏହାକୁ ଅଘାନୀ ଫସଲ କହନ୍ତି। ଦ୍ୱିତୀୟ ଚାଷ ଜାନୁୟାରୀ-ଫେବୃୟାରୀ ମାସରେ ବିହନ ସଞ୍ଚରଣ କରି ଜୁନ୍-ଜୁଲାଇରେ ଅମଳ କରାଯାଏ। ଏହାକୁ ଜେଠ୍ୱି ଫସଲ କହନ୍ତି। ଓଡ଼ିଶାରେ କୁସୁମୀ କିସମ ଲାଖ କୀଟରୁ ୩ଟି ପର୍ଯ୍ୟାୟରେ ୩ଟି ଫସଲ ଆଦାୟ କରାଯାଏ, ଯାହାକୁ ଟ୍ରାଇଭୋଲଟାଇନ୍ ଫସଲ କହନ୍ତି। ଜୁନ୍-ଜୁଲାଇ ମାସରେ ସଂକ୍ରମିତ ଫସଲରୁ ୪ ମାସ ପରେ ଅକ୍ଟୋବର-ନଭେମ୍ବର ମାସରେ ଅମଳ କରାଯାଏ। ଅକ୍ଟୋବର-ନଭେମ୍ବର ମାସରେ ସଂକ୍ରମଣ କରି ୪ ମାସ ପରେ ମାର୍ଚ୍ଚ ଓ ଏପ୍ରିଲ ମାସରେ ଦ୍ୱିତୀୟ ଫସଲ ଏବଂ ମାର୍ଚ୍ଚ-ଏପ୍ରିଲ ମାସରେ ସଂକ୍ରମଣ କରି ଜୁନ୍-ଜୁଲାଇ ମାସରେ ତୃତୀୟ ଫସଲ ଅମଳ କରାଯାଏ।

**ଲାଖର ବ୍ୟବହାର:** ଲାଖ ଅନେକ ନିତ୍ୟ ବ୍ୟବହୃତ ହେଉଥିବା ଜିନିଷର ସ୍ଥାୟିତ୍ୱ ବୃଦ୍ଧି ତଥା ସଂରକ୍ଷଣ ନିମିତ୍ତ ବ୍ୟବହୃତ ହେଉଥିବା ଏକ କଞ୍ଚାମାଲ। ଏହା ସାଧାରଣତଃ ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଔଷଧ, ଖାଦ୍ୟପଦାର୍ଥ, ଫଳ ସାମଗ୍ରୀର ବାହ୍ୟ ଆବରଣ, ଘର ତଥା ଆସବାବପତ୍ର ରଙ୍ଗ ଏବଂ ବାର୍ନିସ୍ ନିମନ୍ତେ ବହୁ ମାତ୍ରାରେ ବ୍ୟବହୃତ ହୋଇଥାଏ। ବୈଦ୍ୟୁତିକ ଉପକରଣ, ବିଭିନ୍ନ ପ୍ରକାର ଗହଣା, ସୌଖୀନ ତଥା ଆଳଙ୍କାରିକ ପଦାର୍ଥରେ ଲାଖର ଆବଶ୍ୟକତା ଥିବାରୁ ଏହାର ଚାହିଦା ଅନ୍ତର୍ଜାତୀୟ ବଜାରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ବାସ୍ତବରେ, ପାରମ୍ପରିକ ଚାଷ କରି ଅନେକ କୃଷକ ଭାଇମାନେ ନିଜର ଗୁଜୁରାଣ ମେଣ୍ଟାଇବାରେ ଅସମର୍ଥ ହେଉଥିବା ବେଳେ ଲାଖ ଚାଷ ପରି ଏକ ଅଭିନବ ତଥା ଅଧିକ ରୋଜଗାର ପ୍ରଦାନ କରୁଥିବା ଚାଷକୁ ପ୍ରସାର ଏବଂ ଆଦୃତ କରାଇବାରେ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଉପଯୁକ୍ତ ଜ୍ଞାନକୌଶଳ ଆହରଣ ପୂର୍ବକ ସ୍ୱଳ୍ପ ଖର୍ଚ୍ଚରେ ଆମ ରାଜ୍ୟର ଚାଷୀମାନେ ଲାଖ ଚାଷ କରି ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଆଣିବା ସହିତ ପରିବେଶକୁ ମଧ୍ୟ ରକ୍ଷା କରିପାରିବେ।

**– ଗୟାଧର ଶିଅଳ**
*କାର୍ଯ୍ୟକ୍ରମ ସହଯୋଗୀ (ବନ ବିଜ୍ଞାନ)*
**– ଉମାଶଙ୍କର ନାୟକ**
*ବରିଷ୍ଠ ବୈଜ୍ଞାନିକ, ଓୟୁଏଟି, ଭୁବନେଶ୍ୱର*
*ମୋ: ୯୪୩୭୦୩୧୨୦୯*

# ଜୈବିକ ଚାଷ: କେତୋଟି କଥା

(ଦ୍ୱିତୀୟ ଭାଗ)

ଜୈବିକ ପଦ୍ଧତିରେ ଚାଷ କଲେ ବିଷଯୁକ୍ତ ଖାଦ୍ୟ ପ୍ରଭାବରୁ ମୁକ୍ତି ମିଳିଥାଏ। କମ୍/ବିନା ଖର୍ଚ୍ଚରେ ଖାଦ୍ୟସାର ଏବଂ ଔଷଧ ପ୍ରସ୍ତୁତ କରାଯାଇଥାଏ। ଏହି ଚାଷ ଦ୍ୱାରା ମାଟିର ଉର୍ବରତା, ଜଳଧାରଣ କ୍ଷମତା ବୃଦ୍ଧି ହେବା ସହ ମୃତ୍ତିକାରେ ଉପକାରୀ ଅଣୁଜୀବଙ୍କ ଅଭିବୃଦ୍ଧି ଘଟିଥାଏ। ଏହି ପଦ୍ଧତିରେ ଚାଷ କରୁଥିବା କୃଷକମାନେ ମାତ୍ରାଧିକ ରାସାୟନିକ ସାର ଓ ଔଷଧ ଖର୍ଚ୍ଚର ବୋଝରୁ ମୁକ୍ତି ପାଇଥାନ୍ତି।

**ଜୈବିକ ଖାଦ୍ୟସାର ଏବଂ ଔଷଧ ବ୍ୟବହାର :**

ବିହନ ଚୟନ – ଲୁଣ ପାଣିରେ ବିହନକୁ ପକାଇ,
ବିହନ ବିଶୋଧନ – ବୀଜାମୃତ ଗୋମୂତ୍ର ଦ୍ୱାରା,
ଉର୍ବରତା ବୃଦ୍ଧି – ପଞ୍ଚଗବ୍ୟ, ଜୀବାମୃତ, ଅମୃତ ଜଳ, ଜୀବାଣୁ କଲଚର ଶଢ଼ା ଖତ, ସବୁଜ ସାର, ହଦରୀ, ଅମୃତ ଟନିକ୍,
ଫସଲ ସଂରକ୍ଷଣ – ଆଗ୍ନେୟାସ୍ତ୍ର, ମହୁଲ, ମଠାସ୍ତ୍ର, ଦଶପର୍ଣ୍ଣ ଅର୍କ।

ପଞ୍ଚଗବ୍ୟ : ୭ କିଲୋଗ୍ରାମ ଗୋବର ସହିତ ୧ କିଲୋଗ୍ରାମ ଦେଶୀ ଗାଈ ଘିଅର ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ଦ୍ରବଣକୁ ୩-୪ ଦିନ ଛାଇରେ ରଖିବା ପରେ ଏଥିରେ ୧୦ ଲିଟର ପାଣି ଓ ୧୦ ଲିଟର ଗୋମୂତ୍ର ମିଶାଇବେ। ଏହାକୁ ଦୈନିକ ଦୁଇଥର ଘାଣ୍ଟିବେ। ୩ ଦିନ ପରେ ୩ ଲିଟର ଗାଈ କ୍ଷୀର, ୨ ଲିଟର ଦହି, ୩ ଲିଟର ପଇଡ଼ ପାଣି, ୩ କେଜି ଗୁଡ଼ ଓ ୧୨ଟି ପାଚିଲା କଦଳୀ ଚକଟି ମିଶାଇବେ। ଖୋଲାମୁହଁ ମାଟି ପାତ୍ରରେ ଏହାକୁ ଛାଇରେ ରଖି ଦିନକୁ ଦୁଇଥର ଘାଣ୍ଟିବେ ପାତ୍ର ମୁହଁକୁ ପତଳା କପଡ଼ା କିମ୍ବା ମଶାରି କପଡ଼ାରେ ବାନ୍ଧି ଏକମାସ ସୁରକ୍ଷିତ ରଖିବେ। ବ୍ୟବହାର ସମୟରେ ୨୫୦ ମିଲିଗ୍ରାମ ପଞ୍ଚଗବ୍ୟକୁ ୧୦ ଲିଟର ପାଣିରେ ମିଶାଇ ଗଛପତ୍ରରେ ସିଞ୍ଚିବେ। ମାଟିରେ ବ୍ୟବହାର ପାଇଁ ୧ ଲିଟର ପଞ୍ଚଗବ୍ୟରେ ୧୦ ଲିଟର ପାଣି ମିଶାଇବେ। ଭଲ ଫଳ ପାଇବାକୁ ହେଲେ ଜମିରେ ସପ୍ତାହରେ ଥରେ ଏହା ବ୍ୟବହାର କରିପାରିବେ।

**ବୀଜା ମୃତ:** ୫ ଲିଟର ଦେଶୀ ଗାଈ ମୂତ୍ର, ୫ କିଲୋଗ୍ରାମ ଦେଶୀ ଗାଈ ଗୋବର, ୫୦ ଗ୍ରାମ୍ ଚୂନ ଓ ଆଞ୍ଜୁଳାଏ ଜଙ୍ଗଲ ମାଟି ମିଶାଇ ଏହାର ଦ୍ରବଣ ତିଆରି କରନ୍ତୁ। ପରେ ଏହାକୁ ୨୦ ଲିଟର ପାଣିରେ ମିଶାଇ କ୍ଷେତରେ ବ୍ୟବହାର କରାଯାଏ।

**ଜୀବା ମୃତ:** ୧୦ ଲିଟର ଜୀବା ମୃତ ପ୍ରସ୍ତୁତ ପାଇଁ ୨ ଲିଟର ଗାଈ ମୂତ୍ର, ୨ କେଜି ଗାଈ ଗୋବର, ଶହେ ଗ୍ରାମ୍ ଗୁଡ଼, ଶହେ ଗ୍ରାମ ଚଣାଦାନା ଗୁଣ୍ଡ ଓ ଦୁଇ ଆଞ୍ଜୁଳା ମାଟି ମିଶ୍ରଣ କରି ଦ୍ରବଣକୁ ୬-୭ ଘଣ୍ଟା ରଖିବା ପରେ ଆବଶ୍ୟକତା ଅନୁସାରେ ମିଶାଇ ବ୍ୟବହାର କରିବେ।

**ଆଗ୍ନେୟାସ୍ତ୍ର :** ବଡ଼ ପାତ୍ରରେ ୧୦ଲିଟର ଦେଶୀ ଗାଈ ମୂତ୍ର, ୧ କେଜି ଧୂଆଁପତ୍ର, ୫ ଶହ ଗ୍ରାମ୍ କଞ୍ଚା ଲଙ୍କା ଛେଚା, ୫ଶହ ଗ୍ରାମ ଦେଶୀ ରସୁଣ ଛେଚା, ୫ କିଲୋଗ୍ରାମ ନିମପତ୍ରକୁ ଏକାଠି କରି ୫ ମିନିଟ ସିଝାଇବେ। ୨୪ ଘଣ୍ଟା ରଖିବା ପରେ ଏକ ପତଳା କପଡ଼ାରେ ଛାଣି ତାକୁ ଆବଶ୍ୟକ ଅନୁସାରେ ବ୍ୟବହାର କରିପାରିବେ।

ଜୈବିକ ସାର ପ୍ରୟୋଗ ଦ୍ୱାରା ମାଟିର ଭୌତିକ ଗୁଣରେ ବିକାଶ ହେବା ସହ ମାଟି ହାଲୁକା ହୋଇଯାଏ। ଏଥିରେ ବାୟୁ ଚଳାଚଳ ଭଲ ଭାବେ ହୋଇପାରେ। ଏଥିସହ ଜୈବିକ ସାର ପ୍ରୟୋଗ ଦ୍ୱାରା ଆହୁରି ଅନେକ ଉପକାର ମଧ୍ୟ ରହିଛି। କହିବାକୁ ଗଲେ ରାସାୟନିକ ସାରର ପ୍ରଭାବରେ ସୃଷ୍ଟ ସମସ୍ତ ସମସ୍ୟାର ସମାଧାନ ଜୈବିକ ସାର ଦ୍ୱାରା ସମ୍ଭବ। ସେଗୁଡ଼ିକ ହେଲା ପରିବେଶ ପ୍ରଦୂଷଣ ରୋକିବା, ବାୟୁ, ପାଣି ଓ ମାଟିର ସୁରକ୍ଷା, ମାଟିର ଉର୍ବରତା ବୃଦ୍ଧି, ମାଟିରେ ଥିବା ମିତ୍ର ପୋକଙ୍କର ସୁରକ୍ଷା ଏବଂ ବଂଶବୃଦ୍ଧି ହେବା ସହ ପରିବେଶ ସନ୍ତୁଳନ ବଜାୟ ରହେ। ସେହିପରି ଏହି ଜୈବିକ ସାର ପ୍ରୟୋଗ ଦ୍ୱାରା ଚାଷୀର ସ୍ୱାସ୍ଥ୍ୟ ପ୍ରତି ମଧ୍ୟ କୌଣସି ପ୍ରତିକୂଳ ପ୍ରଭାବ ପଡ଼େ ନାହିଁ। ଏଥିସହ ଜୈବିକ ସାରରେ ଅମଳ ଫସଲ ଦ୍ୱାରା ମଧ୍ୟ ପ୍ରାଣୀଙ୍କ ଉପରେ କୌଣସି କୁପ୍ରଭାବ ମଧ୍ୟ ପଡ଼େନାହିଁ।

ଜୈବିକ ସାର ଅଣୁଜୀବଙ୍କ ସମାହାର। ଏହା ରାସାୟନିକ ସାର ଅପେକ୍ଷା ଅଧିକ ପ୍ରଭାବଶାଳୀ। ଏହାର ବ୍ୟବହାର ପ୍ରଣାଳୀ ସହଜ ଏବଂ ଏହା ଦ୍ୱାରା ଜମିର ଉର୍ବରତା ଅତୁଟ ରହିବା ସହ ଫସଲ ଅମଳରେ ଅଭିବୃଦ୍ଧି ହୋଇଥାଏ।



# ଖରାଦିନେ କୁକୁଡ଼ା, ବତକଙ୍କ ଯତ୍ନ



କୁକୁଡ଼ା ଓ ବତକଙ୍କ କକ୍‌ସିଡ଼ିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡ଼ିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ।

- ପ୍ରବଳ ଖରାତାପରୁ କୁକୁଡ଼ାଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣୀ କରନ୍ତୁ।
- ମାଟି ହାଣ୍ଡିରେ ପାଣି ରଖି ଥଣ୍ଡା ପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ।
- ଅଧିକ ଗରମ ବେଳେ ଦିନ ୧୨ରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ।
- ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଆର୍.ଟୁ.ବି. ଟୀକା ଦିଅନ୍ତୁ।

# ପନିପରିବା



ଖରାଟିଆ ପନିପରିବା ଯଥା: କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇପାରିବ। ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ। ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇ ଯାଇଥାଏ। ମାଟିର ବତର ଦେଖି ପାଣି ଦିଅନ୍ତୁ। ତରଭୁଜ ପାଚିଲା ପରେ ତୋଳନ୍ତୁ। ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## କୃଷକ, ନାରୀ, ଯୁବ ...

ରାଜନୈତିକ ଦଳ ପଛଘୁଞ୍ଚା ଦେଇଛନ୍ତି, ତେଣୁ ଏହି ଦାବିକୁ ଆଗାମୀ ଦିନରେ ଅଧିକ ଶାଣିତ କରାଯିବ। ପ୍ରତି ପଞ୍ଚାୟତରେ ଷ୍ଟୋର ରୁମ୍ ଏବଂ ପଣ୍ୟାଗାର ସୁବିଧା ଉପଲବ୍ଧ ହେବ। ପ୍ରତି ଜିଲାରେ କାଳିଆ ସେଣ୍ଟର କରାଯାଇ ଏଗ୍ରି-ଇନୋଭେଶନ ଉପରେ ଗୁରୁତ୍ୱ ଦିଆଯିବ। ଧାନ ସଂଗ୍ରହ କରାଯାଉଥିବା ସ୍ଥାନଗୁଡିକରେ ଅସ୍ଥାୟୀ ଭାବେ ଧାନ ରଖିବା ସୁବିଧା ଯୋଗାଇ ଦିଆଯିବ। ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ କେନ୍ଦ୍ର ସହାୟତାରେ ୨୯୩୦ ଟଙ୍କା କରିବାକୁ ଚେଷ୍ଟା କରାଯିବ। ଏଥିସହିତ ମରୁଡ଼ି, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପତ୍ତି ସମୟରେ ଚାଷୀମାନଙ୍କୁ ଅତିରିକ୍ତ ସହାୟତା ରାଶି ପ୍ରଦାନ କରାଯିବା ନେଇ ବିଜେଡି ଇସ୍ତାହାରରେ ଉଲ୍ଲେଖ ରହିଛି।

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକୁ ୫୦୦ କୋଟି ଟଙ୍କାର ଲାଭ ପ୍ରଦାନ ଉଦ୍ଦେଶ୍ୟରେ ୫୦୦୦ କୋଟି ଟଙ୍କାର ସରକାରୀ କାର୍ଯ୍ୟ ପ୍ରଦାନ କରାଯିବ। ଏସ୍‌ଏଚ୍‌ଜିଗୁଡିକ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ମହିଳାଙ୍କ ପାଇଁ ଥିବା ବାର୍ଷିକ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। ରାଜ୍ୟର କୌଣସି ବିଧବା ଏବଂ ସ୍ୱାମୀ ପରିତ୍ୟକ୍ତା ସାମାଜିକ ସୁରକ୍ଷାରୁ ବଞ୍ଚିତ ହେବେ ନାହିଁ। ସ୍ୱୟଂ ସହାୟିକାମାନଙ୍କୁ ଦୁର୍ଘଟଣାଜନିତ ବୀମା ସୁବିଧା ପ୍ରଦାନ କରାଯିବ ବୋଲି ଇସ୍ତାହାରରେ କୁହାଯାଇଛି। ମିଶନ ଶକ୍ତିକୁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ବିଭାଗ କରିବେ। ଏଥିସହ ରାଜ୍ୟସ୍ତରୀୟ ଏକ କମିଟି ଗଠନ କରିବେ, ଏହାର ଜଣେ ଅଧ୍ୟକ୍ଷ ରହିବେ। ସେହିପରି ଜିଲା, ପଞ୍ଚାୟତ ଏବଂ ବ୍ଲକ ସ୍ତରୀୟ ସଂଘଗୁଡିକ ଦ୍ୱାରା ସୁପାରିସ ବ୍ୟକ୍ତିବିଶେଷ ଉକ୍ତ କମିଟିରେ ସଦସ୍ୟ ରହିବେ। ସମ୍ପତ୍ତି ପଞ୍ଜୀକରଣ ବେଳେ ମହିଳାଙ୍କୁ ଷ୍ଟାମ୍ପ ଡ୍ୟୁଟିରେ ରିହାତି ଦିଆଯିବ। ମହିଳା ଉଦ୍ୟୋଗୀଙ୍କୁ ମଧ୍ୟ ସୁଧରେ ରିହାତି ପ୍ରଦାନ କରାଯିବ। ପ୍ରତି ପଞ୍ଚାୟତରେ ଏକ ମିଶନଶକ୍ତି ବଜାର କରାଯିବ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ସ୍ୱତନ୍ତ୍ର ଭାବେ ମିଶନ ଶକ୍ତିର ଏକ କର୍ପସ ଫଣ୍ଡ ଗଠନ କରାଯିବ। କିଛିମାସ ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ରଭାବେ ବ୍ଲକସ୍ତରରେ ମହିଳାମାନଙ୍କ ପାଇଁ କରାଯିବା ନେଇ ବିଜେଡି ପ୍ରତିଶ୍ରୁତି ଦେଇଛି। ମୁଖ୍ୟମନ୍ତ୍ରୀ ଦିନକ ପୂର୍ବରୁ ଝିଅଙ୍କ ମାଗଣା ଶିକ୍ଷା ଏବଂ ବିବାହ ସମୟରେ ସହାୟତା ନେଇ ଘୋଷଣା କରିସାରିଛନ୍ତି।

ରାଜ୍ୟରେ ଶିଳ୍ପସଂସ୍ଥାରେ ସ୍ଥାନୀୟ ଯୋଗ୍ୟ ଯୁବକଙ୍କୁ ୭୫% ସଂରକ୍ଷଣ ସୁବିଧା ଦିଆଯିବ। ସାରା ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ନିମନ୍ତେ ଉଚ୍ଚକ୍ଷମତାସମ୍ପନ୍ନ ୧.୫ ଲକ୍ଷ ଦକ୍ଷ ମାନବସମ୍ବଳ ସୃଷ୍ଟି କରାଯିବ। ରାଜ୍ୟର ୧୦,୦୦୦ ଯୋଗ୍ୟ ଯୁବକଙ୍କୁ ୧୦ ଲକ୍ଷ ଟଙ୍କାର ଏକକାଳୀନ ଷ୍ଟାର୍ଟଅପ୍ ସହାୟତା, ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ୬ଟି ଭିନ୍ନ କ୍ଷେତ୍ରରେ ୩୦ ଲକ୍ଷ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ଦିଆଯିବ। ବିନା ସୁଧରେ ଶିକ୍ଷାଋଣ ସହ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ମାଗଣା ୱାଇ-ଫାଇ ସୁବିଧା, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ଜିବି ଇଣ୍ଟରନେଟ୍ ସୁବିଧା ମଧ୍ୟ ପ୍ରଦାନ କରାଯିବ। ମେରିଟ୍ ଏବଂ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କରି ବୃତ୍ତି ପ୍ରଦାନ କରାଯିବ, ଏଥିପାଇଁ ସ୍ୱତନ୍ତ୍ରଭାବେ ଏକ ସ୍କଲାରଶିପ୍ ପରିଷଦ ପ୍ରତିଷ୍ଠା ନେଇ ମଧ୍ୟ ବିଜେଡି ପ୍ରତିଶ୍ରୁତି ଦେଇଛି। ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା କରାଯିବା ଉପରେ ମଧ୍ୟ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସେହିପରି ରାଜ୍ୟସ୍ତରୀୟ ବିଭିନ୍ନ କର୍ମକ୍ଷେତ୍ରରେ ନିଆଯାଉଥିବା ଫିଂକୁ ଉଚ୍ଛେଦ କରାଯିବା ନେଇ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି।

ପୀଠା କାର୍ଯ୍ୟକ୍ରମ ଭଳି ଜଏଣ୍ଟ ଅପ୍‌ଲିଫ୍ଟମେଣ୍ଟ ଅଫ୍ ହାବିଟେଶନ୍ସ ଆଣ୍ଡ ରିଜନ୍ସ(ଜୁହାର) କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ପଛୁଆ ଅଞ୍ଚଳର ଏକକାଳୀନ ଉନ୍ନତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଛୁଆ ଅଞ୍ଚଳଗୁଡିକ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ସେହିପରି ବିଜୁ ଏକ୍ସପ୍ରେସ ୱେ ଦ୍ୱାରା ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମ ଅଞ୍ଚଳକୁ ସଂଯୋଗ କରାଯିବ। ସେହିପରି ଦ୍ୱୈତନଗରୀ ରାଜଧାନୀ ଭୁବନେଶ୍ୱର ଓ କଟକକୁ ମେଟ୍ରୋ ରେଲୱେ ଦ୍ୱାରା ସଂଯୋଗ କରାଯିବ ବୋଲି ବିଜେଡି ପ୍ରତିଶ୍ରୁତି ଦେଇଛି। ଚଳିତଥର କେନ୍ଦ୍ରରେ ସରକାର ଗଠନରେ ବିଜେଡି ପ୍ରମୁଖ ଭୂମିକା ନେବ। ତେଣୁ ଓଡ଼ିଶାର ଉତ୍ଥାନରେ ଯିଏ ସହଯୋଗ କରିବ, ତାକୁ ଦଳର ସମର୍ଥନ ରହିବ ବୋଲି କୁହାଯାଇଛି।

ଇସ୍ତାହାର ଉନ୍ମୋଚନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଭର୍ତ୍ତୃହରି ମହତାବ, ପ୍ରସନ୍ନ ପାଟଶାଣୀ, ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ, ମହିଳା ବିଜେଡି ସଭାନେତ୍ରୀ ମିନତି ବେହେରା, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମୁଖପାତ୍ର ସସ୍ମିତ ପାତ୍ର ଏବଂ ସମ୍ପାଦକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତାହାର କମିଟି ଅଧ୍ୟକ୍ଷ ବେଦପ୍ରକାଶ ଅଗ୍ରୱାଲ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।

## ଭାଜପା ବିଧାୟକଙ୍କ ...

ଗତ ସପ୍ତାହରେ ମାଓବାଦୀମାନେ ବସ୍ତର ଅଞ୍ଚଳରେ ତିନିଥର ଆକ୍ରମଣ କରିଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହେବା ସହ ଅନ୍ୟମାନେ ଆହତ ହୋଇଥିଲେ। ଲୋକ ସଭା ନିର୍ବାଚନ ଘୋଷଣା ହେବା ପରେ ଉକ୍ତ ଅଞ୍ଚଳରେ ମାଓବାଦୀ ସକ୍ରିୟ ହୋଇଛନ୍ତି। ସେମାନେ ମୁଖ୍ୟତଃ ସୁରକ୍ଷା ବାହିନୀକୁ ଟାର୍ଗେଟ କରୁଛନ୍ତି। ବସ୍ତର ଅଞ୍ଚଳରେ ନିର୍ବାଚନ ବେଳେ ପ୍ରାର୍ଥୀ ଓ ଅନ୍ୟ ନେତାମାନେ କୌଣସି ଅଞ୍ଚଳକୁ ଗସ୍ତ କରିବା ପୂର୍ବରୁ ପୋଲିସକୁ ସୂଚନା ଦେବା ଜରୁରୀ, ଯାହା ଫଳରେ ସେମାନେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇପାରିବେ। ତେବେ ବିଧାୟକ ମାଣ୍ଡଭି ତାଙ୍କ ଗସ୍ତ ସମ୍ପର୍କରେ ପୋଲିସକୁ ଆଗୁଆ ସୂଚନା ଦେଇଥିଲେ କି ନାହିଁ ତାହା ଜଣାପଡିନି। ଘଟଣାସ୍ଥଳରେ ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚିଛନ୍ତି।

ମାଲକାନଗିରିରେ ଗୁରୁବାର ନିର୍ବାଚନ ଥିବାରୁ ଏହି ଘଟଣା ପରେ ମାଲକାନଗିରି-ଛତିଶଗଡ଼ ସୀମାକୁ ସିଲ୍ କରିଦିଆଯାଇଛି। ସୀମାନ୍ତରେ କମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି।

ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିଛନ୍ତି। ବିଧାୟକ ମାଣ୍ଡଭି ଭାଜପାର ଜଣେ ଉତ୍ସର୍ଗୀକୃତ କାର୍ଯ୍ୟକର୍ତ୍ତା ଥିଲେ। ଏହି ସାହସୀ ଓ ପରିଶ୍ରମୀ ନେତା ଛତିଶଗଡ଼ବାସୀଙ୍କ ପାଇଁ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଗଭୀର ଦୁଃଖପ୍ରକାଶ କରିବା ସହ ତାଙ୍କ ପରିବାର ଓ ସମର୍ଥକଙ୍କୁ ସମବେଦନା ଜଣାଇଛନ୍ତି। ଯେଉଁ ଯବାନମାନେ ଶହୀଦ ହେଲେ ସେମାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୩ରେ ସୁକ୍‌ମା ଜିଲାର ଦରଭା ଉପତ୍ୟକାରେ ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ ମନ୍ତ୍ରୀ ମହେନ୍ଦ୍ର କର୍ମା,ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭି.ସି. ଶୁକ୍ଳା, ରାଜ୍ୟ କଂଗ୍ରେସ ସଭାପତି ନନ୍ଦକୁମାର ପଟେଲଙ୍କ ସମେତ ୨୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ନେତା ଥିଲେ।

## ଓଡ଼ିଶା ସୀମାରେ ...

ଗସ୍ତ ଉପରେ କଟକଣା ଜାରି କରାଯାଇଛି। ସେମାନେ କେଉଁଠିକୁ ଯାଉଛନ୍ତି ସେସମ୍ପର୍କରେ ପୋଲିସକୁ ଜଣାଇବେ। ସେହି ଅନୁସାରେ ପୋଲିସ ନେତାଙ୍କ ଗସ୍ତ, ଶୋଭାଯାତ୍ରା, ସଭା ଓ ପ୍ରଚାର କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବ। ଅନ୍ୟପକ୍ଷରେ ନିର୍ବାଚନ ପାଇଁ ମାଓବାଦୀ ପ୍ରବଣ ଅଞ୍ଚଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ହୋଇଛି। ସୋମବାର ସେସବୁ ଅଞ୍ଚଳକୁ ପାରାମିଲିଟାରୀ ଫୋର୍ସ ଓ ବିଏସ୍‌ଏଫ୍ ଯବାନମାନେ ଯାଇଛନ୍ତି ବୋଲି ଶର୍ମା ସୂଚନା ଦେଇଛନ୍ତି।

ଅନପକ୍ଷରେ ନିର୍ବାଚନକୁ ସୁରକ୍ଷିତ ରଖିବା ସହ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଡିଜିପି ଇନ୍‌ଚାର୍ଜ ଶର୍ମାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସ୍‌ରେ ମଙ୍ଗଳବାର ଏକ ବୈଠକ ବସିଥିଲା। ବୈଠକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା ଓ ମାଓବାସୀ ଦମନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ଗୋଇନ୍ଦା ପୋଲିସ କିଭଳି ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଆଗୁଆ ସୂଚନା ଦେଇପାରିବେ ତାହା ଉପର ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏପରିକି କେଉଁ କେଉଁ ସମ୍ବେଦନଶୀଳ ବୁଥ୍‌ରେ କିଭଳି ସୁରକ୍ଷା ବ୍ୟବସ୍ଥା କରାଯିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷ କରି ମାଓବାଦୀଙ୍କ ଗତିବିଧି, ଟଙ୍କା ଚାଲାଣ ଓ ସନ୍ଦିଗ୍ଧ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ କୁହାଯାଇଥିଲା। ବୈଠକରେ ଗୋଇନ୍ଦା ବିଭାଗର ସ୍ପେଶାଲ ଡିଜି, ପୋଲିସ କମିଶନର, ଏଡିଜି ଅପରେଶନ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଥ ରିଗିଂ ଆଶଙ୍କା କଲା ଭାଜପା

ଭୁବନେଶ୍ୱର,୯।୪ (ବ୍ୟୁରୋ)- ରାଜ୍ୟରେ ଏବେ ନିର୍ବାଚନୀ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏହାପୂର୍ବରୁ ଜନମତକୁ ପ୍ରଭାବିତ କରାଯିବା ସହ ବୁଥ୍ ରିଗିଂ ଆଶଙ୍କା ପ୍ରକାଶ କରିଛି ଭାଜପା। ମଙ୍ଗଳବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଡିଜିପି ଇନ୍‌ଚାର୍ଜ ବି.କେ. ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଏ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରି କେତେକ ଦାବି ରଖିଛନ୍ତି। ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଶାସନର ଟୋପି ପିନ୍ଧିବା ପାଇଁ ପ୍ରାଣପ୍ରଣେ ଉଦ୍ୟମ କରିବା ସହ କେତେକ ଯୋଜନା ମଧ୍ୟ ପ୍ରସ୍ତୁତ କରିଛନ୍ତି। ରାଜ୍ୟର ୨୧ ଲୋକସଭା କ୍ଷେତ୍ରର ୭୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ସମ୍ବେଦନଶୀଳ ବୁଥ୍ ରହିଛି। ଏସବୁ ବୁଥ୍‌କୁ ଶାସକ ଦଳର ଗୁଣ୍ଡାମାନେ ଦଖଲ କରିବା ପାଇଁ ଯୋଜନା କରିଛନ୍ତି। ତେଣୁ ଏହିସବୁ ବୁଥ୍‌ଗୁଡିକୁ ସିସିଟିଭି ସର୍ଭିଲାନ୍ସରେ ରଖିବା ସହ ସୁରକ୍ଷା ବ୍ୟବସ୍ଥାକୁ ବଢାଇବା ପାଇଁ ଦାବି କରାଯାଇଛି। ଏହାସହ ଏହିସବୁ ବୁଥଗୁଡିକର ଦସ୍ତାବିଜ୍ ମଧ୍ୟ ଡିଜିପିଙ୍କୁ ପ୍ରଦାନ କରାଯାଇଛି। ଡିଜିପି ଶର୍ମା ଏନେଇ ପ୍ରତିଶ୍ରୁତି ଦେଇଥିବା ସାମନ୍ତସିଂହାର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଓଡିଶା ଏବେ ବିହାର ଏବଂ ମାଓବାଦୀ ଅଞ୍ଚଳ ଭଳି ଲାଗୁଛି। ରାଜ୍ୟ ସରକାରଙ୍କ ଆଇନ ଭୁଶୁଡି ପଡିଥିବା ଜଣାପଡୁଛି। ତେଣୁ ନିର୍ବାଚନ ସମୟରେ ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବାର ଆବଶ୍ୟକତା ରହିଛି। ମାତ୍ର ଭାଜପାର ଏପରି ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଭାଜପାଙ୍କୁ ହାରିଯିବାର ଭୟ ଘାରିଛି। ଔଷଧ ବିକଳରେ ତାଟିଆ କାମୁଡିବା ଭଳି କାର୍ଯ୍ୟ କରୁଛି।



ଭାରତୀୟ ବଜାର ତଥା ଦୃଢ଼ ଅର୍ଥନୀତି ନେଇ ମର୍ସିଡିଜ-ବେଞ୍ଜ ଆଶାବାଦୀ। ଗାଡ଼ି ବିକ୍ରିରେ ଉଲ୍ଲେଖନୀୟ ସଫଳତାରେ କମ୍ପାନୀ ଖୁସି।

–ମାର୍ଟିନ ସ୍ୱିଙ୍କ, ଏମ୍‌ଡି ତଥା ସିଇଓ, ମର୍ସିଡିଜ-ବେଞ୍ଜ



ବଜାଜ ଫିନସର୍ଭ ଏବେ ବ୍ୟାଙ୍କିଙ୍ଗ ଲାଇସେନ୍ସ ପାଇବାକୁ ଆଗ୍ରହୀ ନୁହେଁ। କମ୍ପାନୀକୁ ଏବେ ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରହିଛି।

–ସଞ୍ଜୀବ ବଜାଜ, ଏମ୍‌ଡି ତଥା ସିଇଓ, ବଜାଜ ଫିନସର୍ଭ

## ସଂକ୍ଷେପରେ

### ରାଜସ୍ୱ ନିଅଣ୍ଟ ଲକ୍ଷ୍ୟ ହାସଲ

ନୂଆଦିଲ୍ଲୀ,୯-୪: କେନ୍ଦ୍ର ସରକାର ସରକାରୀ ଖର୍ଚ୍ଚ ହ୍ରାସ କରିବା ସହ ସ୍ୱଳ୍ପ ସଞ୍ଚୟ ଯୋଜନା ପାଣ୍ଠିରୁ ଅଧିକ ଋଣ ନେଇ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ରାଜସ୍ୱ ନିଅଣ୍ଟକୁ ଜିଡିପିର ୩.୪% ମଧ୍ୟରେ ରଖିବାର ଲକ୍ଷ୍ୟ ହାସଲ କରିଛନ୍ତି। ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସରକାରଙ୍କ ଟିକସ ସଂଗ୍ରହ ଲକ୍ଷ୍ୟ ଏକ ଲକ୍ଷ କୋଟି ଟଙ୍କା କମିଛି। ଆୟକର ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟରୁ ୫୦ ହଜାର କୋଟି ଟଙ୍କା ହ୍ରାସ ପାଇଛି। ଯାହାକୁ ଏହି ତଥ୍ୟ ସହ ସାମିଲ କରାଯାଇଛି। ସୂଚନାଥାଉ କି, ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଗତ ୪ରେ କହିଥିଲେ ଯେ, ସରକାର ୨୦୧୮-୧୯ରେ ରାଜସ୍ୱ ନିଅଣ୍ଟ ୩.୪%ର ଲକ୍ଷ୍ୟ ହାସଲ ନିକଟବର୍ତ୍ତୀ ହୋଇଛନ୍ତି। ଫେବୃୟାରୀରେ ସରକାର ଅନ୍ତରୀଣ ବଜେଟରେ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟକୁ ଜିଡିପିର ୩.୩%ରୁ ବଢ଼ାଇ ୩.୪% କରିଥିଲେ। ସରକାର ପ୍ରତ୍ୟକ୍ଷ ଟିକସ ବାବଦରେ ୧୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ପ୍ରାୟ ୧୧.୫୦ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇଥିବା ଅନୁମାନ କରାଯାଉଛି।

### ୯୭ ଟଙ୍କା ବେତନ ନେଲେ ଟୁଇଟର ସିଇଓ



ୱାଶିଂଟନ,୯-୪
ମାଇକ୍ରୋ ବ୍ଲଗିଂ ସାଇଟ ଟୁଇଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜ୍ୟାକ୍ ଡୋର୍ସି ୨୦୧୮ ବର୍ଷ ଲାଗି ୧.୪୦ ଡଲାର(୯୭ ଟଙ୍କା) ବେତନ ନେଇଛନ୍ତି। ମଙ୍ଗଳବାର କମ୍ପାନୀ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୧୫,୨୦୧୬ ଏବଂ ୨୦୧୭ ବର୍ଷ ଲାଗି କୌଣସି ବେତନ ତଥା ଭତ୍ତା ନ ନେବାକୁ ଡୋର୍ସି ମନା କରି ଦେଇଥିଲେ ବୋଲି କମ୍ପାନୀ କହିଛି। ଦୀର୍ଘ ଅବଧି ଲାଗି କମ୍ପାନୀର ଉନ୍ନତୀକରଣ ଲାଗି ଏହି ସାମାନ୍ୟ ବେତନ ବାଦ କୌଣସି ଅର୍ଥ କିମ୍ବା ଭତ୍ତା ନ ନେବାକୁ ସିଇଓ ପୂର୍ବରୁ କହିଥିବା କମ୍ପାନୀ ପ୍ରକାଶ କରିଛି। ସାଙ୍କେତିକ ବେତନ ଭାବେ ଡୋର୍ସିଙ୍କୁ ୧.୪୦ ଡଲାର ପ୍ରଦାନ କରାଯାଇଛି। ସିଇଓଙ୍କ କଥାକୁ କମ୍ପାନୀର କମ୍ପେନସେସନ ମାନିଥିଲା। ସାଙ୍କେତିକ ବେତନ ନ ନେବାରେ ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ଆପଲ କମ୍ପାନୀର ପ୍ରତିଷ୍ଠାତା ଷ୍ଟିଭ ଜବ୍ସ, ଗୁଗୁଲର ଲେରୀ ପେଜ୍‌ଙ୍କ ଭଳି ଅନ୍ୟ ବ୍ୟକ୍ତିତ୍ୱ ମଧ୍ୟ ରହିଛନ୍ତି।

■ଏସାର ଷ୍ଟିଲ ଅଧିଗ୍ରହଣ

### ୪୨ ହଜାର କୋଟି ଦେବାକୁ ଆର୍ସେଲରକୁ କୁହାଯାଇପାରେ

ନୂଆଦିଲ୍ଲୀ,୯-୪: ଏସାର ଷ୍ଟିଲ ଅଧିଗ୍ରହଣ ମାମଲାରେ ଆର୍ସେଲର ମିତ୍ତଲକୁ ୪୨ ହଜାର କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ନ୍ୟାଶନାଲ କମ୍ପାନୀ ଲ' ଆପେଲାଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) ମଙ୍ଗଳବାର କହିଛନ୍ତି। ଋଣରେ ବୁଡ଼ିଯାଇଥିବା ଏସାର ଷ୍ଟିଲର ରିଜଲ୍ୟୁଶନ ପ୍ଲାନକୁ କିପରି ଲାଗୁ କରାଯିବ ଜଣାଇବାକୁ ଜଷ୍ଟିସ ଏସ.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଆର୍ସେଲର ମିତ୍ତଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଏସାର ଷ୍ଟିଲ ଅଧିଗ୍ରହଣ ଲାଗି ଆର୍ସେଲର ମିତ୍ତଲ ୪୨ ହଜାର କୋଟି ଟଙ୍କାର ରିଜଲ୍ୟୁଶନ ପ୍ଲାନ ଦେଇଥିଲା।

# ବିଦେଶରୁ ଟଙ୍କା ପଠାଇବାରେ ଭାରତୀୟ ସର୍ବାଗ୍ରେ

ୱାଶିଂଟନ,୯-୪



■୨୦୧୮ରେ ପ୍ରବାସୀ ଭାରତୀୟ ପଠାଇଛନ୍ତି ୭୯ ବିଲିୟନ ଡଲାର
■୬୭ ବିଲିୟନ ଡଲାର ସହ ଚାଇନା ଦ୍ୱିତୀୟରେ
■୩ ବର୍ଷ ହେଲା କ୍ରମାଗତ ଭାରତକୁ ଟଙ୍କା ପଠାଇବା ବଢ଼ିଛି

ବିଦେଶରୁ ନିଜ ଦେଶକୁ ଟଙ୍କା ପଠାଇବାରେ ଭାରତୀୟ ସମସ୍ତଙ୍କଠାରୁ ଆଗରେ ରହିଛନ୍ତି। ୨୦୧୮ ବର୍ଷରେ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ମୋଟ ୭୯ ବିଲିୟନ ଡଲାର( ପ୍ରାୟ ୫,୫୦,୦୦୦ କୋଟି ଟଙ୍କା) ପଠାଯାଇଛି ବୋଲି ୱାର୍ଲ୍ଡ ବ୍ୟାଙ୍କ ମାଇଗ୍ରେଶନ ଆଣ୍ଡ ଡେଭଲପ୍‌ମେଣ୍ଟ ବ୍ରିଫ୍‌ରେ ସୂଚନା ଦିଆଯାଇଛି। ଭାରତ ପରେ ଟଙ୍କା ପାଇବା କ୍ଷେତ୍ରରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି ଚାଇନା। ପ୍ରବାସୀ ଚାଇନା ନାଗରିକ ନିଜ ଦେଶକୁ ୬୭ ବିଲିୟନ ଡଲାର(୪.୬ ଲକ୍ଷ କୋଟି ଟଙ୍କା) ପଠାଇଛନ୍ତି। ଏହାପରେ ମେକ୍ସିକୋ ୩୬ ବିଲିୟନ ଡଲାର, ଫିଲିପାଇନ୍ସ ୩୪ ବିଲିୟନ ଡଲାର ଏବଂ ୨୯ ବିଲିୟନ ଡଲାର ସହ ଇଜିପ୍ଟ ୫ମ ସ୍ଥାନରେ ରହିଛି। ଗତ ୩ ବର୍ଷ ହେଲା ପ୍ରବାସୀ ଭାରତୀୟଙ୍କ ଦ୍ୱାରା ଅର୍ଥ ପଠାଇବା କାରଣରୁ ଭାରତର ଆର୍ଥିକ ସ୍ଥିତି ବୃଦ୍ଧି ପାଉଛି। ୨୦୧୬ରେ ଭାରତୀୟମାନେ ୬୨.୭ ବିଲିୟନ ଡଲାର, ୨୦୧୭ରେ ୬୫.୩ ବିଲିୟନ ଡଲାର ଅର୍ଥ ସ୍ୱଦେଶକୁ ପଠାଇଥିଲେ। ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୮ ବର୍ଷରେ ଭାରତକୁ ୧୪% ଅଧିକ ଅର୍ଥ ପଠାଯାଇଛି। କେରଳରେ ଭୟଙ୍କର ବନ୍ୟା କାରଣରୁ ପ୍ରବାସୀ ଭାରତୀୟମାନେ ଅଧିକ ମାତ୍ରାରେ ଅର୍ଥ ସ୍ୱଦେଶ ପଠାଇଥିଲେ ବୋଲି ମନେ କରାଯାଉଥିବା ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କ କହିଛି। ଅନ୍ୟପକ୍ଷରେ ପ୍ରବାସୀ ପାକିସ୍ତାନୀମାନେ ନିଜ ଦେଶକୁ ୭% ଅଧିକ ଟଙ୍କା ପଠାଇଛନ୍ତି। ତେବେ ପ୍ରବାସୀ ବାଂଲାଦେଶବାସୀ ନିଜ ଦେଶକୁ ୧୫% ଅଧିକ ଟଙ୍କା ପଠାଇ ଏକ ନୂଆ ରେକର୍ଡ କରିଛନ୍ତି। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, କମ ଓ ମଧ୍ୟମ ଆୟ କରୁଥିବା ଦେଶଗୁଡ଼ିକ ୨୦୧୮ ବର୍ଷରେ ୫୨୯ ବିଲିୟନ ଡଲାର ଅର୍ଥ ପାଇଛନ୍ତି। ଏହା ୨୦୧୭ ମୁକାବିଲାରେ ୯.୬% ଅଧିକ। ଆଲୋଚ୍ୟ ବର୍ଷରେ ସାରା ବିଶ୍ୱରେ ମୋଟ ୬୮୯ ବିଲିୟନ ଡଲାର ଅର୍ଥ ପ୍ରବାସୀଙ୍କ ଦ୍ୱାରା ନିଜ ଦେଶକୁ ପଠାଯାଇଛି। ଦକ୍ଷିଣ ଏସିଆର ଦେଶଗୁଡ଼ିକରେ ପଠାଯାଇଥିବା ଅର୍ଥର ପରିମାଣ ୧୨ ପ୍ରତିଶତ ବଢ଼ିଛି ଏବଂ ଏହା ୧୩୧ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିଯାଇଛି। ୨୦୧୭ ବର୍ଷଠାରୁ ଏହା ମାତ୍ର ୬ପ୍ରତିଶତ ଅଧିକ। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁସାରେ ଆମେରିକାରେ ଅର୍ଥନୀତିରେ ସୁଧାର ଏବଂ ତୈଳ ଦର ବୃଦ୍ଧି କାରଣରୁ ଟଙ୍କା ପଠାଇବା ବଢ଼ିଛି। ତୈଳ ଦରବୃଦ୍ଧି କାରଣରୁ ଗଲ୍ଫ କୋଅପରେଶନ କାଉନସିଲ(ଜିସିସି) ଅନ୍ତର୍ଗତରେ ଥିବା କେତେକ ଦେଶରୁ ବାହାରକୁ ଅଧିକ ଅର୍ଥ ପଠାଯାଇପାରିଛି। ବାହରିନ, କୁଏତ,ଓମାନ, କାତାର, ସୌଦି ଆରବ ଏବଂ ୟୁଏଇକୁ ନେଇ ଜିସିସି ଗଠନ କରାଯାଇଛି। ରିପୋର୍ଟ ଅନୁଯାୟୀ ପ୍ରବାସୀମାନେ ନିଜ ଦେଶକୁ ଟଙ୍କା ପଠାଇବା ବେଳେ ଅଧିକ ଆମେରିକା ଡଲାର ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ଟଙ୍କା ପଠାଇବା ଖର୍ଚ୍ଚ ୭ ପ୍ରତିଶତ ରହିଛି। ୨୦୩୦ ସୁଦ୍ଧା ଏହାକୁ ୩ ପ୍ରତିଶତରେ ରଖିବାକୁ ପ୍ରୟାସ ଚାଲିଛି।

# ବିଏସ୍‌ଏନ୍‌ଏଲରେ ବଢୁଛି ଆର୍ଥିକ ସଙ୍କଟ

ନୂଆଦିଲ୍ଲୀ,୯-୪

**କ୍ଷତି ୧୨,୦୦୦ କୋଟିରେ ପହଞ୍ଚିଲା**




ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍ ଏନ୍‌ଏଲ)ରେ ଆର୍ଥିକ ସଙ୍କଟ ବଢୁଛି। ୨୦୧୮-୧୯ ଆର୍ଥିକ ବର୍ଷରେ କମ୍ପାନୀ ୧୨,୦୦୦ କୋଟି ଟଙ୍କାର କ୍ଷତି ସହିଥିବା ଜଣା ପଡିଛି। କମ୍ପାନୀ ବର୍ତ୍ତମାନ ଏକ ସଙ୍କଟ ସମୟ ଦେଇ ଗତି କରୁଥିବା ବେଳେ ଲଗାତର ଭାବେ କ୍ଷତି ସହିବା ଯୋଗୁ ଏହା ସ୍ଥିତିକୁ ଆହୁରି ବିଗାଡିଛି। ଚଳିତ ମାସ ୧୬ରେ ଅନୁଷ୍ଠିତ ହେବାକୁ ଥିବା କମ୍ପାନୀର ବୋର୍ଡ ବୈଠକରେ ଏଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ସୂଚନା ରହିଛି। ବୈଠକରେ ନିବେଶ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସ୍ଥାନିତ କରାଯିବ। ବିଏସ୍‌ଏନ୍‌ଏଲ୍ ଶେଷ ଥର ଲାଗି ୨୦୦୮ରେ ଲାଭ ହାସଲ କରିବାକୁ ସକ୍ଷମ ହୋଇଥିଲା। ୨୦୦୯ଠାରୁ ୨୦୧୮ ଯାଏ ବିଏସ୍‌ଏନ୍‌ଏଲ୍ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୨ ହଜାର କୋଟି ଟଙ୍କାର କ୍ଷତି ସହିଛି। ଗତ ୧୩ ବର୍ଷ ଧରି ଏହା କ୍ଷତି ସହୁଥିବା ବିଶେଷଜ୍ଞଙ୍କ ତଥ୍ୟରୁ ସାମ୍ନାକୁ ଆସିଛି। ମାତ୍ର କ୍ଷତି ସଂକ୍ରାନ୍ତ ତଥ୍ୟ କମ୍ପାନୀ ପକ୍ଷରୁ ଦିଆଯାଇ ନାହିଁ। ବିଏସ୍‌ଏନ୍‌ଏଲ ଏକ ସୂଚୀଭୁକ୍ତ କମ୍ପାନୀ ହୋଇଥିବାରୁ ତଥ୍ୟ ସାର୍ବଜନିନ କରିବା ବାଧ୍ୟତାମୂଳକ ନୁହେଁ ବୋଲି କହିଛି। ମାତ୍ର ଟେଲିକମ ମନ୍ତ୍ରୀ ମନୋଜ ସିହ୍ନା ଗତ ବର୍ଷ ସଂସଦକୁ ଦେଇଥିବା କମ୍ପାନୀର କ୍ଷତି ସଂକ୍ରାନ୍ତ ତଥ୍ୟ ପରେ ଏହି ପ୍ରସଙ୍ଗକୁ କମ୍ପାନୀ ମାନିଛି। ୨୦୧୭-୧୮ରେ ବିଏସ୍‌ଏନ୍‌ଏଲ୍‌ର କ୍ଷତି ୭,୯୯୨ କୋଟି ଏବଂ ୨୦୧୬-୧୭ରେ ୪,୭୮୬ କୋଟି ଟଙ୍କା ରହିଥିଲା ବୋଲି ମନ୍ତ୍ରୀ ସିହ୍ନା କହିଥିଲେ। ଚଳିତ ବର୍ଷ ଫେବୃୟାରୀ ମାସରେ କର୍ମଚାରୀଙ୍କୁ ବେତନ ପ୍ରଦାନରେ ହୋଇଥିବା ବିଳମ୍ବ ପରେ ବିଏସ୍‌ଏନ୍‌ଏଲ୍‌ର ବାସ୍ତବ ସ୍ଥିତିକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୪ ସୁଦ୍ଧା ଦରମା ଦେବାକୁ ଜେଟ୍ ପାଇଲଟଙ୍କ ନୋଟିସ




ନୂଆଦିଲ୍ଲୀ,୯-୪

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ମୁଣ୍ଡବ୍ୟଥା ବଢ଼ାଇ ଦେଇଛନ୍ତି ଏହାର ପାଇଲଟ ୟୁନିୟନ। ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ପକ୍ଷରୁ ଜେଟ୍ ଏୟାରୱେଜ ମ୍ୟାନେଜମେଣ୍ଟକୁ ଲିଗାଲ ନୋଟିସ ଜାରି କରାଯାଇଛି ଏବଂ ଆସନ୍ତା ୧୪ ତାରିଖ ସୁଦ୍ଧା ବକେୟା ଦରମା ପ୍ରଦାନ ପାଇଁ କୁହାଯାଇଛି। ସୂଚନାଥାଉ କି, ଗତ ୩ ମାସ ହେଲା ଜେଟ୍ ଏୟାରୱେଜ ପାଇଲଟ, ଇଞ୍ଜିନିୟର ଏବଂ ସିନିୟର ଏକଜିକ୍ୟୁଟିଭମାନଙ୍କୁ ଦରମା ଦିଆଯାଉ ନାହିଁ। ପୂର୍ବତନ ପ୍ରମୋଟର ନରେଶ ଗୋୟଲ ଏବଂ ତାଙ୍କ ସ୍ତ୍ରୀ କମ୍ପାନୀରୁ ଓହିରିଯିବା ପରେ ଷ୍ଟେଟ ବ୍ୟାଙ୍କ ନେତୃତ୍ୱରେ ଋଣ ପ୍ରଦାନକାରୀ ବ୍ୟାଙ୍କ ସମୂହ ଗତ ମାସରେ ଜେଟ୍‌ର ପରିଚାଳନା ଭାର ହାତକୁ ନେଇଛନ୍ତି। ନିର୍ଦ୍ଧାରିତ ଦିନ ମଧ୍ୟରେ ବକେୟା ଦରମା ପ୍ରଦାନ କରା ନ ଗଲେ ପାଇଲଟମାନେ ଉଭୟ ଆଇନଗତ ଏବଂ ସାମ୍ବିଧାନିକ ପଦକ୍ଷେପ ନେବାକୁ ବାଧ ହେବେ ବୋଲି ଗିଲ୍‌ଡ ପକ୍ଷରୁ ପଠାଯାଇଥିବା ନୋଟିସରେ କୁହାଯାଇଛି। ଏପ୍ରିଲ ପହିଲାରୁ ବିମାନ ଉଡ଼ାଇବେ ନାହିଁ ବୋଲି ଗିଲ୍‌ଡ ପକ୍ଷରୁ ଗତ ମାସରେ ଜେଟ୍‌କୁ ନୋଟିସ ଦିଆଯାଇଥିଲା। ତେବେ ମ୍ୟାନେଜମେଣ୍ଟ ସହ ଆଲୋଚନା ପରେ ଏପ୍ରିଲ ୧୫ ଯାଏ ଜେଟ୍‌କୁ ସମୟ ଦିଆଯାଇଥିଲା।

# ଏସ୍‌ବିଆଇ,ଆଇଓବି ସୁଧ ହାର ହ୍ରାସ କଲା

ନୂଆଦିଲ୍ଲୀ,୯-୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଓ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ(ଆଇଓବି) ମଙ୍ଗଳବାର ସୁଧ ହାର ୫ ବେସିସ୍ ପଏଣ୍ଟ ହ୍ରାସ କରିଥିବା ଘୋଷଣା କରିଛନ୍ତି। ଏସ୍‌ବିଆଇ ସୁଧ ହାର ୦.୦୫% ହ୍ରାସ କରିଛି, ଯାହାକି ଆସନ୍ତା ୧୦ରୁ କାର୍ଯ୍ୟକାରୀ ହେବ। ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ସଂଶୋଧିତ ବାର୍ଷିକ ଏମ୍‌ସିଏଲ୍‌ଆର୍‌କୁ ୮.୫୫%ରୁ ୮.୫୦ ପ୍ରତିଶତକୁ କମାଯାଇଛି। ସେହିପରି ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ଉପର ସୁଧ ହାରକୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ଫଳରେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ଏଣିକି ୮.୬ରୁ ୮.୯ ପ୍ରତିଶତ ରହିବ, ଯାହାକି ପୂର୍ବରୁ ୮.୭୦ରୁ ୯ ପ୍ରତିଶତ ଥିଲା। ସୂଚନାଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ତାଙ୍କର ଫେବୃୟାରୀ ମୁଦ୍ରାନୀତି ଘୋଷଣା କରି ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘୋଷଣା କରିଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ ଜମା ଉପରେ ସୁଧ ହାରକୁ ମଧ୍ୟ କମାଯାଇଛି। ଏଣିକି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ଉପରେ ୩.୫% ସୁଧ ମିଳିବ। ଅନ୍ୟପକ୍ଷରେ ୧ ଲକ୍ଷରୁ ଅଧିକ ଜମା ଉପରେ ୩.୨୫% ସୁଧ ମିଳିବ। ଏହି ହାର ମେ ପହିଲାରୁ ଲାଗୁ ହେବ। ସେହିପରି ଆଇଓବି ଗୋଟିଏ ବର୍ଷ ଅଥବା ଏହାଠାରୁ ଊର୍ଦ୍ଧ୍ୱ ଅବଧିର ଋଣ ଉପରେ ସୁଧ ହାର ୦.୦୫% ହ୍ରାସ କରିଛି। ବ୍ୟାଙ୍କ ଏମ୍‌ସିଏଲ୍‌ଆର ଆଧାରିତ ଋଣ ଉପରେ ସୁଧ ହାର ହ୍ରାସ କରି ୮.୬୫% କରିଛି। ସେହିପରି ୨ଓ ୩ ବର୍ଷ ପାଇଁ ଋଣ ଉପରେ ଏମ୍‌ସିଏଲ୍‌ଆର ଯଥାକ୍ରମେ ୮.୭୫% ଓ ୮.୮୫% ରହିବ। ଗତ ସପ୍ତାହରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏମ୍‌ସିଏଲ୍‌ଆର ୦.୦୫% ହ୍ରାସ କରି ୮.୭% କରିଛି।

# ବିଶ୍ୱସ୍ତରୀୟ ପ୍ରଡକ୍ଟ, ସେବା ଯୋଗାଣ ବ୍ଲୁ ଷ୍ଟାରର ଲକ୍ଷ୍ୟ:ଏମ୍‌ଡି




ନୂଆ ଏସି ମଡେଲର ବଜାର ପ୍ରବେଶ ଅବସରରେ (ବାମରୁ) ଏମ୍‌ଡି ବି.ଥିଆଗରାଜନ ଏବଂ ସେଲସ୍ ଡିଜିଏମ୍ ଦୀପକ ଗୁର୍‌ନାନି।

ଭୁବନେଶ୍ୱର,୯-୪(ବ୍ୟୁରୋ)

ଗ୍ରାହକଙ୍କ ବିଶ୍ୱାସ ଜିତିବା ସହ ସେମାନଙ୍କ ନିକଟତର ହେବାକୁ ହେଲେ ଘରୋଇ ବଜାରର କମ୍ପାନୀଗୁଡ଼ିକୁ ବିଶ୍ୱ ସ୍ତରୀୟ ପ୍ରଡକ୍ଟ ଏବଂ ସେବା ଯୋଗାଣକୁ ପ୍ରାଥମିକତା ଦେବାକୁ ହେବ। ଏହାକୁ ଆଧାର କରି ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଏବଂ ସେବା ପ୍ରଦାନ ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନେଉଥିବା ପ୍ରମୁଖ ଏସି ମାନୁଫାକଚରର ବ୍ଲୁ ଷ୍ଟାର ଲିମିଟେଡର ଏମ୍‌ଡି ବି.ଥିଆଗରାଜନ ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। କମ୍ପାନୀ ଏନର୍ଜି ଏଫିସିଏନ୍ସି, ବଜେଟ ଅନୁଯାୟୀ ପ୍ରଡକ୍ଟ, ଏସିର ଭଏସ୍ କଣ୍ଟ୍ରୋଲ ସିଷ୍ଟମ, ଏୟାର ପ୍ୟୁରିଫିକେଶନଯୁକ୍ତ ପ୍ରଡକ୍ଟ, ପ୍ରଡକ୍ଟ ଉନ୍ନତୀକରଣ ପାଇଁ ଗବେଷଣା ଏବଂ ଉନ୍ନତୀକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏହାବାଦ ଉନ୍ନତ ସର୍ଭିସ ଲାଗି ୮୦୦ ସର୍ଭିସ ଆସୋସିଏଟ ଏବଂ ମୋବାଇଲ ସର୍ଭିସ ଭ୍ୟାନ ସହ ଏହା ସେବା ଯୋଗାଉଛି। କମ୍ପାନୀର ୭୫ ବର୍ଷ ପୂର୍ତ୍ତି ଅବସରରେ ସେ ଆଗାମୀ ଯୋଜନା ତଥା ବର୍ତ୍ତମାନର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି।

### ଆଣିଲା ୭୫ ନୂଆ ମଡେଲ

ଏୟାର କଣ୍ଡିସନିଂ ଏବଂ କମର୍ସିଆଲ ରେଫ୍ରିଜରେଶନ କ୍ଷେତ୍ରରେ ଏକ ପ୍ରମୁଖ କମ୍ପାନୀ ଭାବେ ବ୍ଲୁ ଷ୍ଟାର ଲିମିଟେଡ ପରିଚିତ। କମ୍ପାନୀ ପକ୍ଷରୁ ଓଡ଼ିଶାରେ ୭୫ ନୂଆ ଏୟାର କଣ୍ଡିସନର ବଜାର ପ୍ରବେଶ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ କମ୍ପାନୀର ଏମ୍‌ଡି ଥିଆଗରାଜନ ଏବଂ ଦୀପକ ଗୁର୍‌ନାନି ପ୍ରମୁଖ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଛନ୍ତି। ମଡେଲଗୁଡ଼ିକ ଅତ୍ୟନ୍ତ ଷ୍ଟାଇଲିସ ହୋଇଥିବା ବେଳେ ଏଥିରେ ଶକ୍ତି ସଞ୍ଚୟ ଫିଚର ରହିଛି।ଏହି ଇନଭର୍ଟର ଏସିଗୁଡିକ ୩୦% ଅତିରିକ୍ତ କୁଲିଂ ପ୍ରଦାନ କରିବାରେ ସକ୍ଷମ ହେବ। ଉକ୍ତ ଏସିଗୁଡିକର ମୂଲ୍ୟ ୩୩,୭୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହାବାଦ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ୦% ଫାଇନାନ୍ସ ସୁବିଧା ଏବଂ ସହଜ ଇଏମ୍‌ଆଇ ବିକଳ୍ପ ରହିଛି। ସେହିଭଳି ଗ୍ରାହକମାନେ ନିଶ୍ଚିତ ୱାରେଣ୍ଟି ମଧ୍ୟ ପାଇ ପାରିବେ।

### ୫ ହଜାର କୋଟି ବ୍ୟବସାୟ ଲକ୍ଷ୍ୟ

୨୦୧୮-୧୯ରେ କମ୍ପାନୀ ୪,୬୦୦ କୋଟି ଟଙ୍କାର କାରବାର କରିବାକୁ ସକ୍ଷମ ହୋଇଛି। ଏହା ଚଳିତ ବର୍ଷ ୫୦୦୦ କୋଟି ଟଙ୍କା ଟପିବା ନେଇ କମ୍ପାନୀ ଆଶା ରଖିଛି। କମ୍ପାନୀ ବର୍ତ୍ତମାନ ୫ ମାନୁଫାକଚରିଂ ଫାସିଲିଟି ସହ ଉତ୍ପାଦନ କରିଛି। ୟୁନିଟଗୁଡ଼ିକରେ ଉତ୍ପାଦନ କ୍ଷମତା ବୃଦ୍ଧି ଲାଗି ଏହା ୮୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି। କମ୍ପାନୀ ବର୍ତ୍ତମାନ ବାର୍ଷିକ ୪ ଲକ୍ଷ ୟୁନିଟ ଏସି ଉତ୍ପାଦନ କରୁଥିବା ବେଳେ ଆଗାମୀ ଦିନରେ ଏହା ୧୦ ଲକ୍ଷ ୟୁନିଟ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ୨୦୨୨-୨୩ରେ ମୋଟ କାରବାରକୁ ୮,୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ଏହା ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛି।

### ଓଡ଼ିଶାରେ ୨୫୦ କୋଟିର କାରବାର

ଓଡ଼ିଶା କମ୍ପାନୀ ଲାଗି ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ହୋଇପାରିଛି। ଓଡ଼ିଶାରେ ଏହା ୨୫୦ କୋଟି ଟଙ୍କାର କାରବାର କରୁଛି। ହୋମ ଏସି ବର୍ଗରେ ଏହାର କାରବାର ଉନ୍ନତ ରହିଛି। ହୋମ ଏସି ବାଦ କମର୍ସିଆଲ ରେଫ୍ରିଜରେଶନ କ୍ଷେତ୍ରରେ ଓଡ଼ିଶା ସମେତ ସାରା ଦେଶରେ ଏହା ମାର୍କେଟ ଲିଡର ରହି ଆସିଛି।

### ଛୋଟ ସହରରେ ଏସି ବିକ୍ରି ଧାରା ଉନ୍ନତ

ଭାରତରେ ଏସି ପେନେଟ୍ରେଶନ ହାର ୫ରୁ ୬% ରହିଛି। ଦେଶର ଟାୟାର ୨ ଏବଂ ଟାୟାର ୩ ସହରଗୁଡ଼ିକରେ ଏସି ବିକ୍ରି ଭଲ ରହିଛି। ଏହି ଧାରାରେ ବଜାର ଅଂଶକୁ ବଢାଇବାକୁ କମ୍ପାନୀ ଯୋଜନା ରଖିଛି। ଏହି ସମୟରେ କମ୍ପାନୀର ଅଭିବୃଦ୍ଧି ୧୨.୮% ରହିଛି। ୨୦୧୯-୨୦ରେ ଅଭିବୃଦ୍ଧ ୧୩.୫% ବୃଦ୍ଧି ଘଟିବ ବୋଲି ଏହା ଆଶା ରଖିଛି। ସେହିଭଳି ୨୦୨୨-୨୩ ବେଳକୁ ଏହା ୧୫% ଛୁଇଁପାରେ ବୋଲି କମ୍ପାନୀ ଆକଳନ କରିଛି।

# ନିଷ୍ପତ୍ତି ନେବାରୁ ପଛକୁ ହଟିଲା ଭାରତ

ନୂଆଦିଲ୍ଲୀ,୯-୪



ଆମେରିକା କଟକଣାକୁ ଦୃଷ୍ଟିରେ ରଖି ଭାରତୀୟ ରିଫାଇନେରୀ କମ୍ପାନୀଗୁଡ଼ିକ ମେ' ଲାଗି ଇରାନରୁ ଅଶୋଧିତ ତେଲ କିଣିବା ନିଷ୍ପତ୍ତିକୁ ଘୁଞ୍ଚାଇ ଦେଇଛନ୍ତି।

**ଇରାନରୁ ତେଲ କିଣା**

ଭାରତ ପାଇଁ ଆମେରିକା କଟକଣା ଛାଡ଼ ସମୟସୀମା ବୃଦ୍ଧି ପାଇବା ନେଇ ସନ୍ଦେହ ରହିଥିବାରୁ ଭାରତୀୟ କମ୍ପାନୀଗୁଡ଼ିକ କ'ଣ କରିବେ ଠିକ୍ କରିପାରୁ ନାହାନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତବର୍ଷ ନଭେମ୍ବରରେ ଇରାନ ସହ ହୋଇଥିବା ପରମାଣୁ ଚୁକ୍ତିରୁ ଏକତରଫା ଓହରି ଯିବା ପରେ ଏହି ଦେଶ ବିରୋଧରେ ଆର୍ଥିକ କଟକଣା ଲଗାଇବା ଆରମ୍ଭ କରିଥିଲେ। ତେବେ ଭାରତ ସମେତ ୮ ଦେଶକୁ ୱାଶିଂଟନ ୬ ମାସ ଲାଗି କଟକଣା କୋହଳ କରିବା ସହିତ ଇରାନରୁ ତେଲ କିଣିବାକୁ ଅନୁମତି ଦେଇଥିଲା। ଛଅ ମାସ ଅବଧି ଆସନ୍ତା ମେ'ରେ ଶେଷ ହେଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆସନ୍ତା ୭ରୁ ୧୦ ଦିନ ଭିତରେ ସ୍ଥିତି ସ୍ପଷ୍ଟ ହୋଇଯିବ। ଜଣେ ଅଧିକାରୀ କହିଛନ୍ତି ଯେ, କଟକଣା କୋହଳ ସମୟସୀମା ବୃଦ୍ଧି ନେଇ ଆମେରିକା କ'ଣ ଭାବୁଛି, ତାହା ଭାରତ ଜାଣିନାହିଁ। ଇରାନଠାରୁ ତେଲ କିଣିବା ପାଇଁ ଭାରତକୁ ଅନୁମତି ଦେବ କି ନା ଜଣାନାହିଁ। ତେବେ ଭାରତ ମନେ କରୁଛି ଯେ, କଟକଣା କୋହଳ ଅଧୀନରେ ଇରାନରୁ ଦୈନିକ ୩ ଲକ୍ଷ ବ୍ୟାରେଲ ତେଲ କିଣିବାକୁ ଭାରତକୁ ଆମେରିକା ଅନୁମତି ଦେଇଥିଲା।

# ଅଭିବୃଦ୍ଧି ଆକଳନ କମାଇଲା ଆଇଏମ୍‌ଏଫ୍

ୱାଶିଂଟନ,୯-୪

**୨୦୧୯-୨୦ରେ ୭.୩% ରହିବ ଅଭିବୃଦ୍ଧି**




୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ହ୍ରାସ କରିଛି। ଏହି ସମୟରେ ଘରୋଇ ବଜାର ୭.୩% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଏହା ମଙ୍ଗଳବାର ସୂଚନା ଦେଇଛି। ସେହିଭଳି ୨୦୨୦-୨୧ରେ ଦେଶର ଅଭିବୃଦ୍ଧି ହାର ୭.୫% ରହିବ। ନିବେଶ ଧାରାରେ ଉନ୍ନତି, ଚାହିଦା ପରିବର୍ତ୍ତନ ହେବା ସହ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିଥିବା ଆଇଏମ୍‌ଏଫ୍ ପ୍ରକାଶ କରିଛି। ୨୦୧୮ରେ ଭାରତ ବଜାରର ଅଭିବୃଦ୍ଧି ହାର ୭.୧% ରହିଥିବା ବେଳେ ଚାଇନା ୬.୬% ହାରରେ ଅଭିବୃଦ୍ଧି କରୁଛି। ୨୦୧୯ରେ ଚାଇନାର ଅଭିବୃଦ୍ଧି ୬.୩% ଏବଂ ୨୦୨୦ରେ ଏହା ୬.୧% ରହିବ ବୋଲି ଆଇଏମ୍‌ଏଫ୍ ଏହାର ୱାର୍ଲଡ ଇକୋନୋମିକ ଆଉଟଲୁକ ରିପୋର୍ଟରେ ପ୍ରକାଶ କରିଛି। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ପକ୍ଷରୁ ବାର୍ଷିକ ସ୍ପ୍ରିଙ୍ଗ ମିଟିଂ ଆୟୋଜନ ପୂର୍ବରୁ ଏଭଳି ରିପୋର୍ଟ ଆସିଛି। ଭାରତ ବିତ୍ତୀୟ କ୍ଷେତ୍ର ଏବଂ ଢାଞ୍ଚାଗତ ସଂସ୍କାର ଦିଗରେ ଲଗାତର ଭାବେ କାର୍ଯ୍ୟ କରୁଥିବା ଆଇଏମ୍‌ଏଫ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ସେହିଭଳି ସରକାରୀ ଋଣକୁ ହ୍ରାସ କରିବା ସହ ଅଭିବୃଦ୍ଧି ଧାରାକୁ ପ୍ରୋତ୍ସାହନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଏହା ପ୍ରକାଶ କରିଛି। ସରକାରୀ ଋଣକୁ ଆହୁରି ହ୍ରାସ ସହ ବିଭିନ୍ନ ବିତ୍ତୀୟ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଏହା ଭାରତକୁ ପରାମର୍ଶ ଦେଇଛି। ସେହିଭଳି ସବ୍‌ସିଡି ହ୍ରାସ ଏବଂ ଜିଏସ୍‌ଟି ଅନୁପାଳନ ଦିଗରେ ଭାରତ କାର୍ଯ୍ୟ କରିବା ଉପରେ ଏହା ଜୋର ଦେଇଛି। ବିତ୍ତୀୟ କ୍ଷେତ୍ର ବାଲାନ୍ସ ସିଟର ଦୃଢ଼ିକରଣ, ବ୍ୟାଙ୍କରସ୍ପିରେ ଏନ୍‌ପିଏ ସମାଧାନକୁ ଏହା ପ୍ରଶଂସା କରିଛି। ଏହା ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଗଭର୍ନାନ୍ସ ବୃଦ୍ଧି ହେବ ବୋଲି ଆଇଏମ୍‌ଏଫ୍ କହିଛି। ଏହା ବାଦ ନିଯୁକ୍ତି ସୁଯୋଗକୁ ପ୍ରୋତ୍ସାହନ, ଭିତ୍ତିଭୂମି ଉନ୍ନତୀକରଣ ଉପରେ ଧ୍ୟାନ ରଖିବା ଆବଶ୍ୟକ ବୋଲି ଏହା କହିଛି।



“ଆନ୍ଦ୍ରେ ରସେଲ ଏଭଳି ଜଣେ ଖେଳାଳି, ଯାହାଙ୍କ ନିକଟରେ ବିପକ୍ଷ ଦଳଠାରୁ ମ୍ୟାଚକୁ ଯେକୌଣସି ସମୟରେ ଛଡ଼ାଇନେବାର ସାମର୍ଥ୍ୟ ରହିଛି ।

–ଲୋକି ଫର୍ଗୁସନ, କୋଲକାତା ନାଇଟ ରାଇଡର୍ସ ଖେଳାଳି



“ମହିଳା କ୍ରିକେଟ ଟେଷ୍ଟର ପ୍ରସାର କରିବା କ୍ଷେତ୍ରରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ରହିଛି ।

–ମେଗ୍ ଲାନିଂ, ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଅଧିନାୟିକା

## ସଂକ୍ଷେପରେ

### ଓଡ଼ିଶା ଦଳ ଚୟନ ପାଇଁ ଟ୍ରାଏଲ

**ଭୁବନେଶ୍ୱର, ୯।୪(କ୍ରୀଡ଼ା ପ୍ରତିନିଧି):** ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ଗୋଆ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ମେ ୨୩ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଗୋଆର ପଞ୍ଚିମସ୍ଥିତ କମ୍ପେଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଭାଗନେବ ବୋଲି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ମନୋନୟନ ଲାଗି ନହରକଣ୍ଟାସ୍ଥିତ ଜୟଦେବ କଲେଜ ଗ୍ରାଉଣ୍ଡରେ ଆସନ୍ତା ୧୪ ତାରିଖରୁ ଚୟନ ଟ୍ରାଏଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଯେ କୌଣସି ଜିଲାରୁ ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଚୟନ ପ୍ରକ୍ରିୟାରେ ଭାଗନେବାକୁ ଆଗ୍ରହୀ ଖେଳାଳିମାନେ ଶୀଘ୍ର ଯୋଗାଯୋଗ କଲେ ସେମାନଙ୍କୁ ସୁଯୋଗ ମିଳିପାରିବ ବୋଲି ରିଣ୍ଟୁ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଟେନିସ କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ତେଣୁ ରାଜ୍ୟର ଯେ କୌଣସି ସ୍ଥାନରୁ ପ୍ରତିଭା ସମ୍ପନ୍ନ ଖେଳାଳି ମିଳିଲେ ଆମେ ତାଙ୍କୁ ନିଶ୍ଚିତ ସୁଯୋଗ ଦେବୁ ବୋଲି ରିଣ୍ଟୁ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଖେଳାଳି ଚୟନ ହୋଇ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିବ। ସେଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ସିରିଜ ଖେଳିବ। ଶ୍ରୀଲଙ୍କା ବିପକ୍ଷ ସିରିଜ ବ୍ୟତୀତ ଫେଡେରେଶନ କପ୍ ଏବଂ ଚାମ୍ପିୟନ୍ସ ଟ୍ରଫି ପାଇଁ ମଧ ଏହି ଜାତୀୟ ପ୍ରତିଯୋଗିତାରୁ ଖେଳାଳି ଚୟନ କରାଯିବ ବୋଲି ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ବୈଷୟିକ ନିର୍ଦ୍ଦେଶକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି।

### ଭାରତ ୩-୦ରେ ବିଜୟୀ

**ବ୍ୟାଙ୍କକ୍, ୯।୪(ପି.ଟି.):** ଜୁନିୟର ଡେଭିସ୍ କପ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏସିଆ/ଓସେନିଆ ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୩-୦ରେ ଇଣ୍ଡୋନେସିଆକୁ ପରାସ୍ତ କରିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ୦-୩ରେ ହାରି ଯାଇଥିଲା। ଇଣ୍ଡୋନେସିଆ ବିପକ୍ଷ ଏହି ମ୍ୟାଚ୍‌ରେ ଭାରତର ଉଦୀୟମାନ ଟେନିସ ଖେଳାଳି ଅଜୟ ମଲିକ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ବିଜୟ ହାସଲ କରିଛନ୍ତି।

# ଦ୍ୱିତୀୟ ସେମିରେ ଚେନ୍ନାଇନ୍–ଏଟିକେ

**ଭୁବନେଶ୍ୱର, ୯।୪(କ୍ରୀଡ଼ା ପ୍ରତିନିଧି)**

ସୁପର କପ୍ ଫୁଟବଲ



ଖବରଦାତା ସମ୍ମିଳନୀରେ ଆଟଲେଟିକୋ ଡି କୋଲକାତା କୋଚ୍ ଷ୍ଟିଭ୍ କୋପେଲ(ବାମରୁ ଦ୍ୱିତୀୟ), ଚେନ୍ନାଇନ୍ ଏଫସି କୋଚ୍ ଜନ ଗ୍ରେଗୋରି (ତୃତୀୟ) ଦୁଇ ତାରକା ଖେଳାଳିଙ୍କ ସହ।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ବୁଧବାର ଆଟଲେଟିକୋ ଡି କୋଲକାତା (ଏଟିକେ) ଓ ଚେନ୍ନାଇନ୍ ଏଫସି ମଧ୍ୟରେ ମୁକାବିଲା ହେବ। ଯୋଗ୍ୟତା ପର୍ଯ୍ୟାୟରେ ଆଇଜଲ ଏଫସିଠାରୁ ୱାକ୍‌ଓଭର ପାଇଥିବା ଚେନ୍ନାଇନ୍ ପ୍ରି-କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟିକୁ ୨-୦ ଓ କ୍ୱାର୍ଟର ଫାଇନାଲରେ ନର୍ଥ ଇଷ୍ଟ ୟୁନାଇଟେଡକୁ ୨-୧ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଏଟିକେ ପ୍ରି-କ୍ୱାର୍ଟରରେ ରିୟଲ କଶ୍ମୀରକୁ ୩-୧ ଓ କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ଡାଇନାମସକୁ ୪-୩ ଗୋଲରେ ହରାଇ ସେମିଫାଇନାଲରେ ପହଞ୍ଚିଛି। ତେଣୁ ସେମିଫାଇନାଲ ମୁକାବିଲା ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। ଗତ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ସିଜନରେ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲେ ହେଁ ଚେନ୍ନାଇନର ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ପରିଲକ୍ଷିତ ହୋଇଛି। ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏଟିକେ କୋଚ୍ ଷ୍ଟିଭ କୋପେଲ। ‘‘ମୋ ମତରେ ପ୍ରତି ଗେମ୍ ଭିନ୍ନ। ତେଣୁ ଚେନ୍ନାଇନ୍‌ର ଶକ୍ତିକୁ ନେଇ ପୂର୍ବାନୁମାନ କରାଯାଇ ପାରିବ ନାହିଁ। ୧୦-୧୫ ମିନିଟର ଖେଳ ହେବାପରେ ମ୍ୟାଚକୁ ନେଇ ରଣନୀତି ପ୍ରସ୍ତୁତ କରାଯାଇପାରିବ। ଚେନ୍ନାଇନ୍ ଏକ ବିପଜ୍ଜନକ ଦଳ, ସୁପର କପ୍ ଜିତିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ। ତେଣୁ ଆଗାମୀ ମ୍ୟାଚରେ ଯେଉଁ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବ ସେ ଜିତିବ’’ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଏଟିକେ ମୁଖ୍ୟ କୋଚ୍ କୋପେଲ। ଚେନ୍ନାଇନ୍ ଗତ ଆଇଏସଏଲ ସିଜନରେ ପୂର୍ବ ସିଜନଭଳି ପ୍ରଦର୍ଶନ କରିପାରି ନ ଥିଲା। ମାତ୍ର ଏଏଫସି କପ୍ ପାଇଁ ଯୋଗ୍ୟତା ଦଳପାଇଁ ଶୁଭ ସାବ୍ୟସ୍ତ ହୋଇଛି। କ୍ୟାମ୍ପରେ ଖେଳାଳିମାନେ ତ୍ରୁଟି ସୁଧାରିବା ସହ ସୁପର କପ୍ ପାଇଁ ପ୍ରସ୍ତୁତ ହୋଇଛନ୍ତି। ସୁପର କପ୍ ଫୁଟବଲ ଅନ୍ୟ ଲିଗ୍ ଅପେକ୍ଷା ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଏବଂ ବିପଜ୍ଜନକ ହୋଇଥାଏ ବୋଲି କୋପେଲ କହିଛନ୍ତି। ଏଟିକେ ପ୍ରଣୟ ହାଲଦାରଙ୍କ ବିନା ବୁଧବାର ମ୍ୟାଚ ଖେଳିବ। ସସ୍‌ପେଣ୍ଡ ହୋଇଥିବାରୁ ସେ ଏହି ମ୍ୟାଚ ଖେଳି ପାରିବେ ନାହିଁ। ‘‘ସୁପର କପ୍‌ରେ ଆମେ ଏପର୍ଯ୍ୟନ୍ତ ଖେଳିଥିବା ୨ଟି ମ୍ୟାଚରେ ପ୍ରଣୟଙ୍କ ପ୍ରଦର୍ଶନ ଚମତ୍କାର ରହିଛି। ସେମିଫାଇନାଲପରି ବଡ଼ ଗେମ୍‌ରେ ତାଙ୍କ ପରି ତାରକା ଖେଳାଳିଙ୍କ ଅନୁପସ୍ଥିତି ନିଶ୍ଚିତ ଅନୁଭବ ହେବ’’ ବୋଲି କୋପେଲ କହିଛନ୍ତି।

ଚେନ୍ନାଇନ୍ ଏଫସି ମୁଖ୍ୟ କୋଚ୍ ଜନ ଗ୍ରେଗୋରି କିନ୍ତୁ ଆଗାମୀ ମ୍ୟାଚରେ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ‘‘ଡ୍ରେସିଂ ରୁମ୍‌ର ବାତାବରଣ ବହୁତ ଭଲ ଅଛି। ଏକସମୟରେ ସୁପର କପ୍ ଓ ଏଏଫସି କପ୍ ଖେଳିଥିବାରୁ ପିଲାମାନେ ଫୁଟବଲକୁ ଉପଭୋଗ କରୁଛନ୍ତି। ଉଭୟ ପ୍ରତିଯୋଗିତାରେ ଆମକୁ ଭଲ ଫଳ ମଧ ମିଳିଛି। ଗତ ଆଇଏସଏଲରେ ଆମେ ଭଲ ପ୍ରଦର୍ଶନ କରିପାରି ନ ଥିବାରୁ ପିଲାମାନେ ଏଠାରେ ଫାଇନାଲ ଖେଳିବାକୁ ବ୍ୟଗ୍ର’’ ବୋଲି ଗ୍ରେଗୋରି କହିଛନ୍ତି। ଏପରି ଏକ ସିଜନରେ କ୍ରମାଗତ ଖେଳିବା ଖେଳାଳିଙ୍କ ପାଇଁ ସହଜ ନୁହେଁ, ମାତ୍ର ସେମାନେ ନିଜ ନିଜର ଭୂମିକା ଉପରେ ଗୁରୁତ୍ୱ ଦେଇ ଫାଇନାଲ ଖେଳିବା ଉପରେ ଫୋକସ କରୁଛନ୍ତି। ଆମେ ଏବେ ମୋମେଣ୍ଟମ ଦେଇ ଗତି କରୁଛୁ ଏବଂ ଦଳରେ ଖେଳୁଆଡ଼ ମନୋଭାବ ବହୁତ ଉପରେ ରହିଛି। ଏହା ଖେଳାଳିଙ୍କ ମନୋବଳ ବଢ଼ାଇବାରେ ବେଶ୍ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି। ଏଟିକେ ଦଳକୁ ପ୍ରଶଂସା ନ କରି ରହିପାରି ନାହାନ୍ତି ଗ୍ରେଗୋରି। କୋପେଲଙ୍କ ପ୍ରଶିକ୍ଷଣପ୍ରାପ୍ତ ଏଟିକେକୁ ପରାସ୍ତ କରିବା ସହଜ ନୁହେଁ। ସେମାନେ ଦିଲ୍ଲୀ ଡାଇନାମସ ବିପକ୍ଷରେ ବହୁତ ଭଲ ଖେଳିଛନ୍ତି। ଆମ ଦଳ ପକ୍ଷରୁ ପୂର୍ବରୁ ଖେଳୁଥିବା ବଲୱନ୍ତ ସିଂ ଦିଲ୍ଲୀ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ମାନୁଏଲ ଲାଞ୍ଜାରୋଟେ ସବୁବେଳେ ବିପଜ୍ଜନକ ସାବ୍ୟସ୍ତ ହୋଇଥାନ୍ତି। ତେଣୁ ସେମାନଙ୍କ ଉପରେ ନଜର ରଖି ଆମେ ଖେଳିବୁ ବୋଲି ଗ୍ରେଗୋରି କହିଛନ୍ତି।

### କୋଚ୍ ଦୌଡ଼ରେ ଏରିକସନ, ରୋକା ସର୍ବାଗ୍ରେ

**ନୂଆଦିଲ୍ଲୀ, ୯।୪(ପି.ଟି.):** ଭାରତୀୟ ଫୁଟ୍‌ବଲ ଟିମ୍‌ର ପ୍ରଶିକ୍ଷକ ପଦ ପାଇଁ ଅଲ୍‌ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ ୩୫ ଜଣିଆ ଚୂଡ଼ାନ୍ତ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଇଂଲଣ୍ଡର ପ୍ରାକ୍ତନ କୋଚ୍ ସଭେନ-ଗୋରାନ ଏରିକସନଙ୍କ ସମେତ ବେଙ୍ଗାଲୁରୁ ଏଫ୍‌ସିର ଗୁରୁ ଦାୟିତ୍ୱ ତୁଲାଇ ସାରିଥିବା ଆଲବର୍ଟ ରୋକା ଏହି ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ଏରିକସନ ଓ ରୋକାଙ୍କ ସମେତ ଟୋକି ଟେଲର (ଇଂଲଣ୍ଡ), ହକନ ଏରିକସନ (ସ୍ୱିଡେନ), ଟୋମିସ୍ଲାଭ ସିଭିକ (ସର୍ବିୟା), ଲି କ୍ଲାର୍କ (ଇଂଲଣ୍ଡ) ଓ ଲୁକାସ ଅଲ୍‌କାରେଜ ଗୋଞ୍ଜାଲେଜ (ସ୍ପେନ)ଙ୍କ ପରି ଜଣାଶୁଣା ବିଦେଶୀ କୋଚ୍ ମଧ ଏହି ୩୫ ଜଣିଆ ତାଲିକାରେ ସ୍ଥାନ ପାଇଛନ୍ତି। ଏଆଇଏଫ୍ଏଫ୍‌ର ଟେକ୍ନିକାଲ ଟିମ୍ ଏହି ତାଲିକା ଅନୁଧାନ କଲାପରେ ୭ରୁ ୮ଜଣଙ୍କ ସାକ୍ଷାତକାର ପାଇଁ ଡାକିପାରେ ବୋଲି ଜଣାପଡ଼ିଛି। ୭୧ ବର୍ଷୀୟ ସଭେନ-ଗୋରାନ ୨୦୦୬ ପର୍ଯ୍ୟନ୍ତ ୫ ବର୍ଷ ଧରି ଇଂଲଣ୍ଡ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ୧୯୭୯ରୁ ୨୦୦୦ ପର୍ଯ୍ୟନ୍ତ ସ୍ୱିଡେନ, ଇଟାଲୀ ଓ ପର୍ତ୍ତୁଗାଲରେ ବିଭିନ୍ନ କ୍ଲବରେ ପ୍ରଶିକ୍ଷଣ କାଳରେ ସେ ୧୮ ଗୋଟି ଟ୍ରଫି ଜିତିଛନ୍ତି। ପ୍ରଥମ ପ୍ରଶିକ୍ଷକ ଭାବେ ସେ ୩ଟି ଦେଶ ପାଇଁ ଉଭୟ ଲିଗ୍ ଓ କପ୍ ଟାଇଟଲ୍ ଦୁଇଥର ହାସଲ କରିଛନ୍ତି। ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତ ବିଫଳ ହେବାରୁ ମୁଖ୍ୟକୋଚ୍ ଷ୍ଟିଫେନ କନ୍‌ଷ୍ଟାଣ୍ଟିନ ନିଜ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଏହା ଫାଙ୍କା ରହିଆସିଛି।



ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଚେନ୍ନାଇ ସିଟି ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ସୁପର୍‌କପ୍ ଫୁଟବଲର ପ୍ରଥମ ସେମିଫାଇନାଲ ମ୍ୟାଚ୍ ।

# ଚେନ୍ନାଇ ସିଟି ବିଦା: ଫାଇନାଲରେ ଏଫସି ଗୋଆ

**ଭୁବନେଶ୍ୱର, ୯।୪(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ରନର୍ସଅପ୍ ଏଫସି ଗୋଆ ୩-୦ ଗୋଲରେ ଚେନ୍ନାଇ ସିଟିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଚେନ୍ନାଇନ୍ ଏଫସି ଓ ଆଟଲେଟିକୋ ଡି କୋଲକାତା(ଏଟିକେ) ମଧ୍ୟରେ ହେବାକୁଥିବା ଦ୍ୱିତୀୟ ସେମିଫାଇନାଲର ବିଜେତାକୁ ଗୋଆ ଫାଇନାଲରେ ଭେଟିବ। ଫାଇନାଲ ଶନିବାର ଖେଳାଯିବ। ଦୁଇ ସମକକ୍ଷ ଦଳ ମଧ୍ୟରେ ସେମିଫାଇନାଲ ମୁକାବିଲା ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବାପାଇଁ ଉଭୟ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ୨୫ତମ ମିନିଟରେ ଚେନ୍ନାଇ ସିଟିର ଚାର୍ଲ୍ସ ଆନନ୍ଦରାଜ ଲର୍ଡ୍ସସାମି ପ୍ରତିପକ୍ଷ ଦଳର ଅଧିନାୟକ ଫେରାନ କୋରୋମିନାସଙ୍କୁ ତଳେ ପକାଇ ଦେବାରୁ ଗୋଆକୁ ପେନାଲ୍ଟି ମିଳି ଯାଇଥିଲା। ୨୬ତମ ମିନିଟରେ କୋରୋମିନାସ ଏହାକୁ ଗୋଲରେ ପରିଣତ କରି ଗୋଆକୁ ଅଗ୍ରଣୀ କରାଇଥିଲେ। ଚେନ୍ନାଇ ସିଟି ଗୋଲକିପର ମୌରୋ ବୋର୍ଜିଓ ଠିକ୍ ପୂର୍ବାନୁମାନ କରି ଡାହାଣକୁ ଡାଇଭ୍ ମାରିଥିଲେ ହେଁ ବଲ୍ ବିଜୁଳି ବେଗରେ ନେଟ୍ ସ୍ପର୍ଶ କରିଥିଲା। ଚେନ୍ନାଇ ସିଟି ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୩୫ତମ ମିନିଟରେ କୋରୋମିନାସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍କୋର ଅପରିବର୍ତ୍ତିତ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଚେନ୍ନାଇ ସିଟି ସ୍ୱାଭାବିକଭାବେ ଚାପର ବଶବର୍ତ୍ତୀ ହୋଇଥିଲା। ଦଳ ଗୋଲ ପରିଶୋଧ ପାଇଁ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ସଫଳ ହୋଇ ନ ଥିଲା। ଅନ୍ୟପକ୍ଷରେ ଗୋଆର ବ୍ରେଣ୍ଡନ ଫର୍ନାଣ୍ଡିଜ୍ ୭୦ତମ ମିନିଟରେ ଗୋଲ ଦେବାରୁ ମ୍ୟାଚ ଏକପାଖିଆ ହୋଇ ଯାଇଥିଲା। ଶେଷରେ ଗୋଆ ୩-୦ ଗୋଲରେ ବିଜୟୀ ହୋଇଥିଲା।

# ମ୍ୟାଚ୍ ଡ୍ର ରଖିଲେ ଭାରତୀୟ ମହିଳା

**ମ୍ୟାନଡାଲେ(ମ୍ୟାନମାର), ୯।୪(ପି.ଟି.)**

ଅଲିମ୍ପିକ୍ ଫୁଟବଲ କ୍ୱାଲିଫାୟର୍ସ



ଭାରତ-ମ୍ୟାନ୍‌ମାର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଏଠାରେ ଚାଲିଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାନମାର ବିପକ୍ଷ ମ୍ୟାଚ୍‌କୁ ଭାରତୀୟ ମହିଳା ଫୁଟବଲ ଦଳ ଅମୀମାଂସିତ ରଖିଛି। ଘରୋଇ ମ୍ୟାନମାର ଦଳକୁ କଡ଼ା ଟକ୍କର ଦେବା ସହ ଭାରତ ଏହି ମ୍ୟାଚକୁ ୩-୩ ଗୋଲରେ ଅମୀମାଂସିତ ରଖିଛି। କୋଚ୍ ମେମୋର ରକିଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବେଶ ସଂଘର୍ଷ କରିଥିଲା। ଏହି ଭାରତୀୟ ଦଳର ହାରାହାରି ବୟସ ୨୧ ରହିଛି। ଫଳରେ ସମ୍ପୂର୍ଣ୍ଣ ଏକ ଯୁବ ଦଳ ଭାରତ ନିକଟରେ ଅଭିଜ୍ଞତାର ଅଭାବ ରହିଥିଲା। ଗ୍ରୁପ୍ ଏ’ର ଶୀର୍ଷ ସ୍ଥାନ ହାସଲ କରିବାକୁ ଭାରତ ଗୋଟିଏ ବିଜୟ ଆବଶ୍ୟକ କରୁଥିଲା। ଅଗ୍ରଣୀ ଥିଲେ ମଧ ଭାରତ ସୁଯୋଗ ହାତଛଡ଼ା କରିଥିଲା। ଏପର୍ଯ୍ୟନ୍ତ ୩ଟି ଲେଖାଏ ମ୍ୟାଚ୍ ଖେଳି ଭାରତ ଓ ମ୍ୟାନମାର ପ୍ରତ୍ୟେକ ୭ ପଏଣ୍ଟ ହାସଲ କରିଛନ୍ତି। ତେବେ ଉନ୍ନତ ଗୋଲ ବ୍ୟବଧାନରେ ମ୍ୟାନମାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛି। ଗୋଲ ବ୍ୟବଧାନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ୪ ପ୍ଲସ ରହିଥିବା ବେଳେ ମ୍ୟାନମାର ୮ ପ୍ଲସ୍ ରହିଛି। ପ୍ରତ୍ୟେକ ଗ୍ରୁପ୍‌ରୁ କେବଳ ଗୋଟିଏ ଲେଖାଏ ଦଳ ତୃତୀୟ ରାଉଣ୍ଡରେ ପ୍ରବେଶ କରିବେ।

ସ୍ଥାନୀୟ ମ୍ୟାନଡଲାର ଥିରି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦଶମ ମିନିଟ୍‌ରେ ଭାରତର ସାନ୍ଧିୟା ରଙ୍ଗନାଥନ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ମ୍ୟାନମାର ତରଫରୁ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ୱିନ୍ ଟନ୍ ୧୭ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଟନ ୨୧ତମ ମିନିଟ୍‌ରେ ଆଉ ଏକ ଗୋଲ ସ୍କୋର କରିଥିଲେ। ତେବେ ଭାରତ ସଞ୍ଜୁ ୩୨ତମ ମିନିଟ୍‌ରେ ଗୋଲ ଦେଇ ପୁଣି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ୬୪ତମ ମିନିଟ୍‌ରେ ରତ୍ନବାଳା ଦେବୀ ଗୋଲ ଦେଇ ଭାରତକୁ ୩-୨ରେ ଅଗ୍ରଣୀ କରାଇଥିଲେ। ତେବେ ଏହା ବେଶି ସମୟ ତିଷ୍ଠି ନ ଥିଲା। ଟନ୍ ୭୨ତମ ମିନିଟ୍‌ରେ ଗୋଲ ଦେଇ ହ୍ୟାଟ୍ରିକ ଗୋଲ ସ୍କୋର କରିବା ସହ ମ୍ୟାଚକୁ ଡ୍ର ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ୬୨ତମ ସ୍ଥାନରେ ରହିଛି। ଅନ୍ୟପଟେ ମ୍ୟାନମାର ୪୨ତମ ସ୍ଥାନରେ ରହିଛି।

### ଜାତୀୟ ଜୁଜୁଟ୍‌ସୁରେ ଓଡ଼ିଶାର ସଫଳତା





ପଦକ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୯।୪(କ୍ରୀଡ଼ା ପ୍ରତିନିଧି):** ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଜୁଜୁଟ୍‌ସୁ ଓ ସାଉଥ୍ ଏସିଆନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ସଫଳତା ପାଇଥିବା ଉତ୍କଳ କରାଟେ ସ୍କୁଲର ପ୍ରତିଯୋଗୀମାନଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅନୁପମା ସ୍ୱାଇଁ ଓ ପ୍ରିୟଦର୍ଶିନୀ ଘଟୁଆରୀ ୬ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପୁନିତ ଲେଙ୍କା ୨ ସ୍ୱର୍ଣ୍ଣ ଓ ମଧୁପ୍ରିୟା ୨ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଅଭିନନ୍ଦନ ଜଣାଯିବା ସହ କୃତୀ ପ୍ରତିଯୋଗୀମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ପ୍ରକାଶ କରାଯାଇଛି।

# ଦୁବାଇ ଓପନ ଚେସ୍‌ରେ ଦେବାଶିଷଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୯।୪(କ୍ରୀଡ଼ା ପ୍ରତିନିଧି)**

ଦୁବାଇଠାରେ ଚାଲିଥିବା ୨୧ତମ ଦୁବାଇ ଓପନ ଅନ୍ତର୍ଜାତୀୟ ଚେସ୍‌ରେ ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୩୧ ଗ୍ରାଣ୍ଡମାଷ୍ଟର ଓ ୨୪ ଅନ୍ତର୍ଜାତୀୟ ମାଷ୍ଟରଙ୍କ ସମେତ ୯୯ ଟାଇଟଲଧାରୀ ଖେଳାଳିଙ୍କୁ ନେଇ ଚାଲିଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଶକ୍ତିଶାଳୀ ଟୁର୍ନାମେଣ୍ଟର ୮ମ ରାଉଣ୍ଡ ଶେଷସୁଦ୍ଧା ଅପରାଜେୟ ରହିଛନ୍ତି ଦେବାଶିଷ। ସମ୍ପ୍ରତି ୨୫୩୮ ରେଟିଂରେ ଥିବା ଦେବାଶିଷ ଏହି ଟୁର୍ନାମେଣ୍ଟରେ ତାଙ୍କଠାରୁ ବହୁ ଉଚ୍ଚ ରେଟିଂରେ ଥିବା ଏକାଧିକ ଗ୍ରାଣ୍ଡମାଷ୍ଟରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଛନ୍ତି। ସେ ୮ ରାଉଣ୍ଡରୁ ୪ ବିଜୟ ଓ ୪ ଡ୍ର ସହ ୬ ପଏଣ୍ଟ ପାଇଥିବାବେଳେ ୭.୪ ପଏଣ୍ଟର ଫାଇଦାରେ ରହିଛନ୍ତି।

ପ୍ରଥମ ରାଉଣ୍ଡରେ ଭାରତର କୁମାର ଗୌରବ(୨୦୭୪ ରେଟିଂ)ଙ୍କ ସହ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଦେବାଶିଷ ଦ୍ୱିତୀୟ ରାଉଣ୍ଡରେ ଫିଲିପାଇନ୍ସର ମହିଳା ଅନ୍ତର୍ଜାତୀୟ ମାଷ୍ଟର ମୋର୍ଡିଡୋ କିଲେନ ଜୟ (୧୯୩୫) ଓ ୩ୟ ରାଉଣ୍ଡରେ ଭାରତୀୟ ଫିଡେ ମାଷ୍ଟର ଶୈଳେଶ ଦ୍ରାବିଡ (୨୩୧୬)ଙ୍କୁ ପରାସ୍ତ କରିଥିଲେ। ୪ର୍ଥ ରାଉଣ୍ଡରେ ସେ ଭାରତୀୟ ଗ୍ରାଣ୍ଡମାଷ୍ଟର ସନ୍ଦୀପନ ଚନ୍ଦା (୨୫୨୧)ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ୫ମ ରାଉଣ୍ଡରେ ସେ ଭାରତର ଅନ୍ୟତମ ଗ୍ରାଣ୍ଡମାଷ୍ଟର ଆର.ଆର. ଲକ୍ଷ୍ମଣ (୨୪୨୮)ଙ୍କୁ ହରାଇଥିବାବେଳେ ୬ଷ୍ଠ ରାଉଣ୍ଡରେ ଭିଏତନାମର ସୁପରଗ୍ରାଣ୍ଡମାଷ୍ଟର ଲି କ୍ୱାଙ୍ଗ ଲିଏମ (୨୭୧୧)ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖି ଉଲ୍ଲେଖନୀୟ ସଫଳତା ପାଇଥିଲେ। ୭ମ ରାଉଣ୍ଡରେ ସେ ଭାରତୀୟ କ୍ୟାଣ୍ଡିଡେଟ ମାଷ୍ଟର ଭରତ ସୁବ୍ରମଣ୍ୟମ(୨୩୦୧)ଙ୍କୁ ହରାଇଥିଲେ ଏବଂ ୮ମ ରାଉଣ୍ଡରେ ଆୟର୍ଲାଣ୍ଡ ଗ୍ରାଣ୍ଡମାଷ୍ଟର ତାବାତାବାଇ ଏମ. ଅମିନ(୨୬୧୬)ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ୯ମ ତଥା ଅନ୍ତିମ ରାଉଣ୍ଡରେ ସେ ତୁର୍କୀ ଗ୍ରାଣ୍ଡମାଷ୍ଟର କାନ୍ ଇମେର (୨୫୯୯)ଙ୍କ ସହ ମୁକାବିଲା କରୁଛନ୍ତି।

ଏଥିରେ ଭାଗ ନେଇଥିବା ଓଡ଼ିଶା ଅନ୍ତର୍ଜାତୀୟ ମାଷ୍ଟର ସିଦ୍ଧାନ୍ତ ମହାପାତ୍ର (୨୩୪୮) ୮ ରାଉଣ୍ଡରୁ ୩ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୪ ପଏଣ୍ଟ ପାଇଛନ୍ତି। ୨ୟ ରାଉଣ୍ଡରେ ଆୟର୍ଲାଣ୍ଡ ଗ୍ରାଣ୍ଡମାଷ୍ଟର ତାବାତାବାଇ ଓ ୩ୟ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ (୨୬୦୨)ଙ୍କ ସହ ମ୍ୟାଚ ଡ୍ର ରଖି ସେ ଉଲ୍ଲେଖନୀୟ ସଫଳତା ପାଇଥିଲେ ହେଁ ପରେ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲେ। ଅନ୍ୟତମ ଓଡ଼ିଆ ଖେଳାଳି ସମ୍ବିତ ପଣ୍ଡା (୨୨୧୮) ମଧ ୮ ରାଉଣ୍ଡରୁ ୩ଟି ଲେଖାଏ ବିଜୟ, ପରାଜୟ ଓ ୨ ଡ୍ର ସହ ୪ ପଏଣ୍ଟ ପାଇଛନ୍ତି।



ଦେବାଶିଷ ଦାସ

## ଆଜିର ମ୍ୟାଚ

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ



"ମୁମ୍ବାଇ ଯୁବ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ'ଙ୍କ ନିକଟରେ ପୂର୍ବତନ ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗଙ୍କ ବ୍ୟାଟିଂ ଶୈଳୀର ଛାପ ଦେଖିବାକୁ ମିଳୁଛି ।

–ବ୍ରାଏନ ଲାରା,ୱେଷ୍ଟଇଣ୍ଡିଜର ପୂର୍ବତନ ମହାନ୍ ବ୍ୟାଟ୍ସମ୍ୟାନ



"ଆଇପିଏଲ୍‌ର ଦୁଇଟି ମ୍ୟାଚରେ ଆମେ କଷ୍ଟସାଧ୍ୟ ବିଜୟ ହାସଲ କରିଛୁ। ଏ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ ।

–ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ଅଧିନାୟକ

# ପଞ୍ଜାବର ଚତୁର୍ଥ ବିଜୟ

ମୋହାଲି, ୯।୪

ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କ ଅର୍ଦ୍ଧଶତକ ସହାୟତାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଏକ ରୋମାଞ୍ଚକ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬ ଉଇକେଟରେ ପରାସ୍ତ କରିଛି। ହାଇଦ୍ରାବାଦ ପକ୍ଷରୁ ଧାର୍ଯ୍ୟ ୧୫୧ ରନ ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୯.୫ ଓଭରରେ ୪ ଉଇକେଟ ହରାଇ ହାସଲ କରିଥିଲା। ୬ ମ୍ୟାଚରୁ ଏହାଥିଲା ପଞ୍ଜାବର ୪ର୍ଥ ବିଜୟ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୦/୪(ୱାର୍ନର-୭୦*, ବିଜୟ ଶଙ୍କର-୨୬, ହୁଡା-୧୪*, ରହମନ-୧/୩୪, ସାମି-୧/୩୦, ଅଶ୍ୱିନ-୧/୩୦)। କିଙ୍ଗ୍ସ ଇଲେଭେନ ପଞ୍ଜାବ ୧୯.୫ ଓଭରରେ ୧୫୧/୪(ରାହୁଲ-୭୧*, ମୟଙ୍କ-୫୫, ସନ୍ଦୀପ-୨/୨୧, ରଶିଦ-୧/୨୦, ସିଦ୍ଧାର୍ଥ-୧/୪୨)।

ଅନ୍ତିମ ଓଭରରେ ବିଜୟ ପାଇଁ ପଞ୍ଜାବକୁ ୧୧ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୩ ବଲ୍‌ରୁ ମାତ୍ର ୫ ରନ ସଂଗ୍ରହ ହୋଇଥିବାବେଳେ ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ ରାହୁଲ। ସେ ୫୩ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୭୧ ରନରେ ଅପରାଜିତ ରହିଥିଲେ। ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ୧୪ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ୧୬ ରନ କରି ଆଉଟ ହୋଇଥିଲେ ହେଁ ରାହୁଲ ଓ ମୟଙ୍କ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୧୪ ରନ ସଂଗ୍ରହ କରି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ମାତ୍ର ମୟଙ୍କ ୪୩ ବଲ୍‌ରୁ ୫୫(୩ ଚୌକା, ୩ ଛକା) ରନ କରି ଆଉଟ ହେବାପରେ ପଞ୍ଜାବ ଇନିଂସ ହଡ଼ବଡ଼େଇ ଯାଇଥିଲା। ଡେଭିଡ ମିଲର ୧ ଓ ମନଦୀପ ସିଂ ୨ ରନ କରି ଆଉଟ ହେବାରୁ ପଞ୍ଜାବ ପାଇଁ ଆଶଙ୍କା ବଢ଼ିଥିଲା। ମାତ୍ର ସାମ୍ କୁରାନ ଓ ରାହୁଲ ଧୈର୍ଯ୍ୟ ନ ହରାଇ ଦଳକୁ ବିଜୟୀ କରାଇଥିଲେ। ହାଇଦ୍ରାବାଦ ପକ୍ଷରୁ ସନ୍ଦୀପ ଶର୍ମା ୨ଟି ଏବଂ ରଶିଦ ଖାଁ ଓ ସିଦ୍ଧାର୍ଥ କାଉଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମୟଙ୍କ ଅଗ୍ରୱାଲଙ୍କ ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

ଟସ୍ ଜିତି କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳର ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ୭ ରନରେ ଜନି ବେୟାରଷ୍ଟୋଙ୍କ ଉଇକେଟ ହରାଇ ସନ୍‌ରାଇଜର୍ସ ପ୍ରାରମ୍ଭିକ ଝଟ୍‌କା ଖାଇଥିଲେ ହେଁ ଡେଭିଡ ୱାର୍ନର ଓ ବିଜୟ ଶଙ୍କର ସତର୍କତାର ସହିତ ବ୍ୟାଟିଂ କରି ସମ୍ମାନଜନକ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୪୯ ରନ ଯୋଗ ହେବାପରେ ବିଜୟ ଶଙ୍କର ୨୬(୨୭ ବଲ, ୨ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଭଲ ଆରମ୍ଭ କରିଥିବା ମହମ୍ମଦ ନବି ୧୨ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ ହୋଇ ଯାଇଥିବାବେଳେ ମନୀଷ ପାଣ୍ଡେ ୧୯(୧୫ ବଲ, ୨ ଚୌକା) ରନ କରିବାକୁ ସକ୍ଷମ ହୋଇଥିଲେ। ବିସ୍ଫୋରକ ବ୍ୟାଟିଂ ପାଇଁ ବିଶେଷ ପରିଚିତ ୱାର୍ନର କିନ୍ତୁ ଏଠାରେ ଖେଳିଥିଲେ ଭିନ୍ନ ଇନିଂସ। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେ ୬୨ଟି ବଲ୍ ଖେଳି ୭୦ ରନରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ଇନିଂସ ମଧ୍ୟରେ ସେ ୬ ଚୌକା ଓ ୧ ଛକା ମାରିଥିଲେ। ଇନିଂସର ଶେଷ ୩ଟି ବଲ୍ ଖେଳିବାକୁ ସୁଯୋଗ ପାଇଥିବା ଦୀପକ ହୁଡା ୨ଟି ଚୌକା ଓ ୧ ଛକା ସହାୟତାରେ ୧୪ ରନ କରିବାରୁ ସନ୍‌ରାଇଜର୍ସ ସ୍କୋର ୧୫୦ ସ୍ପର୍ଶ କରିଥିଲା। ପଞ୍ଜାବ ପକ୍ଷରୁ ମୁଜିବ ଉର ରହମନ, ମହମ୍ମଦ ସାମି ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ନାଇଟ ରାଇଡର୍ସ | ୫ | ୪ | ୧ | ୮ | ୧.୦୫୮ |
| ସୁପର କିଙ୍ଗ୍ସ | ୫ | ୪ | ୧ | ୮ | ୦.୧୫୯ |
| କିଙ୍ଗ୍ସ ଇଲେଭେନ | ୬ | ୪ | ୨ | ୮ | –୦.୦୬୧ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | ୦.୩୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୫ | ୧ | ୪ | ୨ | –୦.୮୪୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | –୧.୪୫୩ |

# ପ୍ରତିଶୋଧ ଲକ୍ଷ୍ୟରେ ମୁମ୍ବାଇ

ମୁମ୍ବାଇ,୯।୪(ପି.ଟି.)

ଚଳିତ ଆଇପିଏଲର ୨୪ତମ ମ୍ୟାଚ୍‌ରେ ବୁଧବାର କିଙ୍ଗ୍ସ ଏକାଦଶ ଓ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ପ୍ରତିଶୋଧ ନେବା ସହିତ ବିଜୟଧାରା ବଜାୟ ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବ। ମୋହାଲିରେ ଏହି ଦୁଇ ଦଳ ପରସ୍ପରକୁ ଭେଟିଥିଲେ। ଏଥିରେ ପଞ୍ଜାବ ୮ ଉଇକେଟରେ ବିଜୟ ହାସଲ କରିଥିଲା। ତେବେ ଘରୋଇ ପରିବେଶ ମୁମ୍ବାଇକୁ ସୁହାଇବ ବୋଲି ଆଶା କରାଯାଉଛି। ଚେନ୍ନାଇ ସୁପର କିଙ୍ଗ୍ସ ଓ ଗତ ସଂସ୍କରଣର ଫାଇନାଲିଷ୍ଟ ସନରାଇଜର୍ସ ହାଇଦ୍ରାବାଦକୁ ମୁମ୍ବାଇ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ହରାଇଛି। ଫଳରେ ମୁମ୍ବାଇର ଆତ୍ମବିଶ୍ୱାସ ଉଚ୍ଚରେ ରହିଛି। ବୋଲିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରି ମୁମ୍ବାଇ ଏହି ଦୁଇଟି ବିଜୟ ହାସଲ କରିଛି। ବ୍ୟାଟିଂ କ୍ରମରେ ଶେଷରେ ମୁମ୍ବାଇ ନିକଟରେ ୱେଷ୍ଟଇଣ୍ଡିଜ୍ କିରନ ପୋଲାର୍ଡ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ବିସ୍ଫୋରକ ବ୍ୟାଟ୍ସମ୍ୟାନ ରହିଛନ୍ତି। ପଞ୍ଜାବ ମଧ୍ୟ ଗତ ମ୍ୟାଚ୍‌ରେ ହାଇଦ୍ରାବାଦକୁ ସୋମବାର ୬ ଉଇକେଟରେ ପରାସ୍ତ କରିଛି। ମୁମ୍ବାଇକୁ ହରାଇବାକୁ ହେଲେ ଟପ୍ ଅର୍ଡର ବିପର୍ଯ୍ୟୟ ଘଟାଇବା ସହ ପୋଲାର୍ଡ ଓ ପାଣ୍ଡ୍ୟାଙ୍କୁ ରୋକିବାକୁ ହେବ ବୋଲି ପଞ୍ଜାବ ହୃଦୟଙ୍ଗମ କରିଛି। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଅଜଜାରି ଜୋସେଫ୍‌ଙ୍କ ଭଳି ଦ୍ରୁତ ବୋଲର ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ରହିଛି। ହାଇଦ୍ରାବାଦରେ ଖେଳାଯାଇଥିବା ସନରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ଜୋସେଫ ମାତ୍ର ୧୨ ରନ ବ୍ୟୟ କରି ୬ ଉଇକେଟ ନେଇ ଦଳକୁ ବିଜୟୀ କରାଇବା ସହ ନୂଆ ରେକର୍ଡ ସ୍ଥାପନ କରିଥିଲେ। ସେହିପରି ଯଶପ୍ରୀତ ବୁମ୍‌ରା ଓ ବାମହାତୀ ଜାସନ ବେହରେନଡୋର୍ଫଙ୍କ ସହ ଜୋସେଫ ଓ ହାର୍ଦ୍ଦିକଙ୍କ ଭଳି ବୋଲର ମୁମ୍ବାଇ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ମୁମ୍ବାଇ ୫ଟି ମ୍ୟାଚରୁ ୩ ବିଜୟ ଓ ୨ ପରାଜୟ ସହ ୬ ପଏଣ୍ଟ ପାଇ ତାଲିକାର ୫ମ ସ୍ଥାନରେ ରହିଛି। ସେହିପରି ପଞ୍ଜାବ ୬ ମ୍ୟାଚ୍ ଖେଳି ୪ ବିଜୟ ୨ ପରାଜୟ ସହ ୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

### ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ

## ଆଜି ମେଘାଳୟକୁ ଭେଟିବ ଓଡ଼ିଶା

କଟକ ଅଫିସ,୯।୪: ପଞ୍ଜାବର ଲୁଧିଆନାଠାରେ ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ମୁକାବିଲାରେ ଓଡ଼ିଶା ବୁଧବାର ମେଘାଳୟକୁ ଭେଟିବ । ଫାଇନାଲ ରାଉଣ୍ଡରେ ମୋଟ୍ ୪ଟି ମ୍ୟାଚ୍ ଖେଳିବ ଓଡ଼ିଶା। ଗତ ସଂସ୍କରଣରେ ମଧ ଦଳ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ମାତ୍ର ଦୁର୍ବଳ ପ୍ରଦର୍ଶନ ଯୋଗୁ ବାଦ ପଡ଼ିଯାଇଥିଲା । ଚଳିତ ସଂସ୍କରଣରେ ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଛତିଶଗଡ଼ର ଭିଲାଇଠାରେ ଗତ ଫେବୃୟାରୀରେ ଖେଳାଯାଇଥିଲା। ଯୋଗ୍ୟତା ପର୍ଯ୍ୟାୟର ୨ଟି ଯାକ ମ୍ୟାଚରେ ଓଡ଼ିଶା ବିଜୟ ହାସଲ କରିଥିଲା । ୨-୦ ଗୋଲରେ ଝାଡ଼ଖଣ୍ଡକୁ ଓ ୩-୦ ଗୋଲରେ ଛତିଶଗଡ଼କୁ ଦଳ ହରାଇଥିବା ବେଳେ ଉଭୟ ମ୍ୟାଚ୍‌ରେ ଅରବିନ ଲାକ୍ରା ଓ ଅର୍ଜୁନ ନାୟକ ଓଡ଼ିଶାର ଗୋଲ ସ୍କୋରର ଥିଲେ ।

### ପିକେଏଲ୍ ଖେଳାଳି ନିଲାମୀ

## ୧୨ ଫ୍ରାଞ୍ଚାଇଜ୍ ଖର୍ଚ୍ଚ କଲେ ୫୦ କୋଟି

ମୁମ୍ବାଇ, ୯।୪(ପି.ଟି.): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଆଗାମୀ ସଂସ୍କରଣ ଲାଗି ଦୁଇଦିନ ଧରି ଏଠାରେ ଚାଲିଥିବା ଖେଳାଳି ନିଲାମୀ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଯାଇଛି। ଡିଫେଣ୍ଡର ମହିନ୍ଦର ସିଂ ଓ ରାଇଡର ମନ୍‌ଜିତ୍ ସିଂ କାଟାଗୋରୀ-ବି'ରେ ନିଜ ନିଜ ବର୍ଗରେ ସର୍ବାଧିକ ମୂଲ୍ୟରେ ନିଲାମୀରେ କ୍ରୟ ହୋଇଛନ୍ତି। ବେଙ୍ଗାଲୁରୁ ବୁଲ୍ସ ମହିନ୍ଦରଙ୍କୁ ୮୯ ଲକ୍ଷ ଟଙ୍କାରେ ନେଇଥିବାବେଳେ ମନ୍‌ଜିତ୍ (୬୩ ଲକ୍ଷ)ଙ୍କୁ ପୁନେରୀ ପଲଟନ୍ ଦଳକୁ ଆଣିବାରେ ସଫଳ ହୋଇଥିଲା। ଅଲ୍‌ରାଉଣ୍ଡର ବର୍ଗରେ ୟୁ ମୁମ୍ବା ସନ୍ଦୀପ ନର୍‌ୱାଲଙ୍କୁ ୮୯ ଲକ୍ଷ ଟଙ୍କା ମୂଲ୍ୟରେ କ୍ରୟ କରିଥିଲା। ଦୁଇ ଦିବସୀୟ ଏହି ନିଲାମୀ ପ୍ରକ୍ରିୟାରେ ୧୨ ଫ୍ରାଞ୍ଚାଇଜ୍ ଖେଳାଳିଙ୍କୁ କ୍ରୟ କରିବାକୁ ମୋଟ୍ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଘରୋଇ ଓ ବିଦେଶୀଙ୍କୁ ମିଶାଇ ମୋଟ୍ ୨୦୦ କବାଡ଼ି ଖେଳାଳି ଏହି ନିଲାମୀରେ ସାମିଲ ହୋଇଥିଲେ। ସିଦ୍ଧାର୍ଥ ଦେଶାଇ (୧.୪୫ କୋଟି, କାଟାଗୋରୀ-ଏ) ଓ ନୀତୀନ ତୋମାର (୧.୨୦ କୋଟି, କାଟାଗୋରୀ-ଏ)ଙ୍କୁ ମିଶାଇ ନିଲାମୀରେ କେବଳ ୨ଜଣ ଖେଳାଳି ଏକ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲେ। ସିଦ୍ଧାର୍ଥଙ୍କୁ ତେଲଗୁ ଟାଇଟନ୍ସ ଓ ନୀତୀନଙ୍କୁ ପୁନେରୀ ପଲ୍‌ଟନ ଦଳରେ ନେଇଥିଲା। ସେହିଭଳି ବିଦେଶୀ ଖେଳାଳିଙ୍କ ମଧ୍ୟରେ ଇରାନର ମହମ୍ମଦ ଇସମାଇଲ ନବିବକ୍ସ (୭୭.୭୫ ଲକ୍ଷ) ସର୍ବାଧିକ ମୂଲ୍ୟରେ ନିଲାମୀରେ ଯାଇଥିଲେ। ପିକେଏଲ୍‌ର ୭ମ ସଂସ୍କରଣ ଜୁଲାଇ ୧ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯେଉଁଥିରେ ୧୭୩ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ମୋଟ୍ ୨୭ଜଣ ଅନ୍ତର୍ଜାତୀୟ ଖେଳାଳି ଏହି ସଂସ୍କରଣରେ ଅଂଶଗ୍ରହଣ କରିବେ।

# ୱାର୍ନରଙ୍କୁ ମଙ୍କଡିଙ୍ଗ୍ ଭୟ



ମୋହାଲି, ୯।୪(ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ସୋମବାର ସନରାଇଜର୍ସ ହାଇଦ୍ରାବାଦ ଓ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଡେଭିଡ୍ ୱାର୍ନର ବିବାଦୀୟ 'ମଙ୍କଡିଙ୍ଗ୍' ଆଉଟ୍‌ରୁ ବର୍ତ୍ତିଯାଇଛନ୍ତି। ହାଇଦ୍ରାବାଦ ଇନିଂସରେ ୱାର୍ନର ନନ୍-ଷ୍ଟ୍ରାଇକରେ ଛିଡ଼ା ହୋଇଥିବାବେଳେ ପ୍ରତିପକ୍ଷ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରୁଥିଲେ। ଅଶ୍ୱିନଙ୍କ ହାତରୁ ବଲ୍ ରିଲିଜ ହେବାପୂର୍ବରୁ ୱାର୍ନର ସାମାନ୍ୟ କ୍ରିଜ ବାହାରକୁ ଚାଲିଯାଇଥିଲେ ମଧ୍ୟ ଠିକ୍ ସମୟରେ ପୁନର୍ବାର ବ୍ୟାଟ୍ ଘୋଷାରି ସୁରକ୍ଷିତ ଭାବେ କ୍ରିଜକୁ ଚାଲିଆସିଥିଲେ। ଏଥିସହ ଅଶ୍ୱିନଙ୍କ ଦ୍ୱାରା ମଙ୍କଡିଙ୍ଗ୍ ଆଉଟ୍ ହେବାରୁ ସେ ବର୍ଞ୍ଚିଯାଇଥିଲେ। ମ୍ୟାଚ୍ ସମାପ୍ତ ପରେ ଏହି ଘଟଣାକୁ ଆଇପିଏଲ୍ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ ଛଡ଼ା ଯାଇଥିଲା। ପୂର୍ବରୁ ଚଳିତ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଜୋଶ୍ ବଟ୍‌ଲର ସମାନଧରଣର ତ୍ରୁଟି କରି ଅଶ୍ୱିନଙ୍କ ଦ୍ୱାରା ମଙ୍କଡିଙ୍ଗ୍ ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ସେତେବେଳେ ବିଶ୍ୱରେ ବିତର୍କ ଦେଖାଦେଇଥିଲା ଏବଂ ଅଶ୍ୱିନଙ୍କୁ ଅଣଖେଳୁଆଡ଼ ମନୋଭାବ ଲାଗି ନାନା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। କ୍ରିକେଟର ନିୟମ ଅନୁଯାୟୀ ବୋଲରଙ୍କ ହାତରୁ ବଲ୍ ରିଲିଜ ନ ହେବା ପର୍ଯ୍ୟନ୍ତ ନନ୍-ଷ୍ଟ୍ରାଇକ ବ୍ୟାଟ୍ସମ୍ୟାନ କ୍ରିଜ ମଧ୍ୟରେ ରହିବାକୁ ପଡ଼ିଥାଏ। ଯଦି ନନ୍-ଷ୍ଟ୍ରାଇକ ବ୍ୟାଟ୍ସମ୍ୟାନ କ୍ରିଜ ବାହାରକୁ ଚାଲିଯାଥାନ୍ତି ତେବେ ବୋଲର ତାଙ୍କୁ ରନ୍‌ଆଉଟ୍ କରିପାରିବେ। ଏହି ଆଉଟ୍ ମଙ୍କ୍‌ଡିଙ୍ଗ୍ ଭାବେ କ୍ରିକେଟ ଜଗତରେ ପରିଚିତ।

## ୫୨ ବର୍ଷ ପରେ କିଙ୍ଗ୍ସ କପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୯।୪ (ପି.ଟି.): ଫୁଟ୍‌ବଲ ଆସୋସିଏଶନ ଅଫ୍ ଥାଇଲାଣ୍ଡ ଆନୁକୂଲ୍ୟରେ ଆସନ୍ତା ଜୁନ୍ ୫ରୁ ଆରମ୍ଭ ହେବାକୁ ଥିବା ଆମନ୍ତ୍ରଣୀୟ କିଙ୍ଗ୍ସ କପ୍ ଟୁର୍ନାମେଣ୍ଟର ୨୦୧୯ ସଂସ୍କରଣରେ ଭାରତ ଅଂଶଗ୍ରହଣ କରିବ। ଆୟୋଜକ ଥାଇଲାଣ୍ଡ ପକ୍ଷରୁ ମଙ୍ଗଳବାର ଏନେଇ ସ୍ପଷ୍ଟ କରାଯାଇଛି। ଭିଏତ୍‌ନାମ, କୁରାକାଓ ଓ ଆୟୋଜକ ଥାଇଲାଣ୍ଡ ସମେତ ଭାରତ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଭାରତ ଫିଫା ମାନ୍ୟତାର ୧୦୧ତମ ସ୍ଥାନରେ ରହିଥିବାବେଳେ ଥାଇଲାଣ୍ଡ ୧୧୪, ଭିଏତ୍‌ନାମ ୯୮, କୁରାକାଓ ୮୨ତମ ସ୍ଥାନରେ ରହିଛନ୍ତି। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ବୁରିରାମସ୍ଥିତ ଚାଙ୍ଗ୍ ଏରେନା ଷ୍ଟାଡିୟମରେ ଖେଳାଯିବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଲାଗି ଗତ ମାର୍ଚ୍ଚରେ ଥାଇଲାଣ୍ଡ ପକ୍ଷରୁ ଭାରତକୁ ନିମନ୍ତ୍ରଣ କରାଯାଇଥିଲା। ଦୀର୍ଘ ୫୨ ବର୍ଷର ବ୍ୟବଧାନ ପରେ ଭାରତ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଶେଷଥର ପାଇଁ କିଙ୍ଗ୍ସ କପ୍‌ର ୧୯୭୭ ସଂସ୍କରଣରେ ଭାରତ ଭାଗ ନେଇ ୩ୟ ସ୍ଥାନ ହାସଲ କରିଥିଲା। ସେହିଭଳି ଭାରତ ୧୮ବର୍ଷ ପରେ ଫିଫାର କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ।

# ବୀମା ରାଶି ଦାବି କଲେ ଷ୍ଟାର୍କ

ମେଲବୋର୍ନ, ୯।୪ (ପି.ଟି.)





ଅଷ୍ଟ୍ରେଲିଆର ବାମହାତୀ ପେସ୍ ବୋଲର ମିଚେଲ ଷ୍ଟାର୍କ ତାଙ୍କ ୧.୫୩ ନିୟୁତ ଆମେରିକୀୟ ଡଲାର ବୀମା ରାଶି ପାଇବା ଲାଗି ଆଇନଗତ ଆଶ୍ରୟ ନେଇଛନ୍ତି। ଆଘାତପ୍ରାପ୍ତ ଥିବାରୁ ଷ୍ଟାର୍କ ଗତବର୍ଷ ତାଙ୍କ ଆଇପିଏଲ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ତରଫରୁ ଗୋଟିଏ ହେଲେ ମ୍ୟାଚ ଖେଳିପାରି ନ ଥିଲେ। ବଲ୍ ଟ୍ୟାମ୍ପରିଂ ପାଇଁ ଚର୍ଚ୍ଚିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଖେଳୁଥିବାବେଳେ ତାଙ୍କ ପେଣ୍ଡା

**ଆଇପିଏଲ୍ ଚୁକ୍ତି**

ମାଂସପେଶୀରେ ଆଘାତ ଲାଗିଥିଲା। ଯାହାଫଳରେ ଗତବର୍ଷ ସେ କେକେଆର ତରଫରୁ ଗୋଟିଏ ହେଲେ ମ୍ୟାଚ ଖେଳିପାରି ନ ଥିଲେ। ଆଇପିଏଲ ସହିତ ଲୋଭନୀୟ ଚୁକ୍ତି ବେଳେ ଷ୍ଟାର୍କ ବୀମା କରିଥିଲେ। ୨୦୧୮ ଆଇପିଏଲ ନିଲାମି ବେଳେ ଯେଉଁ କେତେଜଣ ଅଷ୍ଟ୍ରେଲୀୟଙ୍କ ଚାହିଦା ଥିଲା ସେମାନଙ୍କ ମଧ୍ୟରେ ଷ୍ଟାର୍କ ଅନ୍ୟତମ ଥିଲେ। କେକେଆର ତାଙ୍କୁ ୧.୮ ନିୟୁତ ଆମେରିକୀୟ ଡଲାରରେ କ୍ରୟ କରିଥିଲା। ତାଙ୍କଠାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଥିବା ଏକମାତ୍ର ଖେଳାଳି ଥିଲେ କ୍ରିସ୍ ଲିନ୍ (୧.୮୬ ନିୟୁତ ଡଲାର)। ଇଞ୍ଜୁରି ଯୋଗୁ ଷ୍ଟାର୍କ ଯଦି ଆଇପିଏଲ ନ ଖେଳନ୍ତି ତେବେ ସେ କରିଥିବା ବୀମା ଅନୁସାରେ ତାଙ୍କୁ ସମ୍ପୃକ୍ତ କମ୍ପାନୀ ତରଫରୁ ୧.୫୩ ନିୟୁତ ଡଲାର ମିଳିବା କଥା। ଅଷ୍ଟ୍ରେଲୀୟ ଖେଳାଳି ବୀମା କରିଥିବା କମ୍ପାନୀ ଲୟଡ୍ସ ଅଫ୍ ଲଣ୍ଡନ ବିରୋଧରେ ଭିକ୍ଟୋରିଆ କାଉଣ୍ଟି କୋର୍ଟରେ ଏକ ମକଦ୍ଦମା କରିଛନ୍ତି। ତାଙ୍କ ତରଫରୁ ଏହି ମାମଲାରେ ମିଲ୍ସ ଓକ୍‌ଲି ପ୍ରତିନିଧିତ୍ୱ କରୁଛନ୍ତି। ଖବର ଅନୁସାରେ ଷ୍ଟାର୍କ କରିଥିବା ବୀମାର ଅବଧି ୨୦୧୮ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା। କିନ୍ତୁ ମାର୍ଚ୍ଚ ୧୦ରେ ପୋର୍ଟ ଏଲିଜାବେଥ୍‌ରେ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ବୋଲିଂ କରୁଥିବାବେଳେ ଷ୍ଟାର୍କ ତାଙ୍କ ଡାହାଣ ଗୋଡ଼ ପେଣ୍ଡାରେ କଷ୍ଟ ଅନୁଭବ କରିଥିଲେ। ବୋଲିଂ କରିବା ତାଙ୍କ ପାଇଁ ସହଜ ନ ଥିଲା। ଷ୍ଟାର୍କ ତାଙ୍କ ବୀମାର ପ୍ରିମିୟମ ବାବଦରେ ୯୭, ୯୨୦ଡଲାର ଜମା କରିଥିଲେ।

# ଶଟ୍‌ପୁଟର ମନପ୍ରୀତ ୪ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୯।୪ (ପି.ଟି.)

୨୦୧୭ରେ ଚାରିଥର ଡୋପ୍ ଟେଷ୍ଟରେ ଅକୃତକାର୍ଯ୍ୟ ହୋଇଥିବାରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଏସିଆନ ଚାମ୍ପିୟନ ଶଟ୍‌ପୁଟର ମନପ୍ରୀତ କୌରଙ୍କୁ ୪ବର୍ଷ ବାସନ୍ଦ କରିଛି। ଏହି ଦଣ୍ଡ ପିଛିଲା ୨୦୧୭ ଜୁଲାଇ ୨୦ରୁ ଲାଗୁ ହେବ, ଯେଉଁଦିନଠାରୁ ମନପ୍ରୀତ ସାମୟିକ ଦଣ୍ଡାଦେଶ ଭୋଗି ଆସୁଥିଲେ। ନାଡା ମହାନିର୍ଦ୍ଦେଶକ ନବିନ ଅଗ୍ରୱାଲ ଏ ବିଷୟରେ ସୂଚନା ଦେଇଛନ୍ତି। ମହିଳା ଶଟପୁଟର ଜଣକ ଚାହିଁଲେ ଏହି ଦଣ୍ଡାଦେଶ ବିରୋଧରେ ଆଣ୍ଟି ଡୋପିଙ୍ଗ ପ୍ୟାନେଲରେ ଆବେଦନ କରିପାରିବେ। ଡୋପ୍ ଟେଷ୍ଟ ପାଇଁ

ମନପ୍ରୀତଙ୍କଠାରୁ ଯେଉଁ ଦିନ ସାମ୍ପଲ ସଂଗ୍ରହ କରାଯାଇଥିଲା, ସେହିଦିନଠାରୁ ସେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗିତାର ତାଙ୍କ ଫଳାଫଳକୁ ଅଯୋଗ୍ୟ ଘୋଷଣା କରାଯାଇଛି। ଫଳରେ ୨୦୧୭ରେ ଭୁବନେଶ୍ୱରରେ ହୋଇଥିବା ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ସେ ଜିତିଥିବା ସ୍ୱର୍ଣ୍ଣ ପଦକକୁ ପ୍ରତ୍ୟାହାର କରି ନିଆଯିବ। ୨୦୧୭ରେ ମନପ୍ରୀତଙ୍କ ୪ଥର ଡୋପ୍ ଟେଷ୍ଟ ହୋଇଥିଲା। ସବୁଥିରେ ତାଙ୍କର ପଜିଟିଭ ଆସିଥିଲା। ସେହିବର୍ଷ ଏପ୍ରିଲ ୨୪ରେ ଚାଇନାର ଜିନ୍‌ହୁଆରେ ହୋଇଥିବା ଏସିଆନ ଗ୍ରାଁ ପ୍ରିରେ ତାଙ୍କର ପ୍ରଥମ ଥର ଡୋପ୍ ଟେଷ୍ଟ ହୋଇଥିଲା। ପରେ ପଛକୁ ପଛ ପଟିଆଲାରେ ଫେଡେରେଶନ କପ୍ (ଜୁନ୍ ୧), ଭୁବନେଶ୍ୱରରେ ଏସିଆନ ଆଥଲେଟିକ୍ସ ଚାମ୍ପିୟପଶିପ୍ (ଜୁଲାଇ ୬) ଏବଂ ଗୁଣ୍ଟୁରରେ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍ (ଜୁଲାଇ ୧୬)ରେ ମଧ୍ୟ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଜିନ୍‌ହୁଆଠାରେ ସେ (୧୮.୮୬ ମିଟର) ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଜିନ୍‌ହୁଆଠାରେ ଅନୁଷ୍ଠିତ ଏସିଆନ ଗ୍ରାଁ ପ୍ରି ମିଟ୍‌ରେ ମେଟେନୋଲୋନ୍ ଷ୍ଟେରଏଡ୍ ପାଇଁ ତାଙ୍କର ପଜିଟିଭ ଆସିଥିଲା। ଭାରତରେ ଅନ୍ୟ ତିନୋଟି ମିଟ୍‌ରେ ତାଙ୍କର ସାମ୍ପଲରେ ଡିମ୍‌ଥିଲ୍‌ବଟିଲାମାଇନ୍ ଷ୍ଟିମୁଲାଣ୍ଟର ମାତ୍ରା ଠାବ କରାଯାଇଥିଲା। ଏହି ଉପାଦାନର ମେଥିଲହେକ୍ସାନିମାଇନ୍ ସହିତ ମେଳ ରହିଛି।



ମନପ୍ରୀତ କୌର

# ସୁସ୍ଥ ହୋଇ ଫେରିଲେ ପେଲେ

ପ୍ୟାରିସ, ୯।୪(ଏଏଫ୍‌ପି)

କିମ୍ବଦନ୍ତୀ ବ୍ରାଜିଲ ଫୁଟ୍‌ବଲ ଖେଳାଳି ପେଲେ ପ୍ୟାରିସସ୍ଥିତ ହସ୍ପିଟାଲରୁ ରିଲିଜ ହୋଇଛନ୍ତି। ଖୁବ୍ ଶୀଘ୍ର ସେ ବ୍ରାଜିଲ ଫେରିଯିବେ ବୋଲି ପେଲେଙ୍କ ମୁଖପାତ୍ର କହିଛନ୍ତି। ବ୍ରାଜିଲର ବର୍ତ୍ତମାନର ଷ୍ଟାର୍ ଖେଳାଳି ନେମାର ସୋମବାର ହସ୍ପିଟାଲରେ ପେଲେଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ସେଠାରେ ପେଲେଙ୍କ ସହ ଉଠାଇଥିବା ଏକ ଫଟୋକୁ ନେମାର ନିଜର ଇନଷ୍ଟାଗ୍ରାମ ପେଜ୍‌ରେ ଛାଡ଼ିଛନ୍ତି। ପେଲେ ମଧ୍ୟ ଆରୋଗ୍ୟ ଲାଭ କରିଥିବା କହିଛନ୍ତି। 'ପ୍ୟାରିସସ୍ଥିତ ଏହି ମେଡିକାଲ ଷ୍ଟାଫ୍‌ମାନଙ୍କୁ ଧନ୍ୟବାଦ। ଖୁବ୍ ଶୀଘ୍ର ମୁଁ ବ୍ରାଜିଲ ଫେରିଯିବି' ବୋଲି ପେଲେ ବ୍ରାଜିଲର ଏକ ନ୍ୟୁଜ୍ ୱେବ୍‌ସାଇଟ୍‌କୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୩ଥର ବିଶ୍ୱକପ୍ ବିଜେତା ୭୮ବର୍ଷୀୟ ପେଲେ ଗତ ସପ୍ତାହରେ ଏକ ପ୍ରମୋଶନାଲ କାର୍ଯ୍ୟରେ ବ୍ରାଜିଲରୁ ଆସି ଫ୍ରାନ୍ସରେ ପହଞ୍ଚିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ବିମାନରେ ଲମ୍ବା ଯାତ୍ରା ଯୋଗୁ ସେ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।



ମେଡିକାଲରେ ପେଲେଙ୍କୁ ସାକ୍ଷାତ୍ କରିବା ଅବସରରେ ନେମାର।







# ନାସା ଯିବେ ବାଲେଶ୍ୱରର ୧୩ ଛାତ୍ରୀଛାତ୍ର

## ଅନ୍ତର୍ଜାତୀୟ ରଚନା ପ୍ରତିଯୋଗିତା, ଅନ୍ତର୍ଜାତୀୟ ମହାକାଶ ସମ୍ପର୍କିତ ସମ୍ମିଳନୀରେ ଭାଗ ନେବେ

ବାଲେଶ୍ୱର ଅଫିସ, ୯।୪

ଆସନ୍ତା ୧୩, ୧୪ ଓ ୧୫ରେ ୟୁଏସ୍‌ଏ ଓରଲାଣ୍ଡସ୍ଥିତ ନ୍ୟାଶନାଲ ଏରୋନଟିକ୍ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ(ନାସା) କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ରଚନା ପ୍ରତିଯୋଗିତା ସାଙ୍ଗକୁ ମହାକାଶ ବିଜ୍ଞାନ ସମ୍ପର୍କିତ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେଶର ବୈଜ୍ଞାନିକଙ୍କ ସମେତ ବହୁ ମେଧାବୀ ଛାତ୍ରୀଛାତ୍ର ଭାଗ ନେବେ। ବାଲେଶ୍ୱର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲର ୧୩ ଛାତ୍ରୀଛାତ୍ର ଉକ୍ତ ସମ୍ମିଳନୀ ତଥା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବୁଧବାର ସନ୍ଧ୍ୟାରେ ସେମାନେ ବାଲେଶ୍ୱରରୁ ଟ୍ରେନ ଯୋଗେ ଦିଲ୍ଲୀ ଯାଇ ସେଠାରୁ ବିମାନ ଯୋଗେ ନାସାକୁ ଯିବେ। ଏଭଳି ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ସାମିଲ ହେବାକୁ ସୁଯୋଗ ମିଳିଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ବେଶ୍ ଉତ୍ସାହିତ ଅଛନ୍ତି।



ମହାକାଶ ଗବେଷଣା କେନ୍ଦ୍ରକୁ ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲର ଶିକ୍ଷୟିତ୍ରୀଙ୍କ ସହିତ ମନୋନୀତ ଛାତ୍ରୀଛାତ୍ର।

ବିଦ୍ୟାଳୟ ଅଧ୍ୟକ୍ଷା ଡ. ସିଷ୍ଟର କ୍ରିପା ଏହି ସୂଚନା ଦେଇ କହିଛନ୍ତି ଯେ, ଭାରତୀୟ ବଂଶୋଦ୍ଭବ ମହାକାଶ ବିଜ୍ଞାନୀ କଳ୍ପନା ଚାୱ୍‌ଲା ଆମେରିକାରେ ନାସା ପକ୍ଷରୁ ମହାକାଶକୁ ଯାତ୍ରା କରି ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଅନ୍ୟ ମହାକାଶଚାରୀଙ୍କ ସହ ପ୍ରାଣ ହରାଇଥିଲେ। କଳ୍ପନାଙ୍କ ସ୍ମୃତି ରକ୍ଷା ପାଇଁ ପୂର୍ବରୁ ଜାତୀୟ ସ୍ତରରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭାଗ ନେଇ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଦୀକ୍ଷା ଗୁପ୍ତା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ନବମ ଶ୍ରେଣୀ ଛାତ୍ରୀ ଅନୁଷ୍କା ରାୟ, ଦଶମ ଶ୍ରେଣୀ ଛାତ୍ରୀ ଆଦିତି ବିଶ୍ୱାଳ, ଅଷ୍ଟମ ଶ୍ରେଣୀ ଛାତ୍ରୀ ବନଜା ବନଶ୍ରୀ, ଏକାଦଶ ଶ୍ରେଣୀ ଛାତ୍ର ଆୟୁଷ ଖଣ୍ଡେଲୱାଲ ଓ କ୍ରିଷ୍ଣା ବେହେରା କୃତିତ୍ୱ ଅର୍ଜନ କରିଥିଲେ। ଏଥିଲାଗି ସେମାନେ 'ଅନ୍ତର୍ଜାତୀୟ ରଚନା ପ୍ରତିଯୋଗିତା'ରେ ଭାଗ ନେବାର ସୁଯୋଗ ପାଇଛନ୍ତି। ସେହିପରି ଅନ୍ତର୍ଜାତୀୟ ମହାକାଶ ସମ୍ପର୍କିତ ସମ୍ମିଳନୀରେ ଭାଗ ନେବା ପାଇଁ ନବମ ଶ୍ରେଣୀ ଛାତ୍ର କ୍ରୀଶୟ ଅଗ୍ରୱାଲ, ରୁଦ୍ର ଗୁପ୍ତା, ନିଲାଞ୍ଜନ ଜେନା, ଛାତ୍ରୀ ଶିବାଙ୍ଗୀ ଶାହା, ଦଶମ ଶ୍ରେଣୀ ଛାତ୍ର ରାଘବ ଖଣ୍ଡେଲୱାଲ, ସୌମ୍ୟଦର୍ଶନ କମିଳା ଓ ହାର୍ଦ୍ଦିକ ମହାପାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଗସ୍ତ ଅବସରରେ ଛାତ୍ରୀଛାତ୍ର ୟୁଏସ୍‌ଏରେ ଥିବା ଡିସ୍‌ନି ୱାର୍ଲ୍ଡ, ୟୁନିଭର୍ସିଆଲ ଷ୍ଟୁଡିଓ, ମିଆମି ୟୁନିଭରସିଟି ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୧୩ଜଣ ଛାତ୍ରୀଛାତ୍ରଙ୍କ ସହିତ ଗାଇଡ୍ ଶିକ୍ଷକ ଭାବେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ଦାସ ଯାଉଛନ୍ତି। ବିଦ୍ୟାଳୟ ପକ୍ଷରୁ ଉପାଧ୍ୟକ୍ଷା ସିଷ୍ଟର ଜିନସି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀ ଦୀକ୍ଷା ଗୁପ୍ତା କହିଛନ୍ତି, ଏଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସେ ମନୋନୀତ ହୋଇଥିବାରୁ ବହୁତ ଉତ୍ସାହିତ ଅଛନ୍ତି। ବିଭିନ୍ନ ଦେଶରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ମିଶିବାର ସୁଯୋଗ ମିଳିବ। ପୃଥିବୀର ସବୁଠାରୁ ବଡ଼ ମହାକାଶ ଗବେଷଣା କେନ୍ଦ୍ର ଭାବରେ ପରିଚିତ ନାସା କେନ୍ଦ୍ର ପରିଭ୍ରମଣ ଅବସରରେ ମହାକାଶ ବିଷୟରେ ଅଧିକ କିଛି ଜାଣିବାର ସୁଯୋଗ ରହିଛି। ଅଷ୍ଟମ ଶ୍ରେଣୀ ଛାତ୍ରୀ ବନଜା ବନଶ୍ରୀ କହିଛନ୍ତି, ଏଭଳି ସୁଯୋଗ ମିଳିଥିବାରୁ ଆମେ ବହୁତ ଖୁସି। ନାସାକୁ ଯାଇ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଦଶମ ଶ୍ରେଣୀ ଛାତ୍ର ରାଘବ ଖଣ୍ଡେଲୱାଲ କହିଛନ୍ତି, ପ୍ରଥମଥର ବିଦେଶ ଗସ୍ତ ଆମ ପାଇଁ ଏକ ନିଆରା ଅନୁଭୂତି ସୃଷ୍ଟି କରିବ। ମହାକାଶ ଗବେଷଣା ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ଜାଣିବାକୁ ମିଳିବ।

# ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ଛତିଆ,୯।୪(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଗ୍ରାମରେ ଘର କାମ କରୁଥିବାବେଳେ ମଙ୍ଗଳବାର ଅଂଶୁଘାତରେ ଜଣେ କାର୍ଯ୍ୟରତ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ସେ ହେଲେ କଟକ ଜିଲା ମାହାଙ୍ଗା ବ୍ଲକ ଲାଲବେଗି ଗ୍ରାମର ରାମଚନ୍ଦ୍ର ନାଥ। ଘର ମାଲିକ ରାମଚନ୍ଦ୍ରଙ୍କୁ ତୁରନ୍ତ ଛତିଆର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛତିଆ ବିଟ୍ ହାଉସ୍ ଅଧିକାରୀ ଜଗଦୀଶ କର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୂଚନା ଅନୁଯାୟୀ, ରାମଚନ୍ଦ୍ର ଛତିଆ ଗ୍ରାମର ଅରୁଣ ସାହୁଙ୍କ ଘରେ କାମ କରୁଥିଲେ। ପ୍ରବଳ ଖରାରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ରାମଚନ୍ଦ୍ର ଜଣେ ଦିନ ମଜୁରିଆ ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ବାଇକ୍ ଡିକି ଭାଙ୍ଗି ୫୦ହଜାର ଲୁଟ୍

ରସୁଲପୁର,୯।୪(ଡି.ଏନ୍.ଏ.)

କୁଆଖିଆ ବଜାରଠାରେ ମଙ୍ଗଳବାର ଅପରାହ୍ନରେ ବାଇକ୍‌ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଏ ସମ୍ପର୍କରେ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ( ନଂ-୯୪/୧୯) ରୁଜୁ କରିଥିବା ବେଳେ ଏସ୍‌ଆଇ ଦିଲୀପ କାଣ୍ଡି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ପ୍ରକାଶ ଯେ, ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ରବୀନ୍ଦ୍ର ସାମଲ କୁଆଖିଆ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ । ପରେ ବଜାରର ମଧୁବନ ରୋଡଠାରେ ଥିବା ବ୍ୟାଙ୍କ ଏଟିଏମ୍‌କୁ ବାଲାନ୍ସ ଚେକ୍ କରିବାକୁ ଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିବା ରବୀନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି।




*As per TVS Motor Company Limited internal test. However aforesaid mileage is fluctuating in nature depending on several variable factors. #Ex-showroom price Orissa of TVS Victor ES Disc SBT REF BS IV variant. ## Finance at the sole discretion of the financier. Accessories shown may not be part of the standard equipment. ^Paytm offer valid till 30th April 2019. Other terms & conditions apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR**: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. **CUTTACK**: Arnapurna TVS, Ph.: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph.:7735911808. **NAYAGARH:** Kumar TVS, Ph.: 9778728751. **CHANDIKHLOE** : Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/ 9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966 (Showroom); Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.

McCann/Blr/Tvs/435/04/19

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ଏପ୍ରିଲ, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



# ନିର୍ବାଚନ ପ୍ରକ୍ରିୟାର ସମୀକ୍ଷା କଲେ ପର୍ଯ୍ୟବେକ୍ଷକ



ଜିଲାରେ ପହଞ୍ଚିଥିବା ପର୍ଯ୍ୟବେକ୍ଷକ।

**ଯାଜପୁର ଅଫିସ,୯।୪**

ଯାଜପୁର ଜିଲ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ବାଚନ ପାଇଁ ନିୟୋଜିତ ପର୍ଯ୍ୟବେକ୍ଷକମାନେ ଜିଲାରେ ପହଞ୍ଚିବା ପରେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପୂର୍ବରୁ ୩ଜଣ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ପହଞ୍ଚିଥିବାବେଳେ ସୋମବାର ୨ଜଣ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଓ ଜଣେ ପୋଲିସ ପର୍ଯ୍ୟବେକ୍ଷକ ଜିଲାରେ ପହଞ୍ଚିଛନ୍ତି। ମଙ୍ଗଳବାର ଏହି ପର୍ଯ୍ୟବେକ୍ଷକମାନେ ଏନ୍.ସି. କଲେଜସ୍ଥିତ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍‌କୁ ପରିଦର୍ଶନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଏମ୍‌ସିଏମ୍‌ସି କକ୍ଷ ଓ ସମସ୍ତ ରିଟର୍ଣ୍ଣି ଅଫିସରମାନଙ୍କ କକ୍ଷ ମଧ୍ୟ ପରିଦର୍ଶନ କରିଥିଲେ। ଜିଲାପାଳ ତଥା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ତଥା ଜିଲାର ଅନ୍ୟସମସ୍ତ ବରିଷ୍ଠ ଅଧିକାରୀ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ଜିଲାରେ ନିର୍ବାଚନ ବନ୍ଦୋବସ୍ତ ତଥା ନର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟକଳାପ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଏହି ପର୍ଯ୍ୟବେକ୍ଷକଙ୍କୁ ନିର୍ବାଚନ ସମ୍ପର୍କିତ କୌଣସି ଅଭିଯୋଗ ସମ୍ପର୍କରେ ପ୍ରାର୍ଥୀ, ଜନସାଧାରଣ ତଥା ରାଜନୈତିକ ଦଳର କର୍ମକର୍ତ୍ତାମାନେ ଅବଗତ କରାଇପାରିବେ। ବଡ଼ଚଣା, ଧର୍ମଶାଳା, ସୁକିନ୍ଦା ବିଧାନସଭା ଆସନ ପାଇଁ ଦିଲ୍ଲୀପ କୁମାର ସାଧାରଣ ପର୍ଯ୍ୟବେକ୍ଷକ ହୋଇଥିବାବେଳେ ବିଞ୍ଝାରପୁର, ବରୀ, ଯାଜପୁର, କୋରେଇ ପାଇଁ ନୀତେଶ ପାଟିଲ ସାଧାରଣ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ। ଯାଜପୁର ଲୋକ ସଭା ଆସନ ପାଇଁ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକଭାବେ ଗୋପୀ ଧନ୍ତିରେଡି ନିଯୁକ୍ତି ପାଇଛନ୍ତି। ବଡ଼ଚଣା, ଧର୍ମଶାଳା, ସୁକିନ୍ଦା ବିଧାନସଭା ମଣ୍ଡଳୀର ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ଭାବେ ଡି. କୋମାଳି କ୍ରୀଷ୍ଣା ଦାୟିତ୍ୱ ନେଇଛନ୍ତି। ସେହିପରି ବିଞ୍ଝାରପୁର, ବରୀ, ଯାଜପୁର ଓ କୋରେଇ ବିଧାନସଭା ମଣ୍ଡଳୀର ଖର୍ଚ୍ଚତଦାରଖ ପର୍ଯ୍ୟବେକ୍ଷକଭାବେ ଜେ.ପି.ସିଂହ ଓ ଯାଜପୁର ଜିଲା ପୋଲିସ ପର୍ଯ୍ୟବେକ୍ଷକ ଭାବେ ସନ୍ତୋଷ କୁମାର ସିଂ ଦାୟିତ୍ୱ ନେଇଛନ୍ତି। କୌଣସି କ୍ଷେତ୍ରରେ ଆଚରଣ ବିଧିର ଉଲ୍ଲଂଘନ କିମ୍ବା ଅନ୍ୟାନ୍ୟ କୌଣସି ନିର୍ବାଚନ ଜନିତ ଅଭିଯୋଗ ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଯାଇପାରିବ ବୋଲି ଜିଲା ନିର୍ବାଚନ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## ■ ଜିଲା ଯୋଗାଣ ବିଭାଗର ଦୁର୍ନୀତି

# ସାମୂହିକ ବିବୃତି ଦେଇ ଖସି ଯିବାକୁ ମସୁଧା

■ତଦନ୍ତ ନିର୍ଦ୍ଦେଶକୁ ୪ ସପ୍ତାହ ବିତିଲା, ଦାଖଲ ହେଲାନି ତଦନ୍ତ ରିପୋର୍ଟ

■ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି ଚେର

**ଯାଜପୁର ଅଫିସ,୯।୪**

ଯାଜପୁର ଜିଲା ଯୋଗାଣ ବିଭାଗର ଆକାଉଣ୍ଟ ସେକ୍ସନରେ ହୋଇଥିବା ବ୍ୟାପକ ଦୁର୍ନୀତି ଘଟଣାକୁ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ନିଜେ ରଫାଦଫା କରିବାକୁ ମସୁଧା ଚଳାଇଛନ୍ତି। ସମ୍ପୃକ୍ତ ଦୁର୍ନୀତିଖୋର ଅଧିକାରୀଙ୍କୁ ଘଣ୍ଟଘୋଡ଼ାଇବାକୁ ସଂଗ୍ରହ ନୀରିକ୍ଷକ (ପିଆଇ), ହ୍ୟାଣ୍ଡଲିଂ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର (ଲେଭଲ-୧ ଓ ଲେଭଲ-୨) ଏବଂ ମିଲର୍ସଙ୍କୁ ସିଏସ୍‌ଓ କାର୍ଯ୍ୟାଳୟକୁ ଡକାଇ ସାମୂହିକ ଭାବେ ଲିଖିତ ବିବୃତି ନିଆଯାଇଛି । ଏହାକୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଦାଖଲ କରି ଯାଜପୁର ଜିଲା ଯୋଗାଣ ବିଭାଗରେ କୌଣସି ପ୍ରକାର ଦୁର୍ନୀତି ହେଉ ନାହିଁ ବୋଲି ପ୍ରମାଣିତ କରିବାକୁ ଯୋଜନା ହୋଇଛି। ଲକ୍ଷାଧିକ ଟଙ୍କା ଆଦାୟ ହେଉଥିବା ମିଲର୍ସ, ପରିବହନ କଣ୍ଟ୍ରାକ୍ଟର ପ୍ରମୁଖଙ୍କଠାରୁ ବ୍ୟକ୍ତିଗତ ବିବୃତି ରଖି ତଦନ୍ତ କରାଯିବା କଥା। କିନ୍ତୁ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ଭୟରେ ସାମୂହିକ ବିବୃତି ନିଆଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏହି ଦୁର୍ନୀତି ଘଟଣାରୁ ନଜର ହଟାଇବା ଉଦ୍ଦେଶ୍ୟରେ ସିଏସ୍‌ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟଜଣେ ଅଧିକାରୀଙ୍କୁ ଯେକୌଣସି ପ୍ରକାରେ ଫସାଇ ଦେବାକୁ ଉଦ୍ୟମ ହେଉଥିବା ନେଇ ଚର୍ଚ୍ଚା ହେଉଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିଖୋର ଅଧିକାରୀଙ୍କ ପର୍ଦ୍ଦାଫାସ ହୋଇ ପାରନ୍ତା ବୋଲି ମତପ୍ରକାଶ ପାଇଛି।

ସାମାଜିକ କର୍ମୀ ଅକ୍ଷୟ କୁମାର ଦାସ ଗତ ୧।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ବିଭାଗର ଆକାଉଣ୍ଟସ ବିଭାଗରେ ବେଆଇନ ଚାନ୍ଦା ଆଦାୟ ହେଉଥିବା ନେଇ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହିକ୍ରମରେ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୩୮୪୮/୧୩।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଯାଜପୁର ଜିଲା ଯୋଗାଣ ବିଭାଗରେ କାର୍ଯ୍ୟରତ ସହକାରୀ ମ୍ୟାନେଜର (ଆକାଉଣ୍ଟ) ବିପିନ ବିହାରୀ ପ୍ରଧାନ ଅନେକ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ସେ ନିୟୋଜିତ ମିଲର୍ସମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ସମୟରେ ହଇରାଣ କରୁଥିବା ସହିତ ୧ପ୍ରତିଶତ ଅଧିକ ପିସି(ପରସେଣ୍ଟେଜ) ଡିମାଣ୍ଡ କରୁଛନ୍ତି। ସମବାୟ ସମିତିରେ ମିଲର୍ସଙ୍କୁ ଟ୍ୟାଗ କରିବା ସମୟରେ ନିଜ ଇଚ୍ଛାରେ ଅର୍ଥ ଦାବି କରୁଛନ୍ତି। ଏପରି କି ବିନା ଅର୍ଥରେ ସେ କୌଣସି ବିଲ୍ ପାସ କରୁନାହାନ୍ତି। ସେହିପରି ସଂଗ୍ରହ ନୀରିକ୍ଷକ(ପିଆଇ), ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟର, ଲେଭଲ-୧ ଓ ଲେଭଲ-୨ ଠିକାଦାରଙ୍କୁ ବ୍ଲାକମେଲିଂ କରି ନିଗମ ମୁଖ୍ୟକାର୍ଯ୍ୟାଳୟର ଉଚ୍ଚପଦସ୍ଥ ଅଧିକାରୀଙ୍କ ନାମରେ ମାସିକ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଛି ବୋଲି ସାମାଜିକ କର୍ମୀ ଦାସ ଅଭିଯୋଗ ଆଣିଥିଲେ। ଏଭଳି ଅନେକ ଦୁର୍ନୀତିରେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ଯେତେ ଅଭିଯୋଗ ହେଲେ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତ କରି ସେ ମୁକୁଳି ଯାଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ ଏକ ସ୍ୱତନ୍ତ୍ର ଟିମ କିମ୍ବା ଭିଜିଲାନ୍ସ ଜରିଆରେ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରିବ ବୋଲି ଅଭିଯୋଗକାରୀ ଦାବି କରିଥିଲେ। ଅଭିଯୋଗକୁ ଭିତ୍ତି କରି ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ନିର୍ଦ୍ଦେଶକୁ ଇତିମଧ୍ୟରେ ଏକ ମାସ ପୁରିବାକୁ ବସିଥିଲେ ହେଁ ଏଯାଏ ତଦନ୍ତ ରିପୋର୍ଟ ଦାଖଲ ହୋଇପାରି ନାହିଁ। ବରଂ ଏହି ଅଭିଯୋଗରୁ କିଭଳି ମୁକୁଳାଯାଇ ପାରିବ ସେ ନେଇ ନିଜେ ତଦନ୍ତାଧିକାରୀ ସିଏସ୍‌ଓ ବ୍ୟକ୍ତିଗତ ଲିଖିତ ବିବୃତି ନ ନେଇ ସାମୂହିକ ଭାବେ ମିଲର୍ସ, ପରିବହନ କଣ୍ଟ୍ରାକ୍ଟର, ପିଆଇ ପ୍ରମୁଖଙ୍କୁ ଡକାଇ ଏକ ଲିଖିତ ବିବୃତିରେ ସ୍ୱାକ୍ଷର ନେଇଥିବା ସୂଚନା ମିଳିଛି। ଏସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି କାହିଁକି ତରତର ହେଉଛନ୍ତି ରିପୋର୍ଟ ଠିକ୍ ସମୟରେ ଦିଆଯିବ। ଏନେଇ ସୁଚାରୁରୂପେ ପ୍ରକ୍ରିୟା ପ୍ରାୟ ଶେଷ ହୋଇଛି ବୋଲି ସେ କହିଛନ୍ତି।

# ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା: ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଚଣ୍ଡିଖୋଲ,୯।୪(ଡି.ଏନ୍.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ବାତୋ ଗ୍ରାମରେ ମଙ୍ଗଳବାର ନଜମୁଲ୍ ଖାଁଙ୍କ ସ୍ତ୍ରୀ ସାବିନା ବିବି (୨୭) ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଅପରପକ୍ଷେ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସାବିନାଙ୍କ ବାପ ଘରଲୋକେ ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ବିବାହର କିଛିବର୍ଷ ପରେ ସାବିନାଙ୍କୁ ଶାଶୁ ଘରଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଥାନା ଅଧିକାରୀ ଦୀପକ ଜେନା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୬ ବର୍ଷ ତଳେ କଟକ ଜିଲାର ସାଲେପୁର ଅଞ୍ଚଳର ସାବିନା ନଜମୁଲଙ୍କୁ ବିବାହ କରିଥିଲେ।

# ବିଦ୍ୟାଳୟକୁ ବିଭିନ୍ନ ସାମଗ୍ରୀ ପ୍ରଦାନ

**କାଳିଆପାଣି, ୯।୪(ଡି.ଏନ୍.ଏ.)**

ଇମ୍ଫା କମ୍ପାନୀ କଲୋନୀ ପରିସରରେ ଥିବା ପ୍ରେରଣା ମହିଳା କ୍ଲବ ପକ୍ଷରୁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତ ଅନ୍ତର୍ଗତ ବଳଦିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଫ୍ୟାନ, ବ୍ୟାଗ, ର୍ୟାକ ଓ ୱାଟର ଫିଲ୍ଟର ପ୍ରଦାନ କରାଯାଇଛି। ଏହ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେରଣା କ୍ଲବ ସଭାପତି ଅନୀତା ପାଟନୀ ମୁଖ୍ୟ ଅତିଥିଭାବେ ସମସ୍ତ ସାମଗ୍ରୀ ପ୍ରଦାନ କରିଥିଲେ। କ୍ଲବର ସହ ସମ୍ପାଦିକ ସୁଚିସ୍ମିତା ସ୍ୱାଇଁ ଓ ବନ୍ଦନା ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଣି ଉପସଭାପତି ସୁଧାଂଶୁ ପାଟନୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ଶେଷ ଦିବସରେ ୨୪ଜଣଙ୍କ ନାମାଙ୍କନପତ୍ର ଦାଖଲ

■ଭାଜପାରୁ ଅମିୟ, ବିଜେଡିରୁ ପ୍ରୀତିରଞ୍ଜନ ଓ ଅଶୋକ,ବିଏସ୍‌ପିରୁ କାଜଲ

■କଂଗ୍ରେସରେ ୨ ଜଣ ପ୍ରାର୍ଥୀ

**ଯାଜପୁର ଅଫିସ,୯।୪**

୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ମଙ୍ଗଳବାର ଶେଷ ଦିନରେ ୩ଜଣ ଲୋକ ସଭା ପ୍ରାର୍ଥୀ ଓ ୨୧ ଜଣ ବିଧାନସଭା ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ ବିଶାଳ ଶୋଭାଯାତ୍ରାରେ ଆସିଥିବାରୁ ସହର ଏକ ପ୍ରକାର ପ୍ରକମ୍ପିତ ହୋଇ ଉଠିଥିଲା। ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭାଜପା ଜିଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ବିରଜା ମନ୍ଦିରରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ଭାସ୍କର ଜେନା, ଜିଲା ସହପ୍ରଭାରୀ ପ୍ରତାପ ମିଶ୍ର, ରମେଶଚନ୍ଦ୍ର ସାମଲ, ସୁଦିପ୍ତ ପଣ୍ଡା, ମନ୍ମଥ ବରାଳ, ଉଦୟନାଥ ସାହୁ ପ୍ରମୁଖଙ୍କ ସହ ବହୁସଂଖ୍ୟକ ଭାଜପା କର୍ମୀ ଉପସ୍ଥିତ ଥିଲେ। ସେହିପରି ଯାଜପୁର ଲୋକ ସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଭିକାରି ଚରଣ ଦାସ, ଜୟପ୍ରକାଶ ଜନତା ଦଳ ପକ୍ଷରୁ ଶଙ୍କର ବେହେରା, ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ ଅଶୋକ କୁମାର ଜେନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଏସ୍‌ପି ପକ୍ଷରୁ ରଶ୍ମିତା ଜେନା, ସ୍ୱାଧୀନ ପ୍ରାର୍ଥୀ ଭାବେ ଅଜୟ କୁମାର ମଲ୍ଲିକ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବରୀ ନିର୍ବାଚନମଣ୍ଡଳୀ ପାଇଁ ବିଏସ୍‌ପି ପକ୍ଷରୁ ରୋହିତ କୁମାର ମଲ୍ଲିକ ପ୍ରାର୍ଥୀ ପତ୍ର ଦାଖଲ କରିଥିବାବେଳେ ଯାଜପୁର ନିର୍ବାଚନମଣ୍ଡଳୀରୁ ସମତା କ୍ରାନ୍ତିଦଳ ପକ୍ଷରୁ ସନ୍ତୋଷ କୁମାର ବଂଶୀ, କଳିଙ୍ଗସେନା ପକ୍ଷରୁ ଆଦିତ୍ୟ ପ୍ରତାପ ଧୀର ଦେଓ, ଓଡ଼ିଶା ପ୍ରଗତି ଦଳରୁ ଜୟନ୍ତୀ ରାଉତ, ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ଅଜୟ କୁମାର ସାମଲ ତାଙ୍କ ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ବଡ଼ଚଣା ପାଇଁ ବିଏସ୍‌ପି ପକ୍ଷରୁ ଉମାକାନ୍ତ ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀଭାବେ ଜତିନ୍ଦ୍ର କୁମାର ସାହୁ, ଭାଗ୍ୟଧର ବିଶ୍ୱାଳ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ କିଷାନ ପଣ୍ଡା ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ବରୁ କଂଗ୍ରେସରୁ ସ୍ମୃତିରେଖା ପହି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଇଶ୍ୱରଚନ୍ଦ୍ର ପ୍ରଧାନ, ଆମ୍ବେଡକର କଂଗ୍ରେସ ପକ୍ଷରୁ ପ୍ରିୟଦର୍ଶନ ଧୀର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଜିଲାରେ ପ୍ରଥମ କରି ଜଣେ କିନ୍ନର ଭାବେ କାଜଲ କୋରେଇ ନିର୍ବାଚନ ମଣ୍ଡଳୀରୁ ବିଏସ୍‌ପି ପକ୍ଷରୁ ବହୁ ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଧୀରେନ୍ଦ୍ର ନାୟକ ଓ ବିଜେଡି ପକ୍ଷରୁ ଅଶୋକ କୁମାର ବଳ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ଶେଷ ଦିନରେ ୫ଜଣ ପ୍ରାର୍ଥୀ ଦାଖଲ କରିଥିବାବେଳେ ବିଜେଡି ପକ୍ଷରୁ ପ୍ରିତିରଞ୍ଜନ ଘଡ଼େଇ, ବିଏମ୍‌ପି ପକ୍ଷରୁ ବ୍ରଜମୋହନ ହେମ୍ବ୍ରମ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଶୋକ କୁମାର ବେହେରା, ଉମେଶ ଚନ୍ଦ୍ର ଖିଲାର, ସନ୍ଦିପ ଚକ୍ର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।



ଯାଜପୁର ଲୋକ ସଭା ଆସନ ପାଇଁ ଭାଜପାରୁ ଅମିୟକାନ୍ତ ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ଧର୍ମଶାଳାରୁ କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



କୋରେଇ ନିର୍ବାଚନମଣ୍ଡଳୀ ପାଇଁ ବିଏସ୍‌ପିରୁ କିନ୍ନର କାଜଲଙ୍କ ନାମାଙ୍କନ ପତ୍ର ଦାଖଲ।



ସୁକିନ୍ଦାରୁ ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡେଇଙ୍କ ନାମାଙ୍କନ ପତ୍ର ଦାଖଲ।



କୋରେଇ ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଅଶୋକ ବଳଙ୍କ ନାମାଙ୍କନ ଦାଖଲ।





ବଡଚଣାରୁ କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲଙ୍କ ନାମାଙ୍କନ ପତ୍ର ଦାଖଲ।

## ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ

| | | |
|---|---|---|
| ୧ | ସୁବାସ ମଲ୍ଲିକ | ଏସ୍‌ୟୁସିଆଇ(ସି) |
| ୨ | ଭୀମସେନ୍ ବେହେରା | ଫ୍ରି ଥଟ୍ ପାର୍ଟି |
| ୩ | ମାନସ ଜେନା | କଂଗ୍ରେସ |
| ୪ | ଶର୍ମିଷ୍ଠା ସେଠୀ | ବିଜେଡି |
| ୫ | ରଞ୍ଜିତ ମଲ୍ଲିକ | ବହୁ ଜନମୁକ୍ତି ପାର୍ଟି |
| ୬ | ତିଲୋତ୍ତମା ସେଠୀ | ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ |
| ୭ | ଅମିୟକାନ୍ତ ମଲ୍ଲିକ | ଭାଜପା |
| ୮ | ଅଶୋକ କୁମାର ଜେନା | ବିଏସ୍‌ପି |
| ୯ | ସୁନାକର ବେହେରା | ଜୟ ପ୍ରକାଶ ଜନତା ଦଳ(ଜେଡିଜେପି) |
| ୧୦ | ଭିକାରି ଚରଣ ଦାସ | ଆଇଏନ୍‌ଡି |

## ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ

### ବରୀ

| | | |
|---|---|---|
| ୧ | ବିଶ୍ୱ ରଞ୍ଜନ ମଲ୍ଲିକ | ଭାଜପା |
| ୨ | ଉମେଶ ଚନ୍ଦ୍ର ଜେନା | କଂଗ୍ରେସ |
| ୩ | ମନୋରଞ୍ଜନ ପତି | ସ୍ୱାଧୀନ |
| ୪ | ଅକ୍ଷୟ କୁମାର କର | କୃପା ପାର୍ଟି |
| ୫ | ସୁନନ୍ଦା ଦାସ | ବିଜେଡି |
| ୬ | ଅସିତ୍ ରାୟ | ହିନ୍ଦୁସ୍ଥାନ ନିର୍ମାଣ |
| ୭ | ରୋହିତ କୁମାର ମଲ୍ଲିକ | ବିଏସ୍‌ପି |

### ଯାଜପୁର

| | | |
|---|---|---|
| ୧ | ପ୍ରଣବ ପ୍ରକାଶ ଦାସ | ବିଜେଡି |
| ୨ | ପ୍ରଦୀପ କୁମାର ବେହୁରିଆ | ସ୍ୱାଧୀନ |
| ୩ | ଗୌତମ ରାୟ | ଭାଜପା |
| ୪ | ସନ୍ତୋଷ କୁମାର ନନ୍ଦ | କଂଗ୍ରେସ |
| ୫ | ସନ୍ତୋଷ ସୂର୍ଯ୍ୟବଂଶୀ | ସମତାକ୍ରାନ୍ତି |
| ୬ | ଆଦିତ୍ୟ ପ୍ରତାପ ଧୀରଦେଓ | କଳିଙ୍ଗସେନା |
| ୭ | ଜୟନ୍ତ ରାଉତ | ଓଡ଼ିଶା ପ୍ରଗତି ଦଳ |

### ବଡ଼ଚଣା

| | | |
|---|---|---|
| ୧ | ଅମର କୁମାର ନାୟକ | ଭାଜପା |
| ୨ | ମୃତ୍ୟୁଞ୍ଜୟ ପ୍ରସାଦ ପରିଡା | ସ୍ୱାଧୀନ |
| ୩ | ଦୀପକ ସାହୁ | କଳିଙ୍ଗସେନା |
| ୪ | ଅମର ପ୍ରସାଦ ଶତପଥୀ | ବିଜେଡି |
| ୫ | ଅଜୟ କୁମାର ସାମଲ | କଂଗ୍ରେସ |
| ୬ | ଉମାକାନ୍ତ ମଲ୍ଲିକ | ବିଏସ୍‌ପି |
| ୭ | ଯତୀନ୍ଦ୍ର କୁମାର ସାହୁ | ସ୍ୱାଧୀନ |
| ୮ | ଭାଗ୍ୟଧର ବିଶ୍ୱାଳ | ସ୍ୱାଧୀନ |

### ସୁକିନ୍ଦା

| | | |
|---|---|---|
| ୧ | ଶରତ ରାଉତ | କଂଗ୍ରେସ |
| ୨ | ଦ୍ୱିଜେନ୍ଦ୍ର କୁମାର ଘୋଷ | ସ୍ୱାଧୀନ |
| ୩ | ଯଦୁମଣି ମହାନ୍ତ | କଳିଙ୍ଗ ସେନା |
| ୪ | ଦୀପକ ନାୟକ | ଆମ୍ବେଡ୍‌କର ଜାତୀୟ କଂଗ୍ରେସ |
| ୫ | ପ୍ରଦୀପ ବଳସାମନ୍ତ | ଭାଜପା |
| ୬ | ଶୁଭକାନ୍ତ ମହାନ୍ତି | ସ୍ୱାଧୀନ |
| ୭ | ଅଶୋକ କୁମାର ବେହେରା | ସ୍ୱାଧୀନ |
| ୮ | ପ୍ରୀତି ରଞ୍ଜନ ଘଡ଼େଇ | ବିଜେଡି |
| ୯ | ଉମେଶ ଚନ୍ଦ୍ର ଖିଲାର | ସ୍ୱାଧୀନ |
| ୧୦ | ସନ୍ଦୀପ ଚକ୍ର | ସ୍ୱାଧୀନ |
| ୧୧ | ବ୍ରଜମ ମୋହନ ହେମ୍ବ୍ରମ | ବିଏମ୍‌ପି |

### ଧର୍ମଶାଳା

| | | |
|---|---|---|
| ୧ | ମଧୁମିତା ସାହୁ | ଏସ୍‌ୟୁସିଆଇ |
| ୨ | ପ୍ରଣବ ବଳବନ୍ତରାୟ | ବିଜେଡି |
| ୩ | ହରମୋହନ କର | କୃପା ପାର୍ଟି |
| ୪ | ସ୍ମୃତିରେଖା ପହି | କଂଗ୍ରେସ |
| ୫ | ରାମଚନ୍ଦ୍ର ସିଂ | ସ୍ୱାଧୀନ |
| ୬ | ରମେଶ ଚନ୍ଦ୍ର ପରିଡ଼ା | ଭାଜପା |
| ୭ | ଦେବବ୍ରତ ରାଉତ | ବିଏସ୍‌ପି |
| ୮ | ରବୀନ୍ଦ୍ର ଧୀର | କଳିଙ୍ଗସେନା |
| ୯ | କିଷାନ ପଣ୍ଡା | କଂଗ୍ରେସ |
| ୧୦ | ଈଶ୍ୱର ଚନ୍ଦ୍ର ପ୍ରଧାନ | ଅଖିଳ ଭାରତ ହିନ୍ଦୁ ମହାସଭା |
| ୧୧ | ପ୍ରିୟଦର୍ଶନ ଧୀର | ଆମ୍ବେଡ଼କର ଜାତୀୟ କଂଗ୍ରେସ |

### କୋରେଇ

| | | |
|---|---|---|
| ୧ | ବିଶ୍ୱଜିତ୍ ନାୟକ | ଭାଜପା |
| ୨ | ବିଶ୍ୱଜିତ୍ ମହାନ୍ତି | ସ୍ୱାଧୀନ |
| ୩ | ବନ୍ଦିତା ପରିଡ଼ା | କଂଗ୍ରେସ |
| ୪ | ରାମଚନ୍ଦ୍ର ବାରିକ | ସ୍ୱାଧୀନ |
| ୫ | କାଜଲ କିନ୍ନର | ବିଏସ୍‌ପି |
| ୬ | ଅଶୋକ କୁମାର ବାଲ୍ | ବିଜେଡି |
| ୭ | ଧୀରେନ୍ଦ୍ର ନାୟକ | ଅଖିଳ ଭାରତୀୟ ହିନ୍ଦୁ ମହାସଭା |

### ବିଞ୍ଝାରପୁର

| | | |
|---|---|---|
| ୧ | ରାଧାବଲ୍ଲଭ ମଲିକ | ଏସ୍‌ୟୁସିଆଇ |
| ୨ | ମନୋରଞ୍ଜନ ଦାସ | କଂଗ୍ରେସ |
| ୩ | ବବିତା ମଲ୍ଲିକ | ଭାଜପା |
| ୪ | ପ୍ରମିଳା ମଲ୍ଲିକ | ବିଜେଡି |
| ୫ | ଅଜୟ କୁମାର ମଲ୍ଲିକ | ସ୍ୱାଧୀନ |
| ୬ | ରଶ୍ମିତା ଜେନା | ବିଏସ୍‌ପି |




# ସରିଲା ନାମାଙ୍କନପତ୍ର ଦାଖଲ, ଏବେ କଡ଼ା ଟକ୍କର

**ଯାଜପୁର ଅଫିସ,୯।୪**

ରାଜ୍ୟର ବିଜେଡି ଗଡ଼ ଭାବେ ପରିଚିତ ଯାଜପୁର ଲୋକ ସଭା ଆସନରୁ ଏଥର ୧୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଲୋକ ସଭା ଅଧିନରେ ଥିବା ୭ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୫୭ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସୁକିନ୍ଦା ଓ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସର୍ବାଧିକ ୧୧ ଜଣ ଲେଖାଏ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧୧ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ହେବାପରେ କିଏ କେଉଁଠି ନିର୍ବାଚନ ଲଢ଼ିବେ ତାହା ସ୍ପଷ୍ଟ ହୋଇଯିବ। ଏଥର ଲୋକ ସଭା ପାଇଁ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ, ଭାଜପା ପ୍ରାର୍ଥୀ ଅମିୟ ମଲିକ ଓ କଂଗ୍ରେସ ପ୍ରାର୍ଥୀ ମାନସ ଜେନାଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିବା ଚର୍ଚ୍ଚା ହେଉଛି। ଶର୍ମିଷ୍ଠା ଓ ମାନସ ନୂଆ ମୁହଁ। ଅମିୟ ପୂର୍ବରୁ ଭାଜପାରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଛନ୍ତି। ରାଜନୀତି


ଶର୍ମିଷ୍ଠା ସେଠୀ


ଅମିୟ ମଲିକ


ମାନସ ଜେନା

ଦୃଷ୍ଟିକୋଣରୁ ଅମୀୟ ପରିପକ୍ୱ। ଶର୍ମିଷ୍ଠା ଜଣେ ପ୍ରଶାସନିକ ଅଧିକାରିଣୀ ଭାବେ ବେଶ ପରିଚିତ ଥିବାବେଳେ କଂଗ୍ରେସର ମାନସ ଜେନାଙ୍କ ସାଂଗଠନିକ କ୍ଷମତା ରହିଥିବା ଜଣାପଡିଛି।

ଏଥର ଯାଜପୁର ଲୋକ ସଭା ଆସନର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ସାଜିବେ ୧୪ଲକ୍ଷ ୪୩ ହଜାର ୫୭୭ ଭୋଟର। କିନ୍ତୁ ଚଳିତ ନିର୍ବାଚନରେ ସ୍ଥିତି ଭିନ୍ନ ରହିଛି। ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ରାଜନୀତିରେ ନୂଆ ହୋଇଥିଲେ ହେଁ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକହିତକର ଯୋଜନାକୁ ପାଥେୟ କରି ସେ ବିଜୟୀ ହେବାକୁ ଆଶା ବାନ୍ଧିଛନ୍ତି। ଜିଲାର ୭ଟି ଯାକ ନିର୍ବାଚନମଣ୍ଡଳୀରେ ଭାଜପାର ବିଶେଷ ସଂଗଠନ ନ ଥିଲେ ହେଁ ଅମିୟ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ବୁଲି ପ୍ରଚାର ଚଳାଇଛନ୍ତି। ମୋଦି ହାୱାକୁ ଅସ୍ତ୍ର କରି ସେ ନିର୍ବାଚନୀ ବୈତରଣୀ ପାର ହେବାକୁ ଯୋଜନା ରଖିଛନ୍ତି। ସେହିପରି କଂଗ୍ରେସର ମାନସ ଜେନା ନୂଆଁ ଚେହେରା ହୋଇଥିଲେ ମଧ୍ୟ ଜାତୀୟ ଦଳ ଭାବେ କଂଗ୍ରେସର ଦଳୀୟ ଭୋଟ ଉପରେ ତାଙ୍କର ନଜର ରହିଛି। ହେଲେ ସାଂଗଠନିକ ଦୃଷ୍ଟିକୋଣରୁ କଂଗ୍ରେସ ଦୁର୍ବଳ ଅବସ୍ଥାରେ ରହିଥିବାରୁ ବିଜେଡି ଓ ଭାଜପା ସହିତ ମୁକାବିଲା କରିବାରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏହି ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

- ସୁକିନ୍ଦା, ଧର୍ମଶାଳାରେ ସର୍ବାଧିକ ୧୧ ଜଣ ଲେଖାଏ ପ୍ରାର୍ଥିପତ୍ର ଦାଖଲ
- ଲୋକସଭାରେ ୧୦ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

# ଧର୍ମଶାଳା ବିଜେଡିରେ ମିଶ୍ରଣ ପର୍ବ


ବିଧାୟକ ବଳବନ୍ତ ରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିବା ବିଭିନ୍ନ ଦଳର କର୍ମୀ।

**ଧର୍ମଶାଳା,୯।୪(ଡି.ଏନ୍.ଏ)**

ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳରେ କର୍ମୀ ମାନଙ୍କ ମିଶ୍ରଣ ପ୍ରକ୍ରିୟା ଜାରି ରହିଛି। ଏକ୍ଷେତ୍ରରେ ଧର୍ମଶାଳା ବିଜେଡି ବହୁ ଆଗରେ ରହିଛି। ଏହି ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳର କର୍ମୀମାନେ ବିଜେଡି ଉପରେ ଆସ୍ଥା ପ୍ରକଟ କରୁଥିବା ଦେଖାଯାଉଛି। ମଙ୍ଗଳବାର ଧର୍ମଶାଳା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଧର୍ମଶାଳା ବିଜେଡି ମିଡିଆ ସେଲ୍ ଅଧ୍ୟକ୍ଷ ସଂଗ୍ରାମ ଜେନାଙ୍କ ସୂଚନା ଅନୁସାରେ ଅରାବଳ ପଞ୍ଚାୟତର ଭାଜପା ଓ ଅନ୍ୟଦଳର ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଯୁବନେତା କଳ୍ପତରୁ ପଣ୍ଡା ଓ ବିଜେଡି ଆଇଟି ୱିଙ୍ଗର ସଂଯୋଜକ ଅମରେଶ ଦାସଙ୍କ ନେତୃତ୍ୱରେ ବହୁ କର୍ମୀ ଦଳରେ ସାମିଲ ହୋଇ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରିଥିଲେ। ଭାଜପା ଜିଲା କାର୍ଯ୍ୟକାରୀ ସଭ୍ୟ କ୍ଷୀରୋଦ କୁମାର ଦାସ, ମନୋଜ କୁମାର ଦାସ, ସୁରେଶ କୁମାର ଦାସ, ଜିତନ୍ ସେଠୀ, ନନ୍ଦ କିଶୋର ମଲ୍ଲିକ, ଅଜୟ ନାୟକ, ବିନୋଦ ସାମଲ, ଦୋଳଗୋବିନ୍ଦ ମଲ୍ଲିକ, ସରୋଜ ସେଠୀ, ମନୋଜ କୁମାର ଦାସ, ହଳଧର ବେହେରା , ନିରଞ୍ଜନ ମଲିକ, ବିପିନ ବିହାରି ଦାସ, ରାଜ କିଶୋର ବାରିକ, ଅର୍ଜୁନ ଦାସ, ଜିତେନ୍ଦ୍ର ସାମଲ, ବିଶ୍ୱଜିତ ସାମଲ, ଭରତ ଦାସଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଜିଲା ବିଜେଡି ନିର୍ବାଚନମଣ୍ଡଳୀର ସଭାପତି ଜଳଧର ମହାନ୍ତି, ବରିଷ୍ଠ ନେତା ଜଳଧର ସାହୁ, ଶରତ ନାୟକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ କ୍ଷୀତିଶ ନାୟକ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ■ ନାମାଙ୍କନ ଶୋଭାଯାତ୍ରାକୁ ନେଇ ଚିନ୍ତାରେ ବିଜେଡି

# ବିଜେଡି, କଂଗ୍ରେସ ଅସନ୍ତୋଷରୁ ଫାଇଦା ଲକ୍ଷ୍ୟରେ ଭାଜପା

**ଯାଜପୁର ଅଫିସ,୯।୪**

ଯାଜପୁର ଜିଲାରେ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜନେତା ଓ ପ୍ରାର୍ଥୀମାନେ ସକ୍ରିୟ ହୋଇ ଉଠିଛନ୍ତି। ଗଳିକନ୍ଦିରେ ଘୁରି ବୁଲୁଛନ୍ତି ପ୍ରାର୍ଥୀ ଓ ସମର୍ଥକ। କିଏ ରୋଡଶୋ କରି ନିଜ ଶକ୍ତି ପ୍ରଦର୍ଶନ କରୁଛି ତ ଆଉ କିଏ ଘର ଘର ବୁଲି ଭୋଟରଙ୍କ ମନ କିଣିବାକୁ ଚେଷ୍ଟା କରୁଛନ୍ତି। ଇତିମଧ୍ୟରେ ଜିଲାର ୭ନିର୍ବାଚନମଣ୍ଡଳୀର ପ୍ରମୁଖ ହେଭିୱେଟ ନେତାମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ଶୋଭାଯାତ୍ରା କରି ନିଜର ପତିଆରା ଦେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ଯାଜପୁର ବିଧାନସଭା ଆସନ ପାଇଁ ଲଢୁଥିବା ଭାଜପାର ଗୌତମ ରାୟଙ୍କ ବିଶାଳ ଶୋଭାଯାତ୍ରା ବିଜେଡିକୁ ଚିନ୍ତିତ କରିଛି। ସେହିପରି ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପ୍ରୀତିରଞ୍ଜନ ଘଡ଼େଇଙ୍କ ଶୋଭାଯାତ୍ରା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନୂତନ ରଣନୀତି ପ୍ରସ୍ତୁତ କରିବାକୁ ବାଧ କରିଛି। ତେବେ ଜିଲାରେ ବିଜେଡି ଓ କଂଗ୍ରେସରେ ରହିଥିବା ଅସନ୍ତୋଷରୁ ଭାଜପା ଫାଇଦା ଲକ୍ଷ୍ୟରେ ରହିଥିବା ଚର୍ଚ୍ଚା ହେଉଛି।


ନାମାଙ୍କନ ଶୋଭାଯାତ୍ରାରେ ସାମିଲ ନେତା ଓ କର୍ମୀ।

ଯାଜପୁର ଜିଲାର କୋରେଇ ଓ ବରୀ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବଦଳାଯିବା ପରେ ଦଳରେ ବିରୋଧାଭାସ ଦେଖାଦେଇଛି। ଏଥିରେ ଯାଜପୁର ବିଧାୟକଙ୍କ ହାତ ରହିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ପୂର୍ବରୁ କୋରେଇରେ ପ୍ରାର୍ଥୀ ହେବାକୁ ଯୋଜନା କରି ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ବୁଥସ୍ତରୀୟ କମିଟି ଗଠନ ଓ ପ୍ରଚାର ସ୍ଥାନୀୟ କର୍ମୀମହଲରେ ମଧ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏନେଇ ଖୋଲାଖୋଲି କେହି ପ୍ରତିବାଦ କରୁ ନ ଥିଲେ ହେଁ ଦଳ ଭିତରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢି ଚାଲିଛି। ବିଧାୟକ ଆକାଶ ଦାସନାୟକଙ୍କୁ ଟିକେଟ ନ ମିଳିବାରୁ କୋରେଇରେ ବିଜେଡି ଫାଳଫାଳ ହୋଇଛି। ଏମାନଙ୍କୁ ଏକଜୁଟ କରିବାରେ କୋରେଇ ବିଜେଡି ପ୍ରାର୍ଥୀ ଅଶୋକ ବଳ ଏଯାବତ ସଫଳ ହୋଇ ପାରି ନ ଥିବା ଦଳୀୟ କର୍ମୀ ମହଲରେ ପ୍ରକାଶ ପାଉଛି। କେତେକ ଯୁବକଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ବିଭିନ୍ନ ଶୋଭାଯାତ୍ରାରେ ସଂଖ୍ୟା ବୃଦ୍ଧି କରିବାରେ ଅଶୋକ କେବଳ ପ୍ରୟାସ ଜାରି ରଖିଥିବା କୁହାଯାଉଛି। ଯାଜପୁର ଓ କୋରେଇରେ ଏଭଳି ଅସନ୍ତୋଷର ଫାଇଦା ନେବାକୁ ଭାଜପା ପ୍ରାର୍ଥୀ ଗୌତମ ଓ ବିଶ୍ୱଜିତ ନାୟକ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି। ବିଧାୟକ ବବି ତାଙ୍କ ୧୦ ବର୍ଷ ମଧ୍ୟରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଏବଂ ବିଜେଡି ସରକାରଙ୍କ ସଫଳତାକୁ ପ୍ରସଙ୍ଗ କରି ଭୋଟରଙ୍କୁ କର୍ମୀମାନଙ୍କ ମଧ୍ୟମରେ ଭେଟୁଛନ୍ତି। ଭାଜପା ପ୍ରାର୍ଥୀ ଗୌତମ ମୋଦି ହାୱା, ଭାଜପାର ପରିବର୍ତ୍ତନ ଲହର ଏବଂ ତାଙ୍କର ନିଜ ସଂଗଠନ ଉପରେ ଭରସା କରି ଭୋଟଭିକ୍ଷା କରୁଛନ୍ତି। ତେବେ ବବି-ଗୌତମଙ୍କ ମଧ୍ୟରେ ଏଥର କଡ଼ା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ଗତ ନିର୍ବାଚନର ଫଳାଫଳ ସହିତ ଏଥର କୌଣସି ସମ୍ପର୍କ ରହିବ ନାହିଁ ବୋଲି ମଧ୍ୟ ରାଜନୈତିକ ବିଶେଷଜ୍ଞମାନେ ମତ ରଖୁଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ଦଳୀୟ ଭୋଟ ବ୍ୟାଙ୍କ ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ରତ୍ନଗିରି,୯।୪(ଡି.ଏନ.ଏ.):** ବରୀପଞ୍ଚାୟତ ଅଧୀନ ବାଗଦା ଗ୍ରାମର ସ୍ନେହଲତା ମହାନ୍ତି (୮୩)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସ୍ନେହଲତା ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତା ମହାନ୍ତି ନିଜର ସଂସ୍କାରମୂଳକ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ। ମୃତଦେହ ବରୀରେ ପହଞ୍ଚିବା ପରେ ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

**BOARD OF REVENUE : ODISHA : CUTTACK**
**(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)**

No.VIIA-02/2017- 1864/Niz., Date.09.04.2019

**QUOTATION / TENDER CALL NOTICE**

Sealed Quotation / Tenders are invited from interested reputed Travel Agencies / Tour Operators or Private individuals for providing 02 (two) indigo-eCS model Diesel driven cars for the Addl. Commissioner in the Addl. Revisional Court at Bhubaneswar having sitting capacity not more than ten including driver, which shall conform to the Terms & Conditions for Official use on monthly rent basis. The Tender / Quotation Notice in this regard has already been published in the website of Board of Revenue, Odisha (www.boardodisha.nic.in).

The interested parties may refer the website for detail terms and conditions for submission of Tender / Quotations to the Deputy Secretary, Nizarat, Board of Revenue on or before 22.04.2019 by 2:00 P.M.

By Order of the Secretary,
Board of Revenue, Odisha, Cuttack.
**Sd./- Deputy Secretary (Niz.)**

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ବାସୁଦେବ ସାହୁ**

ଆବିର୍ଭାବ - ୨୪.୦୫.୧୯୪୦
ତିରୋଧାନ- ୨୧.୦୩.୨୦୧୮

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା ଆପଣଙ୍କ ଅନୁପସ୍ଥିତି ସମସ୍ତେ ମନେପକାଉଛୁ । ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ-
ସାହୁ ପରିବାର, ଆତ୍ମୀୟ ସ୍ୱଜନ ଏବଂ ପ୍ରିୟଜନବୃନ୍ଦ

ଧ-୧୨୦୫୨

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି କର୍ମଚାରୀ ଗୁରୁତର

**ଛତିଆ,୯।୪(ଡି.ଏନ୍.ଏ.):** ଛତିଆ ବିଦ୍ୟୁତ୍ ସେକ୍ସନ ଅଧୀନ ନେଳିଆ ପଞ୍ଚାୟତ ନେଳିଆ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ବିଦ୍ୟୁତ୍ ବିଭାଗ କର୍ମଚାରୀ ରମାକାନ୍ତ ରାଉତ (୪୫)। ସ୍ଥାନୀୟ ଲୋକେ ରମାକାନ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ନେଳିଆ ଗ୍ରାମର ପୋଖରୀ ହୁଡ଼ାଠାରେ ଥିବା ସବ୍‌ଷ୍ଟେସନରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଗ୍ରାମ ଭିତରକୁ ଯାଇଥିବା ଏଲ୍‌ଟି ଲାଇନ୍ ସଜାଡୁଥିଲେ। ହଠାତ୍ ଇଣ୍ଟ୍ୟୁସ୍‌ଡ ଇଲେକ୍ଟ୍ରିକ୍ କରେଣ୍ଟ ସଂଯୋଗ ହୋଇଯିବାରୁ ରମାକାନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ଗୋଡ଼ରେ କରେଣ୍ଟ ଲାଗିବାରୁ ତଳେ ପଡ଼ିଯାଇଥିଲେ। କାର୍ଯ୍ୟରତ ଦାୟିତ୍ୱହୀନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୌଭାଗ୍ୟ ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ, ଟ୍ରାନ୍ସଫର୍ମର ମେନ୍‌ସୁଇଚ୍ ବନ୍ଦ ଥିଲା। ହଠାତ୍ ଇଣ୍ଟ୍ୟୁସ୍‌ଡ ଇଲେକ୍ଟ୍ରିକ୍ କରେଣ୍ଟ ସଂଯୋଗ ହେବାରୁ ରମାକାନ୍ତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବା କହିଥିଲେ।

# ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଇତିଶ୍ରୀ

**ଚଣ୍ଡିଖୋଲ,୯।୪(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୯ ନଂ. ଜୋନର ଜିଲାପରିଷଦ ସଭ୍ୟା ଇତିଶ୍ରୀ ସାମଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ଭାବେ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ଗତ ୭ ତାରିଖରେ ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଇତିଶ୍ରୀ ପୂର୍ବରୁ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲାବେଳେ ୨ ଥର ଜିଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଗତ କିଛିଦିନ ହେବ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବିରୋଧ କରି ଆସୁଥିବାବେଳେ ଏବେ ଅମରଙ୍କ ସହ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ଇତିଶ୍ରୀ ସୂଚନା ଦେଇଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଶରତ କୁମାର ପରିଡା, ମାର୍ଫତ: ନିଳମଣୀ ପରିଡା, ସା: କୁରୁମବାଙ୍କତରା, ପୋ: ରବିଗାଡିଆ, ଓଡଗାଁ, ଜିଲ୍ଲା: ନୟାଗଡ | ଜାମିନ୍‌ଦାର: ଶ୍ରୀମତୀ ତୁଳସୀ ପରିଡା, ସା: କୁରୁମବାଙ୍କତରା, ପୋ: ରବିଗାଡିଆ, ଓଡଗାଁ, ଜିଲ୍ଲା: ନୟାଗଡ / ସମ୍ପତ୍ତିର ମାଲିକ: ଶ୍ରୀମତୀ ତୁଳସୀ ପରିଡା | ଶ୍ରୀମତୀ ତୁଳସୀ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କୁରୁମବାଙ୍କତରା, ଥାନା: ଓଡଗାଁ, ଜିଲ୍ଲା: ନୟାଗଡ, ଖାତା ନଂ.: ୧୯୦, ପ୍ଲଟ୍ ନଂ.: ୧୭୬, କ୍ଷେତ୍ର: ଏକର୦.୦୧୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ନିଜସ୍ୱ, ଦକ୍ଷିଣ: ସନାତନ ଡାକୁଆ, ଉତ୍ତର: ନିଜସ୍ୱ | ୧୩.୦୧.୨୦୧୫ | ୦୫.୦୪.୨୦୧୯ | ୦୯.୦୧.୨୦୧୫ ସୁଦ୍ଧା ଟ.୨୭,୫୮,୪୬୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରିନା ଦାସ, ସ୍ୱାମୀ: ଅଲେଖ ଚନ୍ଦ୍ର ଦାସ, ୨) ଶ୍ରୀ ଅଲେଖ ଦାସ, ପିତା: ନିଧି ଦାସ, ଉଭୟଙ୍କ ଠିକଣା- ସା: କେ. ବି. ପାଟଣା, ପୋ: କଣ୍ଟିଲୋ, ଜିଲ୍ଲା: ନୟାଗଡ | ସମ୍ପତ୍ତିର ମାଲିକ: ଶ୍ରୀମତୀ ରିନା ଦାସ, ସ୍ୱାମୀ: ଅଲେଖ ଚନ୍ଦ୍ର ଦାସ | ଶ୍ରୀମତୀ ରିନା ଦାସ, ସ୍ୱାମୀ: ଅଲେଖ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଣ୍ଟିଲୋ, ଥାନା: ଖଣ୍ଡପଡା, ତହସିଲ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୧୩୦୫/୨୪୦, ପ୍ଲଟ୍ ନଂ.: ୧୪୮୧, କ୍ଷେତ୍ର: ଏକର୦.୦୨ଡିସିମିଲି (ଘରବାରି), ଏହାର ଚାରିପାର୍ଶ୍ୱରେ- ପୂର୍ବ: ବଳରାମ ବେହେରା, ପଶ୍ଚିମ: ନବୀନ ସାହୁ, ଦକ୍ଷିଣ: ରାସ୍ତା, ଉତ୍ତର: ରାସ୍ତା | ୨୯.୦୧.୨୦୧୪ | ୦୫.୦୪.୨୦୧୯ | ୨୨.୦୧.୨୦୧୪ ସୁଦ୍ଧା ଟ.୧୩,୪୬,୨୨୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୫.୦୪.୨୦୧୯, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଭଦ୍ରକ**

**ସଂଖ୍ୟା: ୨୩୮୯/ନିର୍ବାଚନ** **ତାରିଖ: ୦୮।୦୪।୨୦୧୯**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭଦ୍ରକ ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୧୯ ପରିଚାଳନା ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଅଛି। ସାଧାରଣ ଜନତା, ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗର ତଥ୍ୟ ନିମ୍ନଲିଖିତ ନମ୍ବରରେ ଜଣାଇ ପାରିବେ।

| କ୍ର. ନମ୍ବର | ବିଧାନସଭା/ ଲୋକସଭା | ପର୍ଯ୍ୟବେକ୍ଷକଙ୍କ ନାମ | ପଦବୀ | ମୋବାଇଲ ନମ୍ବର |
|---|---|---|---|---|
| ୧ | ୪୧- ସୋରୋ ବିଧାନସଭା<br>୪୨- ସିମୁଳିଆ ବିଧାନସଭା<br>୪୪- ଭଦ୍ରକ ବିଧାନସଭା<br>୪୫- ବାସୁଦେବପୁର ବିଧାନସଭା | ଶ୍ରୀ ହଉଲିଆଁଲାଲ ଗୁଲଟେ, ଆଇ.ଏ.ଏସ୍. | ସାଧାରଣ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୫୩୭ |
| ୨ | ୪୩- ଭଣ୍ଡାରିପୋଖରୀ ବିଧାନସଭା<br>୪୬- ଧାମନଗର ବିଧାନସଭା<br>୪୭-ଚାନ୍ଦବାଲି ବିଧାନସଭା | ଶ୍ରୀ ଏଥେଲବର୍ଟ ଖରମଇକି, ଆଇ.ଏ.ଏସ୍. | ସାଧାରଣ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୫୩୮ |
| ୩ | ୭-ଭଦ୍ରକ, ଲୋକସଭା | ଶ୍ରୀ ସନ୍ତୋଷ ସିଂ, ଆଇ.ପି.ଏସ୍. | ପୋଲିସ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୭୮ |
| ୪ | ୭-ଭଦ୍ରକ, ଲୋକସଭା | ଶ୍ରୀ ବରୁଣ ରଙ୍ଗାସ୍ୱାମୀ, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୯୮ |
| ୫ | ୪୩- ଭଣ୍ଡାରିପୋଖରୀ ବିଧାନସଭା<br>୪୬-ଧାମନଗର ବିଧାନସଭା<br>୪୭- ଚାନ୍ଦବାଲି ବିଧାନସଭା | ଶ୍ରୀମତୀ ଡି.ବବିଥା, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୧୯ |
| ୬ | ୪୪- ଭଦ୍ରକ ବିଧାନସଭା<br>୪୫- ବାସୁଦେବପୁର ବିଧାନସଭା | ଶ୍ରୀମତୀ ସ୍ୱର୍ଣ୍ଣଶ୍ରୀ ରାଓ ରାଜଶେଖର, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୬୧୯ |

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଭଦ୍ରକ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ଏପ୍ରିଲ, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ମୋବାଇଲ, ଏଟିଏମ୍ କାର୍ଡ ଚୋରି କରି ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୯।୪:** ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଚାଲୁ ସମୟରେ ପ୍ରଶିକ୍ଷାର୍ଥୀଙ୍କ ମୋବାଇଲ ଓ ଏଟିଏମ୍ କାର୍ଡ ଲୁଟି ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମଙ୍ଗଳବାର ଜଗନ୍ନାଥପୁର ସାହିର ନଳିନୀକାନ୍ତ ଘଡେଇଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଲୁଟେରାଙ୍କଠାରୁ ଚୋରି ମୋବାଇଲ ଓ ଏଟିଏମ୍ କାର୍ଡ ଜବତ କରିବାରେ ସଫଳ ହୋଇଛି। ବାଣପୁର ଭଗବତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କିଛିଦିନ ହେବ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଚାଲୁ ରହିଛି। ଏଠାରେ ବାଲୁଗାଁ, ଟାଙ୍ଗୀ, କୁହୁଡି, ବାଣପୁର ଅଞ୍ଚଳ ବିଦ୍ୟାମନ୍ଦିରର ଗୁରୁଜୀଗୁରୁମା ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷଣରେ ସୁବିଧା ପାଇଁ କେତେକ ଗୁରୁମା ବିଦ୍ୟାଳୟର ଶ୍ରେଣୀ ଗୃହରେ ଅସ୍ଥାୟୀ ଭାବେ ଅବସ୍ଥାନ କରୁଛନ୍ତି। ଗରମ ହେଉଥିବାରୁ କିଛି ଗୁରୁମା ରବିବାର ରାତ୍ରିରେ ଶ୍ରେଣୀ ଗୃହର ଝରକା ଖୋଲା ରଖି ଶୋଇଥିଲେ। ଏହି ସୁଯୋଗରେ ବିଦ୍ୟାମନ୍ଦିର ନିକଟସ୍ଥ ଜଗନ୍ନାଥପୁର ସାହିର ନଳିନୀ ଝରକା ବାଟେ ଶ୍ରେଣୀ ଗୃହରେ ପଶି ଗୁରୁମାମାନଙ୍କର ମୋବାଇଲ ଓ ଏଟିଏମ୍ କାର୍ଡ ସମେତ ଟଙ୍କା ଥିବା ପର୍ସଗୁଡ଼ିକୁ ଚୋରି କରି ନେଇଥିଲେ। ଚୋରି ସମ୍ପର୍କରେ କୁହୁଡି ଅଞ୍ଚଳର ସ୍ନେହସ୍ମିତା ସାମନ୍ତସିଂହାର, ଐଶ୍ୱର୍ଯ୍ୟା କର ଓ ମାଳତୀ ରାଉତ ଥାନାରେ ଅଭିଯୋଗ କରିବାରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତେବେ ବିଦ୍ୟାଳୟ ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ପୋଲିସ ଯାଞ୍ଚ କରିବା ପରେ ନଳିନୀଙ୍କୁ ଚିହ୍ନଟ କରାଯାଇଥିଲା। ତାଙ୍କ ପାଖରୁ ୩ଟି ଚୋରି ମୋବାଇଲ ଓ ଦୁଇଟି ଏଟିଏମ୍ କାର୍ଡ ଜବତ ହୋଇଛି।

### ସ୍କୁଲର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୯।୪:** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ବଧିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧରପୁର କ୍ଲଷ୍ଟରର ସିଆରସିସି ଲଳିତ ନାରାୟଣ ମହାପାତ୍ର ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କୁହୁଡି ଜନତା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧାପକ ଚନ୍ଦ୍ର ଶେଖର ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବନ୍ଦିତା ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦୁଇ ପୂର୍ବତନ ପ୍ରଧାନ ଶିକ୍ଷକ ଦିଜବର ଭୋଇ ଓ ହରିହର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପାଇକ ସମରକଳା, ଭଜନ, ଚିତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଦୀନବନ୍ଧୁ ପ୍ରଧାନ ଓ କବିରାଜ ପଲେଇ, ଉମାରାଣୀ ବେହେରା, ବସନ୍ତ ରାଉତ, ଏସଏମସି ଚେୟାରମ୍ୟାନ ତିଲୋତ୍ତମା ପ୍ରଧାନ ବିଦ୍ୟାଧର ଏହାକୁ ପରିଚାଳନା କରିଥିଲେ।

### ବିଜେଡିର ବାଇକ୍ ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ,୯।୪:** କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀର ୩୪ ନଂ. ଜୋନର ୪ ପଞ୍ଚାୟତରେ ବିଜେଡି ପକ୍ଷରୁ ପଦଯାତ୍ରା ଓ ବାଇକ୍ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ଯୋଗଦେଇ କେନ୍ଦ୍ର ସରକାରର ବିଫଳତା ଓ ରାଜ୍ୟ ସରକାରଙ୍କ ସଫଳତା ଉପରେ ଲୋକଙ୍କୁ କହିଥିଲେ। ନିଜ ପାଇଁ ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ। ବଳଭଦ୍ରପୁର ପଞ୍ଚାୟତରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ନୟାଗଡ଼ ନିର୍ବାଚନମଣ୍ଡଳୀ

# ୩ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର

**ନୟାଗଡ଼ ଅଫିସ,୯।୪**



ଅରୁଣ କୁମାର ସାହୁ।



ଇରାନୀ ରାୟ।



ମନୋଜ କୁମାର ସାହୁ।

- ବିଦ୍ରୋହୀଙ୍କୁ ମନାଉଛନ୍ତି ଅରୁଣ
- ବଳ ଗୋଟାଉଛନ୍ତି ଇରାନୀ
- ସମସ୍ତଙ୍କୁ ଏକାଠି କରିବା ମନୋଜଙ୍କ ପାଇଁ ଆହ୍ୱାନ

ଜିଲାର ୪ଟି ନିର୍ବାଚନମଣ୍ଡଳୀରୁ ଚଳିତ ଥର ନୟାଗଡ଼ ନିର୍ବାଚନମଣ୍ଡଳୀରେ ଟକ୍କର ଜୋରଦାର ହେବ। ମଇଦାନରେ ୭ ଜଣ ପ୍ରାର୍ଥୀ ଥିଲେ ମଧ୍ୟ ୩ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି। ଚତୁର୍ଥ ଥର ପାଇଁ ବିଜୟୀ ଆଶାରେ ବିଧାୟକ ଅରୁଣ କୁମାର ସାହୁ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ବୁଲି ପ୍ରଚାର କରିବା ସହିତ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଏଥିସହ ପ୍ରତି ଗ୍ରାମରେ ବିଦ୍ରୋହୀ ଲୋକମାନଙ୍କୁ ଏକାଠି କରି ସେମାନଙ୍କ ମନରେ ଥିବା ଅସନ୍ତୋଷକୁ ଦୂର କରିବାକୁ ଚେଷ୍ଟା ଚଳାଇଛନ୍ତି। ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ ଆରମ୍ଭରୁ ଅରୁଣଙ୍କୁ ବିରୋଧ କରି ଆସୁଥିବା ବେଳେ ବର୍ତ୍ତମାନ ସେ ବିଜେଡିରେ ମିଶି ଯାଇଛନ୍ତି। ଫଳରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଅରୁଣଙ୍କ ବିପକ୍ଷ ଭୋଟ ତାଙ୍କ ଆଡ଼କୁ ଆସିବାରେ ସକ୍ଷମ ହେବ ବୋଲି ରାଜନୈତିକ ସମୀକ୍ଷକ ମତ ପ୍ରକାଶ କରିଛନ୍ତି। ରାଗ ରୁଷାକୁ ଭୁଲି ଅରୁଣ ସମସ୍ତଙ୍କୁ ଏକାଠି କରୁଥିବା ଦେଖିବାକୁ ମିଳୁଛି। ତେବେ ପୂର୍ବାପେକ୍ଷା ନିର୍ବାଚନରେ ଅରୁଣଙ୍କ ଭୋଟ ହାର କମିବାରେ ଲାଗୁଛି। ୨୦୦୯ରେ ୫୪.୨୫ ପ୍ରତିଶତ ଭୋଟ ପାଇଥିବା ବେଳେ ୨୦୧୪ରେ ୫୨.୭୮ ପ୍ରତିଶତ ଭୋଟ ପାଇଥିଲେ। ତେଣୁ ଚଳିତ ଥର ଭୋଟ ହାର ଅଧିକ ହେବା ପାଇଁ ସେ ଲାଗି ପଡିଛନ୍ତି। ଅନ୍ୟପକ୍ଷେ ଗ୍ରାମ ଗ୍ରାମରେ ଅରୁଣଙ୍କୁ ନେଇ ଅସନ୍ତୋଷ ଦେଖାଦେଇଥିବାରୁ ଭାଜପା ଏହାକୁ ଅସ୍ତ୍ର କରିଥିବା ଭାଜପା ନେତାମାନେ ପ୍ରକାଶ କରିଛନ୍ତି। ଭାଜପା ଏହି ଅସନ୍ତୋଷର ଫାଇଦା ନେଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶା ରଖିଛି। ଭାଜପାର ବିଧାୟକ ପ୍ରାର୍ଥୀ ଇରାନୀ ରାୟ ବଳ ଗୋଟାଇବାରେ ଲାଗିଛନ୍ତି। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବିଜେଡିର ବିଦ୍ରୋହୀମାନଙ୍କୁ ଏକାଠି କରିବାରେ ଲାଗିଛନ୍ତି। ଭାଜପାର କିଛି ନେତାଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ମଧ୍ୟ ପ୍ରଶମିତ କରୁଛନ୍ତି। ଭାଜପା ନେତା ସନ୍ତୋଷ କୁମାର ପ୍ରଧାନ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ବର୍ତ୍ତମାନ ଇରାନୀ ସମସ୍ତଙ୍କୁ ଏକାଠି କରି ଗ୍ରାମ ଗ୍ରାମ ବୁଲି ଭାଜପାର ପ୍ରଚାର କରିବା ସହ ଲୋକମାନଙ୍କୁ ନିଜ ସପକ୍ଷକୁ ଆଣିବାରେ ଚେଷ୍ଟା ଚଳାଇଛନ୍ତି। ବିଦ୍ରୋହୀମାନେ ଏକାଠି ହୋଇ ଅରୁଣଙ୍କୁ ହରାଇବା ପାଇଁ ଗୋଟିଚାଳନା ଆରମ୍ଭ କରି ଦେଇଛନ୍ତି। ଏହି ଗୋଟିଚାଳନା ଅରୁଣଙ୍କ ପାଇଁ ବଡ଼ ଆହ୍ୱାନ ହେବ। ଅନ୍ୟପକ୍ଷେ ପୂର୍ବତନ ବିଧାୟକ ବଂଶୀଧର ସାହୁଙ୍କ ପୁଅ ମନୋଜ କୁମାର ସାହୁ କଂଗ୍ରେସ ଟିକେଟରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ଟିକେଟ ପାଇଁ ଆଶାୟୀ ଥିବା ଅନେକ ନେତା ଟିକେଟ ପାଇବାରୁ ବଞ୍ଚିତ ହେବାରୁ ସେ ମନୋଜଙ୍କୁ ସମର୍ଥନ କରୁ ନ ଥିବା ଦେଖିବାକୁ ମିଳୁଛି। ଯାହାର ନଜିର ମନୋଜ ନାମାଙ୍କନ ପତ୍ର ଦାଖଲ ବେଳେ ଦେଖିବାକୁ ମିଳିଥିଲା। ମନୋଜ ନିଜର ପ୍ରସ୍ତାବକମାନଙ୍କ ସହିତ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିବାବେଳେ ଜିଲା କଂଗ୍ରେସ ନେତାମାନଙ୍କ ଦେଖା ଦର୍ଶନ ମିଳି ନ ଥିଲା। ଏପରିସ୍ଥିତିରେ ମନୋଜ ସମସ୍ତଙ୍କୁ ଏକାଠି କରି କିପରି ଆଗକୁ ବଢିବେ ତାହା ତାଙ୍କ ପାଇଁ ବଡ଼ ପ୍ରଶ୍ନ ହୋଇଛି। ଇଟାମାଟି ଠାରେ ଏକ ପାସେଞ୍ଜର ହଲ୍‌ଟ ନିର୍ମାଣ ଦାବିରେ ମନୋଜ ଅନେକ ଥର ଆନ୍ଦୋଳନକୁ ଓହ୍ଲାଇଛନ୍ତି। କଂଗ୍ରେସ ଦଳର ଭୋଟ ଓ ଲୋକମାନଙ୍କ ପ୍ରତି ତାଙ୍କର ଥିବା ଆଶୀର୍ବାଦକୁ ପାଥେୟ କରି ସେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶା ରଖିଛନ୍ତି। ଅରୁଣଙ୍କ ପାଇଁ ଗଡ଼ ରକ୍ଷା କରିବା, ପରିବର୍ତ୍ତନ ପାଇଁ ଇରାନୀ ଓ କଂଗ୍ରେସର ନେତା, କର୍ମୀମାନଙ୍କୁ ଏକାଠି କରି ଲଢ଼ିବା ମନୋଜଙ୍କ ପାଇଁ ଆହ୍ୱାନ ପାଲଟିଛି।

# ବୋଲଗଡ଼ ପନ୍ଦରଦୋଳ ମେଳଣ

## ୪ ଦିନ ଭୋଗଖାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ଠାକୁର

**ବୋଲଗଡ଼,୯।୪(ଡି.ଏନ.ଏ.)**

ବୋଲଗଡ଼ ତୃତୀୟାପଡାସ୍ଥିତ ପନ୍ଦରଦୋଳ ପଡ଼ିଆରେ ଶୁକ୍ରବାର ରାତିରୁ ଆରମ୍ଭ ହୋଇଥିଲା ବାରପଲ୍ଲୀ ଦୋଳ ମହୋତ୍ସବ। ମେଳଣ ଯାତ୍ରା ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧା ଓ ଭାଇଚାରାର ପ୍ରତୀକ ତଥା ବୋଲଗଡ ୧୫ଦୋଳ ଯାତ୍ରା ନାମରେ ପରିଚିତ ଏହି ମହୋତ୍ସବରେ ଖଇଁରିଆ ଗ୍ରାମସ୍ଥିତ ଶ୍ରୀଶ୍ରୀ ଅମୃତେଶ୍ୱରଦେବ ରାଜ ଠାକୁର ଭାବେ ବିଜେ କରିଥିଲେ। ସେହିପରି ସମ୍ପୁର ଗ୍ରାମସ୍ଥିତ ବାଲୁଙ୍କେଶ୍ୱରଦେବ ମନ୍ତ୍ରୀ ଠାକୁର ଭାବେ ଦୋଳ ବିମାନରେ ବିଜେ କରିଥିଲେ। ବାରପଲ୍ଲୀ ଅଞ୍ଚଳରୁ ୩୮ଟି ସୁସଜ୍ଜିତ ଦୋଳ ବିମାନରେ ନିମନ୍ତ୍ରିତ ଠାକୁରମାନେ ୪ଦିନ ଧରି ଭୋଗ ଗ୍ରହଣ କରିବା ସହ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଠାକୁରମାନେ ଦୋଳ ବିମାନରେ ବସି ପନ୍ଦରଦୋଳ ପଡିଆସ୍ଥିତ ମଣ୍ଡପ ଚତୁଃପାର୍ଶ୍ୱରେ ଅବିର ବୋଳା, ଆତସବାଜି ଓ ସାଜସଜା ମଧ୍ୟରେ ୩ଥର ପରିକ୍ରମା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳଣ ଯାତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା। ଶ୍ରଦ୍ଧାଳୁମାନେ ପସରା, ଦୋକାନରୁ ବିଭିନ୍ନ ସାମଗ୍ରୀ କିଣୁଥିବାରୁ ବ୍ୟବସାୟ ମଧ୍ୟ ବେଶ୍ ଜମିଥିବା ଦୃଷ୍ଟିଗୋଚର ହୋଇଥିଲା।



ଠାକୁରଙ୍କୁ ପରିକ୍ରମା କରାଯାଉଛି।

# ଆଜି ୪୨ କୋଠି ପାଟଦଣ୍ଡ ଶମ୍ଭୁଙ୍କ ମହାମେଳନ

**ରଣପୁର,୯।୪ (ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକ ଝାଡ଼ପଡ଼ା ପଞ୍ଚାୟତସ୍ଥ ହାଇସ୍କୁଲ ପଡିଆରେ ବୁଧବାର ଅପରାହ୍ନରେ ୪୨ କୋଠି ପାଟଦଣ୍ଡ ଶମ୍ଭୁଙ୍କ ମହାମେଳନ ଉତ୍ସବ ଅନୁଷ୍ଠିତ ହେବ। ଆଞ୍ଚଳିକ ପାଟଦଣ୍ଡ ମେଳଣ କମିଟି ତରଫରୁ ଏ ନେଇ ବ୍ୟାପକ ପ୍ରସ୍ତୁତି ସରିଥିବା ସୂଚନା ମିଳିଛି। ଚଳିତ ବର୍ଷ ଉତ୍ସବକୁ ଅଧିକ ଆକର୍ଷଣ କରିବା ପାଇଁ ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳର ଯୁବକମାନେ ବିଶେଷ ଉଦ୍ୟମ କରୁଛନ୍ତି। ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଗ୍ରାମ ଓ ସହରଗୁଡ଼ିକରୁ ୪୨କୋଠି ପାଟଦଣ୍ଡ ମହାମେଳଣରେ ଯୋଗଦେବେ। ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ଦୃଷ୍ଟିରୁ ପୋଲିସ ଓ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଆୟୋଜକଙ୍କଠାରୁ ପ୍ରକାଶ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ କୃଷକ

## ୨୭ ତାରିଖରେ ହେବ ତ୍ରିପାକ୍ଷିକ ଆଲୋଚନା




ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

**ନୟାଗଡ଼ ଅଫିସ,୯।୪**

ନୟାଗଡ଼ ଜିଲା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଥିଲା। ଚାଷୀମାନଙ୍କ ପାଖରେ ଧାନ ଥିବା ବେଳେ ମଣ୍ଡି ବନ୍ଦ ହୋଇପଡ଼ିଛି, ତୁରନ୍ତ ମଣ୍ଡି ଖୋଲି ବଳକା ଧାନକୁ କ୍ରୟ କରିବା, ଚାଷୀମାନଙ୍କ ଠାରୁ କୁଇଣ୍ଟାଲ ପିଛା ୪ କିଲୋ କାଟିବାକୁ ବନ୍ଦ କରିବା, ମିଲରମାନେ ଚାଷୀମାନଙ୍କ ଠାରୁ ଅଖା ନେଉଥିଲେ ମଧ୍ୟ ଏହି ବାବଦକୁ ଟଙ୍କା ନ ଦେବା ଆଦି ଦାବିରେ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଷୀମାନେ ଧାରଣାରେ ବସିଥିଲେ। ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝୀ , ତହସିଲଦାର ମନୋରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୭ ତାରିଖରେ ଜିଲାପାଳ, ମିଲର ଓ ଚାଷୀମାନଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହୋଇ ଏହାର ସମାଧାନ ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲା ସଂଯୋଜକ ମହେଶ୍ୱର ଜେନା, ସହ ସଂଯୋଜକ ରଞ୍ଜିତ ଦଳବେହେରା, ମମତା ନାଥ, ପ୍ରସନ୍ନ ପ୍ରଧାନ, ଶ୍ରୀନିବାସ ନାୟକ, ରମେଶ ପଣ୍ଡା, ମମତା ବେହେରାଙ୍କ ସମେତ ଏକାଧିକ ଚାଷୀ ଧାରଣାରେ ଯୋଗ ଦେଇଥିଲେ।

# ବଢୁଛି ଖରା, ଅଧିକ ଜଳଛତ୍ର ଖୋଲିବାକୁ ଦାବି

**ରଣପୁର,୯।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। ଅସହ୍ୟ ଖରାରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି। ଏଭଳି ପରିସ୍ଥିତିରେ ୨ ଦିନ ତଳେ ମାତ୍ର ୪ଟି ସ୍ଥାନରେ ପ୍ରଥମ କରି ଜଳଛତ୍ର ଖୋଲିଥିଲା । ତେବେ ବିଭିନ୍ନ ଛକରେ ଜଳଛତ୍ର ନ ଖୋଲିବାରୁ ରାସ୍ତାରେ ଯାତାୟାତକାରୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଲୋକେ ପାଉଚ୍ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଏଠାରେ ଅଧିକ ଜଳଛତ୍ର ଖୋଲିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ବ୍ଲକ ଅନ୍ତର୍ଗତ ୩୭ ପଞ୍ଚାୟତ ମଧ୍ୟରୁ ହାତଗଣତି ମାତ୍ର କେତୋଟି ପଞ୍ଚାୟତରେ ଜଳଛତ୍ର ଖୋଲାଯାଇଛି । ତୁରନ୍ତ ଅଧିକ ଜଳଛତ୍ର ଖୋଲିବା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟକାରୀ ନିର୍ବାହୀ ଅଧିକାରିଣୀ ଅର୍ଚ୍ଚନା ନାୟକ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୪ଟି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ଖୁବ୍ ଶୀଘ୍ର ଅବଶିଷ୍ଟ ଛକମାନଙ୍କରେ ଖୋଲାଯିବ ।

# କମ୍ପ୍ୟୁଟର ଶିକ୍ଷା ଉପରେ ଆଲୋଚନାଚକ୍ର

**ବୋଲଗଡ଼,୯।୪(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ସାଲତରାସ୍ଥିତ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁକୁଳ ଶିକ୍ଷା ନିକେତନରେ 'ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜକିଶୋର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥା ସଂଯୋଜନା କରିଥିଲେ। ରସାୟନ ବିଜ୍ଞାନୀ ଡଃ. ହରିପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଇଂ. ଦେବାଶିଷ ସାହୁ ବିଷୟ ବିଶେଷଜ୍ଞ ଓ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ କୃଷି ଅଧିକାରୀ କାହ୍ନୁ ଚରଣ ପାଣିଗ୍ରାହୀ, ସାମାଜିକ କର୍ମୀ ଭାଗବତ ମହାପାତ୍ର, ମାୟାଧର ପାଣିଗ୍ରାହୀ, କୈଳାସ ଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ କୁମାର ପଣ୍ଡା ଓ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରକୋଷ୍ଠସ୍ଥିତ ନୂତନ କମ୍ପ୍ୟୁଟରକୁ ଅତିଥିମାନେ ଉଦ୍ଘାଟନ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲୁନ୍‌ରେ ଫୁଟିଲା ଗୁଳି, ଯୁବକ ଆହତ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୯।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିଛଳ ବଜାରର ସେଲୁନ୍‌ରେ ମଙ୍ଗଳବାର ରାତି ପ୍ରାୟ ୭ଟା ୪୫ମିନିଟ୍‌ରେ ବସିଥିବା ଜଣେ ଯୁବକଙ୍କୁ ଗୁଳିମାଡ କରାଯାଇଛି। ଆହତ ଯୁବକ ହେଲେ ସନ୍ତୋଷ ରାଉତରାୟ ଓରଫ ଲଣ୍ଡା(୨୬)। ଘର ବେଗୁନିଆ ଥାନା ଦେଉଳି ଜାମୁସାହିରେ। ଆହତ ଯୁବକଙ୍କ ସୂଚନା ଅନୁସାରେ, ପୋଲିସର ସୂଚନାଦାତା ଦର୍ଶାଇ ତାଙ୍କୁ ଗୁଳି କରାଯାଇଛି। ଅନ୍ୟପକ୍ଷେ ବେଗୁନିଆରେ ପଥରମାଫିଆଙ୍କ ଉତ୍ପାତରେ ଅଙ୍କୁଶ ନ ଥିବାରୁ ୩ ଦିନରେ ୩ ଜଣଙ୍କୁ ଗୁଳିମାଡ କରାଗଲାଣି। ତେବେ ତଦନ୍ତ ଆଳରେ ପୋଲିସ ଅନ୍ଧାରରେ ବାଡି ବୁଲାଉଥିଲେ ହେଁ କାହାରିକୁ ଗିରଫ କରିପାରିନାହିଁ।

ପ୍ରାପ୍ତ ସୂଚନା ଅନୁସାରେ, ଡଙ୍ଗରପଡା ଗ୍ରାମ ସୀମାନ୍ତରେ କାଳଚୁଆ ପାହାଡରେ ବେନିୟମ ଭାବେ କଳାପଥର ବିସ୍ଫୋରଣ ଓ ଖଣି ଖନନ ଚାଲିଛି। ଗୋଡା, କାଇପଦର, ଦେଉଳି ଅଞ୍ଚଳର କେତେଜଣ ପଥର ମାଫିଆ ଏହାକୁ ପରିଚାଳନା କରୁଛନ୍ତି। ଏହି ପାହାଡକୁ ନେଇ ବିଗତଦିନରେ ଗୁଳିମାଡ, ବୋମାମାଡ, ଗାଡି ପୋଡି, ବ୍ୟକ୍ତିଙ୍କୁ ଗୋଡେଇ ଗୋଡେଇ ହତ୍ୟା କରାଯାଇଛି। ତେବେ ବେନିୟମ ଖଣି ଖନନ ରୋକିବା ପରିବର୍ତ୍ତେ ବଢି ଚାଲିଛି। ରବିବାର ଅପରାହ୍ନରେ ଦଳକ ଗାଁରେ ବାଦଲ ଜେନା(୨୯)ଙ୍କୁ ୩ ରାଉଣ୍ଡ ଗୁଳିମାଡ ହୋଇଥିଲା। ସେହିଭଳି ଡଙ୍ଗରପଡା ଗାଁର ସୁକାନ୍ତ ସାମନ୍ତରାୟ (୨୨)ଙ୍କୁ କାଳଚୁଆ ପାହାଡ ନିକଟରେ ଅନୁରୂପ ଭାବେ ରବିବାର ରାତି ପ୍ରାୟ ସାଢ଼େ ୬ଟାରେ ୧ ରାଉଣ୍ଡ ଗୁଳି କରାଯାଇଥିଲା। ଦୁଇଜଣ ଯୁବକ ମୁହଁରେ ଲାଲ କପଡା ବାନ୍ଧି ଗୁଳି କରି ପଳାଇ ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପାହାଡ ତଳେ ଥିବା ୨ ହିଟାଚି ଓ ଗୋଟିଏ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଗୁଳିକାଣ୍ଡର ୨ଦିନ ପରେ ପରିଛଳ ସେଲୁନରେ ପୁଣି ଗୁଳିମାଡ ସାଧାରଣରେ ଭୟ ସଞ୍ଚାର କରିଛି। ଏଭଳିସ୍ଥଳେ ପୋଲିସ ଗୁଳିକାଣ୍ଡ ସ୍ଥଳକୁ ଯାଇ ତଦନ୍ତ କରୁଛି। ଗୁଳିକାଣ୍ଡରେ ପଥର ମାଫିଆମାନେ ସମ୍ପୃକ୍ତି ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନାହିଁ।

# ଜରାଜୀର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ଶ୍ରେଣୀଗୃହ

## ପୁନରୁଦ୍ଧାର ନ ହେବାରୁ ଅସନ୍ତୋଷ

**ଖଣ୍ଡପଡ଼ା,୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ମୌଜାସ୍ଥିତ ନୀଳମାଧବ ବିଦ୍ୟାପୀଠ ଓ ଭଗବାନ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଗୋଟିଏ ପରିସରରେ ରହିଛି। ଏକା ପରିସରରେ ଶିକ୍ଷାନୁଷ୍ଠାନଦ୍ୱୟ ରହିଥିବାରୁ ରାଜ୍ୟ ସରକାରଙ୍କ ନୂତନ ନିୟମାନୁସାରେ ସମ୍ପ୍ରତି ଏହାକୁ ନୀଳମାଧବ ନୋଡାଲ ହାଇସ୍କୁଲ ନାମରେ ନାମିତ କରାଯାଇଛି। ୧୯୫୧ ମସିହାରୁ ପ୍ରତିଷ୍ଠିତ ନୀଳମାଧବ ବିଦ୍ୟାପୀଠ ୨୦୧୭ ଡିସେମ୍ବର ମାସରେ ଏହାର ପ୍ଲାଟିନମ୍ ଜୁବିଲି ପାଳନ କରିସାରିଛି । ତେବେ ଉକ୍ତ ଶିକ୍ଷାନୁଷ୍ଠାନର ଆଶାନୁରୂପ ବିକାଶ ହୋଇପାରୁ ନ ଥିବା ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଭଗବାନ ମଧ୍ୟ ଇଂରାଜୀ ବିଦ୍ୟାଳୟର ଟିଣ ଛପର ଭାଙ୍ଗି ଗୃହଗୁଡିକ ନଷ୍ଟ ହେବାକୁ ବସିଲାଣି । ବର୍ଷା ସମୟରେ ଭିଜି ଭିଜି ପିଲାମାନେ ପାଠ ପଢୁଥିବା ଦେଖିବାକୁ ମିଳିଛି। ଦୀର୍ଘବର୍ଷରୁ ରକ୍ଷଣାବେକ୍ଷଣ ଅଭାବରୁ ଶ୍ରେଣୀ ଓ ଅନ୍ୟ କୋଠରିଗୁଡ଼ିକ ଅସୁରକ୍ଷିତ ମନେହେଉଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବିଦ୍ୟାଳୟ ଗୃହଗୁଡ଼ିକ ଦୀର୍ଘ ୪୦ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଉଲ୍ଲେଖଯୋଗ୍ୟ, ଛାତ୍ର ହଷ୍ଟେଲ ତଥା ଶିକ୍ଷକମାନଙ୍କ କ୍ୱାର୍ଟର ଭାବେ ବ୍ୟବହୃତ ଗୃହର ପୁନରୁଦ୍ଧାର ନିମନ୍ତେ ସମ୍ପ୍ରତି ପ୍ରଶାସନ କିମ୍ବା ଗ୍ରାମ କମିଟି ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସୁଯୋଗ ନେଇ କେତେଜଣ ସ୍ଥାନଟିକୁ ଜବରଦଖଲ ଉଦ୍ୟମ କରୁଥିବା ମଧ୍ୟ ଜଣାପଡ଼ିଛି। ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରୀ/ଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ଘଟଣା ନେଇ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ରଥ କହିଛନ୍ତି, ବିଭାଗ ପକ୍ଷରୁ ଯାହାକିଛି ହେବା କଥା ସେ ନେଇ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ଆମେ କ'ଣ କରିପାରିବୁ?



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଶ୍ରେଣୀ ଗୃହ।

# କର୍ମଚାରୀ ଅଭାବ: ଫାଣ୍ଡିକୁ ମିଳୁନି ଥାନା ମାନ୍ୟତା

- ପ୍ରସ୍ତାବ ପଡ଼ି ରହିଛି ଫାଇଲ୍ ତଳେ
- ଦାବି ପୂରଣ ନ ହେବାରୁ ଅସନ୍ତୋଷ

**ଖଣ୍ଡପଡ଼ା,୯।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲାରେ ମାଓବାଦୀ ଆକ୍ରମଣ ଓ ଏକା ସମୟରେ ନୂଆଗାଁ ଓ ଦଶପଲ୍ଲା ଥାନା ଭଙ୍ଗାରୁଜା ଘଟଣା ପରେ କେତେକ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହାଛଡ଼ା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ଜୀଉ କ୍ଷେତ୍ରସ୍ଥିତ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି । ତେବେ ଆବଶ୍ୟକ ପରିମାଣର ପୋଲିସ କର୍ମଚାରୀଙ୍କ ଅଭାବ ଯୋଗୁ ଦାବି ପୂରଣ ହୋଇପାରୁନି। ତେଣୁ ପ୍ରସ୍ତାବଟି ଫାଇଲ୍ ତଳେ ଚାପି ହୋଇରହିଥିବା ଜଣାପଡ଼ିଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ମାଦକ ଦ୍ରବ୍ୟ କାରବାର ଉପରେ ଲଗାମ ଦେବା କାର୍ଯ୍ୟ ଖଣ୍ଡପଡା ଓ ଫତେଗଡ ଥାନା ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବିଶେଷକରି ଇଟାମାଟି, ଦଶପଲ୍ଲା, ଫତେଗଡ ଓ ଗଣିଆ ଥାନା ସହିତ କଟକ ଜିଲା ଅନ୍ତର୍ଗତ ନରସିଂହପୁର ଥାନା ସୀମାନ୍ତସ୍ଥିତ ଗୁଣ୍ଠୁଣୀ, ଯୋଗୀଆପଲ୍ଲୀ, କୋଷକା, ଢେଲମରା ଏବଂ କଣ୍ଟିଲୋ, ସିଧାମୂଳା ଅଞ୍ଚଳର ବିଭିନ୍ନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଖଣ୍ଡପଡା ଥାନା ନିମନ୍ତେ ପ୍ରାୟ ଅସମ୍ଭବ ହୋଇପଡ଼ିଛି। ସିଧାମୂଳା ସେତୁ ନିର୍ମାଣ ପରେ ଗୋକୁଳାନନ୍ଦ ପୀଠ ଓ କଣ୍ଟିଲୋ ନୀଳମାଧବ ଜୀଉ ପର୍ଯ୍ୟଟନ ସ୍ଥଳକୁ ପ୍ରତ୍ୟହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ, ପର୍ଯ୍ୟଟକ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଛନ୍ତି । ଏଠାରେ ବିଭିନ୍ନ ସମସ୍ୟା ନେଇ ଅନେକ ସମୟରେ ଗଣ୍ଡଗୋଳ ଓ ଦୁର୍ଘଟଣାମାନ ଘଟିଥାଏ । ତେଣୁ ପୋଲିସ ମୁତୟନ ରହିବା ନିତାନ୍ତ ଆବଶ୍ୟକ। ସେହିପରି ନୀଳମାଧବ ମନ୍ଦିର, ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିର ସୁରକ୍ଷା ସହିତ କଣ୍ଟିଲୋ ବଜାର ପାଇଁ ପୋଲିସ ପେଟ୍ରୋଲିଂର ଯଥାର୍ଥତା ରହିଛି । ଏକମାତ୍ର କଣ୍ଟିଲୋ ଫାଣ୍ଡି ଅଧୀନ ସମସ୍ତ ଅଞ୍ଚଳକୁ ଜଣେ ଫାଣ୍ଡି ଅଧିକାରୀ ପରିଚାଳନା କରିପାରୁ ନାହାନ୍ତି। ତେଣୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରାମର୍ଶକ୍ରମେ ଅନେକ କେସ୍‌କୁ ଫାଣ୍ଡି ଅଧିକାରୀ ପଞ୍ଜୀକୃତ ନ କରି ଆପୋଷ ବୁଝାମଣା ସୂତ୍ରରେ ଫଇସଲା କରିଦେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଉଲ୍ଲେଖଯୋଗ୍ୟ, ଗୋଟିଏ ଫାଣ୍ଡିରେ ଆବଶ୍ୟକ ପରିମାଣର କେସ୍ ପଞ୍ଜୀକୃତ ହେଲେ ହିଁ ଥାନାର ମାନ୍ୟତା ପ୍ରଦାନ କରାଯାଏ। ଏ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି କଣ୍ଟିଲୋ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ କରିବାକୁ ଦୀର୍ଘଦିନ ଧରି ବିଭିନ୍ନ ମହଲରେ ଦାବି ହେଉଛି। ତେବେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ମଧ୍ୟ ଏ ସମସ୍ତ ସମସ୍ୟା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ସ୍ଥାନୀୟ ଜନ ସାଧାରଣ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହିତ ଉକ୍ତ ସମସ୍ୟା ନେଇ ଆଲୋଚନା କରିଥିଲେ। ତେବେ ଏହାକୁ ଥାନାର ମାନ୍ୟତା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟରେ ଆବଶ୍ୟକ ପରିମାଣର ପୋଲିସ କର୍ମଚାରୀଙ୍କ ଅଭାବ ରହିଥିବା ଆଇଜି ସୂଚନା ଦେଇଥିଲେ । ସରକାରୀ ନିଷ୍ପତ୍ତି ଓ ନିର୍ଦ୍ଦେଶନାମାର ମଧ୍ୟ ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଥିଲେ।





## ସଂକ୍ଷେପରେ

### କୋର୍ଟ କର୍ମଚାରୀଙ୍କୁ ଆକ୍ରମଣ: ଅଟୋ ଚାଳକ ଗିରଫ

**ପୁରୀ ଅଫିସ, ୯।୪:** କୋର୍ଟ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ସଦର ଥାନା ପୋଲିସ ଜଣେ ଅଟୋ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବୀରଗୋବିନ୍ଦପୁର ଗ୍ରାମର ରାଜେଶ ପଟ୍ଟନାୟକ (୨୦)। ପ୍ରଥମ ଅତିରିକ୍ତ ଜିଲାଜଜ୍‌ଙ୍କ ନିକଟରେ ଅମୀୟ ବେହେରା ପିଅନ ଭାବେ କାର୍ଯ୍ୟରତ ଅଛନ୍ତି। ସୋମବାର ସକାଳ ୯ଟାରେ ସେ ଜଜ୍‌ଙ୍କୁ ଆଣିବା ଲାଗି କାର୍‌ରେ ଯାଉଥିଲେ। ବାଟମଙ୍ଗଳା ମନ୍ଦିର ନିକଟରେ ଏକ ଅଟୋ ସହ କାର୍ ଧକ୍କା ହୋଇଥିଲା। ଏଥିରେ ସଂପୃକ୍ତ ଅଟୋଚାଳକ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏଥିସହିତ ୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### କୃଷ୍ଣପ୍ରସାଦ ଭାଜପାରେ ମିଶ୍ରଣ ପର୍ବ



**କୃଷ୍ଣପ୍ରସାଦ,୯।୪(ଡି.ଏନ.ଏ.):** ନିର୍ବାଚନ ଯେତିକି ପାଖେଇ ଆସୁଛି, ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ରାଜନୀତି ସେତିକି ସରଗରମ ହେଉଛି । ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଅଲଣ୍ଡା ପଞ୍ଚାୟତ ଅଧୀନ ତିଛିଣି ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପରିସରରେ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ଗୋମୁଣ୍ଡିଆ,ବଡଅଁଳ, ବଜ୍ରକୋଟ ଆଦି ପଞ୍ଚାୟତର କେତେକ କଂଗ୍ରେସ ଏବଂ ବିଜେଡି କର୍ମୀ ଦଳ ଛାଡି ଭାଜପାରେ ଯୋଗଦେଇଛନ୍ତି। ବିଜେଡିର ଗଡ ଥିବା ଅରଖକୁଦା ପଞ୍ଚାୟତକୁ ଭାଙ୍ଗିଛି ଭାଜପା। ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅରଖକୁଦାର ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ନବ ନିଯୁକ୍ତ କର୍ମୀମାନଙ୍କୁ ଉପଢୌକନ ଓ ଫୁଲତୋଡା ଦିଆଯାଇ ସ୍ୱାଗତ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଭାଜପା ଉପଦେଷ୍ଟା ରଘୁନାଥ ବଡୁ, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା,ସାଧାରଣ ସମ୍ପାଦକ ଅନିଲ କୁମାର ସିଠ, ବ୍ଲକ ଭାଜପା ଯୁବ ସଭାପତି ବିଷ୍ଣୁ ପ୍ରସାଦ ବେହେରା,କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ପାର୍କରେ ଦେୟମୁକ୍ତ ପ୍ରବେଶ ଦାବି

### ପ୍ରତ୍ୟାହାର କରାଯାଉ ୧୦ ଟଙ୍କା ଫି

**ଖୋର୍ଦ୍ଧା ଅଫିସ,୯।୪:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନୁଦାନ, ସରକାରୀ ଜମିରେ ଗଢ଼ି ଉଠିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନକୁ ବୁଲିବାକୁ ହେଲେ ୧୦ ଟଙ୍କା ଫି ପଡୁଛି। ୧୦ ବର୍ଷର କମ ବୟସର ପିଲାଙ୍କୁ ମାଗଣାରେ ବୁଲିବାର ବ୍ୟବସ୍ଥା ରହିଛି। ଯଦି ଫି ଆଦାୟ ହେଉଛି ତେବେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳର ମୂଲ୍ୟବାନ ଜମିକୁ କାହିଁକି ମାଗଣାରେ ନେଲ ବୋଲି ପ୍ରଶ୍ନ ଉଠିଲାଣି। ସେହିପରି ସରକାରୀ ଅନୁଦାନ ଏଥିରେ ବିନିଯୋଗ କରାଗଲା କାହିଁକି ୧୦ ଟଙ୍କା ଫି ପ୍ରତ୍ୟାହାର କରି ପାର୍କରେ ଦେୟମୁକ୍ତ ପ୍ରବେଶ କରିବାର ବ୍ୟବସ୍ଥା କରାଯାଉ ବୋଲି ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ବିମଳ ଷଡଙ୍ଗୀ କହିଛନ୍ତି।

ଅଘଟଣ ପରେ ବି ବିଦ୍ୟୁତ୍ ବିଭାଗର ଚେତାପଶୁନି

# ଶ୍ରମିକଙ୍କ ପାଇଁ ନାହିଁ ସୁରକ୍ଷା ବ୍ୟବସ୍ଥା

**ନୂଆଗାଁ,୯।୪(ଡି.ଏନ.ଏ.)**

ଶ୍ରମିକମାନଙ୍କ ନିରାପତ୍ତା ପାଇଁ ସରକାର ବିଭିନ୍ନ ଯୋଜନାମାନ କରୁଥିବା ବେଳେ କିଛି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲ ନୀତି ଯୋଗୁ ଯୋଜନାର ସୁଫଳ ଶ୍ରମିକମାନଙ୍କୁ ମିଳୁନାହିଁ। ବରଂ କୁପରିଣାମ ଶ୍ରମିକମାନଙ୍କୁ ଭୋଗିବାକୁ ପଡୁଛି । ଏହା ଦେଖିବାକୁ ମିଳିଛି ନୟାଗଡ ଜିଲା ନୂଆଗାଁ ବ୍ଲକର ବିଦ୍ୟୁତ୍ ବିଭାଗରେ । ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁ ଗତ ମାସରେ ମରାମତି କାମ କରୁଥିବା ବେଳେ ବିଦ୍ୟୁତ୍ ଖୁଣ୍ଟରୁ ଖସିପଡି ଜଣେ ଶ୍ରମିକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଗତ କିଛିମାସ ପୂର୍ବେ ବିଦ୍ୟୁତ୍ କର୍ମଚାରୀଙ୍କ ଅବହେଳା ଯୋଗୁ ୧୧ କେଭି ତାର ଛିଣ୍ଡି ତଳେ ପଡିଯିବାରୁ ଖାଲମଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଏହା ସତ୍ତ୍ୱେ ବି ବିଦ୍ୟୁତ୍ ବିଭାଗ ସଚେତନ ହେଉନାହିଁ।

ସୌଭାଗ୍ୟ ଯୋଜନାରେ ଲୋକମାନଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି।



ବିନା ହେଲମେଟରେ କାମ କରୁଛନ୍ତି ଶ୍ରମିକ।

ସେଥିପାଇଁ ବିଭିନ୍ନ ଠିକାଦାରଙ୍କ ମାଧ୍ୟମରେ ପ୍ରତି ଗାଁକୁ ବିଦ୍ୟୁତ ସଂଯୋଗ କରିବା ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ୍ ବିଭାଗର ଶ୍ରମିକ ସୁରକ୍ଷା ଆଇନ ଅନୁସାରେ କୁଶଳୀ ତାଲିମ ପ୍ରାପ୍ତ ଶ୍ରମିକମାନଙ୍କୁ ଜୋତା,ହେଲମେଟ, ଗ୍ଲୋବ୍ସ

**୧୧ କେଭି ବିଦ୍ୟୁତ୍ ଓ ଏଲଟି ଲାଇନ ତାର ଗୋଟିଏ ଖୁଣ୍ଟରେ**

ଆଦି ଯୋଗାଇ କାର୍ଯ୍ୟ କରିବା କଥା । କାର୍ଯ୍ୟ ଚାଲିଥିବା ସମୟରେ ଶ୍ରମିକ ବିଦ୍ୟୁତ ଖୁଣ୍ଟରୁ ଖସି ତଳେ ନ ପଡିବା ଦୃଷ୍ଟିରୁ ଜାଲର ବ୍ୟବସ୍ଥା କରିବା ସହ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରି ବିଭାଗୀୟ କର୍ମଚାରୀ ସଜାଗ ରହିବା ଆବଶ୍ୟକ । କିନ୍ତୁ ନୂଆଗାଁ ବିଦ୍ୟୁତ୍ ବିଭାଗ (ସେସୁ )ଅଧୀନରେ ହେଉଥିବା କାର୍ଯ୍ୟରେ ତ୍ରୁଟି ପରିଲକ୍ଷିତ ହେଉଛି । ଗତ ମାସରେ ଠିକାଦାର ଅଣକୁଶଳୀ ନାବାଳକ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରୁଥିବା ବେଳେ କର୍ମଚାରୀ ବିଦ୍ୟୁତ୍ ସଂଯୋଗ କାଟି ନ ଥିବାରୁ ଶ୍ରମିକ ଜଣକ ବିଦ୍ୟୁତ୍ ଆଘାତରେ ତଳେ ଖସି ପଡିଥିଲେ । ଫଳରେ ତାଙ୍କ ହାତ ପୋଡି ଯିବା ସହ ବାମଗୋଡଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେହିପରି ଜଣେ ଠିକାଦାର କିଛି ଶ୍ରମିକଙ୍କୁ ପ୍ରଚଣ୍ଡ ଖରାରେ ଖୁଣ୍ଟରେ ଚଢାଇ କାମ କରାଉଥିଲେ ମଧ୍ୟ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା କରାଇ ନଥିବା ଦେଖିବାକୁ ମିଳିଥିଲା । ଏପରିକି ସେମାନେ ଖୋଲା ଦେହରେ ବିନା ହେଲମେଟରେ କାମ କରୁଥିଲେ। ଏ ବିଷୟରେ ସଂପୃକ୍ତ ଠିକାଦାରଙ୍କୁ ପଚାରିବାରେ ଆମକୁ କମ୍ପାନି ଦେଉନି ଆମେ କଣ କରିବୁ କହି ଅତି ସହଜରେ କଥାକୁ ଏଡାଇ ଦେଇଥିଲେ । ସେହିପରି ପ୍ରତି ଘରକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ୨୨୦ ଭୋଲଟ ପାଇଁ ଅଲଗା ବିଦ୍ୟୁତ ଖୁଣ୍ଟ ପକାଇବାର ନିୟମ ଥିବା ବେଳେ ବିଦ୍ୟୁତ ବିଭାଗ ଓ ଠିକାଦାର ଅଧିକ ଲାଭ ଆଶାରେ ପୂର୍ବରୁ ପୋତାଯାଇଥିବା ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଘରକୁ ଲାଇନ ସଂଯୋଗ ଦେଉଥିବା ଦେଖିବାକୁ ମିଳିଛି ଢିପିସାହି ଗ୍ରାମରେ । ଫଳରେ ବିଦ୍ୟୁତ୍ କାମ କରୁଥିବା ସମୟରେ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି । ବିଦ୍ୟୁତ୍ ବିଭାଗର ଏପରି ଖାମଖିଆଲ ନୀତି ବିଷୟରେ ନୂଆଗାଁ ସେସୁ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ପଚାରିବାରେ ସେ କୁହନ୍ତି କେଉଁଠି କେଉଁ ତାର ଗଲେ ବିପଦ ନାହିଁ ସେହି ଅନୁସାରେ କାମ କରୁଛୁ । ଶ୍ରମିକମାନଙ୍କୁ ନିରାପଦରେ କାମ କରାଇବା ପାଇଁ ନିର୍ଦ୍ଦେଶ ଦେଇଛୁ । କିନ୍ତୁ ଠିକାଦାର ସେଥିରେ ଅବହେଳା କରୁଛନ୍ତି। ସେଥିପ୍ରତି ଆମେ କିଛି କରି ପାରିବୁ ନାହିଁ ।

# ପାନବରଜ ଧର୍ମ ସମ୍ମିଳନୀରେ ଭାଇଚାରା, ସମନ୍ୱୟତାର ବାର୍ତ୍ତା

**ଖୋର୍ଦ୍ଧା ଅଫିସ,୯।୪**

ସକଳ ମଣିଷ ଗୋଟିଏ ଉତ୍ସରୁ ଆସିଛନ୍ତି। ଈଶ୍ୱର ବିନା ଭେଦଭାବରେ ପ୍ରାକୃତିକ ସେବା ଯୋଗାଇ ଦେଉଛନ୍ତି। ଏଣୁ ମଣିଷ କୌଣସି ପ୍ରକାରର ଭେଦଭାବ ରଖିବା ଅନୁଚିତ୍ ବୋଲି ଖୋର୍ଦ୍ଧା ବ୍ଲକର ପାନବରଜଠାରେ ସୋମବାର ଆୟୋଜିତ ସର୍ବଧର୍ମ ସମ୍ମିଳନୀରେ ମତପ୍ରକାଶ ପାଇଛି। ଏଥିରେ ପଞ୍ଜାବ ପ୍ରଦେଶରୁ ଯୋଗ ଦେଇଥିବା ଅହମ୍ମଦିୟା ମୁସଲିମ ସଙ୍ଗଠନର ପ୍ରଚାର ବିଭାଗର ଅତିରିକ୍ତ ମୁଖ୍ୟ ମୌଲାନା ଜହିର ଅହମ୍ମଦ ପୌରୋହିତ୍ୟ କରିଥିଲେ। କୋରାନ ପାଠ ମୌଲାନା ମତଲୁବ ଖୁରସିଦ ଅହମ୍ମଦ କରିଥିବା ବେଳେ, ଇସରାଇଲ ଖାଁ ଏବଂ ମବରୁର ଅହମ୍ମଦ ଉର୍ଦ୍ଦୁ ଓ ଓଡ଼ିଆ ଭାଷାରେ ସର୍ବଧର୍ମ ସମନ୍ୱୟବାଦ ସମ୍ବନ୍ଧୀୟ ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ କେରଙ୍ଗ ଅହମ୍ମଦିୟା ମୁସଲିମ ଗ୍ରାମର ମୌଲାନା ଜମାଲ ଶରିୟତ ଅହମ୍ମଦ ନିଜବକ୍ତବ୍ୟରେ କହିଥିଲେ ବର୍ତ୍ତମାନ ସମୟରେ ବିଶ୍ୱରେ ଅନେକ ସଙ୍କଟ ଦେଖାଦେଇଛି। ମଣିଷ ନା ଆତ୍ମଶାନ୍ତି ଲାଭ କରିପାରୁଛି, ନା ଶାନ୍ତି ଓ ନିରାପତାରେ ଜୀବନ ନିର୍ବାହ କରିପାରୁଛି। ସବୁଆଡ଼େ ଅଶାନ୍ତି ଓ ଅରାଜକତା ଦେଖାଯାଉଛି। ମଣିଷ ସର୍ବ ପ୍ରଥମେ ଯେତେ ବେଳେ ନିଜେ ଆତ୍ମଶାନ୍ତି ଲାଭ କରିବ, ତେବେ ଯାଇ ସେ ଅନ୍ୟକୁ ଶାନ୍ତି ପ୍ରଦାୟକ ହୋଇପାରିବ। ଈଶ୍ୱରଙ୍କ ସାନିଧ ଲଭିଲେ ହିଁ ପରମାନନ୍ଦ ପ୍ରାପ୍ତ ହୋଇପାରିବ। ମୁଖ୍ୟଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଥିଲେ ମଣିଷ ସବୁ ଭାଇଭାଇ। ମାନବ ସେବା ହିଁ ମାଧବ ସେବା। ଧର୍ମ ସମସ୍ତଙ୍କୁ ସତ୍ ମାର୍ଗ ଦେଖାଇଥାଏ। ସମ୍ମାନନୀୟ ଅତିଥି ଭାବେ ଖୋର୍ଦ୍ଧ ଓ ନୟାଗଡ଼ ଜିଲାର ଭାରପ୍ରାପ୍ତ ମୌଲାନା ଫଜଲ ହକ ଖାଁ , ଖୋର୍ଦ୍ଧା ଅହମ୍ମଦିୟା ମୁସଲିମ ସଙ୍ଗଠନର ସଭାପତି ମୁଜିବୁଲ ହକ, ମୌଲାନା ଫରଜାନ ଅହମ୍ମଦ ଖାଁ, ମୌଲାନା ହାରୁନ ରସିଦ, ମୁନୱର ଅହମ୍ମଦ ଏବଂ ମୌଲାନା ସୟଦ ଫଜଲେ ନଇମ ଯୋଗ ଦେଇଥିଲେ। ଏହି ଧର୍ମ ସମ୍ମିଳନୀକୁ ସେକ ନସିରୁଦ୍ଦିନ, ଓସିମ ନିୟାଜ ଏବଂ ରହିମ ଅହମ୍ମଦ ଖାଁ ପରିଚାଳନା କରିଥିଲେ।

ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣା

# ଅଗ୍ନିଶମ ବାହିନୀ, ଜିଆର୍‌ପି, ଆର୍‌ପିଏଫ୍ ପୁରସ୍କୃତ

**ପୁରୀ ଅଫିସ, ୯।୪**

ପୁରୀ ରେଲଷ୍ଟେଶନରେ ଗତ ମାସ ୨୨ତାରିଖରେ ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ତେବେ ଠିକଣା ସମୟରେ ନିଆଁକୁ ଆୟତ୍ତ କରାଯାଇପାରିଥିଲା। ଫଳରେ କ୍ଷୟକ୍ଷତି ବିଶେଷ ହୋଇ ନ ଥିଲା। ଏହି ନିଆଁ ଲିଭାଇବା କାର୍ଯ୍ୟରେ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ବିଶେଷ ଭୂମିକା ରହିଥିଲା। ଏଥିସହ ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ଏବଂ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)ଙ୍କ ତ୍ୱରିତ୍ ପଦକ୍ଷେପ ଯୋଗୁ ବିଭାଗର ସମ୍ପତ୍ତି ବିଶେଷ ନଷ୍ଟ ହୋଇ ନ ଥିଲା। ଏହାକୁ ଉପଲକ୍ଷି କରି ପୂର୍ବତଟ ରେଳପଥ ପକ୍ଷରୁ ଅଗ୍ନିଶମବାହିନୀ, ଜିଆର୍‌ପି ଏବଂ ଆର୍‌ପିଏଫ୍ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି।

ମଙ୍ଗଳବାର ପୁରୀ ଷ୍ଟେଶନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ ଡିଆର୍‌ଏମ୍ ବ୍ରିଜମୋହନ ଅଗ୍ରୱାଲ ଅଗ୍ନିଶମବାହିନୀ, ଜିଆର୍‌ପି ଏବଂ ଆର୍‌ପିଏଫ୍ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଠିକଣା ସମୟରେ ଉଚିତ ପଦକ୍ଷେପ ନେଇଥିବାରୁ ଅଗ୍ନିଶମବାହିନୀକୁ ୫୦ହଜାର, ଜିଆର୍‌ପିକୁ ୧୦ହଜାର ଏବଂ ଆର୍‌ପିଏଫ୍‌କୁ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଡିଆରଏମ୍



କର୍ମଚାରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଠିକଣା ସମୟରେ ନିଆଁ ଆୟତ୍ତ**

ଅଗ୍ରୱାଲ କହିଥିଲେ, ପବିତ୍ର ହୋଲି ପର୍ବ ଦିନ କେତେଜଣ ଅସାମାଜିକ ବ୍ୟକ୍ତି ପ୍ଲାଟଫର୍ମରେ ଠିଆ ହୋଇଥିବା ତପସ୍ୱିନୀ ଏକ୍ସପ୍ରେସ୍‌ରେ ନିଆଁ ଲଗାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ୪୮ ମିନିଟ୍‌ରେ ଏସ୍-୪ ବଗିରୁ ନିଆଁ ବାହାରୁଥିବା ଦେଖାଯାଇଥିଲା। ଷ୍ଟେଶନ ମ୍ୟାନେଜର ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କିଛି ମିନିଟ୍ ମଧ୍ୟରେ ଅଗ୍ନିଶମବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏସ୍-୪ବଗି ପୋଡ଼ିଯାଇଥିବାବେଳେ ଏସ୍-୩ ଏବଂ ଏସ୍-୫ବଗି ଆଂଶିକ କ୍ଷତି ଘଟିଥିଲା। ଠିକଣା ସମୟରେ ନିଆଁକୁ ଆୟତ୍ତ କରିଥିବାରୁ ଅଗ୍ନିଶମବାହିନୀ, ଜିଆର୍‌ପି ଏବଂ ଆର୍‌ପିଏଫ୍‌କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡର ଡିଭିଜନାଲ କମର୍ସିଆଲ ମ୍ୟାନେଜର ସମ୍ବିତ ଶୌର୍ଯ୍ୟ ନାୟକ, ଆର୍‌ପିଏଫ୍‌ର ବରିଷ୍ଠ ସିକ୍ୟୁରିଟି କମିଶନର ପି. ଶଙ୍କର କୁଞ୍ଚେ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପୁରୀ ଜିଲା ମୁଖପାତ୍ର ନିଯୁକ୍ତ

**କୃଷ୍ଣପ୍ରସାଦ,୯।୪(ଡି.ଏନ.ଏ.):** ପୁରୀ ଜିଲା ଭାଜପାର ନୂତନ ମୁଖପାତ୍ର ଭାବେ କୃଷ୍ଣପ୍ରସାଦ ବ୍ଲକ ବଡଅଁଳ ପଞ୍ଚାୟତର କ୍ଷେତ୍ରବାସୀ ପଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ଏକ ପତ୍ର ମାଧ୍ୟମରେ ଦଳର ସାଙ୍ଗଠନିକ କାର୍ଯ୍ୟ ସହିତ ଏହି ଦାୟିତ୍ୱ ତୁଲାଇବା ନିମନ୍ତେ ପଲେଇଙ୍କୁ ଜଣାଇଛନ୍ତି। କୃଷ୍ଣପ୍ରସାଦ ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ପ୍ରମୁଖ ପଲେଇଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।


**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ୱବାସୁଦେବ ସାହୁ**

ଆବିର୍ଭାବ - ୨୪.୦୫.୧୯୪୦
ତିରୋଧାନ- ୨୧.୦୩.୨୦୧୮

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା ଆପଣଙ୍କ ଅନୁପସ୍ଥିତି ସମସ୍ତେ ମନେପକାଉଛୁ । ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ-
ସାହୁ ପରିବାର, ଆତ୍ମୀୟ ସ୍ୱଜନ ଏବଂ ପ୍ରିୟଜନବୃନ୍ଦ

ଧ-୧୨୦୫୨



**BOARD OF REVENUE : ODISHA : CUTTACK**
**(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)**

No.VIIA-02/2017- 1864/Niz., Date.09.04.2019

**QUOTATION / TENDER CALL NOTICE**

Sealed Quotation / Tenders are invited from interested reputed Travel Agencies / Tour Operators or Private individuals for providing 02 (two) indigo-eCS model Diesel driven cars for the Addl. Commissioner in the Addl. Revisional Court at Bhubaneswar having sitting capacity not more than ten including driver, which shall conform to the Terms & Conditions for Official use on monthly rent basis. The Tender / Quotation Notice in this regard has already been published in the website of Board of Revenue, Odisha (www.boardodisha.nic.in).

The interested parties may refer the website for detail terms and conditions for submission of Tender / Quotations to the Deputy Secretary, Nizarat, Board of Revenue on or before 22.04.2019 by 2:00 P.M.

By Order of the Secretary,
Board of Revenue, Odisha, Cuttack.
**Sd./- Deputy Secretary (Niz.)**



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ଶରତ କୁମାର ପରିଡା,** ମାର୍ଫତ: ନିଳମଣୀ ପରିଡା, ସା: କୁରୁମବାଙ୍କତରା, ପୋ: ରବିଗାଡିଆ, ଓଡଗାଁ, ଜିଲ୍ଲା: ନୟାଗଡ | **ଜାମିନ୍‌ଦାର: ଶ୍ରୀମତୀ ତୁଳସୀ ପରିଡା,** ସା: କୁରୁମବାଙ୍କତରା, ପୋ: ରବିଗାଡିଆ, ଓଡଗାଁ, ଜିଲ୍ଲା: ନୟାଗଡ / **ସମ୍ପତ୍ତିର ମାଲିକ: ଶ୍ରୀମତୀ ତୁଳସୀ ପରିଡା** | **ଶ୍ରୀମତୀ ତୁଳସୀ ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କୁରୁମବାଙ୍କତରା, ଥାନା: ଓଡଗାଁ, ଜିଲ୍ଲା: ନୟାଗଡ, ଖାତା ନଂ.: ୧୯୦, ପ୍ଲଟ୍ ନଂ.: ୧୭୬, କ୍ଷେତ୍ର: ଏକର୦.୦୧୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ନିଜସ୍ୱ, ଦକ୍ଷିଣ: ସନାତନ ଡାକୁଆ, ଉତ୍ତର: ନିଜସ୍ୱ | ୧୩.୦୧.୨୦୧୫ | ୦୫.୦୪.୨୦୧୯ | ୦୯.୦୧.୨୦୧୫ ସୁଦ୍ଧା ଟ.୨୭,୫୮,୪୬୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରିନା ଦାସ,** ସ୍ୱାମୀ: ଅଲେଖ ଚନ୍ଦ୍ର ଦାସ, **୨) ଶ୍ରୀ ଅଲେଖ ଦାସ,** ପିତା: ନିଧି ଦାସ, ଉଭୟଙ୍କ ଠିକଣା- ସା: କେ. ବି. ପାଟଣା, ପୋ: କଣ୍ଟିଲୋ, ଜିଲ୍ଲା: ନୟାଗଡ | **ସମ୍ପତ୍ତିର ମାଲିକ: ଶ୍ରୀମତୀ ରିନା ଦାସ,** ସ୍ୱାମୀ: ଅଲେଖ ଚନ୍ଦ୍ର ଦାସ | **ଶ୍ରୀମତୀ ରିନା ଦାସ,** ସ୍ୱାମୀ: ଅଲେଖ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଣ୍ଟିଲୋ, ଥାନା: ଖଣ୍ଡପଡା, ତହସିଲ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୧୩୦୫/୨୪୦, ପ୍ଲଟ୍ ନଂ.: ୧୪୮୧, କ୍ଷେତ୍ର: ଏକର୦.୦୨ଡିସିମିଲି (ଘରବାରି), ଏହାର ଚାରିପାର୍ଶ୍ୱରେ- ପୂର୍ବ: ବଳରାମ ବେହେରା, ପଶ୍ଚିମ: ନବୀନ ସାହୁ, ଦକ୍ଷିଣ: ରାସ୍ତା, ଉତ୍ତର: ରାସ୍ତା | ୨୯.୦୧.୨୦୧୪ | ୦୫.୦୪.୨୦୧୯ | ୨୨.୦୧.୨୦୧୪ ସୁଦ୍ଧା ଟ.୧୩,୪୬,୨୨୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୫.୦୪.୨୦୧୯, ସ୍ଥାନ: ଭୁବନେଶ୍ୱର    ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଭଦ୍ରକ

**ସଂଖ୍ୟା: ୨୩୮୯/ନିର୍ବାଚନ**    **ତାରିଖ: ୦୮।୦୪।୨୦୧୯**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭଦ୍ରକ ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୧୯ ପରିଚାଳନା ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଅଛି। ସାଧାରଣ ଜନତା, ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗର ତଥ୍ୟ ନିମ୍ନଲିଖିତ ନମ୍ବରରେ ଜଣାଇ ପାରିବେ।

| କ୍ର. ନମ୍ବର | ବିଧାନସଭା/ ଲୋକସଭା | ପର୍ଯ୍ୟବେକ୍ଷକଙ୍କ ନାମ | ପଦବୀ | ମୋବାଇଲ ନମ୍ବର |
|---|---|---|---|---|
| ୧ | ୪୧- ସୋରୋ ବିଧାନସଭା<br>୪୨- ସିମୁଳିଆ ବିଧାନସଭା<br>୪୪- ଭଦ୍ରକ ବିଧାନସଭା<br>୪୫- ବାସୁଦେବପୁର ବିଧାନସଭା | ଶ୍ରୀ ହଉଲିଆଁଲାଲ ଗୁଲଟେ, ଆଇ.ଏ.ଏସ୍. | ସାଧାରଣ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୫୩୭ |
| ୨ | ୪୩- ଭଣ୍ଡାରିପୋଖରୀ ବିଧାନସଭା<br>୪୬- ଧାମନଗର ବିଧାନସଭା<br>୪୭-ଚାନ୍ଦବାଲି ବିଧାନସଭା | ଶ୍ରୀ ଏଥେଲବର୍ଟ ଖରମଇକି, ଆଇ.ଏ.ଏସ୍. | ସାଧାରଣ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୫୩୮ |
| ୩ | ୭-ଭଦ୍ରକ, ଲୋକସଭା | ଶ୍ରୀ ସନ୍ତୋଷ ସିଂ, ଆଇ.ପି.ଏସ୍. | ପୋଲିସ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୭୮ |
| ୪ | ୭-ଭଦ୍ରକ, ଲୋକସଭା | ଶ୍ରୀ ବରୁଣ ରଙ୍ଗାସ୍ୱାମୀ, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୯୮ |
| ୫ | ୪୩- ଭଣ୍ଡାରିପୋଖରୀ ବିଧାନସଭା<br>୪୬-ଧାମନଗର ବିଧାନସଭା<br>୪୭- ଚାନ୍ଦବାଲି ବିଧାନସଭା | ଶ୍ରୀମତୀ ଡି.ବବିଥା, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୪୧୯ |
| ୬ | ୪୪- ଭଦ୍ରକ ବିଧାନସଭା<br>୪୫- ବାସୁଦେବପୁର ବିଧାନସଭା | ଶ୍ରୀମତୀ ସ୍ୱର୍ଣ୍ଣଶ୍ରୀ ରାଓ ରାଜଶେଖର, ଆଇ.ଆର୍.ଏସ୍. | ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୮୨୮୦୦-୬୪୬୧୯ |

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଭଦ୍ରକ**